



RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-162 ♦BHUBANESWAR ♦THURSDAY ♦7 DECEMBER 2023 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୬୨ ♦ଭୁବନେଶ୍ୱର ♦ଗୁରୁବାର ♦୭ ଡିସେମ୍ବର ୨୦୨୩ ♦ପୃଷ୍ଠା-୨୦ ♦ଟ.୬.୦୦


### ନବନିଯୁକ୍ତ ୪୨୧ ପ୍ରଶାସନିକ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦିଗ୍ଦର୍ଶନ

# କାର୍ଯ୍ୟରେ ପ୍ରତିଫଳିତ ହେଉ 'ବିକାଶ ଲକ୍ଷ୍ୟ'

## କ୍ୱାର୍ଟର୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ୨.୦ ଲୋକାର୍ପିତ



**ଆପଣମାନେ ହେଉଛନ୍ତି ଓଡ଼ିଶା ରୂପାନ୍ତରଣ ଅଭିଯାନର ସାରଥୀ । ଉତ୍ସର୍ଗୀକୃତ ଭାବେ ଗରିବ, ଅସହାୟ ଲୋକଙ୍କ ସେବା କର ।**

**-ମୁଖ୍ୟମନ୍ତ୍ରୀ**

■ **ଭୁବନେଶ୍ୱର, ୬।୧୨ (ସମିସ):** ଗଣତନ୍ତ୍ରର ମାଲିକ ହେଉଛନ୍ତି ଜନତା । ସେମାନେ ହେଉଛନ୍ତି ଆମ ଶାସନ ବ୍ୟବସ୍ଥାର କେନ୍ଦ୍ର ବିନ୍ଦୁ । ସେଥିପାଇଁ ପ୍ରତ୍ୟେକ ଚିନ୍ତାଧାରା ଓ ପ୍ରତ୍ୟେକ କାର୍ଯ୍ୟରେ ଓଡ଼ିଶାବାସୀଙ୍କ ବିକାଶ ଲକ୍ଷ୍ୟ ପ୍ରତିଫଳିତ ହେବା ଆବଶ୍ୟକ । ଆପଣମାନେ କେବଳ ସିଭିଲ୍ ସର୍ଭାଣ୍ଟ ନୁହନ୍ତି; ବରଂ ନୂଆ ଓ ସଶକ୍ତ ଓଡ଼ିଶା ଗଠନ ନିମନ୍ତେ ରୂପାନ୍ତରଣ ଅଭିଯାନର ଜଣେଜଣେ ଦକ୍ଷ ସାରଥୀ । ୨୦୪୭ର ସଶକ୍ତ ଓ ସମୃଦ୍ଧ ଓଡ଼ିଶାର ଜଣେଜଣେ ସ୍ଥପତି ବୋଲି ଉଲ୍ଲେଖ ସହ ନବନିଯୁକ୍ତ ସିଭିଲ୍ ସର୍ଭିସ କ୍ୟାଡ଼ରର ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଛନ୍ତି ଉତ୍ତମ ପ୍ରଶାସନିକ ଅଧିକାରୀ ହେବାର ମନ୍ତ୍ର । ବୁଧବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ୪୨୧ ସିଭିଲ୍ ସର୍ଭିସ କ୍ୟାଡ଼ରର ୪୨୧ ଅଧିକାରୀଙ୍କ ନିଯୁକ୍ତି ପର୍ବରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଆଧାରରେ କାର୍ଯ୍ୟ କରିବା ଏବଂ ଉତ୍ସର୍ଗୀକୃତ ଭାବେ ଗରିବ ଓ ଅବହେଳିତ ବର୍ଗର ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଛନ୍ତି । '୫-ଟି' ଓ 'ମୋ ସରକାର' ଓଡ଼ିଶା ବିକାଶର ଲଞ୍ଚପ୍ୟାଡ଼୍ ବୋଲି ଉଲ୍ଲେଖ କରି ଏହା ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ଦୂରତା ହ୍ରାସ କରିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ।

**ବିକାଶର ଲଞ୍ଚ୍ ପ୍ୟାଡ୍ '୫-ଟି' ଓ 'ମୋ ସରକାର'**

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ରାଜ୍ୟର ଯୁବକ ଯୁବତୀଙ୍କୁ କର୍ମନିଯୁକ୍ତି ଯୋଗାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଅଧିକାଂଶ ବିଭାଗ ନିୟମିତ ଭାବେ ଖାଲି ପଦବୀ ପୂରଣ କରି ଚାଲିଛନ୍ତି । ଗତ ୫ ବର୍ଷ ଭିତରେ ୧୨୬୯ଜଣ ସିଭିଲ୍ ସର୍ଭିସ୍ ଅଫିସର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଆଜି ମଧ୍ୟ ୪୨୧ ଜଣ ଅଧିକାରୀଙ୍କୁ ନିଯୁକ୍ତି ମିଳିଛି । ଏହି ଠାରୁ ଆପଣମାନଙ୍କ ଯାତ୍ରା ଆରମ୍ଭ ହୋଇଛି । କଠିନ ପରିଶ୍ରମ କରନ୍ତୁ, ସେବା ପାଇଁ ନିଜ ପ୍ରତିବଦ୍ଧତା ବଜାୟ ରଖନ୍ତୁ । ଏକ ସଶକ୍ତ ଓଡ଼ିଶା ଗଠନ ଦିଗରେ ଆମର ସାମୂହିକ ସ୍ୱପ୍ନକୁ ସାକାର କରିବା ଲାଗି ଆପଣମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାକୁ ଯାଉଛନ୍ତି । ଆପଣମାନଙ୍କ ଦକ୍ଷତା ଓ ନିଷ୍ଠା ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ।

'୫-ଟି' ଉପକ୍ରମ ଏବଂ 'ମୋ ସରକାର' ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାର ଓ ଜନତାଙ୍କ ମଧ୍ୟରେ ଦୂରତା ହ୍ରାସ କରିବାରେ ଏହା ସଫଳ ହୋଇଛି । ସରକାରୀ ବ୍ୟବସ୍ଥାରେ ଦକ୍ଷତା ଓ ପାରଦର୍ଶିତା ବଢ଼ିଛି । ଏବେ ୫-ଟି ଉପକ୍ରମ ରାଜ୍ୟର ରୂପାନ୍ତରଣ ଯାତ୍ରାର ଲଞ୍ଚ୍ ପ୍ୟାଡ୍ ସଦୃଶ ହୋଇଛି ଏବଂ ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ଅଧିକାରୀମାନଙ୍କ ପାଇଁ ଏହି ବୃହତ ରୂପାନ୍ତରଣ ଅଭିଯାନରେ ସାମିଲ ହେବା ଲାଗି ଅପୂର୍ବ ସୁଯୋଗ ଆଣି ଦେଇଛି । ଆପଣମାନଙ୍କ ସେବା, ନିଷ୍ଠା ଓ ତ୍ୟାଗପୂତ ସେବା ଜରିଆରେ ଆମେ ଅତିଶୀଘ୍ର ଏକ ▶ପୃଷ୍ଠା-୭

### 'ଆକାଂକ୍ଷୀ' ଜିଲ୍ଲା ଡେଲ୍ଟା ର୍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ଚମକ

# ରାୟଗଡ଼ା ପ୍ରଥମ, ନୂଆପଡ଼ା ତୃତୀୟ

■ **ଭୁବନେଶ୍ୱର, ୬।୧୨ (ସମିସ):** ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ତୃଣମୂଳସ୍ତରରେ ଏହାର କାର୍ଯ୍ୟକାରିତା ସାରା ଦେଶରେ ଓଡ଼ିଶାକୁ ଆଣି ଦେଇଛି ସୁନାମ । ବିଶେଷକରି ନୀତି ଆୟୋଗଙ୍କ 'ଆକାଂକ୍ଷୀ' ଜିଲ୍ଲା କାର୍ଯ୍ୟକ୍ରମରେ ନିରନ୍ତର ଭାବେ ଓଡ଼ିଶାର ଜିଲ୍ଲାଗୁଡ଼ିକର ପ୍ରଦର୍ଶନ ଉଲ୍ଲେଖନୀୟ ହେବାରେ ଲାଗିଛି । ଏହିକ୍ରମରେ ଅକ୍ଟୋବର ମାସ ପାଇଁ ପ୍ରକାଶ ପାଇଥିବା ସାମଗ୍ରିକ ବର୍ଗର ଡେଲ୍ଟା ର୍ୟାଙ୍କିଙ୍ଗ୍‌ରେ ରାୟଗଡ଼ା ଜିଲ୍ଲା ଚମକପ୍ରଦ ପ୍ରଦର୍ଶନ କରିଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ, ଭିତ୍ତିଭୂମି ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଆଦି ୫ଟି ମାନଦଣ୍ଡକୁ ନେଇ ଏହି ସାମଗ୍ରିକ(ଓଭରଅଲ୍) ର୍ୟାଙ୍କିଙ୍ଗ୍ ପ୍ରକାଶ ପାଉଥିବା ବେଳେ ଏଥିରେ ରାୟଗଡ଼ା ପୂରା ଦେଶରେ ପ୍ରଥମସ୍ଥାନ ଅଧିକାର କରିଛି । ଅନୁରୂପ ଭାବରେ ନୂଆପଡ଼ାକୁ ସାରା ଦେଶରେ ମିଳିଛି ୩ୟ ସ୍ଥାନ । ନୀତି ଆୟୋଗର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ଚମ୍ପିଆନ ଅଫ୍ ଚେଞ୍ଜ ଡ୍ୟାସବୋର୍ଡରେ ବିସ୍ତୃତ ତଥ୍ୟ ପ୍ରକାଶ ପାଇଛି । ରାଜ୍ୟରେ ସୁଶାସନ, ୫-ଟି ଉପକ୍ରମର ସଫଳ ଅନୁପାଳନ ଯୋଗୁଁ ଆକାଂକ୍ଷୀ ଜିଲ୍ଲା ଯୋଜନାରେ ସାମିଲ ଓଡ଼ିଶାର ସାମିଲ ୧୦ ଜିଲ୍ଲା କ୍ରମାଗତ ଉନ୍ନତ ପ୍ରଦର୍ଶନ କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ।




**ଓଡ଼ିଶାର ଜିଲ୍ଲାଗୁଡ଼ିକରୁ ମିଳିଛି କ୍ରମାଗତ ଉନ୍ନତ ପ୍ରଦର୍ଶନ**

**ସଫଳତା ଆଣିଛି '୫-ଟି' ଉପକ୍ରମର ଅନୁପାଳନ**

ଗତ ସେପ୍ଟେମ୍ବର ମାସରେ ମଧ୍ୟ ଏହ ସାମଗ୍ରିକ ର୍ୟାଙ୍କିଙ୍ଗ୍‌ରେ ଢେଙ୍କାନାଳ ସମଗ୍ର ଦେଶରେ ଚତୁର୍ଥ ସ୍ଥାନ ଓ ଭିତ୍ତିଭୂମି କ୍ଷେତ୍ରରେ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ଏହି ରିପୋର୍ଟରେ କନ୍ଧମାଳ ୩ୟ ସ୍ଥାନ ଦଖଲ କରିଥିଲା । ମାତ୍ର ଏବେ ରାୟଗଡ଼ା ସାରା ଦେଶରେ ଶୀର୍ଷ ସ୍ଥାନ ଅଧିକାର କରିଛି । ଗତ ତିନି ବର୍ଷରେ ବିଭିନ୍ନ ସମୟରେ ଆକାଂକ୍ଷୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଓଡ଼ିଶାର ୧୦ ଜିଲ୍ଲା ଆଖିଦୃଶିଆ ପ୍ରଦର୍ଶନ କରି ଆସିବା ସହ ଅଧିକାଂଶ ସମୟରେ ଶ୍ରେଷ୍ଠ ୫ ଜିଲ୍ଲା ମଧ୍ୟରେ ରହି ଆସୁଛନ୍ତି । ଏହି କାର୍ଯ୍ୟକ୍ରମରେ ସାମିଲ ଓଡ଼ିଶାର ଜିଲ୍ଲାଗୁଡ଼ିକ ପ୍ରତିବଦ୍ଧତାର ସହ ବିକାଶ ଦିଗରେ କାମ କରୁଥିବା ବେଳେ ଏହା ବାରମ୍ବାର ର୍ୟାଙ୍କିଙ୍ଗ୍‌ରେ ପ୍ରତିଫଳିତ ହେଉଛି । ଏନେଇ ନୀତି ଆୟୋଗର ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ଚମ୍ପିଆନ ଅଫ୍ ଚେଞ୍ଜ ଡ୍ୟାସବୋର୍ଡରେ ବିସ୍ତୃତ ତଥ୍ୟ ଉପଲବ୍ଧ ରହିଛି ।

ସୂଚନାଯୋଗ୍ୟ ଯେ ଗତ ୨୦୧୮ ମସିହା ଜାନୁଆରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ▶ପୃଷ୍ଠା-୭

### ବନ୍ଦହେବ ଅନ୍‌ଲାଇନ୍ ଠକେଇ

# ୧୦୦ ୱେବ୍‌ସାଇଟ୍‌ରେ ପଡ଼ିଲା ତାଲା

**ବେଆଇନ ପୁଞ୍ଜି ବିନିଯୋଗ, ପାର୍ଟଟାଇମ୍ ଚାକିରି ଆଳରେ ହେଉଥିଲା ଠକେଇ**

■ **ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି):** ସାଇବର ଅପରାଧ ଏବଂ ଅନ୍‌ଲାଇନ୍ ଠକେଇ ବିରୁଦ୍ଧରେ କେନ୍ଦ୍ର ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏହି ଅନୁଯାୟୀ, ବେଆଇନ ପୁଞ୍ଜି ବିନିଯୋଗ ଏବଂ ପାର୍ଟ ଟାଇମ୍ ଚାକିରି ଠକେଇ ସହ ଜଡ଼ିତ ୧୦୦ ୱେବ୍‌ସାଇଟ୍‌କୁ ବ୍ଲକ୍ କରାଯାଇଛି । ଏହାଫଳରେ ଅଜ୍ଞତାରୁ ସାଇବର ଅପରାଧିଙ୍କ ଜାଲରେ ପଡି ଆଉ ସାଧାରଣ ଲୋକେ ସର୍ବସ୍ୱ ହରାଇବେ ନାହିଁ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ରର ନ୍ୟାସନାଲ ସାଇବର କ୍ରାଇମ ଥ୍ରେଟ୍ ଆନାଲିଟିକ୍ସ ୟୁନିଟ୍ (ଏନ୍‌ସିଟିଏୟୁ) ସହାୟତାରେ ଏହି ୧୦୦ଟି ୱେବସାଇଟ୍‌କୁ ଚିହ୍ନଟ କରି ବ୍ଲକ୍ କରାଯାଇଛି । ଏହି ସାଇଟ୍‌ଗୁଡିକ ଲୋକଙ୍କୁ ବିଭ୍ରାନ୍ତ କରିବା ସହ ଆର୍ଥିକ ଠକେଇ କରୁଥିଲେ, ଯେଉଁଗୁଡିକ ବିଦେଶରୁ ପରିଚାଳିତ ହେଉଥିଲା ଏବଂ ଭାରତରେ ଏହାର ଏକ ବଡ଼ ନେଟୱାର୍କ ଥିଲା । ଅପରାଧ କରିବା ପାଇଁ ଏଥିରେ ଡିଜିଟାଲ ବିଜ୍ଞାପନ, ଚାଟ୍ ମେସେଞ୍ଜର ଏବଂ ଭଡା ଆକାଉଣ୍ଟକୁ ବ୍ୟବହାର କରାଯାଉଥିଲା ।

## ଲୋକକଥା




ଅଭିବୃଦ୍ଧି ହାର ଆଗେଇ ଚାଲିଚି
ଓଡ଼ିଶା ହୋଇବ ଆଦର୍ଶ,
ନିଯୁକ୍ତି ବଢ଼ିବ ବେକାରୀ ହଟିବ
ବିରୋଧୀଙ୍କ ଉଡ଼େ ହୋଅସ !
ଫସର ଫାଟିବ ପ୍ରୟାସ,
'ଚବିଶ'ରେ ପୁଣି ଚାରିଗଡ଼ା ଦେବେ
ନାତ ମାରିଦେବ ବିକାଶ !!

### ଦକ୍ଷିଣ ଓଡ଼ିଶାରେ ବାତ୍ୟା ବିପ୍ଳାତ

# ଚାଷ ଉଜାଡ଼ିଲା ମିଗ୍‌ଜୋମ୍

**ଏକର ଏକର ଚାଷ ଜମି ଜଳମଗ୍ନ**

**ଧାନ ସମେତ ପନିପରିବା ଫସଲ ନଷ୍ଟ; ଚିନ୍ତାରେ ଚାଷୀ**



■ **ବ୍ରହ୍ମପୁର/କୋରାପୁଟ, ୬।୧୨ (ସମିସ):** ବାତ୍ୟା 'ମିଗଜୋମ୍' ପ୍ରଭାବ ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଦେଖିବାକୁ ମିଳିଛି । ବିଶେଷକରି କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ଗଂଜାମ, ଗଜପତି ଓ କନ୍ଧମାଳ ଆଦି ଜିଲ୍ଲାଗୁଡ଼ିକରେ ବର୍ଷାବିପ୍ଳାତ ଦେଖିବାକୁ ମିଳିଛି । ବର୍ଷା ଯୋଗୁଁ ଏକରଏକର ଚାଷଜମି ଜଳମଗ୍ନ ହୋଇଯାଇଥିବା ବେଳେ ଭୂ-ସ୍ଖଳନ, ପାହାଡ଼ରୁ ପଥର ଧରି ରାସ୍ତା ଜାମ୍ ହେବା, ମାଟିଘର ଭୁଶୁଡ଼ିବା ଭଳି ବ୍ୟାପକ କ୍ଷୟକ୍ଷତି ହୋଇଛି ।

ମିଳିଥିବା ସୂଚନାନୁଯାୟୀ, କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକ୍‌ର କୋଟିଆ ଓ ନୂଆଗାଁ ପଞ୍ଚାୟତରେ ଘର ଓ କୁଡ଼ିଆ ଭାଙ୍ଗିବା ସହପାହାଡ଼ରୁ ପଥର ଖସି ମାଡକାର୍ ରାସ୍ତା ଅବରୋଧ ହୋଇଛି । ପ୍ରଶାସନ ପକ୍ଷରୁ ପଥର ହଟାଇ ରାସ୍ତା ଗମନାଗମନ ▶ପୃଷ୍ଠା-୭

# ତୀର୍ଥଯାତ୍ରାରେ ଗଲେ ୯୭୦ ବରିଷ୍ଠ ନାଗରିକ

## ଭାବବିହ୍ୱଳ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ କୃତଜ୍ଞତା

■ **ସମ୍ବଲପୁର, ୬।୧୨ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଯୋଜନା କେବଳ ବରିଷ୍ଠ ନାଗରିକଙ୍କ ପାଇଁ ନୁହେଁ, ସାମ୍ପ୍ରତିକ ସ୍ଥିତିରେ ମଣିଷ ମନରେ ଆଧ୍ୟାତ୍ମିକତା ଜାଗରଣ କରିବାର ଏକ ଯୁଗୋପଯୋଗୀ ପଦକ୍ଷେପ । ଏହାଦ୍ୱାରା ସମାଜରେ ବଢୁଥିବା କୁସଂସ୍କାର, ଅନ୍ଧବିଶ୍ୱାସ ଆଦିକୁ ରୋକାଯାଇ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଉଛି । ଏ ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ରେଳ ଷ୍ଟେସନରୁ ୯୭୦ ଜଣ ବରିଷ୍ଠ ନାଗରିକ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ କୋଲକତା ଓ କାମାକ୍ଷା ଅଭିମୁଖେ ଯାତ୍ରା କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାର ଉଦ୍‌ଘାଟନ କରି ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ତୀର୍ଥଯାତ୍ରୀଙ୍କ ନିରାପଦ ଓ ସଫଳ ଯାତ୍ରା କାମନା କରିଛନ୍ତି । ତୀର୍ଥଯାତ୍ରୀଙ୍କ ରହିବା, ଖାଇବା ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିଛନ୍ତି । ତେଣୁ ତୀର୍ଥଯାତ୍ରୀମାନେ ଖୁସି ବ୍ୟକ୍ତକରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଯିବା ସମୟରେ ଯାତ୍ରୀମାନେ କହିଥିଲେ, ନିଜ ପକ୍ଷେ ଯାତ୍ରା କରିବା ସମ୍ଭବ ନଥିଲା କିନ୍ତୁ ମୁଖ୍ୟମନ୍ତ୍ରୀ ଏହା ସମ୍ଭବ କରିଛନ୍ତି । ▶ପୃଷ୍ଠା-୭






# ସଶସ୍ତ୍ର ସେନା ପତାକା ଦିବସ



ଦେଶ ସେହି ପର୍ଯ୍ୟନ୍ତ ସୁରକ୍ଷିତ, ଯେଉଁ ପର୍ଯ୍ୟନ୍ତ ସୀମା ସୁରକ୍ଷିତ। ଆଜି ଆମେ ଘର ମଧ୍ୟରେ ନିଶ୍ଚିତରେ ରହିପାରୁଛନ୍ତି, କାରଣ ଆମ ସେନାର ଯବାନମାନେ ୨୪ ଘଣ୍ଟା ସୀମାରେ ପଇଁତରା ମାରୁଛନ୍ତି। ଅନେକ ସମୟରେ ଦେଶର ସୁରକ୍ଷା ପାଇଁ ଏହି ସୈନିକମାନେ ପ୍ରାଣବଳି ଦେଇଥାନ୍ତି। ଜଣେ ସୈନିକ ସହିଦ ହେବା ପରେ ସରକାରଙ୍କ ପକ୍ଷରୁ କରାଯାଉଥିବା ଆର୍ଥିକ ସହଯୋଗ ପର୍ଯ୍ୟାପ୍ତ ନୁହେଁ। ଭାରତ ସ୍ୱାଧୀନ ହେବା ପରେ ସେନା କର୍ମଚାରୀଙ୍କ କଲ୍ୟାଣ ପାଇଁ ୨୮ ଅଗଷ୍ଟ, ୧୯୪୯ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଏକ କମିଟି ଗଠନ କରାଯାଇ ପ୍ରତିବର୍ଷ ୭ ଡିସେମ୍ବରରେ ପତାକା ସଶସ୍ତ୍ର ସେନା ପତାକା ଦିବସ ପାଳନ କରିବା ଲାଗି ସ୍ଥିର କରାଯାଇଥିଲା। ଦେଶର ଏକତା ଓ ଅଖଣ୍ଡତା ପାଇଁ ସହିଦ ହୋଇଥିବା ବୀର ଯବାନମାନଙ୍କୁ ଏହିଦିନ ସ୍ମରଣ କରାଯିବା ସହ ସେମାନଙ୍କ ନିମନ୍ତେ ଏହିଦିନ ପାଣ୍ଠି ସଂଗ୍ରହ ମଧ୍ୟ କରାଯାଇଥାଏ। ଏହିଦିନ ଲୋକମାନଙ୍କୁ ପତାକା ବଣ୍ଟାଯାଇ ପ୍ରତିବଦଳରେ ପାଣ୍ଠି ସଂଗ୍ରହ କରାଯିବା ନେଇ ସ୍ଥିର କରାଯାଇଥିଲା। କାର୍ଯ୍ୟରତ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ, ଯୁଦ୍ଧରେ ଆହତ ସେନା କର୍ମଚାରୀଙ୍କ ପରିବାରର କଲ୍ୟାଣ ନିମନ୍ତେ ଏହିଦିନ ପାଣ୍ଠି ସଂଗ୍ରହ କରାଯାଏ। ଲୋକଙ୍କୁ ଲାଲ୍ ଏବଂ ନୀଳ ରଙ୍ଗର ପତାକାର ଷ୍ଟିକର ଦେଇ ପାଣ୍ଠି ସଂଗ୍ରହ କରାଯାଇଥାଏ। ଏହି ରାଶିକୁ ପତାକା ଦିବସ କୋଷରେ ଜମା କରାଯାଇଥାଏ। ଏହି କୋଷରେ ସହିଦ ହୋଇଥିବା ସୈନିକଙ୍କ ପରିବାର, ଆଘାତପ୍ରାପ୍ତ ସୈନିକଙ୍କର କଲ୍ୟାଣ କିମ୍ବା ପୁନର୍ବାସରେ ସହାୟତା କରାଯାଇଥାଏ। ସୈନିକ କଲ୍ୟାଣ ବୋର୍ଡ ଏହି ରାଶିକୁ ଖର୍ଚ୍ଚ କରିଥାଏ। ପ୍ରଥମେ ପ୍ରତିରକ୍ଷା ମନ୍ତ୍ରଣାଳୟ କମିଟି ଦ୍ୱାରା ଫ୍ଲାଗ୍ ଡେ' ଫଣ୍ଡ ( ପତାକା ଦିବସ ପାଣ୍ଠି) ୧୯୪୯ରେ ଗଠନ କରାଯାଇଥିଲା। ୧୯୯୩ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଆର୍ମଡ ଫୋର୍ସ ଫ୍ଲାଗ୍ ଡେ' ଫଣ୍ଡ ପୁଣି ଗଠନ କରିଥିଲେ, ଯାହା ଏବେ ଚାଲୁ ରହିଛି। ଏହି ଦିନ ଭାରତର ସ୍ଥଳସେନା, ନୌସେନା ଓ ବାୟୁସେନା ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଏ।



# 'ଦ ଗାର୍ଲଫ୍ରେଣ୍ଡ'ର ସୁଟିଂ ଆରମ୍ଭ କଲେ ରଶ୍ମିକା

ବଡ଼ ପରଦାରେ ଧମାଲ କରୁଛି 'ଆନିମଲ' । କେବଳ ଭାରତ ନୁହେଁ ବିଦେଶରେ ମଧ୍ୟ ଏହି ଫିଲ୍ମ ବେଶ୍ ଭଲ ପ୍ରଦର୍ଶନ କରିଛି। ରିଲିଜ୍ ହେବାର ମାତ୍ର ୩ ଦିନରେ ବକ୍ସ ଅଫିସ୍‌ରେ ଏହି ଫିଲ୍ମ ୩୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରିଥିବା ଜଣାପଡ଼ିଛି । ଫିଲ୍ମରେ ରଣବୀର କପୁରଙ୍କ ସହ ରଶ୍ମିକା ମନ୍ଦାନାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି। ଫିଲ୍ମର ସଫଳତାକୁ ନେଇ ରଶ୍ମିକା ବେଶ୍ ଖୁସି ଅଛନ୍ତି। ରଶ୍ମିକା ଏବେ ତାଙ୍କ ଆଗାମୀ ଫିଲ୍ମ 'ଦ ଗାର୍ଲଫ୍ରେଣ୍ଡ'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ସେ ଆସନ୍ତା ୨୦ ଦିନ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଏହାର ସୁଟିଂ କରିବେ। ଏହା ରଶ୍ମିକାଙ୍କ ସାତ ବର୍ଷର କ୍ୟାରିୟରର ୨୪ତମ ଫିଲ୍ମ ହେବ। ରାହୁଲ ରବୀନ୍ଦ୍ରନ୍ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଅଲ୍ଲୁ ଅରବିନ୍ଦଙ୍କ ଗୀତା ଆର୍ଟସ୍ ଏହାର ନିର୍ମାଣ ଦାୟିତ୍ୱରେ ଅଛନ୍ତି। ନିକଟରେ ରଶ୍ମିକା 'ଦ ଗାର୍ଲଫ୍ରେଣ୍ଡ' ଫିଲ୍ମର ତାଙ୍କର ଫାଷ୍ଟଲୁକ୍ ସେୟାର୍ କରିଥିଲେ। ଏହାବାଦ୍ ରଶ୍ମିକା 'ରେନ୍‌ବୋ', 'ଡି ୫୧', 'ପୁଷ୍ପା: ଦ ରୁଲ୍' ଆଦି ଫିଲ୍ମଗୁଡ଼ିକରେ ମଧ୍ୟ ଅଭିନୟ କରୁଛନ୍ତି।

## ଆଜିର ଇତିହାସ

- ୧୮୨୫-ବାଷ୍ପଚାଳିତ ଜାହାଜ ଏଣ୍ଟରପ୍ରାଇଜ୍ କଲିକତାରେ ପହଞ୍ଚିଲା।
- ୧୮୭୯-ସ୍ୱାଧୀନତା ସଂଗ୍ରାମୀ ଯତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଜନ୍ମ।
- ୧୯୯୫-ଭାରତ ସଞ୍ଚାର ଉପଗ୍ରହ ଇନ୍‌ସ୍ୟାଟ୍-୨ ସିର ଉତ୍‌କ୍ଷେପଣ କଲା।
- ୨୦୦୩- ରମଣ ସିଂହ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ହେଲେ।
- ୨୦୦୯- ଡେନମାର୍କର କୋପେନ୍‌ହେଗେନ୍‌ରେ ଜଳବାୟୁ ଶିଖର ସମ୍ମିଳନୀ ଆରମ୍ଭ।

## ଭିନ୍ନ ଏକ ପରମ୍ପରା

# ନାଚ ଦେଖି ବର ବଛା



ସାଧାରଣତଃ ଆମ ଦେଶରେ ଝିଅଟିକୁ ବରପକ୍ଷ ଲୋକେ ଦେଖିବାକୁ ଆସିବାବେଳେ ସେ ସଜେଇ ହୋଇଥାଏ। ଏପରି ଏକ ସ୍ଥାନ ରହିଛି, ଯେଉଁଠି ପୁଅମାନେ ନିଜେ ସଜବାଜ ହୋଇ, ନାଚଗୀତ କରି ଝିଅଙ୍କୁ ବିବାହ ପ୍ରସ୍ତାବ ଦିଅନ୍ତି। କ୍ୟାମରୁନ୍ ଏବଂ ନାଇଜେରିଆରେ ରହୁଥିବା ନାଇଗର ଜନଜାତି ସମ୍ପ୍ରଦାୟରେ ଏହି ଅଜବ ପରମ୍ପରା ଦେଖିବାକୁ ମିଳେ। ଏହି ଜନଜାତିର ପୁରୁଷମାନେ ସଜବାଜ ହୋଇ ନିଜ ପାଇଁ ଜୀବନସାଥୀ ଖୋଜନ୍ତି। ତେବେ ଏହା ହେଉଛି ନାଇଗର ଜନଜାତି ପୁରୁଷଙ୍କର ପତ୍ନୀ ଖୋଜିବାର ଏକ ଭିନ୍ନ ପରମ୍ପରା। ଏହାକୁ 'ଗୁଏରେୱୋଲ ଉତ୍ସବ' ବୋଲି ମଧ୍ୟ କୁହାଯାଇଥାଏ । ଏହି ଉତ୍ସବରେ ପୁରୁଷମାନେ ମୁହଁରେ ଅଧିକ ମେକ୍‌ଅପ୍ ବୋଳି ହୋଇ ମହିଳାଙ୍କ ସମ୍ମୁଖରେ ନୃତ୍ୟ କରନ୍ତି । ଏହି ନୃତ୍ୟ କଳାକୁ ଦେଖି ମହିଳା ଜଣକ ଯେଉଁ ପୁରୁଷଙ୍କ ପ୍ରତି ଆକର୍ଷିତ ହୁଅନ୍ତି ତାଙ୍କ କାନ୍ଧରେ ନିଜ ହାତକୁ ରଖନ୍ତି । ଏଭଳି କରି ସେହି ପୁରୁଷ ସହ ପ୍ରେମ ସମ୍ପର୍କ ବା ବୈବାହିକ ସମ୍ପର୍କ ସ୍ଥାପନ କରିବାକୁ ମହିଳାମାନେ ସ୍ୱୀକୃତି ପ୍ରଦାନ କରନ୍ତି ବୋଲି ବିବେଚନା କରାଯାଏ । ଏହି ଉତ୍ସବ ଅବିକଳ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଭଳି ହୋଇଥାଏ। ପୁରୁଷମାନେ ମୁହଁରେ ଅଧିକ ମେକ୍‌ଅପ୍ ନେବା ସହ ସୁନ୍ଦର ପୋଷାକ ଓ ଅଳଙ୍କାରମାନ ପିନ୍ଧିଥାନ୍ତି। ଏହାବାଦ୍ ସେମାନେ ଏକ ବିଶେଷପ୍ରକାର ନୃତ୍ୟ ପରିବେଷଣ କରି ନିଜ ପୁରୁଷପଣିଆ ପ୍ରଦର୍ଶନ କରିଥାନ୍ତି। ଅବଶ୍ୟ ଏହି ଉତ୍ସବରେ ମହିଳାମାନେ ପୁରୁଷଙ୍କୁ ଗୋଟିଏ ରାତି କିମ୍ବା ସାରା ଜୀବନ ପାଇଁ ସାଥୀ ଭାବେ ବାଛିଥାନ୍ତି।

# ଦିନକରେ ଦଶ ହଜାର ଥର ଶୁଏ ପେଙ୍ଗୁଇନ୍

ଆଣ୍ଟାର୍କଟିକାର କିଙ୍ଗ୍ ଜର୍ଜ ଦ୍ୱୀପରେ ବୈଜ୍ଞାନିକମାନେ ଚିନ୍‌ଷ୍ଟ୍ରାପ୍ ପେଙ୍ଗୁଇନ୍‌ମାନଙ୍କର ଶୋଇବା ପାଟର୍ଣ୍ଣକୁ ଅଧ୍ୟୟନ କରି ଜାଣିବାକୁ ପାଇଛନ୍ତି ଯେ, ସେମାନେ ଗୋଟିଏ ଦିନରେ ଦଶ ହଜାର ଥର ଶୁଅନ୍ତି। ତେବେ ସେମାନେ ଗାଢ଼ ନିଦରେ ନୁହେଁ, ଛାଇନିଦ୍ରାରେ ଶୁଅନ୍ତି। ଲିଓନ ନ୍ୟୁରୋସାଇନ୍ସ ରିସର୍ଚ୍ଚ ସେଣ୍ଟରର ଗବେଷକଙ୍କ ଦ୍ୱାରା ଏହି ଅଧ୍ୟୟନ କରାଯାଇଥିଲା। ଏହି ପ୍ରଜାତିର ପେଙ୍ଗୁଇନ୍ ଦିନକୁ ୧୧ ଘଣ୍ଟା ଶୁଅନ୍ତି। ଏହା ସହ ନିଦରେ ରହିବା ସତ୍ତ୍ୱେ ସେମାନେ ନିଜ ବସା ଉପରେ ବି ନଜର ରଖନ୍ତି। ଏଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି, ନିଦରେ ରହିବା ସତ୍ତ୍ୱେ ସେମାନେ ସତର୍କ ରହି ଧୀରେ ଧୀରେ ସମସ୍ତ କାମ କରିଥାନ୍ତି। ସେମାନଙ୍କ ନିଦର ପ୍ୟାଟର୍ଣ୍ଣ ଜାଣିବା ପାଇଁ ଅତ୍ୟାଧୁନିକ ଟେକ୍ନିକ୍‌କୁ ଉପଯୋଗ କରାଯାଇଥିଲା। ଇଲେକଟ୍ରୋଏନ୍‌ସେଫଲୋଗ୍ରାମ୍ (ଇଇଜି) ମାଧ୍ୟମରେ ନଜର ରଖିବା ସହ ଲଗାତାର ଭିଡିଓ ଫୁଟେଜ୍‌ର ବ୍ୟବହାର କରି ପେଙ୍ଗୁଇନ୍‌ଙ୍କ ପୂରା ଦିନର ଶୋଇବା ଉପରେ ଦୃଷ୍ଟି ଦିଆଯାଇଥିଲା। ଗବେଷକମାନେ ୧୪ ଚିନ୍‌ଷ୍ଟ୍ରାପ୍ ପେଙ୍ଗୁଇନ୍‌ଙ୍କ ଉପରେ ଅଧ୍ୟୟନ କରି ଏଭଳି ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି। ତେବେ ପେଙ୍ଗୁଇନ୍‌ଙ୍କର ଛିଡ଼ାହୋଇ ତଥା ବସିରହି ଶୋଇବା ସେମାନଙ୍କ ବହୁମୁଖୀ ପ୍ରତିଭାକୁ ପ୍ରତିଫଳିତ କରିଥାଏ। ତା'ସହ ଜୀବିତ ରହିବା ପାଇଁ ସେମାନଙ୍କ ରଣନୀତିରେ ସେମାନଙ୍କ ନିଦ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ଗବେଷଣାରୁ ଜଣାପଡ଼ିଛି। ଅନ୍ୟପଟେ ଏହି ଅଧ୍ୟୟନର ରିପୋର୍ଟ ସାଇନ୍ସ ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି।





# ରୋବଟ୍ ପରି କାମ କରନ୍ତି ମହିଳା

ସାଂପ୍ରତିକ ଯୁଗ ହେଉଛି ବିଜ୍ଞାନ ଓ ଟେକ୍ନୋଲୋଜିର। ଏବେ ମଣିଷର କାମ କରୁଛି ରୋବଟ୍ । କେଉଁଠି ରୋବଟ୍ ୱେଟର୍ ସାଜି ଖାଦ୍ୟ ପରଷୁଛି ତ ଆଉ କେଉଁଠି ପିଲାଙ୍କୁ ପାଠ ପଢ଼ାଉଛି। ଏହାଦ୍ୱାରା ଭବିଷ୍ୟତରେ ଲୋକେ ଚାକିରି ହରାଇବା ଆଶଙ୍କା ଦେଖାଦେଲାଣି। ଚୀନ୍ ଚୋଙ୍ଗକିଙ୍ଗରେ ରହୁଥିବା ଜଣେ ଯୁବତୀ ରୋବଟ୍‌କୁ ଟକ୍କର ଦେଉଛନ୍ତି। କିନ୍ ନାମକ ଏହି ୨୬ ବର୍ଷୀୟ ଯୁବତୀ ନିଜର ପ୍ରତିଭା ବଳରେ ଅବିକଳ ରୋବଟ୍ ଭଳି କାର୍ଯ୍ୟ କରନ୍ତି। କିନ୍ କିନ୍ 'ହଟ୍‌ପଟ୍' ନାମକ ରେଷ୍ଟୋରାଁର ମାଲିକାଣୀ। It ତାଙ୍କ ରୋବଟିକ୍ ଡ୍ୟାନ୍ସ ଫର୍ମ ପାଇଁ ଚର୍ଚ୍ଚାରେ ରହିଥାନ୍ତି। ତିନିବର୍ଷ ପୂର୍ବରୁ ଯେତେବେଳେ ସେ ରେଷ୍ଟୋରାଁଟିକୁ ଖୋଲିଥିଲେ, ସେବେଠୁ ଗ୍ରାହକଙ୍କୁ ରେଷ୍ଟୋରାଁ ପ୍ରତି ଆକୃଷ୍ଟ କରିବାକୁ ନିଜ ବନ୍ଧୁଙ୍କ ସହିତ ମିଶି କିଛି ନୂଆ ଓ ଭିନ୍ନ କରିବାକୁ ଚାହିଁଥିଲେ। ରୋବଟ୍ ଲୋକଙ୍କ ଚାକିରି ନେବା ପୂର୍ବରୁ ରୋବଟ୍‌ର କିପରି ଚାକିରି ନିଆଯିବ ସେ ଉଦ୍ଦେଶ୍ୟରେ ସେ ରେଷ୍ଟୋରାଁ ଖୋଲିଲେ। ଆଉ ରୋବୋଟିକ୍ କାର୍ଯ୍ୟଶୈଳୀ ଶିଖିଥିଲେ। ଜଣେ ସାଧାରଣ ଲୋକ ସହଜରେ ଅନୁମାନ କରିପାରିବେନି ବାସ୍ତବରେ କିନ୍ ରୋବଟ୍ ନା ମଣିଷ। ଏଥିପାଇଁ କିନ୍ ରୋବଟ୍ ପରି ଚାଲିଚଳନ କରୁଥିବାବେଳେ ମେକ୍‌ଅପ୍ ମଧ୍ୟ ସେମିତି ନିଅନ୍ତି। ବର୍ତ୍ତମାନ ଲୋକେ କିନ୍‌ଙ୍କ ରେଷ୍ଟୋରାଁକୁ କେବଳ ଖାଇବାକୁ ଆସୁଛନ୍ତି ତାହା ନୁହେଁ, ତାଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ମଧ୍ୟ ଅନେକ ଆସୁଛନ୍ତି।

# ହସ୍‌ପିଟାଲରେ 'ହୋମ୍‌ୱାର୍କ ଜୋନ୍'

ଚୀନ୍‌ରେ ଏବେ ରହସ୍ୟମୟ ନିମୋନିଆ ସଂକ୍ରମଣ ବ୍ୟାପିଛି। ଫଳରେ ଛୋଟ ପିଲାଙ୍କଠାରେ ଶ୍ୱାସଜନିତ ସମସ୍ୟା ବୃଦ୍ଧି ପାଉଛି। ଏହାଦ୍ୱାରା ସେମାନଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ଏହାର ସମାଧାନ ପାଇଁ ହସ୍‌ପିଟାଲରେ ପାଠପଢ଼ାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚୀନ୍‌ର କେତେକ ହସ୍‌ପିଟାଲରେ ଏହି ରୋଗରେ ଆକ୍ରାନ୍ତ ପ୍ରାଥମିକ ଓ ମାଧ୍ୟମିକ ଛାତ୍ରଛାତ୍ରୀଙ୍କ ପାଇଁ 'ହୋମ୍‌ୱାର୍କ ଜୋନ୍'ର ବ୍ୟବସ୍ଥା କରାଯାଇଛି। ହସ୍‌ପିଟାଲରେ ସେମାନଙ୍କ ପାଠପଢ଼ା ପାଇଁ ଅଲଗା ଘର ରହିଛି। ସେଥିରେ ଚେୟାର୍ ଓ ଟେବୁଲର ବ୍ୟବସ୍ଥା କରାଯାଇଛି। ଏହି ଜୋନ୍‌ରେ ପିଲାମାନେ ସ୍କୁଲର ହୋମୱାର୍କ ବସି କରୁଥିବା ଦେଖାଯାଇଛି। ଏହାର ଏକ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ହସ୍‌ପିଟାଲରେ ପିଲାମାନେ ମାସ୍କ ପିନ୍ଧି ପଢୁଥିବା ବେଳେ ସେମାନଙ୍କୁ ଅଭିଭାବକମାନେ ମଧ୍ୟ ସାହାଯ୍ୟ କରୁଥିବା ଦେଖାଯାଇଛି। ଅନ୍ୟପଟେ ପିଲା ଯଦି ଏବେ ହୋମୱାର୍କ ନ କରିବେ, ତେବେ ସ୍କୁଲ ଗଲେ ସେମାନଙ୍କୁ ଅଧିକ ହୋମ୍‌ୱାର୍କ କରିବାକୁ ପଡ଼ିବ ବୋଲି ଅଭିଭାବକ କହନ୍ତି। ତେଣୁ ହସ୍‌ପିଟାଲରେ ପିଲାଙ୍କ ପାଠପଢ଼ା ପାଇଁ ଏଭଳି ସୁବିଧା କରାଯାଇଥିବାରୁ ସେମାନଙ୍କୁ କୌଣସି ସମସ୍ୟା ହେଉ ନାହିଁ। ତେବେ ହସ୍‌ପିଟାଲରେ ପିଲାଙ୍କ ପାଠପଢ଼ା ବ୍ୟବସ୍ଥାକୁ ସମସ୍ତେ ପ୍ରଶଂସା କରୁଛନ୍ତି।



## ଆଜିର ରାଶିଫଳ

**ମେଷ:** ପାରିବାରିକ କଳହ ଯୋଗ ରହିଛି। ନୂତନ ଚାକିରି ସୁଯୋଗ ସୃଷ୍ଟି ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ଧ୍ୟାନ ଦେବେ। ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମରେ

**ବୃଷ:** ମନ ଅଶାନ୍ତ ରହିବ। କାର୍ଯ୍ୟକ୍ଷେତ୍ରରେ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବର୍ତ୍ତମାନ ବ୍ୟବସାୟ ଆରମ୍ଭ କରିବାକୁ ଶୁଭ ସମୟ। ବନ୍ଧୁଙ୍କ ସହଯୋଗରେ କାର୍ଯ୍ୟ ପୂରା ହେବ। ମାନସିକ ଚିନ୍ତା ଲାଗି ରହିବ। ପାରିବାରିକ ଖୁସି ମିଳିବ। ମହିଳାମାନଙ୍କ ଦାୟିତ୍ୱ ବଢ଼ିବ।

**କର୍କଟ:** ବ୍ୟବହାରରେ ସଂଯମତା ରକ୍ଷା କରନ୍ତୁ। କାର୍ଯ୍ୟରେ ଆତ୍ମସନ୍ତୋଷ ମିଳିବ। ଖୁସି ଖବର ମିଳିପାରେ। ଧନପ୍ରାପ୍ତି ଯୋଗ ରହିଛି। ବିଦ୍ୟାର୍ଥୀଙ୍କ କୃତିତ୍ୱରେ ଅଭିଭାବକ ଗର୍ବ ଅନୁଭବ କରିବେ। ପୂଜାର୍ଚ୍ଚନାରେ ସମୟ ବିତିବ।

**ସିଂହ:** ଅଫିସ୍ କାର୍ଯ୍ୟ ପାଇଁ ପରିବାରଠାରୁ ଦୂରରେ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ। ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ହୁଅନ୍ତୁ। ଭାଇଭଉଣୀଙ୍କ ସହଯୋଗ ମିଳିବ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ।

**କନ୍ୟା:** ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଧାଁ ଧଉଡ଼ରେ ଦିନ ବିତିବ। ମାନସିକ ଶାନ୍ତି ମିଳିବ। କର୍ମକ୍ଷେତ୍ରରେ ଅଚାନକ ସମସ୍ୟା ଦେଖାଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ମହିଳାଙ୍କ ଦାୟିତ୍ୱ ବଢ଼ିବ।

**ତୁଳା:** କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବସାୟ ବୃଦ୍ଧି ଘଟିବ। ସମାଜରେ ମାନସମ୍ମାନ ପାଇବେ। କୌଣସି କାରଣରୁ ମନ ଭଲ ରହିବ ନାହିଁ। ଧାର୍ମିକ ସ୍ଥାନ ଯାତ୍ରା କରିପାରନ୍ତି। ବାଦ- ବିବାଦରୁ ଦୂରେଇ ରୁହନ୍ତୁ।

**ବିଛା:** ଆତ୍ମବିଶ୍ୱାସ ଭରପୂର ରହିବ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ଉପଯୁକ୍ତ ସମୟ। ପରିବାରରେ ସୁଖ ଶାନ୍ତି ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। ଆର୍ଥିକ ସହଯୋଗ ପାଇବେ।

**ଧନୁ:** ବ୍ୟବସାୟ ପାଇଁ ଯାତ୍ରା ଶୁଭଦାୟକ। ଅଯଥା ଯୁକ୍ତି କରନ୍ତୁନି। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ନୂତନ ଜମି କ୍ରୟ କରିପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଧାର୍ମିକ କାର୍ଯ୍ୟକ୍ରମରେ ଭାଗ ନେବେ।

**ମକର:** କୌଣସି ମାମଲାରେ ଅଧିକ ଚିନ୍ତିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ଦୂରସ୍ଥାନ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀମାନେ ଉଚ୍ଚ ଶିକ୍ଷା ପାଇଁ ପ୍ରସ୍ତୁତ କରିବେ। ପ୍ରେମ ବ୍ୟାପାରରେ ଶୁଭ ।

**କୁମ୍ଭ:** ଅଟକି ରହିଥିବା କାମ ପୂରା ହେବ। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ବନ୍ଧୁଙ୍କ ସହ ସାକ୍ଷାତହେବ। ଉଦ୍ଧାର ଦେଇଥିବା ଟଙ୍କା ଫେରିପାଇବାରେ ବିଳମ୍ବ ଘଟିବ।

**ମୀନ:** ଅନ୍ୟ କାହାକୁ ବିଶ୍ୱାସ କରି ନିଜ ବ୍ୟବସାୟ ସମ୍ପର୍କିତ ତଥ୍ୟ ଦିଅନ୍ତୁନି। ଗୁରୁଜନଙ୍କ ପରାମର୍ଶ ନେଇ କାମ କରିବେ। ବିପରୀତ ସମୟରେ ଧୈର୍ଯ୍ୟହରା ହେବା ଆଦୌ ଅନୁଚିତ। ଜମି କିଣା ଯୋଗ ରହିଛି।



# ଦର୍ପଣ ପାଇଁ ବାସ୍ତୁ ଟିପ୍ସ

**ଘରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଭିତରେ ରହିଛି ଦର୍ପଣ। ଘରୁ ବାହାରିବା ପୂର୍ବରୁ ଅନେକ ନିଜକୁ ଦର୍ପଣରେ ଦେଖିଥାନ୍ତି। ତେବେ କେବଳ ସଜବାଜ ହେବାପାଇଁ ନୁହେଁ, ଘରର ବାସ୍ତୁ ସହିତ ମଧ୍ୟ ଦର୍ପଣର ସମ୍ପର୍କ ରହିଛି। ତେଣୁ ବାସ୍ତୁଶାସ୍ତ୍ରରେ ଦର୍ପଣ ପାଇଁ କିଛି ନିୟମ ରହିଛି। ଯଥା –**

- ଦର୍ପଣକୁ ସବୁବେଳେ ପୂର୍ବ ବା ଉତ୍ତର ଦିଗ କାନ୍ଥରେ ଲଗାନ୍ତୁ। କାରଣ ଦର୍ପଣରେ ନିଜ ମୁହଁ ଦେଖୁଥିବା ବ୍ୟକ୍ତି ଉତ୍ତର କିମ୍ବା ପୂର୍ବ ଦିଗ କରି ଠିଆ ହୋଇପାରିବ।
- ଶୋଇବା ଘରର କବାଟ ସାମନାରେ ଦର୍ପଣ ଲଗାଇବା ଶୁଭ ବୋଲି ବିବେଚନା କରାଯାଏ।
- ଦର୍ପଣର ଆକାର ବଡ଼ ହେଲେ ମଧ୍ୟ ଓଜନ କମ୍ ହେବା ଉଚିତ।
- ଏକାଧିକ ଦର୍ପଣକୁ ଯୋଡ଼ି ଗୋଟିଏ ବଡ଼ ଦର୍ପଣ ପ୍ରସ୍ତୁତ କରିବା ଉଚିତ ନୁହେଁ। କାରଣ ଏହାଦ୍ୱାରା ବ୍ୟକ୍ତିର ଶରୀର ପ୍ରତ୍ୟେକ ଦର୍ପଣରେ ଅଧା ଅଧା ହୋଇ ଦେଖାଯାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହା ଆଦୌ ଶୁଭ ନୁହେଁ।
- ଭାଙ୍ଗିଯାଇଥିବା, ଫାଟ ପଡ଼ିଥିବା ଦର୍ପଣ ରଖିବା ଉଚିତ ନୁହେଁ। ଦର୍ପଣରେ ଧୂଳିଜମା ହେବାକୁ ଦିଅନ୍ତୁ ନାହିଁ। କାରଣ ଆମର ମୁଖମଣ୍ଡଳକୁ ସ୍ପଷ୍ଟ କରୁଥିବା ଦର୍ପଣ ଆମର ପ୍ରଭାମଣ୍ଡଳ ବା 'ଆରା'କୁ ପ୍ରଭାବିତ କରିଥାଏ।
- ଅଧିକ ସମୟ ଦର୍ପଣର ବ୍ୟବହାର କରିବା ଦ୍ୱାରା ନକାରାତ୍ମକ ଶକ୍ତି ସୃଷ୍ଟି ହୋଇଥାଏ।
- ଶୋଇବା ଘର ଭିତରେ ଦର୍ପଣ ରଖିବା ଉଚିତ ନୁହେଁ। ଯଦି ଏହିପରି ଥାଏ, ତେବେ ଶୋଇବା ପୂର୍ବରୁ ଦର୍ପଣକୁ ଏକ କପଡ଼ା ଦ୍ୱାରା ଘୋଡ଼ାଇ ଦେବା ଉଚିତ।
- ସବୁବେଳେ ଗୋଲାକାର ଆଇନା କିଣିବା ଶୁଭ ହୋଇଥାଏ।



# ସବୁଠୁ ବଡ଼ ଘଣ୍ଟା

## ଜଣାଇବ ୧୦ ହଜାର ବର୍ଷର ସମୟ

ସାଧାରଣତଃ ହୀରା, ସୁନା ଖଚିତ ଭଳି ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଓ ଦାମୀ ଘଣ୍ଟା ବାବଦରେ ଅନେକ ଜାଣନ୍ତି। କିନ୍ତୁ ଏବେ ଏକ ସବୁଠୁ ବଡ଼ ଅତ୍ୟାଧୁନିକ ଘଣ୍ଟାର ନିର୍ମାଣ କାମ ଚାଲିଛି। ଯାହାକି ଦଶ ହଜାର ବର୍ଷର ସମୟ ଜଣାଇବ। ଏହି ଘଣ୍ଟାର ନିର୍ମାତା ହେଉଛନ୍ତି, ଆମେରିକାର ପ୍ରତିଷ୍ଠିତ ଶିଳ୍ପପତି ଜେଫ୍ ବେଜୋସ୍। ଏହି ଘଣ୍ଟାର ଆକାର ୫୦୦ ଫୁଟ ହେବ। ସେହିପରି ଏହାର ନିର୍ମାଣ କାର୍ଯ୍ୟରେ ୪୨ ମିଲିଅନ୍ ଡଲାର ଖର୍ଚ୍ଚ ହୋଇଥିବା ବେଳେ ଏହାକୁ ପଶ୍ଚିମ ଟେକ୍‌ସାସ୍‌ର ଗୋଟିଏ ପାହାଡ଼ ଭିତରେ ତିଆରି କରାଯାଉଛି। ଅବଶ୍ୟ ଏବେ ଘଣ୍ଟାର ଅନ୍ତିମ ଡିଜାଇନ୍ ପୂରା ହୋଇଥିବା ଜଣାପଡ଼ିଛି। ୨୦୧୮ରେ ଏହି ଘଣ୍ଟା ବାବଦରେ ବେଜୋସ୍ ଜଣାଇଥିଲେ। ତେବେ ଏହି ଘଣ୍ଟାର ପରିକଳ୍ପନା ତାଙ୍କ ମନରେ କିଭଳି ଆସିଲା, ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। ୧୯୯୫ରେ କମ୍ପ୍ୟୁଟର ବୈଜ୍ଞାନିକ ଡ୍ୟାନି ହିଲ୍‌ସ ଏଭଳି ଏକ ଘଣ୍ଟାର ପରିକଳ୍ପନା ପାଇଁ ପ୍ରସ୍ତାବ ଦେଇଥିଲେ। ସେ ଏମିତି ଏକ ଘଣ୍ଟାର ପରିକଳ୍ପନା କରିଥିଲେ , ଯାହାର ଶତାବ୍ଦୀର କଣ୍ଟା ୧୦୦ ବର୍ଷରେ ଥରେ ଆଗକୁ ବଢ଼ିବ। ଫଳରେ ଏହା ଦ୍ୱାରା ୧୦ ହଜାର ବର୍ଷ ପର୍ଯ୍ୟନ୍ତ ସମୟ ବାବଦରେ ଜଣାପଡ଼ିବ। ବେଜୋସ୍ ଏବେ ଏହି ସ୍ୱପ୍ନକୁ ପୂରଣ କରିବା ଦିଗରେ ପ୍ରୟାସ କରିଛନ୍ତି। ଅନ୍ୟପଟେ ଏହା ପୃଥିବୀର ଥର୍ମାଲ ସାଇକଲ ଦ୍ୱାରା ସଞ୍ଚାଳିତ ହେବ। ତେବେ ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

## 'ମଣିଷଖିଆ' କଟକ-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥ

# ବର୍ଷକରେ ଗଲାଣି ୩୦୫ ଜୀବନ

**ନାଲ୍‌କୋ ନଗର, ୬।୧୨(ବନମାଳୀ ନାଏକ):** ଓଡ଼ିଶାର ଦୁଃଖ ପାଲଟିଛି କଟକରୁ ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ। ୨୦୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତାଉପରେ ଉଭୟ ଉପକୂଳ ଓ ପଶ୍ଚିମ ଓଡ଼ିଶାର ଜନସାଧାରଣ ନିର୍ଭର କରନ୍ତି। ଦୈନିକ ହଜାର ହଜାର ଗାଡ଼ିରେ କୋଇଲା, ଆଲୁମିନା, ଲୁହାପଥର ପରିବହନ ହୋଇଥାଏ। ମାତ୍ର ଏହି ରାସ୍ତା ନିର୍ମାଣ ଶେଷ କରିବା ପାଇଁ କେନ୍ଦ୍ର ସରକାର ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଉଦାସୀନ। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ପ୍ରତିଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଛି। ଏକ ଆକଳନ ଅନୁସାରେ ଗତ ବର୍ଷକ ମଧ୍ୟରେ ଏହି ରାସ୍ତାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୩୦୫ରେ ପହଞ୍ଚିଛି।

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ସହରୀକରଣ, ଗାଡ଼ିମୋଟର ଚଳାଚଳ ବୃଦ୍ଧି ଓ ଶିଳ୍ପାୟନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୦୫ ମସିହାରେ ଏହି ରାସ୍ତାକୁ ୪ ଥାକିଆ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର କାମ ଆରମ୍ଭ ହୋଉହେଉ ଆହୁରି ୧୨ ବର୍ଷ ବିତିଗଲା। ୨୦୧୭ ମସିହାରୁ ଜାତୀୟ ରାଜପଥ ପ୍ରାଧିକରଣ କଟକ-ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥ-୫୫କୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ସମ୍ପ୍ରସାରଣ କାର୍ଯ୍ୟ କରୁଛି। ଇତିମଧ୍ୟରେ ୫ ବର୍ଷ ସରିଯାଇଥିଲେ ମଧ୍ୟ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସରୁନାହିଁ। ମାତ୍ର ୨ ବର୍ଷ ଯାଇ ୬ ବର୍ଷ ସରିବାକୁ ବସିଲାଣି, କାମ ସରିବାର ନାଁ ଗନ୍ଧ ନାହିଁ। ଜନଗହଳିପୂର୍ଣ୍ଣ ଅନୁଗୋଳ ସହରାଞ୍ଚଳକୁ ବାଦ ଦେଇ ଏନ୍ଏଚ୍‌ର ନୂଆହତା ଗ୍ରାମଠାରୁ ତୁଳସୀପାଳ, ବେନ୍ତପୁର, କାଙ୍ଗୁଲା, ଖମାର, ଶରଧାପୁର ଗାଁ ଦେଇ ରନ୍ତଲୋଇ ନିକଟ ପଞ୍ଚମହଲା ଛକ ଯାଏ ବାଇପାସ୍ ରାସ୍ତା ନିର୍ମାଣ ହେଉଛି। ମାତ୍ର





ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ନୂଆହତାଠାରୁ ବଣ୍ଟଁରପାଳ, ନାଲକୋ ସିପିପି, କୁଲାଡ଼, ନାଲକୋ ସ୍ମେଲଟର, ଟାଉନ ସିପ୍, କାଣ୍ଡସର, ତୁରଙ୍ଗ, ଅନୁଗୋଳ ସହର, ହୁଲୁରିସିଂହା, କରଡାଗଡ଼ିଆ, ପଞ୍ଚମହଲା, ରନ୍ତଲୋଇ ପର୍ଯ୍ୟନ୍ତ ସହରାଞ୍ଚଳର ଦୀର୍ଘ ୧୭କିମି ମରଣଯନ୍ତା ପାଲଟିଛି। ରାସ୍ତାର ଉଭୟ ପାର୍ଶ୍ୱ ଦୁଇ କିମି ବ୍ୟାପୀ ଅଞ୍ଚଳ ଗାଡ଼ିଚଳାଚଳ ଜନିତ ଧୂଳି ଓ ଧୂଆଁରେ ପ୍ରଦୂଷିତ ହେଉଛି। ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣଙ୍କଠାରୁ ଆରମ୍ଭ କରି ରାଜନେତା, ରାଜ୍ୟ ପ୍ରଶାସନ ଏପରିକି ଖୋଦ୍ ରାଜ୍ୟ ସରକାର ମଧ୍ୟ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ମାତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଆଦୌ ଗୁରୁତ୍ୱ ଦେଇ ନାହାନ୍ତି। କିଛି ସପ୍ତାହ ତଳେ ବଣ୍ଟଁରପାଳ ଛକରେ ଦୁର୍ଘଟଣାରେ ସ୍କୁଲ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ସହପାଠୀମାନେ ଅଭିନବ ଉପାୟରେ ଦୁଇ ଦିନ ରାସ୍ତାରୋକ କରିଥିଲେ। ଆନ୍ଦୋଳନକାରୀ ରାଜରାସ୍ତା ଉପରେ ଦିନ ତମାମ ଜାତୀୟ ସଙ୍ଗୀତ ଗାନ କରି ପ୍ରତିବାଦ ଜଣାଇଥିଲେ। ମାତ୍ର ରାସ୍ତାରେ ଆନ୍ଦୋଳନ ପାଇଁ ସାଧାରଣ ଲୋକଙ୍କ ନାମରେ କର୍ତ୍ତୃପକ୍ଷ ରୁଜୁ କରିଛନ୍ତି ୫୦୦ରୁ ଉର୍ଦ୍ଧ୍ୱ ମାମଲା।

ବିଭିନ୍ନ ଉତ୍ସରୁ କେନ୍ଦ୍ର ସରକାର ଅନୁଗୋଳ ଜିଲ୍ଲାରୁ ବିପୁଳ ରାଜସ୍ୱ ସଂଗ୍ରହ କରୁଛନ୍ତି। ମାତ୍ର ଏହି ଜିଲ୍ଲାକୁ ଗମନାଗମନର ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇ ଦେବାରେ କେନ୍ଦ୍ର ସରକାର ନିୟମିତ ଅବହେଳା କରି ଚାଲିଛନ୍ତି। ଯାବତୀୟ ଦାବି, ପ୍ରତିବାଦ ପରେ ବି ଏନ୍ଏଚ୍ଆଇ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ତିନି ଚାରିବର୍ଷ ହେଲାଣି ଅନୁଗୋଳରୁ ଲୋକେ ମହିଧରପୁର-ସାତମାଇଲ-ଭାପୁର ରାସ୍ତା ଦେଇ ଢେଙ୍କାନାଳ, କଟକ, ଭୁବନେଶ୍ୱର ଆଦି ସ୍ଥାନକୁ ଯାଉଛନ୍ତି। ପୂର୍ତ୍ତ ବିଭାଗ ରାସ୍ତା ଏନଏଚ ରାସ୍ତାର କାମ ତୁଲାଉଛି। ବାଇପାସ ରାସ୍ତା ନିର୍ମାଣ ଶେଷ କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନ ନିକଟରୁ ବାରମ୍ବାର ମହଲତ ନେଉଛନ୍ତି। ନିର୍ମାଣକାରୀ ଠିକା ସଂସ୍ଥାକୁ କାମ ପାଇଁ ତାଗିଦ କରିବାକୁ ଏନ୍ଏଚ୍ କର୍ତ୍ତୃପକ୍ଷ ସାହସ କରିପାରୁ ନାହାନ୍ତି। ଅନ୍ୟପକ୍ଷରେ ରାଜ୍ୟର ବିଜେପି ସାଂସଦ ଓ କେନ୍ଦ୍ରମନ୍ତ୍ରୀମାନେ ମଧ୍ୟ ଏ ସଂକ୍ରାନ୍ତରେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ବର୍ଷବର୍ଷ ଧରି କାମ ସରୁ ନ ଥିବା ସଂକ୍ରାନ୍ତରେ ରାଜ୍ୟର ବିଜେପି ସାଂସଦମାନେ ଥରଟିଏ ବି କେନ୍ଦ୍ର ନିକଟରେ ଆପତ୍ତି କରିଥିବା ଉଦାହରଣ ଦେଖିବାକୁ ମିଳିନାହିଁ। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଲୋକଙ୍କୁ ଭୂଆଁ ବୁଲେଇଲା ପାଇଁ ଛତିଶଗଡ଼ର ରାୟଗଡ଼ରୁ ତାଳଚେରକୁ ଆଉ ଏକ ନୂତନ ୬ ଥାକିଆ ରାସ୍ତା ନିର୍ମାଣ କରିବାକୁ କେନ୍ଦ୍ର ବିଭାଗୀୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନବାକୁ ନେଇ ସାଧାରଣରେ ହାସ୍ୟସ୍ପଦ ପରିସ୍ଥିତି ସୃଷ୍ଟି କରିଛି।

## ■ ସଂସଦରେ ବିଜେଡି ସାଂସଦଙ୍କ ଉଦ୍‌ବେଗ

# ମନ୍ତ୍ରୀଙ୍କ ଆଶ୍ୱାସନାକୁ ନେଇ ସନ୍ଦେହ

**ଭୁବନେଶ୍ୱର, ୬।୧୨(ସମିସ):** ୫୫ ନମ୍ବର ଜାତୀୟ ରାଜପଥର କଟକ -ଅନୁଗୋଳ- ସମ୍ବଲପୁର ରାଜପଥ ସମ୍ପ୍ରସାରଣ କାମ ସରିବାର ନାଁ ଧରୁନଥିବା ବେଳେ ଏହି ବିଳମ୍ବିତ ବିକାଶ ସାଧାରଣ ଲୋକଙ୍କୁ ଖୁବ୍ ଯନ୍ତ୍ରଣା ଦେଉଛି। ସଂସଦରେ ବିଜେଡି ସାଂସଦମାନେ ଏହି ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାର ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଜେଡି ସାଂସଦ

### ମାର୍ଚ୍ଚ ୩୧ ସୁଦ୍ଧା ସରିବ କାର୍ଯ୍ୟ: ଗଡ଼କରୀ

ପ୍ରଶାନ୍ତ ନନ୍ଦଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଆସନ୍ତା ମାର୍ଚ୍ଚ ୩୧ମଧ୍ୟରେ କାର୍ଯ୍ୟ ଶେଷ କରାଯିବ ବୋଲି ଘୋଷଣା କରିଥିଲେ ହେଁ ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜଙ୍ଗଲ ଓ ପରିବେଶ ମଞ୍ଜୁରୀରେ ବିଳମ୍ବ, କରୋନା ମହାମାରୀ ଏବଂ ସମ୍ପ୍ରସାରଣ କାମ କରୁଥିବା ଠିକାଦାରଙ୍କ ନିକଟରେ ଆର୍ଥିକ ସ୍ଥିତି କାରଣରୁ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ବିଳମ୍ବ ହୋଇଛି। ତେବେ ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରକଳ୍ପ କାମ ଶେଷ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହି ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ପ୍ରାୟ ୪୫୦ ଅଧିକ ଲୋକଙ୍କ ଜୀବନ ଯାଇଛି ଓ କେବଳ ଗତ ବର୍ଷକ ମଧ୍ୟରେ ଏହି ସଂଖ୍ୟା ୩୦୦ରୁ ଅଧିକ। ୪ ଥର ରାସ୍ତା ନିର୍ମାଣ ଶେଷ ଅବଧି ଘୋଷଣା ହୋଇ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ୨୬୫ କିଲୋମିଟର ବିଶିଷ୍ଟ ଏହି ରାଜପଥକୁ ମୋଟ ୩ଟି ସ୍ତର(ସେକ୍ସନ)ରେ କାର୍ଯ୍ୟକାରୀ କରାଯାଉଛି। ମାତ୍ର ଏହି ୩ଟି ସେକ୍ସନର କାମ ସାରିବା ପାଇଁ ଏନଏଚଏଆଇ ଏକାଧିକ ତାରିଖ ଧାର୍ଯ୍ୟ କରିଥିଲେ ହେଁ ଏହାକୁ ପୂରଣ କରିବାରେ ବିଫଳ ହୋଇଛି। ଏନଏଚଆଇର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କଲେ ଏହି ୩ ଗୋଟି ସେକ୍ସନର ନିର୍ମାଣ କାର୍ଯ୍ୟ ଯେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ସରିବ ସେ ନେଇ କାହାର ବି ଭରସା ପାଉନାହିଁ। ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକାଧିକ ଥର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟର ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ବିଜେଡିର ସାଂସଦମାନେ ଉଭୟ ଗୃହରେ ବିଭିନ୍ନ ସମୟରେ ଉପରୋକ୍ତ ରାଜପଥର ଅବସ୍ଥା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରିକି ଗତ ମାର୍ଚ୍ଚ ମାସରେ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଚିଠି ଲେଖି ରାସ୍ତାର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ଦାବି କରିଥିଲେ। ମାତ୍ର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟ ଉକ୍ତ ରାଜପଥର ନିର୍ମାଣ ସରିବା ପାଇଁ ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା କରୁନାହିଁ।

# ବାଘଛାଲ ଜବତ, ୬ ଗିରଫ

**କୋକସରା, ୬।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ସୀମାନ୍ତ ଧର୍ମଗଡ଼ ରେଞ୍ଜରୁ ବନ ବିଭାଗ ଏକ ବାଘଛାଲ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୬ଜଣଙ୍କୁ ଗିରଫ କରି



କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ, ଥୁଆମୁଲ ରାମପୁର ଥାନା ହାଡିସିଲ ପାଦେପଦର ଗ୍ରାମର ବନ ମାଝୀ(୩୫) ଓ ତାଙ୍କର ୫ ସହଯୋଗୀ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଥାନା ଟିକ୍ରାପଡ଼ାର ଗଣେଶ ଗୌଡ଼(୨୫), ଲକ୍ଷ୍ମଣ ଗୌଡ଼(୫୦) ଓ କର୍ମେଲିର ନବ ନାଏକ, କଳାହାଣ୍ଡି ଜିଲ୍ଲା ଥୁଆମୁଲ ରାମପୁର ଥାନା ହାଡିସିଲର ଦେବ ମାଝୀ(୨୪) ଓ ଜୟପାଟଣା ଥାନା ଚଞ୍ଚରାଗୁଡ଼ାର ରୁଷି ମାଝୀ(୬୦)। ଅଭିଯୁକ୍ତମାନଙ୍କଠାରୁ ଏକ କଲରାପତରିଆ ବାଘଛାଲ,ବାଇକ୍, ମୋବାଇଲ ଓ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଆଜି ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାନୁଯାୟୀ, ଶିକାରୀ ଓ ବନ୍ୟଜନ୍ତୁ ଅଙ୍ଗପ୍ରତ୍ୟଙ୍ଗ ଚାଲାଣକାରୀଙ୍କୁ ଧରିବା ପାଇଁ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଓ ଛତିଶଗଡ଼ ଏସ୍‌ଟିଏଫ୍ ପକ୍ଷରୁ ଏକ ମିଳିତ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗତକାଲି ଧର୍ମଗଡ଼ ରେଞ୍ଜର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ବାଘଛାଲ ଡିଲ୍ ପାଇଁ ଯୋଜନା ଚାଲିଥିବା ବେଳେ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲା। ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଓ ଛତିଶଗଡ଼ ଏସଟିଏଫ୍ ଚଢ଼ଉ କରି ଦେଶୀ ବନ୍ଧୁକ ସହ ଅନେକ ବନ୍ୟପ୍ରାଣୀର ମାଂସ ଓ ହାଡ଼ ଜବତ କରିଥିଲା। ତେବେ କିଛି ମାସର ବ୍ୟବଧାନ ପରେ ଶିକାରୀମାନେ ପୁଣି ଏହି ଅଞ୍ଚଳରେ ସକ୍ରିୟ ହୋଇଉଠିଛନ୍ତି।

● ବିଦ୍ୟୁତ ଆଘାତରେ ହାତୀ ମୃତ୍ୟୁ ଘଟଣା

# ଫରେଷ୍ଟର୍ ନିଲମ୍ବିତ

**କେନ୍ଦୁଝର, ଚମ୍ପୁଆ, ୬।୧୨(ସମିସ):** ଚମ୍ପୁଆ ରେଞ୍ଜର କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ ଆଘାତରେ ହାତୀ ମୃତ୍ୟୁ ଘଟଣାରେ ବନପାଳ କାଳନ୍ଦୀ ସାମଲଙ୍କୁ ବୁଧବାର ଡିଏଫ୍ଓ ଧନରାଜ୍ ଏଚ୍.ଡି ନିଲମ୍ବିତ କରିଛନ୍ତି। ଚମ୍ପୁଆ ରେଞ୍ଜର୍ ଅକ୍ଷୟ କୁମାର ଛତ୍ରିଆଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସୁପାରିସ କରାଯିବା ସହ ଚମ୍ପୁଆ ଫରେଷ୍ଟ ବିଟ୍‌ର ଗାର୍ଡଙ୍କୁ କାରଣ ଦର୍ଶାଓ ନୋଟିସ କରାଯାଇଛି। ଅପରପକ୍ଷେ ସେ ଅଞ୍ଚଳର ଟିପି ଏନ୍‌ପିଏନ୍ ଓ ଡିଏଲର ଏସ୍‌ଡିପିଓ, କନିଷ୍ଠ ଯନ୍ତ୍ରୀ ଏବଂ ଲାଇନ୍‌ମ୍ୟାନଙ୍କ କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ସେମାନଙ୍କ ବିରୋଧରେ ମାମଲା ରୁଜୁ ସହିତ ସମ୍ପୃକ୍ତ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ତଦନ୍ତକାରୀ ବନ ଅଧିକାରୀଙ୍କ ନିକଟରେ ହାଜର ହେବାକୁ ନୋଟିସ୍ କରାଯାଇଛି। ଟିପିଏନ୍‌ଓଡିଏଲ୍‌ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୧୫ ଦିନ ଭିତରେ ଦୁର୍ଘଟଣା ଘଟିଥିବା ଲାଇନରେ ହାତୀ ଚଳପ୍ରଚଳ ଅଞ୍ଚଳର ବିଦ୍ୟୁତ ଲାଇନକୁ ଠିକ କରିବାକୁ କୁହାଯାଇଛି।

# ଟିକସ ଫାଙ୍କି: ୨୦ ସ୍ଥାନରେ ଆୟକର ଚଢ଼ଉ

**ଭୁବନେଶ୍ୱର,୬।୧୨(ସମିସ):** ଟିକସ ଫାଙ୍କି ଅଭିଯୋଗରେ ମଦ ଓ ସ୍ପିରିଟ୍ ପ୍ରସ୍ତୁତକାରୀ କମ୍ପାନୀ ବୌଦ୍ଧ ଡ଼ିଷ୍ଟିଲାରୀ ପ୍ରାଇଭେଟ ଲିମିଟେଡ୍ ଉପରେ ଚଢ଼ଉ କରିଛି ଆୟକର ବିଭାଗ। ଓଡ଼ିଶାର ଖୋର୍ଦ୍ଧା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗିର, ରାୟଗଡ଼ା ସହ ରାଜ୍ୟ ବାହାର ୨୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଆୟକର ଅଧିକାରୀମାନେ ଯାଞ୍ଚ ଚଳାଇଛନ୍ତି। ସେହିପରି ଚଢ଼ଉ ସମୟରେ ବିଭିନ୍ନ ସ୍ଥାନରୁ ପ୍ରାୟ ୫୦ କୋଟି ଟଙ୍କା ଓ କିଛି ଆନୁଷଙ୍ଗିକ କାଗଜପତ୍ର ଜବତ ହୋଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ଭୁବନେଶ୍ୱର ଏୟାରପୋର୍ଟ ଅଞ୍ଚଳର ପଳାଶପଲ୍ଲୀରେ କମ୍ପାନୀର କର୍ପୋରେଟ ଅଫିସ, ପୁରୁଣା ବିଏମ୍‌ସି

● ମଦ କମ୍ପାନୀ ଓ ଚାଉଳକଳ ମାଲିକଙ୍କ ଘରେ ଯାଞ୍ଚ

● ୫୦ କୋଟି ଟଙ୍କା ସହ କାଗଜପତ୍ର ଜବତ ସୂଚନା

ପଛ ପଟେ ଥିବା ଏକ ଘର, ଖୋର୍ଦ୍ଧାରେ ଥିବା କାରଖାନାରେ ଚଢ଼ଉ ହୋଇଛି। ସେହିପରି ସମ୍ବଲପୁର, ବୌଦ୍ଧ, ବଲାଙ୍ଗିର, ଗୁଣୁପୁର, ରାୟଗଡ଼ା ସହ ବଲାଙ୍ଗିରର ସୁତପଡ଼ାରେ ଥିବା ମଦ ଭାଟି ଉପରେ ମଧ୍ୟ ଚଢ଼ଉ ହୋଇଛି। ଟିଟିଲାଗଡ଼, ରାୟଗଡ଼ା ଗାନ୍ଧୀନଗରର ଦୁଇ ମଦ ବ୍ୟବସାୟୀଙ୍କ ଘର ଉପରେ ଚଢ଼ଉ ଜାରି ରହିଛି। ଓଡ଼ିଶା ସମେତ ଛତିଶଗଡ଼, କୋଲକାତା ଓ ରାଞ୍ଚିରେ ଥିବା କାର୍ଯ୍ୟାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନ ସହ ସଂସ୍ଥାର ଏକାଧିକ ନିର୍ଦ୍ଦେଶକ ଓ ପରିଚାଳନା ନିର୍ଦ୍ଦେଶକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି।

ଅନ୍ୟପକ୍ଷରେ କମ୍ପାନୀ ସହ ଲିଙ୍କ୍ ଅଭିଯୋଗରେ ବୌଦ୍ଧ ପୁରୁଣା କଟକର ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ରାଇସ ମିଲ, ବାସଭବନ ଓ ଅନ୍ୟ ସ୍ଥାନରେ ବି ଆୟକର ବିଭାଗର ଚଢ଼ଉ ହେଉଛି।






### ନୂଆବର୍ଷରୁ ବଡ଼ଦାଣ୍ଡରେ ଏସି ଟନେଲ୍

# ଲ୍ୟାଣ୍ଡ ସର୍ଭେ ଶେଷ, ୨୫ ସୁଦ୍ଧା ସରିବ ନିର୍ମାଣ

**ପୁରୀ,୬।୧୨(ସମିସ):** ନୂଆବର୍ଷରୁ ଭକ୍ତଙ୍କୁ ମିଳିବ ନୂଆ ଅନୁଭୂତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ଆଉ ଖରା, ବର୍ଷାର ଭୟ ରହିବ ନାହିଁ। ଶୀତତାପ ନିୟନ୍ତ୍ରିତ ସେଡ୍(ଏସି ଟନେଲ୍)ରେ ଦର୍ଶନ ପାଇଁ ଯିବେ। ଏଥିଲାଗି ଆରମ୍ଭ ହୋଇଯାଇଛି ପ୍ରକ୍ରିୟା। ବୁଧବାର ଏହାର ସର୍ଭେ ସରିଥିବା ବେଳେ ଆସନ୍ତା ଡିସେମ୍ବର ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜାନୁୟାରୀ ୧ରୁ ଭକ୍ତ ଏହି ଏସି ଟନେଲର ସେବା ପାଇବେ ବୋଲି ନିର୍ମାଣକାରୀ ସଂସ୍ଥା ଓବିସିସି ପକ୍ଷରୁ ସୂଚନା ଦିଆଯାଇଛି।

ଭକ୍ତ, ପର୍ଯ୍ୟଟକଙ୍କୁ ଅତ୍ୟାଧୁନିକ ସେବା ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଏଥିପାଇଁ ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରାଯାଉଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଭକ୍ତଙ୍କ ଲାଗି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବାକୁ ଯାଉଛି। ସେହିପରି ଶ୍ରଦ୍ଧାଳୁଙ୍କ ସ୍ୱଚ୍ଛନ୍ଦ

● ଟନେଲର ଲମ୍ବ ୮୪ ମିଟର ଓ ପ୍ରସ୍ଥ ୧୨ ମିଟର ରହିବ

ଦର୍ଶନ ଲାଗି ଆଉ ଏକ ପଦକ୍ଷେପ ନେଉଛନ୍ତି ସରକାର। ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କର ଆଉ ଖରା, ବର୍ଷାକୁ ଭୟ ରହିବ ନାହିଁ। ସେମାନେ ଶୀତତାପ ନିୟନ୍ତ୍ରିତ ସେଡ୍ ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବେ। ନୂଆବର୍ଷରୁ ଭକ୍ତ ପାଇବେ ନୂଆ ଅନୁଭୂତି। ଏଥିପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା।

ବୁଧବାର ଶୀତତାପ ନିୟନ୍ତ୍ରିତ ସେଡ୍ ନିର୍ମାଣ ଲାଗି ଲ୍ୟାଣ୍ଡ ସର୍ଭେ କରାଯାଇଛି। ଡିଜାଇନ୍ ଅନୁସାରେ ଏହି ଏସି ଟନେଲର ଲମ୍ବ ୮୪ ମିଟର ଏବଂ ପ୍ରସ୍ଥ ୧୨ମିଟର ରହିବ। ଏହା ମଧ୍ୟରେ ୯/୧୦ଟି ଧାଡ଼ି (ଷ୍ଟିଲ ବ୍ୟାରିକେଡ୍) ରହିବ। ମରୀଚିକୋଟ ଛକରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ସେଡ୍ ବଡ଼ଦାଣ୍ଡର ଡାହାଣ ପାର୍ଶ୍ୱ ଅର୍ଥାତ୍ ଶ୍ରୀକୃଷ୍ଣ ସିନେମା ହଲ୍ ପାର୍ଶ୍ୱରେ ନିର୍ମାଣ କରାଯିବ। ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ପକ୍ଷରୁ ଏନେଇ ଠିକାସଂସ୍ଥା ଦ୍ୱାରା ବୁଧବାର ସର୍ଭେ କରାଯାଇଛି। ୮୪ ମିଟର ଲମ୍ବ ଏହି ସେଡ୍‌ରେ ୧୫ଟି ଖୁଣ୍ଟି ଓ ଏହା ସମ୍ପୂର୍ଣ୍ଣ ଆଚ୍ଛାଦିତ ରହିବ। ଭକ୍ତଙ୍କ ଯିବା ପାଇଁ ଏହା ମଧ୍ୟରେ ଷ୍ଟିଲ୍ ବ୍ୟାରିକେଡ୍, ବସିବା ପାଇଁ ସୁବିଧା କରାଯାଉଛି।

## ସୀମାଶୁଳ୍କ ବିଭାଗର ଚାଞ୍ଚଲ୍ୟକର ବୟାନ

# 'ଜବତ କୋକେନ୍‌ର ମୂଲ୍ୟ ୧୮୦୦ କୋଟି'

**ପାରାଦୀପ,୬।୧୨(ସମିସ):** ପାରାଦୀପ ବନ୍ଦରରେ ଲାଗିଥିବା ଏକ ବିଦେଶୀ ଜାହାଜରୁ ଜବତ ୨୨ ପ୍ୟାକେଟ୍ କୋକେନ୍‌ର ମୂଲ୍ୟ ୨୨୦



କୋଟି ନୁହେଁ, ବରଂ ୧୮୦୦ କୋଟି ଟଙ୍କାର ହେବ ବୋଲି ସୀମାଶୁଳ୍କ (କଷ୍ଟମ୍‌ସ) ବିଭାଗ ଦାବି କରିଛି। ତେବେ ଫରେନ୍‌ସିକ୍ ଲ୍ୟାବ୍‌ରେ ଉପଯୁକ୍ତ ଭାବେ ପରୀକ୍ଷା ହେବା ପରେ ସେ ସଂପର୍କରେ ବେଶି କିଛି କହିହେବ ବୋଲି ଅଧିକାରୀମାନେ କହିଛନ୍ତି। ଅପରପକ୍ଷେ ଜବତ କୋକେନ୍‌କୁ ବୁଧବାର କୁଜଙ୍ଗ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଦାଖଲ କରାଯାଇଛି। ଏହି କୋକେନ୍‌ର ନମୁନା ଫରେନ୍‌ସିକ୍ ଲ୍ୟାବ୍‌କୁ ପଠାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

■ ୨୨ଟି ପ୍ୟାକେଟ୍‌ରୁ ୫ ଗ୍ରାମ୍ ଲେଖାଏଁ କଢ଼ାଗଲା

■ କୋର୍ଟରେ ଦାଖଲ ହେବା ପରେ ପରୀକ୍ଷା ପାଇଁ ଗଲା ନମୁନା

କୋର୍ଟଙ୍କ ନିର୍ଦ୍ଦେଶାନୁସାରେ, ଜବତ ହୋଇଥିବା ୨୨ ପ୍ୟାକେଟ୍‌ରୁ ୫ ଗ୍ରାମ୍ ଲେଖାଏଁ କଢ଼ାଯାଇଛି। ଅବଶିଷ୍ଟ କୋକେନ୍‌କୁ ସିଲ୍ କରାଯାଇ ସୀମାଶୁଳ୍କ (କଷ୍ଟମ୍ସ) ବିଭାଗ ଜିମାରେ ରଖାଯାଇଛି। ପରବର୍ତ୍ତୀ ବିଚାର ସମୟରେ କୋର୍ଟରେ ଏହା ଦାଖଲ ହେବ। ତେବେ ରାଜ୍ୟରେ ପ୍ରଥମଥର ପାଇଁ ଏତେ ବଡ଼ ଆକାରରେ କୋକେନ୍ ଜବତ ହେବାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ଏନେଇ କୌଣସି ମାମଲା ରୁଜୁ କରାନଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତଦନ୍ତ ବାଟବଣା ହେବା ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି।

ଅପରପକ୍ଷେ, ଏହି ଘଟଣାର ସବିଶେଷ ତଦନ୍ତ ପାଇଁ ଦିଲ୍ଲୀରୁ ଆସିଥିବା ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ୨ ଅଧିକାରୀ ପାରାଦୀପରେ ଡେରା ପକାଇଛନ୍ତି। ସେମାନେ ଜାହାଜର ସଦସ୍ୟମାନଙ୍କୁ ଏନେଇ ଜେରା କରୁଛନ୍ତି। କିନ୍ତୁ ଭିଏତ୍‌ନାମର ଏହି ନାଗରିକମାନେ ଇଂରାଜୀ କହି କିମ୍ବା ବୁଝି ପାରୁ ନଥିବାରୁ ସେମାନଙ୍କୁ ଜେରା କରିବା ଏନ୍‌ସିବି ପାଇଁ କାଠିକର ପାଠ ହୋଇଛି। ତେଣୁ ସେମାନଙ୍କ ଭାଷା ବୁଝିବା ପାଇଁ ଏନ୍‌ସିବି ପକ୍ଷରୁ ଦୁଇଜଣ ଅନୁବାଦକ(ଟ୍ରାନ୍ସଲେଟର୍)ଙ୍କୁ ନିଯୁକ୍ତ କରାଯିବ ବୋଲି ସୂଚନା ମିଳିଛି।

# ପ୍ରହସନ ପାଲଟିଛି ପଲିଥିନ୍ ବର୍ଜନ ଘୋଷଣା

## ସବୁଠି ଚାଲିଛି ଖୋଲା ବ୍ୟବହାର, କାର୍ଯ୍ୟାନୁଷ୍ଠାନ ଶୂନ





**ରାଉରକେଲା, ୬ ।୧୨(ସମିସ):**

ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଥିବା ପଲିଥିନ୍‌କୁ ବର୍ଜନ କରିବା ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ଆଇନ ପ୍ରଣୟନ ହୋଇଛି । ଏହାକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ମଧ୍ୟ ରହିଛି । ତେବେ ରାଉରକେଲା ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ପାଇଁ ଚା', ପାନ ଦୋକାନଠାରୁ ଆରମ୍ଭ କରି ବଡ଼ ହୋଟେଲ୍ ସମେତ ବଜାର ହାଟ ସବୁଠି ପଲିଥିନ୍‌ର ଖୋଲା ବ୍ୟବହାର କରାଯାଉଛି । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଘୋର୍ ଉଦ୍‌ବେଗ ପ୍ରକାଶ ପାଇଛି ।

ପଲିଥିନ ଏକଦା ମଣିଷ ସମାଜ ପାଇଁ ଆଶୀର୍ବାଦ ପାଲଟିଥିଲା । ଏବେ କିଛି ଦଶନ୍ଧି ଧରି ଏହା ଅଭିଶାପ ହୋଇଛି । ଏହାର ବହୁଳ ବ୍ୟବହାର ପରିବେଶକୁ ପ୍ରଦୂଷିତ କରୁଛି । ମୃତ୍ତିକାର ଉର୍ବରତା ମଧ୍ୟ ନଷ୍ଟ ହେଉଛି । ଏହାକୁ ଦୃଷ୍ଟିରେ ରଖି ସରକାର ୨୦୧୯ ଗାନ୍ଧୀ ଜୟନ୍ତୀଠାରୁ ରାଜ୍ୟକୁ ପଲିଥିନମୁକ୍ତ ପାଇଁ ନିଷ୍ପତ୍ତି ନେଇଥିଲେ । ମାତ୍ର ଏହି ନିଷ୍ପତ୍ତି କେବଳ ଫାଇଲର ନାଲିଫିତା ତଳେ ରହିଯାଇଛି । ଦିନକୁ ଦିନ ରାଉରକେଲା ସହରରେ ଜନସଂଖ୍ୟା ବୃଦ୍ଧି ପାଉଛି । ସେହି ତୁଳନାରେ ସହରରେ ଘରଦ୍ୱାର, କୋଠାବାଡ଼ି ବଢୁଛି । ପଲିଥିନ ବ୍ୟବହାର ମଧ୍ୟ ବୃଦ୍ଧି ପାଇଛି । ସୁତରାଂ ରାଉରକେଲା ସହରର ମୁଖ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ପଲିଥିନ ଆବର୍ଜନା ସହରବାସୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏହାର ବ୍ୟବହାରକୁ ରୋକିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କିମ୍ବା ଆରଏମସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ରାଉରକେଲା ସହରରେ ପ୍ରତି ମାସ ଟନ ଟନ ପଲିଥିନ ବ୍ୟାଗ୍ ବର୍ଜ୍ୟବସ୍ତୁ ଆକାରରେ ବାହାରୁଛି । ସହରର ପ୍ରତ୍ୟେକ ସ୍ଥାନରେ ପଲିଥିନ ପଡ଼ିଥିବା ପରିଲକ୍ଷିତ ହୋଇଛି । ଖାଦ୍ୟ ଅନ୍ୱେଷଣରେ ଆସିଥିବା ଗାଈଗୋରୁ ତାହାକୁ ଖାଉଛନ୍ତି । ପରବର୍ତ୍ତୀ ସମୟରେ ହଜମ ପ୍ରକ୍ରିୟା ଜନିତ ରୋଗର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ପ୍ରତିବର୍ଷ ରାଉରକେଲା ସହରରେ ଯେତେ ବୁଲା ଗୋରୁଙ୍କ ମୃତ୍ୟୁ ହେଉଛି, ସେଥିମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ମୃତ୍ୟୁ ପଛରେ ଏହି ପଲିଥିନ ବ୍ୟାଗ ଦାୟୀ ବୋଲି ଜଣାପଡ଼ିଛି ।

କେବଳ ଏତିକିରେ ଅଟକିନି ସମସ୍ୟା । ଖୋଲା ଅଳିଆ ଗଦାରେ ପଡୁଥିବା ଆବର୍ଜନାରେ କେହି ନିଆଁ ଲଗାଇ ଦେଉଛି । ଅଥବା ମାର୍କେଟ ଅଞ୍ଚଳରେ ଗଦା ଆବର୍ଜନାରେ ନିଆଁ ଲଗାଇ ନଷ୍ଟ କରାଯାଉଛି । ସେଥିରେ ଥିବା ପଲିଥିନ ମଧ୍ୟ ଜଳୁଛି । ସେଥିରୁ ନିର୍ଗତ ଧୂଆଁ ଯେ କେବଳ ବାୟୁ ପ୍ରଦୂଷଣ କରୁନି, ବରଂ ଏହା ନିଃଶ୍ୱାସ ଆକାରରେ ମଣିଷ ଶରୀରରେ ପ୍ରବେଶ କରି କ୍ୟାନ୍ସର ଭଳି ମାରାତ୍ମକ ରୋଗର କାରଣ ପାଲୁଟୁଛି । ସାଧାରଣତଃ ୪୦ରୁ ୫୦ ମାଇକ୍ରନ୍ ମୋଟେଇ ପଲିଥିନ ବ୍ୟାଗ ବ୍ୟବହାର କରିବା ନିୟମ ରହିଛି । ଏହି ନିୟମକୁ ରାଉରକେଲା ସହରରେ ଅବମାନନା କରାଯାଉଛି । ବିଶେଷକରି ବଜାରରେ ଯେଉଁ କଳା ପଲିଥିନ ମିଳୁଛି ତାହା ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ । ଏହାର ବ୍ୟବହାରକୁ ଭାରତ ସରକାର ବେଆଇନ୍ ଘୋଷଣା କରିଛନ୍ତି । ମାତ୍ର ରାଉରକେଲା ସହରରେ ସମସ୍ତ ମାଂସ, ମାଛ ଦୋକାନ, ଫଳ ଠେଲା ସମେତ ହୋଟେଲ୍, ରେଷ୍ଟୁରାଣ୍ଟ, ରାସନ ଦୋକାନ, ମନ୍ଦିରରେ ଏହି ପଲିଥିନ ବ୍ୟାଗର ବହୁଳ ବ୍ୟବହାର କରାଯାଉଛି । ଯେଉଁମାନେ ଏହି ପଲିଥିନ ବିକ୍ରି କରୁଛନ୍ତି, ସେମାନଙ୍କ ଉପରେ କୌଣସି କଟକଣା ରହୁନି । କେବଳ ଏତିକି ନୁହେଁ ଚା' ଦୋକାନଠାରୁ ଆରମ୍ଭ କରି ପାନ ଦୋକାନ ପର୍ଯ୍ୟନ୍ତ ସବୁଠି ପଲିଥିନ ବ୍ୟବହାର କରାଯାଉଛି । ମାତ୍ର ଏହି ନିୟମକୁ କେହି ବି ମାନୁନାହାନ୍ତି । ସେହିଭଳି ପନିପରିବା ଦୋକାନରୁ ଆରମ୍ଭ କରି ଅଧିକାଂଶ ବଡ଼ ହୋଟେଲ୍ ପର୍ଯ୍ୟନ୍ତ ସବୁଠି ପଲିଥିନ୍‌ର ଅବାଧ ବ୍ୟବହାର ହେଉଛି ।

ଏହି ପଲିଥିନ ବ୍ୟବହାର ବେଆଇନ ଘୋଷଣା ହେବା ପରେ କିଛି ଦିନ ଦୋକାନୀମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା । ଚଢ଼ଉ ମଧ୍ୟ ଜାରି ରହିଥିଲା । ଏହି ଭୟରେ କିଛି ଦୋକାନୀ ମାଟିରେ ନଷ୍ଟ ହୋଇ ପାରୁଥିବା କ୍ୟାରି ବ୍ୟାଗ ବ୍ୟବହାର କରୁଥିଲେ । ମାତ୍ର ଏବେ ପୂର୍ବ ଭଳି ଏହି ପଲିଥିନ ବ୍ୟବହାର କରୁଛନ୍ତି । ଏହି ଦିଗ ପ୍ରତି ଆରଏମସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ



**ରାଉରକେଲା, ୬ ।୧୨(ସମିସ):** ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଏହାର ସିଏସ୍‌ଆର୍ ପଦକ୍ଷେପ ଅନୁଯାୟୀ ସୋମବାର ଆର୍ଟିଫିସିଆଲ୍ ଲିମ୍ବ ଉତ୍ପାଦନ ନିଗମ (ଆଲିମକୋ) ସହିତ ମିଳିତ ଭାବରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ୨୦୦ରୁ ଅଧିକ ପ୍ରୋଥେଟିକ୍ ଏବଂ ସହାୟକ ଉପକରଣ ବଣ୍ଟନ କରାଯାଇଛି । କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଏକ ଶିବିରରେ ଆର୍‌ଏସ୍‌ପିର କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସହର ଓ ପ୍ରଶାସନ ଓ ସିଏସଆର ବିଭାଗ ସିଜିଏମ ପ୍ରତାପ କୁମାର ସ୍ୱାଇଁ, କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବଡ଼ାଇକ, ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରକେଟା, ଆଲିମକୋ ଭୁବନେଶ୍ୱରର ସିନିୟର ମ୍ୟାନେଜର ଏବଂ ୟୁନିଟ ମୁଖ୍ୟ ଏଭି ଅଶୋକ କୁମାର, ଆରଏସପି ସିଏସ୍‌ଆର୍ ବିଭାଗ ଜିଏମ ମୁନମୁନ୍ ମିତ୍ରଙ୍କ ସମେତ ଆଲିମକୋ ଏବଂ ବ୍ଲକ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ୧୬୫ ଜଣ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ଅନ୍ୟାନ୍ୟ ସହାୟକ ଉପକରଣ ବ୍ୟତୀତ ବ୍ୟାଟେରୀ ଚାଳିତ ମୋଟରାଇଜଡ୍ ଟ୍ରାଇସାଇକଲ୍, ହ୍ୟାଣ୍ଡ ପ୍ରୋପେଲ୍ଡ ଟ୍ରାଇସାଇକଲ୍, ହ୍ୱିଲ୍ ଚେୟାର, ଶ୍ରବଣ ଉପକରଣ, ସ୍ମାର୍ଟ/ ସୁଗମ୍ୟ କେନ୍, ସ୍ମାର୍ଟ ଫୋନ୍, କ୍ରଚ୍ ଆକ୍ସିଲା ଅତିଥିମାନେ ବଣ୍ଟନ କରିଥିଲେ ।

ଏହି ଅବସରରେ ମିଶ୍ର ଆରଏସପି ସିଏସଆର ବିଭାଗର ଉଦ୍ୟମକୁ ପ୍ରଶଂସା କରିଥିଲେ । ଏହା ପାର୍ଶ୍ୱାଞ୍ଚଳ ଲୋକଙ୍କ ସାମଗ୍ରିକ ଅଭିବୃଦ୍ଧି ପାଇଁ ଅମୂଲ୍ୟ ସେବା ପ୍ରଦାନ କରିଆସୁଛି । ଏହି ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ସହାୟତା ଯୋଗାଇ ଦେଇଥିବାରୁ ସେ ଆଲିମକୋ ସହିତ ସ୍ଥାନୀୟ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ସିଏସ୍‌ଆର୍ ବିଭାଗ ଜିଏମ୍ ମୁନମୁନ୍ ମିତ୍ର ସ୍ୱାଗତ ଭାଷଣ ଦେବା ସହ ପ୍ରକଳ୍ପ ବିଷୟରେ ସଂକ୍ଷିପ୍ତ ଉପସ୍ଥାପନା କରିଥିଲେ । ପାନପୋଷର ବରିଷ୍ଠ ସାମାଜିକ ସୁରକ୍ଷା ଅଧିକାରୀ କୌଶଲ୍ୟା ତାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଆରଏସପିର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ବରସୁଆଁ ଆଇରନ୍ ମାଇନ୍ସ ଦ୍ୱାରା କୋଇଡ଼ା ବ୍ଲକ କାର୍ଯ୍ୟାଳୟରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କୋଇଡ଼ା ବିଡିଓ ରଶ୍ମିରେଖା ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ୫୯ ଜଣ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ୧୨୯ଟି ସହାୟକ ଉପକରଣ ବଣ୍ଟନ କରିଥିଲେ । କୋଇଡ଼ା ତହସିଲଦାର ଏକେ ଆଚାର୍ଯ୍ୟ, ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଉପସଭାପତି କମଳ ଲାକ୍ରା, କୋଇଡ଼ା ବ୍ଲକ ଅଧ୍ୟକ୍ଷ ସୁରେଶ ନାୟକ, ଜିଏମ୍ ପର୍ସନାଲ-ମାଇନ୍ସ ଏନସି ପଣ୍ଡା ଏବଂ ବଲାଣି ଆଇରନ୍ ମାଇନ୍ସର ଅନ୍ୟ ବରିଷ୍ଠ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସୂଚନାଯୋଗ୍ୟ, ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିଙ୍କୁ ସାହାଯ୍ୟ ଓ ସହାୟକ ଉପକରଣ ବଣ୍ଟନ ପାଇଁ ଆରଏସପି ଆଲିମକୋ ସହ ଏମଓୟୁ ସ୍ୱାକ୍ଷର କରିଛି । ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଆରଏସପି ୧ କୋଟି ୭ ଲକ୍ଷ ଟଙ୍କା ଖର୍ଚ୍ଚ କରିବ ବୋଲି ସୂଚନା ଦିଆଯାଇଛି ।

# ଆର୍‌ଏସ୍‌ପି କର୍ମିମିତ୍ର ଆପ୍‌ରେ ଟାଉନ କମ୍ପ୍ଲେନ ସିଷ୍ଟମ ଉଦ୍‌ଘାଟିତ



**ରାଉରକେଲା, ୬ ।୧୨(ସମିସ):** କର୍ମଚାରୀମାନଙ୍କ ସୁବିଧା ନିମନ୍ତେ ସେଲ୍‌ଫ ଆରଏସପିର କର୍ମିମିତ୍ର ଆପରେ ଟାଉନ କମ୍ପ୍ଲେନ ସିଷ୍ଟମ (ଏକ ଅତିରିକ୍ତ ସୁବିଧା)କୁ ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ସମାଧାନ ସମ୍ମେଳନ କକ୍ଷରେ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସି ଆଣ୍ଡ ଆଇଟି ବିଭାଗ ସିଜିଏମ୍ କୌଶିକ ସେନଗୁପ୍ତା, କାର୍ମିକ ଓ ପ୍ରଶାସନ ବିଭାଗ ସିଜିଏମ୍ ବୀରେନ୍ଦ୍ର କୁଲୁ, ଟିଏ ଏବଂ ସିଏ ବିଭାଗ ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ ଏବଂ ଟାଉନ ଓ ପର୍ସନେଲ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ପର୍ସନେଲ ଓଡି ବିଭାଗ ଜିଏମ୍ ଏସ. ବଡ଼ପଣ୍ଡା, ସି ଆଣ୍ଡ ଆଇଟି ବିଭାଗ ଏଜିଏମ୍ ଭିପି ଆରୟାଙ୍କ ସହାୟତାରେ ଉକ୍ତ ଆପ୍‌ର ବିକାଶ ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ନୂତନ ସୁବିଧା ବିଷୟରେ ସୂଚନା ଦେଇଥିଲେ । ବିଭିନ୍ନ ପ୍ରକାରର ଅଭିଯୋଗ, ଅଭିଯୋଗର ଅପଡେଟ୍ ସ୍ଥିତିର ଦୃଶ୍ୟମାନତା, ସ୍ଥାନ ଅନୁଯାୟୀ ଅଭିଯୋଗ ଏବଂ ଟାଉନ ଇଞ୍ଜିନିୟରିଂ ମ୍ୟାନେଜର ଓ ବିଭିନ୍ନ ଡ୍ୟାସବୋର୍ଡ ପାଇଁ ଅଭିଯୋଗର ସମାଧାନ ନିମନ୍ତେ ଆପ୍‌ରେ ଷ୍ଟାଟସ୍ ଅପଡେଟ୍ ପ୍ରଦାନ, କାଟାଗୋରି ଓ ସବ୍ କାଟାଗୋରି ଅଭିଯୋଗ ଲଜିଂ ବ୍ୟବସ୍ଥା ଆଦି ନୂତନ ସୁବିଧାଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ରହିଛି । ଉଲ୍ଲେଖଯୋଗ୍ୟ, ପୂର୍ବରୁ କର୍ମଚାରୀମାନେ ସେମାନଙ୍କ କ୍ୱାର୍ଟର୍ସ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ସକାଳ ୯ଟାରୁ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ଉପଲବ୍ଧ ଟୋଲ୍ ଫ୍ରି ନମ୍ବର ମାଧ୍ୟମରେ ଦାଖଲ କରିଥାଆନ୍ତି ଓ କାର୍ଯ୍ୟ ସମାପ୍ତି ପରେ ସେମାନେ ଅଭିଯୋଗ ବିଷୟରେ ମତାମତ ପାଇଥାଆନ୍ତି । ତେବେ ବର୍ତ୍ତମାନ କର୍ମିମିତ୍ର ଆପ୍‌ର ନୂତନ ବ୍ୟବସ୍ଥା ଅନୁଯାୟୀ କର୍ମଚାରୀମାନେ ଦିନରାତି ଅଭିଯୋଗ ଦାଖଲ କରିପାରିବେ ଏବଂ ଟାଉନ ଇଞ୍ଜିନିୟରିଂ ବିଭାଗ ଦ୍ୱାରା ସମସ୍ତ ଷ୍ଟାଟସ୍ ଫିଡ୍ ଦେଖିପାରିବେ । ଏହି ନୂତନ ବ୍ୟବସ୍ଥା ଯୋଗୁଁ ସିନିୟର ମ୍ୟାନେଜମେଣ୍ଟ, ମାଉସ୍‌ର ଗୋଟିଏ କ୍ଲିକରେ ସମସ୍ତ ଅଭିଯୋଗର ସ୍ଥିତି ଜାଣିପାରିବେ ଯାହା ଅଭିଯୋଗଗୁଡ଼ିକର ଉତ୍ତମ ମନିଟରିଂରେ ସାହାଯ୍ୟ କରିବ । ଏହି ପରିପ୍ରେକ୍ଷୀରେ କାର୍ମିକ ବିଭାଗ ପକ୍ଷରୁ ଏକ ସର୍କୁଲାର ଜାରି କରାଯାଇଅଛି । ଏହି କାର୍ଯ୍ୟକ୍ରମକୁ ଏସ. ବଡ଼ପଣ୍ଡା ସଂଯୋଜନା କରିଥିଲେ ।

# ନୂଆ ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ




**ରାଉରକେଲା, ୬ ।୧୨(ସମିସ):** ରାଜ୍ୟ ସରକାରଙ୍କ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମ୍ୟୁନିସିପାଲ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରତି ପ୍ରତିବଦ୍ଧତା, ସାମାଜିକ ଦାୟିତ୍ୱବୋଧ, ନିଜ ଉପରେ ବିଶ୍ୱାସ, ସମୟାନୁବର୍ତ୍ତିତା ତଥା ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ପରେଶ ଚନ୍ଦ୍ର ପ୍ରଧାନ, ପ୍ରସାଦ କୁମାର ପାତ୍ର ଓ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦାବିନ୍ଦର କୌର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ନୂଆ ଓ' କାର୍ଯ୍ୟକ୍ରମର ନୋଡାଲ ଅଫିସର ବିଜୟ କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଡ. ମିଶ୍ର ସ୍ୱାଗତ ଭାଷଣରେ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସହାୟକ ହୋଇପାରିବ ବୋଲି କହିଥିଲେ । ଏହା ରାଜ୍ୟ ସରକାରଙ୍କ ଏକ ସୁନ୍ଦର କାର୍ଯ୍ୟକ୍ରମ ବୋଲି ସେ ମତ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମର ସଦସ୍ୟା ଅଧ୍ୟାପିକା ପ୍ରିୟଙ୍କା ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

ଦ୍ୱିତୀୟ ପର୍ଯ୍ୟାୟରେ ସାମାଜିକ କାର୍ଯ୍ୟକ୍ରମର ଉଦ୍ୟୋକ୍ତା ଆକାଶ ଚନ୍ଦ୍ର ଦାସଙ୍କ ସଂଯୋଜନାରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ସାଂସ୍କୃତିକ, କ୍ରୀଡ଼ା ଓ ସାମାଜିକ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ୩ଦିନିଆ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନ ଯୁକ୍ତ ୨ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବେଳେ ଗୁରୁବାର ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ମହାବିଦ୍ୟାଳୟ ତରଫରୁ ଉଭୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ରଚନା, କବିତା ପାଠ, ଗଳ୍ପ ପଠନ, ରୋଷେଇ, ଆର୍ଟ ପ୍ରଦର୍ଶନୀ, ମେହେନ୍ଦି, ରଙ୍ଗୋଲି, ଚିତ୍ରାଙ୍କନ, କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତି, ଅନ୍ତାକ୍ଷରୀ, ସାମୂହିକ ଆଲୋଚନା, ସଙ୍ଗୀତ, ନୃତ୍ୟ, ସାମାଜିକ କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ଅଭିଯାନ, ସ୍ୱଚ୍ଛତା, ସଚେତନତା କାର୍ଯ୍ୟକ୍ରମ ଓ କ୍ରୀଡ଼ାରେ କବାଡ଼ି, ଫୁଟବଲ, କ୍ରିକେଟ, ଖୋ ଖୋ, ବ୍ୟାଡ୍‌ମିଣ୍ଟନ, ହକି ଓ ଦୌଡ଼କୁଦ ଆଦି ପ୍ରତିଯୋଗିତା କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସଞ୍ଜୁକ୍ତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବିବାଦୀୟ ବିଦ୍ୟୁତ୍ ବିଲ୍‌ଗୁଡ଼ିକର ସମାଧାନ ହେବ

**ରାଉରକେଲା, ୬ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରହିଥିବା ବିବାଦୀୟ ବିଦ୍ୟୁତ୍ ବିଲ୍‌ର ଫଇସଲା କରି ଦେୟ ପୈଠ କରିବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ତରଫରୁ ଡିସେମ୍ବର ମାସରେ ହେବାକୁ ଥିବା ବିଶେଷ ଅଭିଯୋଗ ଶୁଣାଣି କ୍ୟାମ୍ପ ଟିପିଡବ୍ଲ୍ୟୁଓଡିଏଲ୍ ରାଉରକେଲା ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜନ ହେବ । ଏଣୁ ଉପଭୋକ୍ତାମାନେ ଉକ୍ତ କ୍ୟାମ୍ପରେ ଉପସ୍ଥିତ ରହି ନିଜ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ବୋଲି ବୁର୍ଲା ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କର୍ପୋରେଟ ଯୋଗାଯୋଗ ଅଧିକାରୀ ସୂଚନା ଦେଇଛନ୍ତି । ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାର ବାସନ୍ତୀ କଲୋନୀ ପାଇଁ ୫ ତାରିଖ, କଲୁଙ୍ଗା ଅଞ୍ଚଳ ପାଇଁ ୬ ତାରିଖ, ମେନ୍ ରୋଡ ଏବଂ ବିଶ୍ରା ରୋଡ ପାଇଁ ୭ ତାରିଖ, ସୁନ୍ଦରଗଡ଼ ପାଇଁ ୮ ତାରିଖ, କୋଏଲନଗର ପାଇଁ ୧୧ ତାରିଖ, ଲାଠିକଟା ଅଞ୍ଚଳ ପାଇଁ ୧୨ ତାରିଖ, ରାଜଗାଙ୍ଗପୁର-୧ ପାଇଁ ୧୩ ତାରିଖ, ଛେଣ୍ଡ ଏବଂ କଳିଙ୍ଗବିହାର ପାଇଁ ୧୪ ତାରିଖ, ବିଶ୍ରା ଏବଂ ବନ୍ଧମୁଣ୍ଡା ପାଇଁ ୧୫ ତାରିଖ, ମଧୁସୂଦନପାଲି ପାଇଁ ୧୬ ତାରିଖ, ସିଭିଲ୍ ଟାଉନସିପ୍ ଓ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ପାଇଁ ୧୮ ତାରିଖ, ଉଜ୍ଜ୍ୱଳପୁର ପାଇଁ ୧୯ ତାରିଖ, ରାଜଗାଙ୍ଗପୁର-୨ ପାଇଁ ୨୦ ତାରିଖ, ପାନପୋଷ ପାଇଁ ୨୧ ତାରିଖ ଏବଂ ବଣେଇ ଠାରେ ୨୨ ତାରିଖରେ ଏହି କ୍ୟାମ୍ପ ଅନୁଷ୍ଠିତ ହେବ । ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଉପରୋକ୍ତ ତାରିଖ ଅନୁଯାୟୀ ନିକଟସ୍ଥ ସବ୍‌ଡିଭିଜନ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଜ ସମସ୍ୟା ସମାଧାନ କରାଇନେବାକୁ ଅନୁରୋଧ କରାଯାଇଛି ।




ଜଙ୍ଗଲ ଆମର ଜାତୀୟ ସମ୍ପତି, ଏହାର ସୁରକ୍ଷା ଏବଂ ରକ୍ଷଣାବବକ୍ଷଣ ଦାୟିତ୍ୱ ଆମ ସମସ୍ତଙ୍କର । ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ଓ ପରିବବଶ ସୁରକ୍ଷା, ବନାଗ୍ନି ପ୍ରତିରୋଧ ଏବଂ ବନ୍ୟଜନ୍ତୁମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ଆସନ୍ତୁ ଆମେ ସମସ୍ତେ ଶପଥ ନେବା । ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବୃକ୍ଷ ରୋପଣକୁ ନିଜର ବ୍ରତ ଭାବେ ଗ୍ରହଣ କରି ଏକ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ପରିବେଶ ଗଠନ ନିମନ୍ତେ ସହାୟ ହେବା ।

**ପ୍ରଦୀପ ମିରାଶେ,** ଆଇ.ଏଫ୍.ଏସ୍
ବନଖଣ୍ଡ ଅଧିକାରୀ
ସୁନ୍ଦରଗଡ଼ ବନଖଣ୍ଡ


● ୬୧ ତମ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀ ପ୍ରତିଷ୍ଠା ଦିବସ

# 'ଗୃହରକ୍ଷୀ ବାହିନୀର ସେବା ପ୍ରଶଂସନୀୟ: ଡିଆଇଜି



**ରାଉରକେଲା, ୬ ।୧୨(ସମିସ):**

ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ୬୧ତମ ପ୍ରତିଷ୍ଠା ଦିବସ ବୁଧବାର ସ୍ଥାନୀୟ ପୁଲିସ ରିଜର୍ଭ ପଡ଼ିଆରେ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ନିତି ଶେଖର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଅବସରରେ ଅନୁଷ୍ଠିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସେ କହିଲେ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ସଦସ୍ୟମାନେ ଆଭ୍ୟନ୍ତରୀଣ ନିରାପତ୍ତା ଓ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପ୍ରଦାନ କରି ଆସୁଛନ୍ତି । ଆଇନଶୃଙ୍ଖଳା ପରିସ୍ଥିତି, ଭିଡ଼ ନିୟନ୍ତ୍ରଣ, ଅନ୍ୟ କାର୍ଯ୍ୟରେ ଗୃହରକ୍ଷୀ ବାହିନୀ ପ୍ରଦାନ କରୁଥିବା ସେବା ଅତ୍ୟନ୍ତ ପ୍ରଶଂସନୀୟ । ପ୍ରାକୃତିକ ଦୁର୍ବିପାକ ସମୟରେ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ଏହାସହ ଗୃହରକ୍ଷୀ ପ୍ରତିଷ୍ଠା ଦିବସରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ମଧ୍ୟ ପାଠ କରିଥିଲେ ।

ଚଳିତବର୍ଷ ଜିଲ୍ଲାରେ ଅତି ଉତ୍କର୍ଷ ଓ ଉତ୍ତମ ସେବା ପୁରସ୍କାର ପାଇଁ ଶ୍ରେଷ୍ଠ ବିବେଚିତ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀର ସଦସ୍ୟଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ବେସାମରିକ ବାହିନୀ ଦ୍ୱାରା ଆୟୋଜିତ ଓଡ଼ିଆ ଓ ଇଂରାଜୀ ରଚନା ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଡିଆଇଜି ପୁରସ୍କୃତ କରିଥିଲେ । ଶେଷରେ ଆକସ୍ମିକ ବିସ୍ଫୋରଣ ହେଲେ କିପରି ଉଦ୍ଧାର କାର୍ଯ୍ୟ କରାଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବା ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଅଗ୍ନିଶମ ବାହିନୀ ଘରପୋଡ଼ି, ତରଳ ଇନ୍ଧନ ଓ ଗ୍ୟାସ୍ ଜନିତ ଅଗ୍ନିକାଣ୍ଡର ଅତ୍ୟାଧୁନିକ ଯନ୍ତ୍ରପାତି ସହାୟତାରେ କିଭଳି ମୁକାବିଲା କରାଯାଏ ତାହାର ଡେମୋ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ତଥା ବେସାମରିକ ବାହିନୀର ଅତିରିକ୍ତ ନିୟନ୍ତ୍ରକ ଡା. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ତଥା ଗୃହରକ୍ଷୀ କମାଣ୍ଡାଣ୍ଟ ମିତ୍ରଭାନୁ ମହାପାତ୍ରଙ୍କ ସମେତ ସମସ୍ତ ଥାନା ଅଧିକାରୀ, ଗୃହରକ୍ଷୀ ବାହିନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।


*With best compliments from:*

Gram: Marketing Society
C.S.T. No.-RLC/II/R 828, Dt. 10-11-66
O.S.T No.-RL/II/R 66. Dt. 21-6-57
TIN No. 21022003280

S.T.D: 06622
Phone: 272282

**The Sundargarh Regional Co-Op. Marketing Society Ltd.**
**Sundargarh-770001 (Odisha)**
**Regd. No. 133/SG-DT-22.9.56**

**Deals in:** Chemical Fertilisers, Paddy, Pesticides, Cement, Agricultural Implements, Asbestos, GCI Sheet & Owners of Rice Mill & Truck-OR-16-4258, OR-16-7258 & OR-16-A-0158, Marsal OR-15E-6458



**Bimal Kumar Patel**
President



**Kitro Pradhan**
Secretary

# ଗୋଆରୁ ଫେରୁଥିବା ବେଳେ ଟ୍ରେନ୍‌ରୁ ଖସି ମୃତ୍ୟୁ

## ବିଜୟୱାଡାରୁ ଶବ ଆଣିବା ପାଇଁ ଜିଲ୍ଲାପାଳଙ୍କୁ ଆକୁଳ ନିବେଦନ

ସୁନ୍ଦରଗଡ଼, ୬ ।୧୨(ସମିସ)



ରୋଜଗାର ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ହେଲେ ଟଙ୍କା ପଇସା ଧରି ଘରକୁ ଫେରିବା ପରିବର୍ତ୍ତେ ଶବ ହୋଇ ଫେରୁଛନ୍ତି। ଏତିକିରେ ଦୁଃଖ ସରୁ ନାହିଁ, ଶବ ନିଜ ଭିଟାମାଟିକୁ ଆଣି ସତ୍କାର କରିବାକୁ ଗରିବ ପରିବାର ବର୍ଗଙ୍କୁ ବାରଦୁଆର ହୋଇ କାକୁତି ମିନତି ହେବାକୁ ପଡୁଛି। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ଏପରି ଅଭାବନୀୟ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦାଦନ ଶ୍ରମିକଙ୍କ ଏହି ଦୁର୍ଦ୍ଦଶାର କାହାଣୀରେ ସମ୍ପ୍ରତି ଆଉ ଏକ ଫର୍ଦ୍ଦ ଯୋଡ଼ିହୋଇଛି।

କିଞ୍ଜିରକେଲା ଥାନା ଅନ୍ତର୍ଗତ କୁକୁରିଡିହି ଗାଁର ସୁରେଶ ଲାରଙ୍ଗଙ୍କ ଛଅ ଜଣ ଛୋଟ ପୁଅଝିଅ। ପତ୍ନୀ ଏବଂ ଏହି ୬ ସନ୍ତାନଙ୍କ ବ୍ୟତୀତ ଘରେ ଅନ୍ୟ କେହି ନାହାନ୍ତି। ବାପା ମାଆ ଆରପାରିକୁ ଚାଲି ଯାଇଛନ୍ତି। ଭାଇ ଭଉଣୀ ମଧ୍ୟ କେହି ନାହାନ୍ତି। ଗରିବ ସୁରେଶଙ୍କ ପକ୍ଷେ ଆଠ ପ୍ରାଣୀ କୁଟୁମ୍ବଙ୍କୁ ପ୍ରତିପୋଷଣ କରିବା କାଠିକର ପାଠ ହୋଇପଡୁଥିଲା। ଏଣୁ ସେ କିଛି ରୋଜଗାର ଆଶାରେ ପାଞ୍ଚ ମାସ ପୂର୍ବେ ସୁଦୂର ଗୋଆକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ସୋମବାର ଘରକୁ ଫେରୁଥିଲେ। ଗୋଆରୁ ବିଜୟୱାଡା ଆସିଲା ପରେ ସେଠାରୁ ଅନ୍ୟ ଏକ ଟ୍ରେନ୍‌ରେ ଓଡ଼ିଶା ଫେରିଥାଆନ୍ତେ। ହେଲେ ଗୁଣ୍ଟୁର ଷ୍ଟେସନ ନିକଟରେ ଟ୍ରେନ୍‌ରୁ ଖସି ପଡ଼ି ତାଙ୍କ ମୃତ୍ୟୁ ଘଟିଛି। ରେଳବାଇ ପୁଲିସ ମୃତଦେହ ଉଦ୍ଧାର କରି ଚିହ୍ନଟ କରିବା ପରେ ପରିବାର ଲୋକଙ୍କୁ ଫୋନ ଯୋଗେ ଜଣାଇଛି। ବିଜୟୱାଡା ଆସି ସୁରେଶଙ୍କ ଶବ ନେଇଯିବାକୁ ପୁଲିସ ପରାମର୍ଶ ଦେଇଛି। ଅନ୍ୟପଟେ ଘର ମୁରବୀଙ୍କ ମୃତ୍ୟୁ ପରେ ଗରିବ ପରିବାର ବେସାହାରା ହୋଇପଡ଼ିଛନ୍ତି। ମୃତଦେହ ଏତେ ବାଟରୁ ଆଣିବା ତାଙ୍କ ପକ୍ଷେ ସମ୍ଭବ ହେଉ ନାହିଁ। ଫଳରେ ବିଧବା ପତ୍ନୀଙ୍କ ସହ ଛୋଟ ଛୁଆଙ୍କ କାନ୍ଦ ବୋବାଳିରେ ଘର ଫାଟି ପଡୁଛି। ଏପରିକି ତାଙ୍କ ୨ ଛୁଆ କାନ୍ଦି କାନ୍ଦି ଚେତାଶୂନ୍ୟ ହୋଇ ପଡୁଥିଲେ। ଏମାନଙ୍କ ବୁକୁଫଟା କ୍ରନ୍ଦନ ସହି ନ ପାରି କେତେଜଣ ଗ୍ରାମବାସୀ ତାଙ୍କୁ ସହଯୋଗର ହାତ ବଢ଼ାଇଛନ୍ତି। ସେମାନେ ତାଙ୍କୁ ବୁଧବାର ଜିଲ୍ଲାପାଳଙ୍କ ନିକଟକୁ ଆଣି ପ୍ରଶାସନ ପକ୍ଷରୁ ଶବ ଆଣିବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଏମାନଙ୍କ କାନ୍ଦବୋବାଳି ଦେଖିବା ଶୁଣିବା ଲୋକଙ୍କୁ ବିଚଳିତ କରିଥିଲା। ବାପଛେଉଣ୍ଡ ଛୋଟ ଛୁଆମାନେ ହାତଯୋଡ଼ି ତାଙ୍କ ବାପାଙ୍କ ଶବ ଗାଁକୁ ଆଣିବା ବ୍ୟବସ୍ଥା କରିବାକୁ ଆକୁଳ ନିବେଦନ ଦେଖି ଲୋକଙ୍କ ଆଖିଲେ ଲୁହ ଆସିଯାଉଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶ୍ରମ ବିଭାଗ ପକ୍ଷରୁ ଶବ ଆଣିବା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ



**କୁତ୍ରା, ୬ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଝାରବେଡ଼ାସ୍ଥିତ ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ +୨ ବିଭାଗର ସାମାଜିକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ବିଷୟରେ ଝାରବେଡ଼ା ଗ୍ରାମରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ ଅଧକ୍ଷା ଡ. ହିରନ ଲୁଗୁନ ଅଧ୍ୟକ୍ଷତା କରିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ଜିଲ୍ଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ।

ସମ୍ମାନିତ ଅତିଥି ଭାବେ କୁତ୍ରା ବିଡିଓ ହରମେନ୍ଦ୍ର ଭୋଇ, ମୁଖ୍ୟବକ୍ତା ଭାବରେ କୁତ୍ରା ବ୍ଲକ ଆକାଉଣ୍ଟସ ଅଫିସର ଶର୍ମିଳା ଖାଲଖୋ ଯୋଗଦେଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଝାରବେଡ଼ା ଗ୍ରାମ ପରିକ୍ରମା କରିଥିଲା। ଏହାବ୍ୟତୀତ +୩ ବିଭାଗରେ 'ନିଶା ନିବାରଣ' ସମ୍ବନ୍ଧିତ ଏକ ଶୋଭାଯାତ୍ରା ମହାବିଦ୍ୟାଳୟରୁ ବାହାରି ନିକଟସ୍ଥ ଖଡ଼ିଆଡିପା ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧକ୍ଷା ଡ. ଲୁଗୁନ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ସୁନ୍ଦରଗଡ଼ ସେବକ ଟିମର ସମ୍ପାଦକ ସଞ୍ଜୁ ପଟେଲ ଯୋଗଦେଇ ନିଶା ନିବାରଣ ଉପରେ ସବିଶେଷ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧାପକ-ଅଧାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

● ରାଜ୍ୟ ସରକାରଙ୍କ 'ନୂଆ-ଓ' କାର୍ଯ୍ୟକ୍ରମ

# ସରକାରୀ କଲେଜ ପକ୍ଷରୁ ଜରାଶ୍ରମରେ ସେବା କାର୍ଯ୍ୟ



ସୁନ୍ଦରଗଡ଼, ୬ ।୧୨(ସମିସ): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ 'ନୂଆ-ଓ' ଆନୁକୂଲ୍ୟରେ ରାବଣଡିହି ଜରାଶ୍ରମରେ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ପାଇଁ ସରକାର, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକାଙ୍କୁ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ବିବିଧ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୋଷକତତ୍ତ୍ୱ ବିଶେଷଜ୍ଞ ଡା. ଶ୍ୱେତା ତ୍ରିପାଠୀ ସ୍ୱରଚିତ କବିତା ପଢ଼ି ଶୁଣାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଜରାଶ୍ରମ ଅନ୍ତେବାସୀଙ୍କ ସୁଖଦୁଃଖ, ସୁବିଧା ଅସୁବିଧା ଆଦି ବିଷୟରେ ପଚାରି ବୁଝିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବୃଦ୍ଧାଶ୍ରମକୁ ବାକ୍ସ, ତେଲ, ସାବୁନ ଆଦି ପ୍ରଦାନ କରାଯାଇଥିଲା। ଅନ୍ତେବାସୀଙ୍କ ମନୋରଞ୍ଜନ ପାଇଁ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ୧୭୦ ଛାତ୍ରଛାତ୍ରୀ ସମେତ ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ନୂତନ ଖମାରୀ, ସାମାଜିକ କାର୍ଯ୍ୟକ୍ରମ ସଂଯୋଜକ ସରୋଜ କୁମାର ପୂଜାରୀ, ସଭ୍ୟ ଶୋଭନ ସୋରେନ, ସହକାରୀ ପ୍ରାଧ୍ୟାପିକା ଏଞ୍ଜେଲିନ କିଣ୍ଡୋ, ଅଧ୍ୟାପିକା ଡ. ଅନିମା ତିର୍କୀ, ଡ. ପ୍ରକାଶ କୁମାର ସାହୁ, ସୁଶାନ୍ତ ଖାଲଖୋ, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। କର୍ଲା ପଞ୍ଚାୟତ ନିର୍ମଳା ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟ ଉପସ୍ଥିତ ସହଯୋଗ କରିଥିଲେ।

# ଶୂନ୍ୟମୃତ୍ୟୁ ସପ୍ତାହ ଏନଫେର୍ସମେଣ୍ଟ ଡ୍ରାଇଭ

**ସୁନ୍ଦରଗଡ଼, ୬ ।୧୨(ସମିସ):** ବିଜୁ ଏକ୍ସପ୍ରେସ ୱେର ମସ୍ନିକାନୀ ଟୋଲ ପ୍ଲାଜାରେ ବୁଧବାର ଶୂନ୍ୟମୃତ୍ୟୁ ସପ୍ତାହ ଏନଫୋର୍ସମେଣ୍ଟ ଡ୍ରାଇଭ କରାଯାଇଛି। ଏଥିରେ ଭସ୍ମା ଥାନା ପୁଲିସ ପକ୍ଷରୁ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା, ହେଲମେଟ ଆଦି ଯାଞ୍ଚ କରାଯାଇ ଚାଳକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ସୁନ୍ଦରଗଡ଼ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାଶ, ଏଲଏଣ୍ଡଟି ରୁଟ୍ ମ୍ୟାନେଜର ଆଶିଷ ମହାନ୍ତି, ରୁଟ୍ ଅପରେସନ ବରିଷ୍ଠ ଅଧିକାରୀ ପି. ମଣିକାଣ୍ଡନ, ଭସ୍ମା ଥାନା ଆଇଆଇସି ପ୍ରୀତିମଞ୍ଜରୀ ମେଣ୍ଡୁଲି ପ୍ରମୁଖ ଉପସ୍ଥିତ ଥିଲେ।



# ନିଜଗାଡ଼ି ତଳେ ଚାପିହୋଇ ଚାଳକଙ୍କ ଜୀବନ ଗଲା

**ହେମଗିରି, ୬ ।୧୨(ସମିସ):** ହେମଗିରି କୁଲଡ଼ା କୋଇଲା ଖଣି ବାହାର ପାର୍କିଂ ସ୍ଥଳରେ ଶନିବାର ନିଜ ଗାଡ଼ି ତଳେ ଚାପିହୋଇ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋନମ୍ ରାଜଶେଖର (୩୬)। ସେ ନିଜ ଟ୍ରେଲରକୁ ନେଇ ଖଣି ଭିତରକୁ ପଶୁଥିବା ବେଳେ ଗାଡ଼ିଟି ପଛଘୁଞ୍ଚା ଦେଇଥିଲା। ରାଜଶେଖର ଗାଡ଼ି ଅଟକାଇବାକୁ ପଥର ଜାମ୍ ଦେବା ବେଳେ ଗାଡ଼ି ତାଙ୍କ ଉପରେ ଚଢ଼ିଯାଇଥିଲା। ତାଙ୍କ ସାନ ଭାଇ କୋନମ ଭାରତ କୁମାରଙ୍କ ଲିଖିତ ରିପୋର୍ଟ ଅନୁସାରେ ଥାନାଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି।




# ଭାଉଜ ହତ୍ୟାକାରୀକୁ ଆଜୀବନ ଜେଲ୍

**ସୁନ୍ଦରଗଡ଼, ୬ ।୧୨(ସମିସ):** ୪ ବର୍ଷ ତଳେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସୁବଳୟା ଜୟସିରିଆପଡ଼ାର ଏକ ଫାର୍ମ ହାଉସରେ ମହିଳାଙ୍କୁ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଅତିରିକ୍ତ ଦୌରା ଜଜ୍ ରାଜେଶ ଦାଶ ମାମଲାର ବିଚାର କରି ଅଭିଯୁକ୍ତ ଭସ୍ମା ଥାନା ଅନ୍ତର୍ଗତ ବାମୁଣ୍ଡିଆଡିହି ବାସିନ୍ଦା ତଥା ମୃତ ମହିଳାଙ୍କ ଦିଅର କୃଷ୍ଣଚନ୍ଦ୍ର କିସାନ (୪୮) ଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଟେଲିଫୋନ ଭବନ ନିକଟରେ ରହୁଥିବା ଇକବାଲ ସିଂହର ସୁବଳୟା ଜୟସିରିଆପଡ଼ା ନିକଟରେ ଏକ ଫାର୍ମ ହାଉସ ରହିଥିଲା। ତେବେ ୨୦୧୭ ମସିହାରେ ଲକବାଲ ଉକ୍ତ ଫାର୍ମ ହାଉସକୁ ସୁନ୍ଦରଗଡ଼ ଡେଙ୍ଗିଭାଡ଼ିର ମହମ୍ମଦ ଇସଲାମଙ୍କୁ ବିକ୍ରି କରି ଦେଇଥିଲେ। ଫାର୍ମ ହାଉସରେ ୨୦୧୯ ଜୁନ ମାସରୁ ଭସ୍ମା ଥାନା ଅନ୍ତର୍ଗତ ବାମୁଣ୍ଡିଆଡିହିର କୃଷ୍ଣଚନ୍ଦ୍ର କିଶାନ ଓ ତାଙ୍କ ଭାଉଜ ଲତା କିଶାନଙ୍କ କାମ କରୁଥିଲେ। କୃଷ୍ଣଚନ୍ଦ୍ରଙ୍କ ପତ୍ନୀ ଉର୍ମିଳାଙ୍କ ସହ ଚାରି ସନ୍ତାନ ଥିବା ବେଳେ ଭାଉଜ ଲତାଙ୍କ ସ୍ୱାମୀ, ପିଲାଛୁଆ ମଧ୍ୟ ଥିଲେ। ତଥାପି କୃଷ୍ଣଚନ୍ଦ୍ର ଗୋଆକୁ ଦାଦାନ ଖଟିବାକୁ ଯାଇ ଫେରିବା ପରେ ଭାଉଜଙ୍କ ସହ ଘରୁ ପଳାଇ ଆସି ଏଠାରେ ରହୁଥିଲେ। ତେବେ ୨୦୧୯ ଅଗଷ୍ଟ ୨୯ ତାରିଖରେ କୌଣସି କାରଣକୁ ନେଇ ଭାଉଜ-ଦିଅରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସେ ଉତକ୍ଷିପ୍ତ ହୋଇ କୃଷ୍ଣଚନ୍ଦ୍ର ଲତାଙ୍କୁ ନିସ୍ଠୁକ ମାଡ଼ ମାରିଥିଲେ। ରାତି ପ୍ରାୟ ୧୦ଟା ୧୫ରେ କୃଷ୍ଣଚନ୍ଦ୍ର ଫାର୍ମ ହାଉସର ପୂର୍ବ ମାଲିକ ଇକବାଲଙ୍କୁ ଫୋନ କରି ସେ ତାଙ୍କ ଭାଉଜଙ୍କୁ ଦିନ ବେଳା ବହୁତ ପିଟିଛନ୍ତି ଏବଂ ସେ ଖିଆପିଆ କିମ୍ବା କଥାବାର୍ତ୍ତା କରୁନାହାନ୍ତି ବୋଲି ଜଣାଇଥିଲେ। ଇକବାଲ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନା ଆଣିବା ପାଇଁ ପରାମର୍ଶ ଦେବା ସହ ନିଜ ସାଙ୍ଗ ମହେଶଡିହିର ଆଶିଷ କୁମାର ସରାଫଙ୍କୁ ଫୋନ ଯୋଗେ ଜଣାଇଥିଲେ। ଆଶିଷ ସୁବଳୟା ରାସ୍ତା ଦେଇ ଆସୁଥିବା ସମୟରେ କୃଷ୍ଣଚନ୍ଦ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରିଥିଲେ। କୃଷ୍ଣଚନ୍ଦ୍ର ତାଙ୍କ ଭାଉଜ ଲତାଙ୍କୁ ପିଟି ପିଟି ମାରି ଦେଇଥିବା କହିବା ସହ ମୁଁ ଟିକିଏ ଆସୁଛି କହି ଫେରାର ହୋଇଯାଇଥିଲେ। ପରେ ଇକବାଲ ଏବଂ ଆଶିଷ ଫାର୍ମ ହାଉସକୁ ଯାଇ ଲତା ମରି ପଡ଼ିଥିବା ଜାଣିବାକୁ ପାଇଥିଲେ। ୩୦ ତାରିଖ ସକାଳେ ଇକବାଲ ଏ ନେଇ ଥାନାରେ ଏତଲା ଦେବା ପରେ ତତ୍କାଳୀନ ଆଇଆଇସି ରମାକାନ୍ତ ସାଏ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ।

ଏ ନେଇ ହତ୍ୟା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଥିଲେ। ପରେ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେବେଠାରୁ କୃଷ୍ଣଚନ୍ଦ୍ର ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ୧୬ ଜଣ ସାକ୍ଷୀଙ୍କ ବୟାନ, ପାରିପାର୍ଶ୍ୱିକ ସ୍ଥିତି ଏବଂ ସରକାରୀ ଓକିଲଙ୍କ ବଳିଷ୍ଠ ଯୁକ୍ତ ଅଧାରରେ କୋର୍ଟ କୃଷ୍ଣଚନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରଶାନ୍ତ କୁମାର ପଟେଲ ମାମଲା ପରିଚାଳନା କରୁଥିଲେ।




# ବିପୁଳ ଦେଶୀମଦ ଓ ମହୁଲ ପୋଚ ଜବତ

● ବନ୍ଦ ସ୍କୁଲ ଗୃହରେ ଚାଲିଥିଲା ମଦ ପ୍ରସ୍ତୁତି

**ହେମଗିରି, ୬ ।୧୨(ସମିସ):** ହେମଗିରି ବ୍ଲକ କନିକା ପଞ୍ଚାୟତ ବନ୍ଧବହାଲ ଗ୍ରାମରେ ପ୍ରାୟ ତିନି ବର୍ଷ ପୂର୍ବରୁ ବନ୍ଦ ପଡ଼ିଥିବା ସ୍କୁଲରେ ଚାଲିଥିଲା ମଦ ପ୍ରସ୍ତୁତି। ବିଶେଷ ସୂତ୍ରରୁ ଖବର ପାଇ ମଙ୍ଗଳବାର ଅବକାରୀ ବିଭାଗ ସୁପରିନଟେଣ୍ଡେଣ୍ଟ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ହେମଗିରି ଅବକାରୀ ବିଭାଗ ଓଆଇସି ବାସନ୍ତୀ ବକାଲି ଟିମ୍ ସହ ସେଠାରେ ଚଢ଼ଉ କରି ବିପୁଳ ୧୮୦ ଲିଟର ଦେଶୀମଦ ସହ ୨୨୦୦ କେଜି ମହୁଲ ପୋଚ ଓ ମଦ ତିଆରି ଉପକରଣ ଜବତ କରିଛନ୍ତି। ସ୍କୁଲ ଗୃହରେ ମଦ ପ୍ରସ୍ତୁତି ଘଟଣା ଲୋକଲୋଚନକୁ ଆସିବା ପରେ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଚଢ଼ଉରେ ଅବକାରୀ ବିଭାଗର ବାବୁଲୁ ଦାସ, ନିରୂପମା ନାଏକ, ଶରତ ନାଏକ, ରଞ୍ଜନ ବେହେରା, ଯୋଗେନ୍ଦ୍ର ଭିତ୍ରିଆ ପ୍ରମୁଖ ସାମିଲ ଥିଲେ।





## ବିଧାନସଭା ନିର୍ବାଚନ ଜିତିବା ପରେ ଇସ୍ତଫା ଦେଲେ ବିଜେପିର ୧୦ ସାଂସଦ

ନୂଆଦିଲ୍ଲୀ,୬।୧୨(ଏଜେନ୍ସି): ନିକଟରେ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ସହିତ ଫଳାଫଳ ଘୋଷଣା ସରିଛି।ତେବେ ବିଜେପିର ଯେଉଁ ସାଂସଦମାନେ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଛନ୍ତି ସେମାନେ ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି । ବିଜେପି ମଧ୍ୟପ୍ରଦେଶ, ଛତିଶଗଡ ଏବଂ ରାଜସ୍ଥାନରେ ୧୨ ଜଣ ସାଂସଦଙ୍କୁ ଲଢିବା ପାଇଁ ଟିକଟ ଦେଇଥିଲା। ତେବେ ଏହି ୧୨ ସାଂସଦଙ୍କ ମଧ୍ୟରୁ ୧୦ ଜଣ ବୁଧବାର ଇସ୍ତଫା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ନରେନ୍ଦ୍ର ସିଂ



ତୋମାର, ପ୍ରହଲ୍ଲାଦ ପଟେଲ, ରିତି ପାଠକ, ରାକେଶ ସିଂ, ଉଦୟ ପ୍ରତାପ ସିଂ । ଏମାନେ ସମସ୍ତେ ମଧ୍ୟପ୍ରଦେଶ ସାଂସଦ ରହିଥିଲେ। ଏହାବ୍ୟତୀତ ରାଜସ୍ଥାନରୁ ପ୍ରତିନିଧିତ୍ୱ କରୁଥିବା ସାଂସଦମାନେ ହେଲେ ରାଜ୍ୟବର୍ଦ୍ଧନ ରାଠୋର, ଖିରୋଦି ଲାଲ ମିନା, ଏବଂ ଦିୟା କୁମାରୀ। ତେବେ ବିଧାନସଭା ନିର୍ବାଚନ ଜିତିଥିବା ଅନ୍ୟ ଯେଉଁ ଦୁଇ ଜଣ ସାଂସଦ ଏଯାଏଁ ଇସ୍ତଫା ଦେଇ ନାହାନ୍ତି ସେମାନେ ହେଲେ ରାଜସ୍ଥାନର ବାବା ବାଲକନାଥ ଏବଂ ଛତିଶଗଡ଼ର ରେଣୁକା ସିଂ । ରାଜସ୍ଥାନର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ବାବା ବାଲାକନାଥଙ୍କ ନାମ ଚର୍ଚ୍ଚାରେ ରହିଥିଲା ବେଳେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପାଇଁ ମଧ୍ୟ ରେଣୁକା ସିଂଙ୍କ ନାମ ଚର୍ଚ୍ଚାରେ ରହିଛି।

## ଗରବା ନୃତ୍ୟକୁ ୟୁନେସ୍କୋର ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା

ନୂଆଦିଲ୍ଲୀ,୬।୧୨(ଏଜେନ୍ସି): ଗୁଜରାଟର ବହୁ ପ୍ରସିଦ୍ଧ ଗରବା ନୃତ୍ୟକୁ ୟୁନେସ୍କୋର ବିଶ୍ୱ ସାଂସ୍କୃତିକ ଐତିହ୍ୟର ମାନ୍ୟତା ମିଳିଛି। ଏନେଇ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ନିକଟରେ ଗରବା ନୃତ୍ୟକୁ ୟୁନେସ୍କୋର 'ଇନ୍ଟାଞ୍ଜିବଲ କଲଚର ହେରିଟେଜ୍ (ଆଇସିଏଚ୍)'ରେ ମଧ୍ୟ ସାମିଲ କରାଯାଇଥିବା ସେ କହିଛନ୍ତି। ପରମ୍ପରାର ବିବିଧତାକୁ ନେଇ ପାରମ୍ପରିକ ତଥ୍ୟ ସହ ୟୁନେସ୍କୋର ଆଇସିଏଚ୍ ତାଲିକା ପ୍ରସ୍ତୁତ କରାଯାଇଥିଲା ବେଳେ ଏହା ପରମ୍ପରାର ବିବିଧତାକୁ ପ୍ରଦର୍ଶିତ କରିଥାଏ। ତେବେ ଗୁଜରାଟର ଏହି ଲୋକକଳା ୟୁନେସ୍କୋ ଐତିହ ତାଲିକାରେ ସାମିଲ ହୋଇଥିବାରୁ ଏହା ରାଜ୍ୟ ପାଇଁ ଗର୍ବର ବିଷୟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟେଲ କହିଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଗରବା ୟୁନେସ୍କୋର ଇନ୍ଟାଞ୍ଜିବଲ କଲଚର ହେରିଟେଜ୍ରେ ସାମିଲ ହେବା ଗୁଜରା ଓ ଭାରତ ପାଇଁ ଗୌରବର ବିଷୟ। ଏହାଦ୍ୱାରା ଭାରତୀୟ ସଂସ୍କୃତି ବିଶ୍ୱସ୍ତରରେ ଆହୁରି ରୁଦ୍ଧିମନ୍ତ ହେବ ବୋଲି ସେ ଟ୍ୱିଟ୍ କରିଛନ୍ତି।

■ ଗୋମୂତ୍ର ରାଜ୍ୟ ମନ୍ତବ୍ୟ

## କ୍ଷମା ମାଗିଲେ ଡିଏମ୍‌କେ ସାଂସଦ



ନୂଆଦିଲ୍ଲୀ,୬।୧୨(ଏଜେନ୍ସି): ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ ବିଜେପିର ବୃହତ ବିଜୟ ପରେ ଗତକାଲି ଡିଏମକେ ସାଂସଦ ସେନ୍ଥିଲ କୁମାର ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡିକୁ ସଂସଦରେ ଗୋମୂତ୍ର ରାଜ୍ୟ କହି ପରିହାସ କରିଥିଲେ। ଜଣେ ସାଂସଦଙ୍କ ଏଭଳି ବୟାନକୁ ନେଇ ବିଜେପି ତୀବ୍ର ନିନ୍ଦା କରିଥିଲା ବେଳେ ଏହାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିଲା। ତେବେ ବିବାଦ ବଢ଼ିବା ପରେ ବୁଧବାର ସେନ୍ଥିଲ କୁମାର ନିଜ ବୟାନ ପାଇଁ କ୍ଷମା ମାଗିଛନ୍ତି। ସେ ଦେଇଥିବା ବୟାନକୁ ଫେରାଇ ନେବା ସହିତ ସଂସଦରେ ସମସ୍ତଙ୍କ ସାମ୍ନାରେ କ୍ଷମା ମାଗିଛନ୍ତି।

ଜମ୍ମୁ-କାଶ୍ମୀରକୁ ନେଇ କେନ୍ଦ୍ରର ଆଉ ଏକ ମାଷ୍ଟରଷ୍ଟ୍ରୋକ୍

# ସଂରକ୍ଷଣ, ପୁନର୍ଗଠନ ବିଲ୍‌କୁ ଅନୁମୋଦନ

**ବିଧାନସଭାରେ କାଶ୍ମୀର ପଣ୍ଡିତ ଓ ପିଓକେ ବିସ୍ଥାପିତଙ୍କୁ ମିଳିବ ପ୍ରତିନିଧିତ୍ୱ**

ନୂଆଦିଲ୍ଲୀ,୬।୧୨(ଏଜେନ୍ସି):



ଜମ୍ମୁ-କାଶ୍ମୀରକୁ ନେଇ କେନ୍ଦ୍ର ସରକାର ପୁଣି ଏକ ମାଷ୍ଟରଷ୍ଟ୍ରୋକ୍ ଖେଳିଛନ୍ତି। ୨୦୧୯ରେ ଏଠାରୁ ଧାରା ୩୭୦ ଉଚ୍ଛେଦ କରାଯିବା ପରେ ଏବେ ସଂଶୋଧିତ ଜମ୍ମୁ-କାଶ୍ମୀର ସଂରକ୍ଷଣ ବିଲ୍ ଏବଂ ଜମ୍ମୁ-କାଶ୍ମୀର ପୁନର୍ଗଠନ ବିଲ୍କୁ ବୁଧବାର ଲୋକସଭାରେ ଅନୁମୋଦନ ମିଳିଛି। ଏଠାରୁ ଧାରା ୩୭୦ ଉଚ୍ଛେଦ ପରେ ଜମ୍ମୁ-କାଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ବିଭକ୍ତ କରାଯାଇଥିଲା। କିନ୍ତୁ ଜମ୍ମୁ-କାଶ୍ମୀରକୁ ତୁରନ୍ତ ରାଜ୍ୟ ମାନ୍ୟତା ଦେବା ସହିତ ଏଠାରେ ନିର୍ବାଚନ କରିବାକୁ ଏଠାକାର ବହୁ ରାଜନୀତିକ ଦଳ ଦାବି କରି ଆସୁଥିଲା ବେଳେ ଏହାପୂର୍ବରୁ ଏହି ଦୁଇଟି ବିଲ୍କୁ ଲୋକସଭାରେ ଅନୁମୋଦନ ମିଳିଛି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ବୁଧବାର ଲୋକସଭାରେ ଜାମ୍ମୁ କାଶ୍ମୀର ପୁନର୍ଗଠନ ସଂଶୋଧନ ବିଲ୍ ଓ ସଂରକ୍ଷଣ ସଂଶୋଧନ ବିଲ୍ ଉପସ୍ଥାପନ କରିଥିଲେ। ଏହି ଦୁଇ ବିଲ୍କୁ ମଞ୍ଜୁରୀ ମିଳିବା ପରେ ଶାହା କହିଛନ୍ତି ଯେ, ଏଣିକି ଜାମ୍ମୁ କାଶ୍ମୀର ବିଧାନସଭାରେ ବିସ୍ଥାପିତ କାଶ୍ମୀର ପଣ୍ଡିତଙ୍କୁ ସଂରକ୍ଷଣ ମିଳିବ। ତିନୋଟି ଆସନରେ ବିଧାୟକ ମନୋନୀତ ହେବେ। ଏଥିମଧ୍ୟରୁ ଦୁଇଟି ଆସନ ବିସ୍ଥାପିତ କାଶ୍ମୀର ପଣ୍ଡିତ ଏବଂ ଆଉ ଗୋଟିଏ ଆସନ ପାକ୍ ଅଧିକୃତ କାଶ୍ମୀର(ପିଓକେ) ବିସ୍ଥାପିତଙ୍କ ପାଇଁ ସଂରକ୍ଷିତ ରହିବ। କାଶ୍ମୀର ପଣ୍ଡିତଙ୍କ ପାଇଁ ଉଦ୍ଦିଷ୍ଟ ଦୁଇଟି ଆସନ ମଧ୍ୟରୁ ଗୋଟିଏ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ଆଜି ଏହି ଦୁଇଟି ବିଲ୍ ଉପସ୍ଥାପନ କରିବା ବେଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଗୃହରେ ବେଶ ଆକ୍ରାମକ ହୋଇପଡ଼ିଥିବା ଦେଖାଯାଇଥିଲା।

ଜମ୍ମୁ-କାଶ୍ମୀରରେ ଧାରା ୩୭୦ ହିଁ ଆତଙ୍କବାଦ ପାଇଁ ମୂଳକାରଣ ହୋଇ ରହିଥିଲା ବେଳେ ଏଥିପାଇଁ କେହି କିଛି କରି ନଥିଲେ। ଏପରିକି ଏଠାରୁ ଲକ୍ଷ ଲକ୍ଷ ହିନ୍ଦୁ ପଣ୍ଡିତମାନଙ୍କୁ ତଡ଼ି ଦିଆଯାଇଥିଲେ ହେଁ ସେମାନଙ୍କ ପାଇଁ କେହି ବି ସ୍ୱର ଉତ୍ତୋଳନ କରି ନଥିଲେ। କିନ୍ତୁ ସେହି ପୀଡିତମାନଙ୍କୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନ୍ୟାୟ ଦେବାକୁ ଉଦ୍ୟମ କରିଛନ୍ତି ବୋଲି ଶାହା କହିଥିଲେ। ବିସ୍ଥାପିତ ଏହି ହିନ୍ଦୁ ପଣ୍ଡିତମାନେ ନିଜ ବାସସ୍ଥାନ,ସମ୍ପତ୍ତି ଛାଡ଼ି ଆଜି ବିଭିନ୍ନ ସହରରେ ବସବାସ କରୁଛନ୍ତି। ସେମାନଙ୍କ କଷ୍ଟ ଆମେ କଳ୍ପନା କରିପାରିବା ନାହିଁ। କିନ୍ତୁ ସେମାନଙ୍କ ସମ୍ପତ୍ତି ମୁକୁଳାଇବା ଏବଂ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଆମେ ଆଇନ କରିଛୁ ବୋଲି ଶାହା କହିଥିଲେ। ଜମ୍ମୁ-କାଶ୍ମୀର ବିଧାନସଭା ପାଇଁ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ, ପୂର୍ବରୁ ଜମ୍ମୁ କ୍ଷେତ୍ର ପାଇଁ ୩୭ ଆସନ ଥିଲା। ଏବେ ଏହାକୁ ବୃଦ୍ଧି କରାଯାଇ ୪୩ କରାଯାଉଛି।

ସେହିପରି କାଶ୍ମୀରରେ ପୂର୍ବରୁ ଥିବା ୪୬ ଆସନକୁ ବଢାଇ ୪୭ କରାଯାଇଛି। ଏହା ବ୍ୟତୀତ ପିଓକେର ୨୪ ଆସନକୁ ବି ସଂରକ୍ଷିତ ରଖାଯାଇଛି। ୩୭୦ ଉଚ୍ଛେଦ ପରେ ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ଶାହ କହିଥିଲେ। ଏବେ ଜାମ୍ମୁ କାଶ୍ମୀରରେ ମୋଟ ୧୧୪ ଆସନ ରହିବ। ସେଥିମଧ୍ୟରୁ ୯୦ଟି ଆସନ ପାଇଁ ନିର୍ବାଚନ ହେବ ଓ ଅନ୍ୟ ୨୪ ଆସନ ପିଓକେ ପାଇଁ ରହିବ। ଇତିମଧ୍ୟରେ ୧.୬ ଲକ୍ଷ ଲୋକଙ୍କୁ କାଶ୍ମୀରରେ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର ଦିଆଯାଇଛି ବୋଲି ସେ କହିଛନ୍ତି।

**ନେହରୁଙ୍କ ଭୁଲ ପାଇଁ ପିଓକେ'ର ଜନ୍ମ**

## ଶାହଙ୍କ ମନ୍ତବ୍ୟକୁ ନେଇ ବିରୋଧୀଙ୍କ କକ୍ଷତ୍ୟାଗ

ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କ ଭୁଲ ଯୋଗୁଁ ପିଓକେର ସୃଷ୍ଟି ବୋଲି ଜମ୍ମୁ-କାଶ୍ମୀର ବିଲ୍ ଉପସ୍ଥାପନ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସକୁ କଡ଼ା ସମାଲୋଚନା କରିଥିଲେ। ପଣ୍ଡିତ ନେହରୁ ପ୍ରଧାନମନ୍ତ୍ରୀ ଥିବା ସମୟରେ ଯେଉଁ ଦୁଇଟି ଭୁଲ କରିଥିଲେ ସେଥିପାଇଁ କାଶ୍ମୀରବାସୀଙ୍କୁ ବର୍ଷ ବର୍ଷ ଧରି ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଦେଶ ବିଭାଜନ ପରେ ପାକିସ୍ତାନ ଯୁଦ୍ଧ ବେଳେ ଯେତେବେଳେ ଭାରତୀୟ ସେନା ଆଗକୁ ଅଗ୍ରସର ହେଉଥିଲା ସେତେବେଳେ ପଞ୍ଜାବ(ପାକ୍) ଅଞ୍ଚଳରେ ପହଞ୍ଚିବା ପରେ ନେହରୁ ଅସ୍ତ୍ରବିରତି ଘୋଷଣା କରିଥିଲେ। କିନ୍ତୁ ଏହା କରାଯାଇ ନଥିଲେ ବର୍ତ୍ତମାନ ପାକିସ୍ତାନ ଦଖଲରେ ଥିବା କଶ୍ମୀର ଭାରତର ଅଂଶ ହୋଇ ରହିଥାଆନ୍ତା। କିନ୍ତୁ ତାଙ୍କର ଏହି ଭୁଲ ପାଇଁ ପିଓକେ ଜନ୍ମ ନେଇଥିଲା। ସେହିପରି କାଶ୍ମୀର ପ୍ରସଙ୍ଗକୁ ଜାତିସଂଘରେ ପହଞ୍ଚାଇବା ମଧ୍ୟ ନେହରୁଙ୍କ ଆଉ ଏକ ବଡ ଭୁଲ ଥିଲା ବୋଲି ଶ୍ରୀ ଶାହ କହିଥିଲେ। ତେବେ ଶାହଙ୍କ ଏହି ମନ୍ତବ୍ୟକୁ ନେଇ କଂଗ୍ରେସ ସାଂସଦମାନେ ଆପତ୍ତି ଜଣାଇବା ସହ ଗୃହରେ ହୋହଲ୍ଲା କରିଥିଲେ।ଏହା ପରେ ବିରୋଧୀ ଦଳର ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

## ନିଜ ଭୋଟ ପାଇଁ ନିର୍ବାଚନ ହାରିଗଲେ ପ୍ରାର୍ଥୀ

ୱାଶିଂଟନ,୬।୧୨(ଏଜେନ୍ସି): ଭାରତରେ ନିକଟରେ ୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହୋଇଥିଲା ବେଳେ ଛତିଶଗଡ଼ ନିର୍ବାଚନ ଫଳାଫଳ କେବଳ ସାଧାରଣ ଭୋଟରଙ୍କୁ ନୁହେଁ, ବରଂ ରାଜନୀତିକ ଦଳଙ୍କୁ ମଧ୍ୟ ଆଶ୍ଚର୍ଯ୍ୟ କରିଦେଇଥିଲା। ଏଠାରେ କଂଗ୍ରେସ ଏବଂ ବିଜେପି ମଧ୍ୟରେ ତୀବ୍ର ଲଢେଇ ହୋଇଥିଲେ ହେଁ ବିଜେପି ବିପୁଳ ବ୍ୟବଧାନରେ ବିଜୟୀ ହୋଇଥିଲା। ହେଲେ ସବୁଠାରୁ ବଡ଼ କଥା ହେଲା ଏଠାରେ ବହୁ ବିଧାୟକ ଖୁବ୍ କମ୍



ଭୋଟରେ ବିଜେପି ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ହାରିବା ଜଣାପଡ଼ିଥିଲା। ଏପରିକି କେତେକ ଆସନରେ ମାତ୍ର ୧୬ କିମ୍ବା ୨୦ ଭୋଟରେ କଂଗ୍ରେସ ପ୍ରାର୍ଥୀ ହାରିଥିବା ଦେଖାଯାଇଥିଲା। ଯେ କୌଣସି ନିର୍ବାଚନରେ ଗୋଟିଏ ଭୋଟ୍‌ର ଅନେକ ମହତ୍ତ୍ୱ ରଖିଥିଲା ବେଳେ ଏବେ ଆମେରିକାର ଏକ କାଉନସିଲ ନିର୍ବାଚନ ବେଳେ ଯାହା ଘଟିଛି ତାହା ଅନେକଙ୍କୁ ବିସ୍ମିତ କରିଛି। ନିର୍ବାଚନ ପ୍ରକ୍ରିୟାରେ ଗୋଟିଏ ଭୋଟ୍ ମୂଲ୍ୟ କେତେ ମୂଲ୍ୟବାନ ତାହା ସ୍ପଷ୍ଟ ହୋଇଛି। ମିଳିଥିବା ଖବର ଅନୁସାରେ ଆମେରିକାର ୱାଶିଂଟନ ଷ୍ଟେଟର ଥର୍ସଟନ କାଉଣ୍ଟି ରୋନିୟର ସିଟି କାଉନସିଲ ପାଇଁ ହୋଇଥିବା ନିର୍ବାଚନରେ ଜଣେ ପ୍ରାର୍ଥୀ ଗୋଟିଏ ଭୋଟ ପାଇଁ ହାରି ଯାଇଛନ୍ତି। ଆଉ ତାହା ପୁଣି ନିଜ ଭୋଟ ପାଇଁ। ଯଦି ପ୍ରାର୍ଥୀ ଜଣକ ନିଜ ଭୋଟ ଦେଇଥାନ୍ତେ, ତେବେ ସେ ବିଜୟୀ ଯାଇଥାନ୍ତେ। ଯାହାଦ୍ୱାରା ସେ କେବଳ ଥରେ ନୁହେଁ,ଦୁଇଥର ପାଇଁ କାଉନସିଲର ଭାବେ ନିର୍ବାଚିତ ହେବାର ସୁଯୋଗ ପାଇଥାନ୍ତେ। ହେଲେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କେବଳ ଭୋଟର୍ ନୁହନ୍ତି ନିଜେ ଡେମିୟନ ମଧ୍ୟ ସ୍ତମ୍ଭୀଭୂତ ହୋଇଯାଇଥିଲେ। ସେ ମାତ୍ର ଗୋଟିଏ ଭୋଟ୍‌ରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରୟାନଙ୍କ ଠାରୁ ପରାଜିତ ହୋଇଥିଲେ।

## ସଂସଦ ଉପରେ ଆକ୍ରମଣ ପାଇଁ ପୁଣି ପନ୍ନୁର ଧମକ

ନୂଆଦିଲ୍ଲୀ,୬।୧୨(ଏଜେନ୍ସି): ଆମେରିକାରେ ରହି ଭାରତ ବିରୋଧୀ କାର୍ଯ୍ୟ ଚଳାଇଥିବା ଖଲିସ୍ତାନୀ ଆତଙ୍କବାଦୀ ଗୁରୁପତୱନ୍ତ ସିଂ ପନ୍ନୁ ପୁଣିଥରେ ଭାରତକୁ ଧମକ ଦେଇଛି। ଖୁବଶୀଘ୍ର ସଂସଦ ଭବନ ଉପରେ ଆକ୍ରମଣ କରିବାକୁ ସେ ଧମକପୂର୍ଣ୍ଣ ଭିଡିଓ ଜାରି କରିଛି ।ବର୍ତ୍ତମାନ ସଂସଦର ଶୀତକାଳୀନ ଅଧିବେଶନ ଚାଲିଥିଲା ବେଳେ ଚଳିତ ମାସ ୧୩ ତାରିଖ ପୂର୍ବରୁ ସଂସଦ ଉପରେ ଆକ୍ରମଣ କରିବା ନେଇ ଭିଡିଓରେ କହିଛି। ଭାରତ ପନ୍ନୁକୁ ହତ୍ୟା କରିବା ପାଇଁ କରିଥିବା ଯୋଜନା ବିଫଳ ହୋଇଛି। କିନ୍ତୁ ତାକୁ ହତ୍ୟା କରାଯିବା ଉଦ୍ୟମର ପ୍ରତିଶୋଧ ପାଇଁ ସଂସଦ ଉପରେ ଆକ୍ରମଣ କରାଯିବ ବୋଲି ପନ୍ନୁ କହିଛି। ପୂର୍ବରୁ ୨୦୦୧ ଡିସେମ୍ବର ୧୩ରେ ସଂସଦ



ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା । ଏହି ଘଟଣାରେ ଇସଲାମିକ୍ ଆତଙ୍କବାଦୀ ଅଫଜଲ ଗୁରୁ ଦୋଷୀ ସାବ୍ୟସ୍ତ ହେବା ସହିତ ତାକୁ ଫାଶୀ ଦିଆଯାଇଥିଲା। ତେବେ ପନ୍ନୁ ଜାରି କରିଥିବା ଭିଡିଓରେ ନିଜର ପୋଷ୍ଟର ଲଗାଇଛି ଯେଉଁଥିରେ 'ଦିଲ୍ଲୀ ବନେଗା ପାକିସ୍ତାନ' ବୋଲି ଉଲ୍ଲେଖ ରହିଛି। ଭାରତୀୟ ଏଜେନ୍ସି ତାକୁ ମାରିବାକୁ ଷଡ଼ଯନ୍ତ୍ର କରିଥିଲେ। କିନ୍ତୁ ଏହା ବିଫଳ ହୋଇଛି। କିନ୍ତୁ ଏହି ଷଡ଼ଯନ୍ତ୍ରର ପ୍ରତିଶୋଧ ନିଆଯିବ ବୋଲି ସେ କହିଛି।

■ ସୁଖଦେବ ସିଂ ହତ୍ୟା ଘଟଣା

## ଦୁଇ ସୁଟରଙ୍କୁ ଚିହ୍ନଟକଲା ପୁଲିସ

ଜୟପୁର,୬।୧୨(ଏଜେନ୍ସି): ଜୟପୁରରେ ଗତକାଲି ରାଷ୍ଟ୍ରୀୟ ରାଜପୁତ କରଣୀ ସେନା ସଭାପତି ସୁଖଦେବ ସିଂ ଗୋଗାମେଡ଼ିଙ୍କୁ ଗୁଳି କରି



ହତ୍ୟା କରାଯିବା ଘଟଣାରେ ପୁଲିସକୁ ସଫଳତା ମିଳିଛି। ଏହି ହତ୍ୟାକାଣ୍ଡ ସହ ଜଡ଼ିତ ଥିବା ଦୁଇ ସୁଟରଙ୍କୁ ପୁଲିସ ଚିହ୍ନଟ କରିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ଜଣେ ମକ୍ରାନାର ରୋହିତ ରାଠୋର ଏବଂ ଅନ୍ୟଜଣେ ହରିୟାଣାର ମହେନ୍ଦ୍ରଗଡ଼ର ନୀତିନ ଫୌଜି ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ସୁଖଦେବଙ୍କ ହତ୍ୟାକାଣ୍ଡକୁ ନେଇ ରାଜସ୍ଥାନରେ ବନ୍ଦ ଡକରା ଦିଆଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ତାଙ୍କ ସମର୍ଥକମାନେ ରାସ୍ତା ଅବରୋଧ କରି ବିକ୍ଷୋଭ କରିବା ସହିତ ସୁଖଦେବଙ୍କୁ ମାରିଥିବା ଅଭିଯୁକ୍ତଙ୍କୁ ଏନକାଉଣ୍ଟର କରିବାକୁ ଦାବି କରିଛନ୍ତି। ତେବେ ଏହି ଘଟଣାର ତଦନ୍ତ ପାଇଁ ରାଜସ୍ଥାନ ପୁଲିସ ପକ୍ଷରୁ ଏସଆଇଟି ଗଠନ କରାଯାଇ ଯାଞ୍ଚ ଆରମ୍ଭ ହୋଇଥିବା କୁହାଯାଇଛି।

## ୟୁଏଇକୁ ପୁତିନଙ୍କ ଅଚାନକ ଗସ୍ତକୁ ନେଇ ଚର୍ଚ୍ଚା

ଦୁବାଇ,୬।୧୨(ଏଜେନ୍ସି): ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ବୁଧବାର ୟୁଏଇ ଗସ୍ତରେ ଯାଇ ଆବୁଧାବିରେ ପହଞ୍ଚିଛନ୍ତି। ଏହାପରେ ସେ ସାଉଦି ଆରବ ଗସ୍ତରେ ମଧ୍ୟ ଯିବେ ବୋଲି କାର୍ଯ୍ୟକ୍ରମ ରହିଛି। ତେବେ ୨୦୨୨ରେ ୟୁକ୍ରେନ ବିରୋଧରେ ଯୁଦ୍ଧ ଆରମ୍ଭ ହେବା ପରେ ପୁତିନ ପ୍ରଥମଥର ପାଇଁ କୌଣସି ଆରବ ରାଷ୍ଟ୍ରକୁ ଗସ୍ତ କରିଥିବାରୁ ଆନ୍ତର୍ଜାତିକ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ତାଙ୍କ ଗସ୍ତ ଆମେରିକା ପାଇଁ ଝଟକା ହୋଇପାରେ ବୋଲି କୁହାଯାଉଛି।



ବର୍ତ୍ତମାନ ୟୁଏଇରେ ଜାତିସଂଘ ଜଳବାୟୁ ସମ୍ମିଳନୀ ଆୟୋଜିତ ହୋଇଥିଲେ ହେଁ ଏଥିରେ ପୁତିନ ଯୋଗ ଦେଇ ନଥିଲେ। କିନ୍ତୁ ପରେ ପରେ ତାଙ୍କର ଏହି ଗସ୍ତକୁ ନେଇ ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। ତେବେ ଇସ୍ରାଏଲ ଯୁଦ୍ଧ ପ୍ରସଙ୍ଗ ସହ ବର୍ତ୍ତମାନ ପେଟ୍ରୋଲିୟମ ଉତ୍ପାଦକୁ ନେଇ ଆନ୍ତର୍ଜାତିକ ବଜାରରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ପୁତିନ ୟୁଏଇ ଏବଂ ସାଉଦି ଆରବ ସହ ଆଲୋଚନା କରିବେ ବୋଲି କୁହାଯାଇଛି।

## ପାକିସ୍ତାନରେ ଟଳିଲା ଆଉ ଜଣେ ଲସ୍କର ଆତଙ୍କୀ

ନୂଆଦିଲ୍ଲୀ,୬।୧୨(ଏଜେନ୍ସି): ବିଗତ କିଛି ମାସ ମଧ୍ୟରେ ପାକିସ୍ତାନରେ ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଥିବା ବହୁ ଆତଙ୍କୀ ସଂଗଠନର ସଦସ୍ୟମାନେ ଅଜଣା ଆତତାୟୀଙ୍କ ଗୁଳିରେ ନିପାତ ହେବାରେ ଲାଗିଛନ୍ତି। ଇସଲାମିକ୍ ଆତଙ୍କାବଦୀ ସଂଗଠନ ଏବଂ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ସଂଗଠନର ବହୁ ସଦସ୍ୟଙ୍କୁ ଇତିମଧ୍ୟରେ ପାକିସ୍ତାନ ମାଟିରେ ନିପାତ କରାଯାଇସାରିଥିଲା ବେଳେ ଦୁଇ ଦିନ ତଳେ ଇଣ୍ଟରନ୍ୟାସନାଲ ଶିଖ୍ ୟୁଥ୍ ଫେଡେରେସନର ମୁଖ୍ୟ ଲଖବୀର ସିଂର ମୃତ୍ୟୁ ଖବର ଆସିଥିଲା। ତେବେ ବୁଧବାର ପୁଣି ଜଣେ ଆତଙ୍କବାଦୀର ମୃତ୍ୟୁ ଖବର ଆସିଛି। ଲସ୍କର ସଂଗଠନର ଆତଙ୍କବାଦୀ ଆଦ୍ନାନ ଅହମ୍ମଦ ହଞ୍ଜାଲାକୁ କରାଚିରେ ଅଜଣା ବନ୍ଧୁକଧାରୀମାନେ ଗୁଳିକରି ହତ୍ୟା କରିଥିବା ଜଣାପଡିଛି। ଆଦନାନ ୨୦୧୫ରେ ଜମ୍ମୁ କଶ୍ମୀର ଉଦ୍ଧମପୁରରେ ସେନା ଗାଡ଼ି ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲା। ଏହି ଘଟଣାରେ ୨ ବିଏସ୍‌ଏଫ୍ ଯବାନ ସହିଦ ହେବା ସହିତ ୧୩ ଯବାନ ଆହତ ହୋଇଥିଲେ। ସେହିପରି ୨୦୧୬ରେ ଜମ୍ମୁ ଓ କଶ୍ମୀରର ପାମ୍ପୋର୍ ଅଞ୍ଚଳରେ ସିଆରପିଏଫ୍ ଗାଡ଼ି ଉପରେ କରାଯାଇଥିବା ଆକ୍ରମଣରେ ମଧ୍ୟ ତାହାର ହାତ ଥିଲା। ଏହି ଆକ୍ରମଣରେ ୮ ଜଣ ଯବାନ ସହିଦ ହେବା ସହ ୨୨ ଜଣ ଆହତ ହୋଇଥିଲେ। ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟର ମାଇଣ୍ଡ ହାଫିଜ ସଇଦର ମଧ୍ୟ ସେ ଅତ୍ୟନ୍ତ ଘନିଷ୍ଠ ଥିଲା।



ଆଦନାନ ଅହମ୍ମଦକୁ ଘର ସାମ୍ନାରେ ଗୁଳିକରି ହତ୍ୟା

୨୦୧୫ ଉଦ୍ଧମପୁର ଆକ୍ରମଣର ଥିଲା ମାଷ୍ଟରମାଇଣ୍ଡ

**ଉତ୍ତର କୋରିଆରେ ଜନ୍ମହାର ହ୍ରାସକୁ ନେଇ ଚିନ୍ତା**

## ଜନସଭାରେ କାନ୍ଦି ପକାଇଲେ କିମ୍ ଜଙ୍ଗ୍

ପ୍ୟୋଙ୍ଗୟାଙ୍ଗ, ୬।୧୨(ଏଜେନ୍ସି):



ଉତ୍ତର କୋରିଆରେ ଦିନକୁ ଦିନ ସନ୍ତାନ ଜନ୍ମହାର ହ୍ରାସକୁ ନେଇ ବିଭିନ୍ନ ମହଲରେ ଚିନ୍ତା ବଢିବାରେ ଲାଗିଛି। କିନ୍ତୁ ଏହି ପ୍ରସଙ୍ଗକୁ ନେଇ ଏଠାକାର ଏକଛତ୍ରବାଦ ଶାସକ କିମ୍ ଜଙ୍ଗ୍ ଉନ୍ ଏକ ଜନସଭାରେ କାନ୍ଦି ପକାଇବା ଘଟଣା ସମସ୍ତଙ୍କୁ ବିସ୍ମିତ କରିଛି। ସେ ଏକ ସଭାରେ କାନ୍ଦୁଥିବାର ଭିଡିଓ ଭାଇରାଲ୍ ହେବାରେ ଲାଗିଛି। ଏହି ଭିଡିଓରେ କିମ୍ ମହିଳାଙ୍କୁ ଅଧିକ ସନ୍ତାନ ଜନ୍ମ କରିବା ପାଇଁ ସେ ଅନୁରୋଧ କରୁଥିବା ବେଳେ କାନ୍ଦି କାନ୍ଦି ଜନ୍ମହାର ବୃଦ୍ଧି କରିବା ପାଇଁ କହୁଥିବା ଦେଖାଯାଇଛି। ମିଳିଥିବା ସୂଚନା ଅନୁସାରେ ପ୍ୟୋଙ୍ଗୟାଙ୍ଗରେ ଆୟୋଜିତ ନ୍ୟାସନାଲ ମଦର୍ସ ମିଟିଂ କାର୍ଯ୍ୟକ୍ରମରେ ସେ ଦେଶର ଜନ୍ମହାରକୁ ନେଇ ଚିନ୍ତାପ୍ରକଟ କରିବା ସହିତ ଏଥିପାଇଁ ମହିଳାମାନଙ୍କୁ କିଛି ପରାମର୍ଶ ଦେଇଥିଲେ। ଜନ୍ମହାର ବୃଦ୍ଧି କରିବା ଦେଶର ସମସ୍ତ ମହିଳାଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। ଦେଶକୁ ଶକ୍ତିଶାଳୀ କରିବାକୁ ହେଲେ ଅଧିକ ପିଲା ଜନ୍ମ କରିବା ଦିଗରେ ମହିଳାମାନଙ୍କୁ ପ୍ରୟାସ କରିବାକୁ ହେବ ।ଦେଶକୁ ସଶକ୍ତ କରିବାରେ ମହିଳାମାନେ ଏପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି। ଏଥିପାଇଁ ସେ ସେମାନଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଥିଲେ। କିନ୍ତୁ ନିଜର ବକ୍ତବ୍ୟ ରଖିବାର କିଛି ସମୟ ପରେ ସେ ସଭା ମଧ୍ୟରେ କାନ୍ଦି ପକାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କିମ୍ ଜଙ୍ଗ୍ ବର୍ତ୍ତମାନ ଦୁନିଆର ସବୁଠାରୁ ନିଷ୍ଠୁର ଶାସକ ଭାବରେ ପରିଚିତ ହୋଇ ରହିଛନ୍ତି।ନିଜ ଦେଶବାସୀଙ୍କ ପାଇଁ ସେ ବିଭିନ୍ନ ସମୟରେ ଅଜବ ନିୟମ ପ୍ରଣୟନ କରିବା ସହିତ ଜାପାନ, ଦକ୍ଷିଣ କୋରିଆ ଏବଂ ଆମେରିକା ଭଳି ମହାଶକ୍ତିକୁ ମଧ୍ୟ ଧମକ ଦେଇ ଆସିଛନ୍ତି। କଥା କଥାକେ ସେ ଆମେରିକା ବିରୋଧରେ ଯୁଦ୍ଧ କରିବାକୁ ମଧ୍ୟ ଚେତାବନୀ ଦେଇ ଆସିଛନ୍ତି। କିନ୍ତୁ ନିଜ ଦେଶର ଜନ୍ମ ହାର ହ୍ରାସ ପାଇବା ବିଷୟକୁ ନେଇ ସେ କାନ୍ଦି ପକାଇବା ଘଟଣା ଅନେକଙ୍କୁ ବିସ୍ମିତ କରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୧ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଉତ୍ତର କୋରିଆରେ ଜନ୍ମହାର ଅତି ମାତ୍ରାରେ ହ୍ରାସ ଘଟିଛି । ମିଳିତ ଜାତିସଂଘର ଜନସଂଖ୍ୟା ରିପୋର୍ଟ ଅନୁଯାୟୀ ଏଠାକାର ଜନ୍ମହାର ୧.୮କୁ ହ୍ରାସ ପାଇଛି। ୨୦୨୩ରେ ଉତ୍ତର କୋରିଆରେ ଜନ୍ମହାର ଜଣେ ମହିଳା ପିଛା ୧.୭୯ ରହିଛି। ୨୦୧୪ ମସିହାରେ ଏହି ହାର ୧.୮୮ ଥିଲା। ଅନ୍ୟପକ୍ଷରେ ଦକ୍ଷିଣ କୋରିଆରେ ଜନ୍ମହାର ୨୦୧୪ରେ ଜଣେ ମହିଳା ପିଛା ୧.୨୦ ଥିବା ବେଳେ ୨୦୨୨ରେ ଏହା ୦.୭୮ ରହିଥିଲା।

■ ଶ୍ରୀରାମ ମନ୍ଦିର ଉଦ୍‌ଘାଟନ ଉତ୍ସବ

## ବିଗ୍ ବି, ତେନ୍ଦୁଲକର ଓ କୋହିଲିଙ୍କ ସମେତ ୮ ହଜାର ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ,୬।୧୨(ଏଜେନ୍ସି): ଅଯୋଧ୍ୟାରେ ନିର୍ମାଣାଧିନ ଶ୍ରୀରାମ ମନ୍ଦିର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହିତ ଏହାର ଉଦ୍‌ଘାଟନ ପାଇଁ ସମୟ ନିକଟତର ହୋବରେ ଲାଗିଛି। ଆସନ୍ତା ଜାନୁଆରୀ ୨୨ ତାରିଖରେ ଏହି ଭବ୍ୟ ମନ୍ଦିରର ଉଦ୍‌ଘାଟନ ଲାଗି କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇ ସାରିଥିଲା ବେଳେ ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଏହାମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ ଦେଶର ନାମୀଦାମୀ ବ୍ୟକ୍ତି ବିଶେଷଙ୍କୁ ନିମନ୍ତ୍ରଣ



ଦିଆଯିବା ମଧ୍ୟ ଆରମ୍ଭ ହୋଇଛି। ଶିଳ୍ପପତିଙ୍କ ଠାରୁ ଆରମ୍ଭ କରି ବଲିଉଡ୍ ତାରକା ଏବଂ କ୍ରିକେଟ ଷ୍ଟାରଙ୍କୁ ନିମନ୍ତ୍ରିତ କରାଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ସଚିନ ତେନ୍ଦୁଲକର ଏବଂ ବିରାଟ କୋହିଲିଙ୍କୁ ନିମନ୍ତ୍ରଣ ପଠାଯାଇଥିଲା ବେଳେ ବିଗ୍ ବି ଏବଂ ଶିଳ୍ପପତି ମୁକେଶ ଅମ୍ବାନୀଙ୍କୁ ମଧ୍ୟ ଆମନ୍ତ୍ରିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଦେଶ ବିଦେଶର ପ୍ରାୟ ୮୦୦୦ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନିମନ୍ତ୍ରିତ କରାଯାଇଥିବା ସୂଚନା ମିଳିଛି।

## ଆଉ ୨ ଦିନ ହାଲୁକା ବର୍ଷା

**ଭୁବନେଶ୍ୱର,୬ ।୧୨(ସମିସ):** ଉତ୍ତର-ପୂର୍ବ ତେଲେଙ୍ଗାନା ଉପରେ ସକ୍ରିୟ ସୁଦୃଢ଼ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି । ବିଶେଷକରି ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଅନୁଭୂତ ହୋଇଥିବା ବେଳେ ଅବଶିଷ୍ଟ ଜିଲ୍ଲାରେ କିଛି କିଛି ସ୍ଥାନରେ ବର୍ଷା ହୋଇଛି । କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଥିବା ବେଳେ ଯାଜପୁର, ଢେଙ୍କାନାଳ, ଅନୁଗୋଳ ଓ ଭଦ୍ରକ ଜିଲ୍ଲାରକିଛି ଅଞ୍ଚଳରେ ତୀବ୍ର ବୃଷ୍ଟିପାତ ହୋଇଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଜଣାପଡ଼ିଛି । ତେବେ ଆସନ୍ତାକାଲିଠାରୁ ପାଗରେ ପରିବର୍ତ୍ତନ ଦେଖାଯିବ । ରାଜ୍ୟର କେତେକ ସ୍ଥାନରେ ଆସନ୍ତାକାଲି ଏବଂ ୮ ତାରିଖରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ । ଏହାପରେ ରାଜ୍ୟବ୍ୟାପୀ ପାଗରେ ପରିବର୍ତ୍ତନ ଆସିବା ସହ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।

## ୨୨ ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି

**ସଞ୍ଜୟ ରଞ୍ଜନ ବହିଦାର ହେଲେ କଟକ ଜିଲ୍ଲା ଓ ଦୌରା ଜଜ୍**

କଟକ, ୬।୧୨(ସମିସ): ଜିଲ୍ଲା ଜଜ୍ କ୍ୟାଡରର ୮ଜଣ ଓ ସିଭିଲ ଜଜ୍ କ୍ୟାଡରର ୧୪ଜଣ ଏହିପରି ମୋଟ ୨୨ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ବୁଧବାର ନୂତନ ସ୍ଥାନକୁ ବଦଳି କରାଯାଇଛି । ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି କ୍ରମରେ ସଞ୍ଜୟ ରଞ୍ଜନ ବହିଦାରଙ୍କୁ କଟକ ଜିଲ୍ଲା ଓ ଦୌରା ଜଜ୍, ଅରୁଣ କୁମାର ମଲ୍ଲିକଙ୍କୁ ସ୍ୱତନ୍ତ୍ର ଅଦାଲତ କଟକ, ସ୍ୱେତା ମିଶ୍ରଙ୍କୁ ରାୟଗଡ଼ା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ପକ୍ସୋ ଅଦାଲତ ବିଚାରପତି, ସୋନାଲି ପଟ୍ଟନାୟକଙ୍କୁ ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ଲୋକନାଥ ସାହୁଙ୍କୁ ଝାରସୁଗୁଡ଼ା ପରିବାର ଅଦାଳତ ଜଜ୍, ସୁମିତ୍ରା ଜେନାଙ୍କୁ ପରିବାର ଅଦାଲତ ପୁରୀ, ସୌମ୍ୟକ୍ ପାତ୍ରଙ୍କୁ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ନିମାପଡ଼ା ଏବଂ ପ୍ରତିମା ପାତ୍ରଙ୍କୁ ବାରିପଦା ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ ଅଦାଲତ ବିଚାରପତି ଭାବେ ବଦଳି କରାଯାଇଛି । ସେହିପରି ଛାୟାକାନ୍ତ ଦାଶଙ୍କୁ ସିଭିଲ୍ ଜଜ୍(ସିନିୟର ଡିଭିଜନ) ବାଲେଶ୍ୱର, କୃଷ୍ଣଚନ୍ଦ୍ର ନାୟକଙ୍କୁ ସିଭିଲ୍ ଜଜ୍(ସିନିୟର ଡିଭିଜନ) ଟିଟିଲାଗଡ଼, କମଳାକାନ୍ତ ରାଉତଙ୍କୁ ଡିଏଲ୍ଏସ୍ଏ ସଚିବ ବରଗଡ଼, ସୁକୁମାର ମହାପାତ୍ରଙ୍କୁ ରେଜିଷ୍ଟ୍ରାର ସିଭିଲ୍ କୋର୍ଟ ଅନୁଗୋଳ, ବିଭୁକଲ୍ୟାଣ ପାଢ଼ୀଙ୍କୁ ରେଜିଷ୍ଟ୍ରାର ସିଭିଲ୍ କୋର୍ଟ ବରଗଡ଼, ରମାକାନ୍ତ ମହାନ୍ତିଙ୍କୁ କଟକ ଡିଏଲ୍ଏସ୍ଏ ସଚିବ, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟଙ୍କୁ ସିଭିଲ୍ ଜଜ୍(ସିନିଅର ଡିଭିଜନ) ନୂଆପଡ଼ା, ନିହାର ରଞ୍ଜନ ସାହୁଙ୍କୁ ସିଭିଲ୍ ଜଜ୍(ସିନିୟର ଡିଭିଜନ) ବାରିପଦା, ପଲ୍ଲବୀରାଣୀ ସାହୁଙ୍କୁ ସିଭିଲ୍ ଜଜ୍ (ସିନିଅର ଡିଭିଜନ) କୁଚିଣ୍ଡା, ଚନ୍ଦ୍ରହାସ ବେହେରାଙ୍କୁ ସିଭିଲ୍ ଜଜ୍(ସିନିଅର ଡିଭିଜନ) ନରସିଂହପୁର, ଦୁର୍ବାଶା ଦୁର୍ଗାଙ୍କୁ ସିଭିଲ୍ ଜଜ୍(ସିନିଅର ଡିଭିଜନ) ବଡ଼ମ୍ବା, ଅଭିନନ୍ଦନ ରାୟଙ୍କୁ ସିଭିଲ୍ ଜଜ୍(ଜୁନିଅର ଡିଭିଜନ) ତଥା ଜେଏମ୍ଏଫ୍ସି ମୁନିଗୁଡ଼ା, ଶୁଭଙ୍କର ମହାନ୍ତିଙ୍କୁ ସିଭିଲ୍ ଜଜ୍ (ଜୁନିଅର ଡିଭିଜନ) ତଥା ଜେଏମ୍ଏଫ୍ସି ପଦ୍ମପୁର ଓ ମନସ୍ୱିନୀ ମହାପାତ୍ରଙ୍କୁ ସିଭିଲ୍ ଜଜ୍ (ଜୁନିଅର ଡିଭିଜନ) ତଥା ଜେଏମ୍ଏଫ୍ସି ବିଜେପୁର ଭାବେ ବଦଳି କରାଯାଇଛି ।

## ଅବସରପ୍ରାପ୍ତ ଖଣି ଅଧିକାରୀଙ୍କୁ ୨ ବର୍ଷ ଜେଲ୍‌ଦଣ୍ଡ

**କଟକ, ୬।୧୨(ସମିସ):** ଓଡ଼ିଶା ଖଣି ନିଗମ ଅଧୀନସ୍ଥ ଯାଜପୁର ଜିଲ୍ଲା କଳାରାହାଙ୍ଗି ଖଣିର ପୂର୍ବତନ ମ୍ୟାନେଜର(ଅବସରପ୍ରାପ୍ତ) ରବିନାରାୟଣ ବେହୁରାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବୁଧବାର କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା ୧୩(୨)/୧୩(୧)ଇ ଅନୁସାରେ ୨ ବର୍ଷ ଜେଲ୍‌ଦଣ୍ଡ ଓ ୫୦ ହଜାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି । ପ୍ରକାଶ ଯେ, ୨୦୧୫ରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଶ୍ରୀ ବେହୁରାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା । ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା । କଟକ ଭିଜିଲାନ୍ସ ସେଲ ପ୍ରାକ୍ତନ ଡିଏସ୍‌ପି ରମାକାନ୍ତ ସାହୁ ଏହି ମାମଲାର ତଦନ୍ତ କରୁଥିଲେ । ପ୍ରସିକ୍ୟୁସନ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ବିରେନ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ । ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଅଧିକାରୀଙ୍କ ପେନ୍‌ସନ୍ ବନ୍ଦ ପାଇଁ ଭିଜିଲାନ୍ସ ପକ୍ଷରୁ ଆବେଦନ କରାଯିବ ବୋଲି ଜଣାପଡ଼ିଛି ।

## ରଗଡ଼ି ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା

**କୋରେଇ/ବ୍ୟାସନଗର,୬ ।୧୨(ସମିସ):** ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ରଗଡ଼ିଠାରେ ଥିବା ଯାଜପୁରରୋଡ ଉପକାରାଗାରରେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଛନ୍ତି । ତାଙ୍କ ନାମ ବଳରାମ ବେହେରା (୩୫) । ସେ ପାଣିକୋଇଲି ଥାନା ଅନ୍ତର୍ଗତ କରଦା ଗ୍ରାମର ବାସିନ୍ଦା । ବୁଧବାର ଦିନ ପ୍ରାୟ ସାଢ଼େ ୧୧ଟାରେ ସେ ଜେଲ୍ ପରିସରରେ ଥିବା ନିର୍ମାଣାଧୀନ ଗୃହରେ ଗାମୁଛା ସାହାଯ୍ୟରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସୁରକ୍ଷା କର୍ମୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି । ବଳରାମ ଏକ ପକ୍ସୋ ମାମଲାରେ ୪୯ ଦିନ ହେବ ଗିରଫ ହୋଇ ବିଚାରଧୀନ କଏଦୀ ଭାବେ ରଗଡ଼ି ଉପକାରାଗାରରେ ଥିଲେ । ଆଜି ୧୧ଟା ସମୟରେ କଏଦୀଙ୍କୁ ଖାଇବାକୁ ଦିଆଯିବା ସମୟରେ ବଳରାମ କୌଣସି ଉପାୟରେ ସେଠାରୁ ଖସି ଯାଇ ନିର୍ମାଣଧୀନ ଗୃହ ମଧ୍ୟରେ ଆତ୍ମହତ୍ୟା କରିଥିଲେ । ଉପକାରାଗାରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ସତ୍ତ୍ୱେ କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଆତ୍ମହତ୍ୟାର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଏହି କାରାଗାରଟି ସ୍ଥାପନ ହେବା ଦିନଠାରୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ଏଠାରେ ୩ରୁ ଅଧିକ କଏଦୀ ଆତ୍ମହତ୍ୟା କରିଥିବା ବେଳେ ୨ଜଣ କଏଦୀ ଫେରାର ହୋଇଥିବା ସାଧାରଣରେ ଆଲୋଚନା ହେଉଛି । ଏ ସଂପର୍କରେ ଜେଲର୍ ଅନସୂୟା ଷଡ଼ଙ୍ଗୀଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ ସେ ପରେ ଉତ୍ତର ରଖିବେ ବୋଲି କହିଥିଲେ ।

**ଅଦାଲତ ଅବମାନନା**

## ହାଇକୋର୍ଟରେ ହାଜର ହେଲେ ଶରଣକୁଳ ଏସ୍‌ଡିପିଓ

**କଟକ,୬।୧୨(ସମିସ):** ଡିଏସ୍‌ପି ପାହ୍ୟାର ଅଧିକାରୀ ତଥା ନୟାଗଡ଼ ଜିଲ୍ଲା ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁଙ୍କୁ ଅଦାଲତ ଅବମାନନା ନୋଟିସ ଜାରି କରାଯିବା ପରେ ବୁଧବାର ସେ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଛନ୍ତି । ଏଥିସହ ଏକ କାରଣ ଦର୍ଶାଅ ସତ୍ୟପାଠ ଦାଖଲ କରି ହାଇକୋର୍ଟଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି । ଏଣୁ ହାଇକୋର୍ଟ ତାଙ୍କୁ ବ୍ୟକ୍ତିଗତ ହାଜିରାରୁ ମୁକ୍ତ କରିଥିଲେ । ଉମାକାନ୍ତ ସାହୁ ଓ ବିରେନ ସାହୁଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକାଶ ଥାଉକି, ବରଗଡ଼ ଜିଲ୍ଲା ଗାଇସିଲଟ ଥାନାରେ ରୁଜୁ ଏକ ଗଣଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ଆବେଦନ ପଦ୍ମପୁର ଏଡିଜେ ଖାରଜ କରିବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାରେ ଫୋରେନ୍‌ସିକ୍ କେମିକାଲ ରିପୋର୍ଟ ପ୍ରଦାନ ହୋଇ ନ ଥିବା ନେଇ ଶୁଣାଣିବେଳେ ସ୍ପଷ୍ଟ ହୋଇଥିଲା । ଗତ ୧୪ ତାରିଖରେ ସମ୍ପୃକ୍ତ ତଦନ୍ତକାରୀ ଅଧିକାରୀ ଓ ସମ୍ବଲପୁର ଆର୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ । ଆର୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ହାଜର ହୋଇଥିଲେ । ଅନ୍ୟପଟରେ ଗାଇସିଲଟ ଥାନାର ତତ୍କାଳୀନ ଆଇଆଇସି ଶ୍ରୀ ସାହୁ ବର୍ତ୍ତମାନ ନୟାଗଡ଼ ଜିଲ୍ଲା ଶରଣକୁଳ ଡିଏସ୍‌ପି ଭାବେ ବଦଳି ହୋଇଥିବାରୁ ହାଜର ହେବାକୁ ଅନିଚ୍ଛା ପ୍ରକାଶ କରିଥିବା ସରକାରୀ ଓକିଲ ଜଣାଇଥିଲେ । ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ସମ୍ପୃକ୍ତ ଅଧିକାରୀଙ୍କୁ ଅଦାଲତ ଅବମାନନା ନୋଟିସ ଜାରି କରି ଗତ ୨୧ ତାରିଖରେ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଥିଲେ । ୮ ତାରିଖ ସୁଦ୍ଧା ଫୋରେନ୍‌ସିକ୍ ଲାବୋରେଟୋରୀରୁ କେମିକାଲ ପରୀକ୍ଷା ରିପୋର୍ଟ ଆଣି ନିମ୍ନ ଅଦାଲତରେ ଦାଖଲ କରିବାକୁ ଗାଇସିଲଟ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଏହାପରେ ନିମ୍ନ ଅଦାଲତ ମାମଲାର ତ୍ୱରିତ ଶୁଣାଣି ପ୍ରକ୍ରିୟା ଆରମ୍ଭ କରିବେ ବୋଲି ହାଇକୋର୍ଟ କହିବା ସହ ଦୁଇ ଅଭିଯୁକ୍ତଙ୍କ ଆବେଦନକୁ ମଧ୍ୟ ଖାରଜ କରିଦେଇଛନ୍ତି ।

**ବୁଲା କୁକୁର କାମୁଡ଼ାରେ ଶିଶୁ ମୃତ୍ୟୁ ମାମଲା**

## ହାଇକୋର୍ଟରେ ଶୁଣାଣି ଶେଷ ଓ ରାୟ ସଂରକ୍ଷିତ

**କଟକ,୬।୧୨(ସମିସ):** ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନିରେ ବୁଲା କୁକୁର କାମୁଡ଼ାରେ ୪ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଥିଲେ । ତେବେ ବୁଧବାର ଏହି ମାମଲାରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ଅଦାଲତ । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବିଭୂତିଭୂଷଣ ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ପୀଡ଼ିତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପ୍ରସଂଗରେ ସତ୍ୟପାଠ ଦାଖଲ ପାଇଁ ପୁରୀ ପୌରପାଳିକାକୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏନେଇ ପୌରପାଳିକା ସତ୍ୟପାଠ ଦାଖଲ କରିପାରିନାହିଁ । ଅନ୍ୟପଟରେ ପୌରପାଳିକା ପକ୍ଷରୁ ମାମଲାର ଶୁଣାଣି ସମୟରେ କୁହାଯାଇଥିଲା ଯେ ପୌର ଆଇନରେ କୁକୁର କାମୁଡ଼ାରେ ମୃତ୍ୟୁ ପାଇଁ କୌଣସି କ୍ଷତିପୂରଣର ବ୍ୟବସ୍ଥା ନାହିଁ । ତେବେ ୧୦ଲକ୍ଷ ପର୍ଯ୍ୟନ୍ତ ସମାନ ମାମଲାରେ କ୍ଷତିପୂରଣ ଦିଆଯାଇଥିବା ନେଇ କର୍ଣ୍ଣାଟକ ଓ ଅନ୍ୟ କେତେକ ହାଇକୋର୍ଟଙ୍କ ରାୟକୁ ଆବେଦନକାରୀ ଦୃଷ୍ଟାନ୍ତ ଭାବେ ଉପସ୍ଥାପନ କରିଥିଲେ । ପ୍ରକାଶ ଥାଉକି, ପୀଡ଼ିତ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଓ ରେଡ୍‌କ୍ରସ ପାଣ୍ଠିରୁ ମୋଟ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିବା ନେଇ ପୂର୍ବରୁ ପୌରପାଳିକା ସତ୍ୟପାଠ ଦେଇଥିଲା । ମାମଲାରୁ ପ୍ରକାଶ ଯେ, ୨୦୧୬ ଡିସେମ୍ବର ୧ରେ ପୁରୀ ସହରର କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଜଗନ୍ନାଥ କଲୋନିରେ ବୁଲା କୁକୁର କାମୁଡ଼ାରେ ଏକ ୪ ବର୍ଷ ବୟସର ଶିଶୁର ମୃତ୍ୟୁ ହୋଇଥିଲା । ଏ ନେଇ ୨୦୧୬ରେ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରାଜକିଶୋର ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି ।

**ଅସ୍ତ୍ରୋପଚାର ପରେ ମହିଳାଙ୍କ ପେଟରୁ ବାହାରିଲା ୬ କେଜିର ଟ୍ୟୁମର୍**

## ନୂଆ ଜୀବନ ଦେଲା ବିଜୁ ସ୍ୱାସ୍ଥ୍ୟ କାର୍ଡ

**ବାଲେଶ୍ୱର, ୬ ।୧୨ (ସମିସ):** ବିଜୁ ସ୍ୱାସ୍ଥ୍ୟ କାର୍ଡ (ବିଏସ୍‌କେୱାଇ) ପୁଣି ଜଣେ ମହିଳାଙ୍କ ପାଇଁ ବରଦାନ ପାଲଟିଛି । ୩ ବର୍ଷ ଧରି ପେଟ ଯନ୍ତ୍ରଣାରେ ଛଟପଟ ହେଉଥିବା ସୁନହଟ ଗ୍ରାମର ମହିଳା ସଇପା ବିବି ନୂଆ ଜୀବନ ପାଇଛନ୍ତି । ଅସ୍ତ୍ରୋପଚାର କରି ତାଙ୍କ ପେଟରୁ ଡାକ୍ତରମାନେ ୬ କେଜିର ଟ୍ୟୁମର୍ ବାହାର କରିଛନ୍ତି । ସୂଚନାନୁଯାୟୀ, ସୁନହଟ ଗ୍ରାମର ସେକ୍ ଜଲ୍ଲାଲଙ୍କ ପତ୍ନୀ ସଇପାଙ୍କ ପେଟରେ ୩ ବର୍ଷ ହେଲା ଯନ୍ତ୍ରଣା ହେଉଥିଲା । ଧୀରେ ଧୀରେ ଏହା ଅସହ୍ୟ ହେବାରୁ ସଇପା ଡାକ୍ତରଙ୍କୁ ଦେଖାଇଥିଲେ । ପରୀକ୍ଷାନିରୀକ୍ଷା ପରେ ଜଣାପଡ଼ିଥିଲା ଯେ ତାଙ୍କ ପେଟରେ ଏକ ଟ୍ୟୁମର୍ ବଢ଼ୁଛି ଓ ଶୀଘ୍ର ଅସ୍ତ୍ରୋପଚାର ଜରିଆରେ ଏହାକୁ ବାହାର କରା ନ ଗଲେ ତାଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି ଡାକ୍ତର କହିଥିଲେ ।



ଡାକ୍ତରଙ୍କ ପରାମର୍ଶମତେ ବିଏସ୍‌କେୱାଇ ତାଲିକାଭୁକ୍ତ ଆଇଟିଆଇ ଛକସ୍ଥିତ ଜୟଶ୍ରୀ ହେଲ୍‌ଥ କେୟାର ଆଣ୍ଡ ରିସର୍ଚ୍ଚ ସେଣ୍ଟର୍‌ରେ ତାଙ୍କୁ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା । ସେଠାରେ ଡା. ଗିରିଜା ଶଙ୍କର ଦାସ, ଡା. ଚନ୍ଦ୍ରକାନ୍ତ ମଲ୍ଲିକ, ଡା. ମାଳତୀଲତା ବିଶ୍ୱାଳ ପ୍ରମୁଖ ଅସ୍ତ୍ରୋପଚାର କରି ସଇପାଙ୍କ ପେଟରୁ ୬ କେଜି ଓଜନର ଟ୍ୟୁମର୍‌କୁ ବାହାର କରିଥିଲେ । ସାଇପା ଏବେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ବୋଲି ନର୍ସିଂହୋମ୍‌ର ପରିଚାଳକ ନିର୍ଦ୍ଦେଶକ ଶ୍ରୀକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି । ବିଜୁ ସ୍ୱାସ୍ଥ୍ୟକାର୍ଡ ଜରିଆରେ ତାଙ୍କର ଅସ୍ତ୍ରୋପଚାର ବାବଦ ସମସ୍ତ ଖର୍ଚ୍ଚ ହୋଇଛି । ତାଙ୍କୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିନାହିଁ । ଏଥିପାଇଁ ସଇପା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ବାପାଙ୍କ ଶବ ସତ୍କାର ବେଳେ ଗଛଡ଼ାଳ ପଡ଼ି ଚାଲିଗଲା ପୁଅର ଜୀବନ

କୋରାପୁଟ/ବୋରିଗୁମ୍ମା,୬।୧୨(ସମିସ): ଭାଗ୍ୟ ଏମିତି ଖେଳ ଖେଳିବ, କାହାରିକୁ ଜଣା ନଥିଲା । ବାପାଙ୍କ ଶବ ସତ୍କାର ପୂର୍ବରୁ ଚାଲିଗଲା ପୁଅର ଜୀବନ । ଏଭଳି ହୃଦୟବିଦାରକ ଘଟଣା ଘଟିଛି ବୋରିଗୁମ୍ମା ବ୍ଲକ କାମତା ପଞ୍ଚାୟତସଦର ଗ୍ରାମରେ । ସୂଚନାନୁସାରେ, କାମତା ଗ୍ରାମର ଲକ୍ଷ୍ମଣ ମଣ୍ଡଳ କୋରାପୁଟ ସହରର ଉଇଭର୍ସ କଲୋନୀରେ ରହନ୍ତି । ପୂଜାରୀପୁଟ ରାସ୍ତାରେ ତାଙ୍କର ଏକ ଛୋଟ ଜଳଖିଆ ଦୋକାନ ରହିଛି । ମଙ୍ଗଳବାର ରାତିରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମଣଙ୍କର ମୃତ୍ୟୁ ହୋଇଥିଲା । ବୁଧବାର ସକାଳେ ନିଜ ଗାଁ କାମତାରେ ଶବ ସତ୍କାର ନିମନ୍ତେ ପ୍ରସ୍ତୁତି ଚାଲିଥିଲା । ଏହି ସମୟରେ ବାଡ଼ିକୁ ଶୌଚ ପାଇଁ ଯିବା ବେଳେ ତାଙ୍କ ପୁଅ ବେଣୁଧର ମଣ୍ଡଳଙ୍କ ମୁଣ୍ଡରେ ଗଛର ଏକ ଡାଳ ଭାଙ୍ଗି ପଡ଼ିଥିଲା । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସଙ୍ଗେସଙ୍ଗେ ତାଙ୍କୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ବୁଧବାର ଅପରାହ୍ଣରେ ଗାଁ ମଶାଣିରେ ଉଭୟ ବାପା ଓ ପୁଅଙ୍କ ଶବ ସତ୍କାର ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାର୍ଯ୍ୟରେ ପ୍ରତିଫଳିତ...

ରୂପାନ୍ତରିତ ଓଡ଼ିଶା ଗଠନ କରିବାରେ ସଫଳ ହେବା ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ '୫-ଟି' ଉପକ୍ରମ ଅଧିନରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସିଏମ୍‌ଜିଆଇ ଦ୍ୱାରା ପ୍ରସ୍ତୁତ କ୍ୱାର୍ଟର୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ୨.୦ର ଶୁଭାରମ୍ଭ କରିଛନ୍ତି । ସମସ୍ତ ଅଂଶୀଦାରମାନଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ଭାବେ ଏକ ଫେସ୍‌ଲେସ୍ ପରିଚାଳନା ବ୍ୟବସ୍ଥା ଭାବେ କାର୍ଯ୍ୟ କରିବ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ, ଓଡ଼ିଶାର ସେବା କରିବା ଲାଗି ଆପଣମାନଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଛି । ଏହାର ସଦୁପଯୋଗ କରିବାକୁ ଚେଷ୍ଟା କରନ୍ତୁ । ସେହିପରି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ନବ ନିଯୁକ୍ତ ଅଧିକାରୀମାନେ ପାରଦର୍ଶିତା ଓ ଉତ୍ତରଦାୟୀଭାବେ କାମ କରିବା ଉଚିତ ବୋଲି କହିଥିଲେ । ଏହି ଅବସରରେ ତିନି ଜଣ ନବନିଯୁକ୍ତ ଅଧିକାରୀ ମୌସୁମୀ ସଜନ୍ (ଓଆରଏସ୍), ଅଙ୍କିତ ମହାପାତ୍ର (ଓଏଫ୍‌ଏସ୍) ଏବଂ ଡ଼ ଗାର୍ଗୀ ବିଶ୍ୱମିତ୍ର (ଓଏଲ୍‌ଏସ୍) ନିଜ ଅଭିଜ୍ଞତା ବର୍ଣ୍ଣନା କରି ରାଜ୍ୟ ସିଭିଲ୍ ସର୍ଭିସ୍ କ୍ୟାଡର୍‌ରେ ଯୋଗ ଦେଇଥିବାରୁ ଖୁସି ବ୍ୟକ୍ତ କରିଥିଲେ । ବିଶେଷକରି ୫-ଟି ଉପକ୍ରମ ଦ୍ୱାରା ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ସ୍ୱୟଂକ୍ରିୟ ଏବଂ ବାଧାବିହୀନ ଭାବେ ପରିଚାଳନା କରାଯାଇଥିବା ପ୍ରକାଶ କରିଥିଲେ । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଓ ଶ୍ରମ ବିଭାଗ ସଚିବ ସନ୍ଥଗୋପାଳନ ଆଉ ଏହି ଅବସରରେ ଉପସ୍ଥିତ ଥିଲେ ।

## ରାୟଗଡ଼ା ପ୍ରଥମ...

ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଅଧିନରେ ଦେଶର ଅନୁନ୍ନତ ଏବଂ ପଛୁଆ ଭାବେ ପରିଗଣିତ ୧୧୨ଟି ଜିଲ୍ଲାରେ ଦ୍ରୁତ ତଥା ଫଳପ୍ରଦ ଭାବେ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଏବଂ ରୂପାନ୍ତରଣ ଆଣିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିରେ ଓଡ଼ିଶାର ୧୦ଟି ଜିଲ୍ଲା ଯଥା ଢେଙ୍କାନାଳ, ଗଜପତି, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା ସାମିଲ ରହିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ଜିଲ୍ଲାଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଣୟନ ହେଉଥିବା ବେଳେ ଜିଲ୍ଲାଗୁଡ଼ିକର ପ୍ରଗତିକୁ ମାପିବା ପାଇଁ ମାସିକ ଡେଲ୍‌ଟା ର୍‌ୟାଙ୍କିଙ୍ଗ୍‌ର ପ୍ରଣୟନ କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ, ଭିତ୍ତିଭୂମି ପରି ମୋଟ ୫ଟି ବଡ଼ ସାମାଜିକ-ଅର୍ଥନୈତିକ ବିଷୟବସ୍ତୁ/କ୍ଷେତ୍ରରେ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ହେଉଥିବା ବେଳେ ଏଥିରେ ଉନ୍ନତ ପ୍ରଦର୍ଶନ କରୁଥିବା ରାଜ୍ୟଗୁଡ଼ିକର ପ୍ରଦର୍ଶନ ପ୍ରାୟ ୪୯ଟି ସୂଚକାଙ୍କ ମାଧ୍ୟମରେ ନିର୍ଦ୍ଧାରଣ କରାଯାଉଛି ।

## ଚାଷ ଉଜାଡ଼ିଲା...

ଉପଯୋଗୀ କରାଯାଇଛି । ସେହିପରି ମାଲକାନଗିରି ଜିଲ୍ଲା କାଲିମେଲା ପଞ୍ଚାୟତ ଅନ୍ତର୍ଗତ ଦାମାଗୁଡା ଗ୍ରାମର ମୁକା କବାସିଙ୍କ ଘର ପବନ ଓ ବର୍ଷାରେ ଭୁଶୁଡ଼ିବାରୁ ତାଙ୍କ ପରିବାରର ୩ ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍‌ରେ ଧାନ, ମାଣ୍ଡିଆ, ପନିପରିବା ଓ ମକା ଫସଲର ସୁରକ୍ଷାକୁ ନେଇ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି । ନନ୍ଦାହାଣ୍ଡି ବ୍ଲକରେ ଲଗାଣ ବର୍ଷା ଯୋଗୁଁ ଧାନ ଓ ମକା ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି ।

## ତୀର୍ଥଯାତ୍ରାରେ ଗଲେ...

ତୀର୍ଥଯାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କର ଦୀର୍ଘାୟୁ କାମନା କରିଛନ୍ତି । ଏହି ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ଦେଓଗଡ଼ ଓ ଅନୁଗୁଳ ଜିଲ୍ଲାର ବରିଷ୍ଠ ନାଗରିକ ସାମିଲ ଅଛନ୍ତି । ଏହି ସ୍ୱତନ୍ତ୍ର ଟ୍ରେନଟି ୧୧ଟା ୩୦ରେ ଷ୍ଟେସନ ଛାଡିଥିଲା । ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାର ପରାମର୍ଶଦାତା ଦୁର୍ଗାପ୍ରସାଦ ସାମନ୍ତରାୟ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସଦର ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଅତିଥିମାନଙ୍କଦ୍ୱାରା ତୀର୍ଥଯାତ୍ରୀଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଥିବା କିଟ୍ ବ୍ୟାଗ ପ୍ରଦାନ କରାଯାଇଛି । ସମ୍ବଲପୁରୀ ନୃତ୍ୟର ତାଳେତାଳେ, ଶଙ୍ଖ ହୁଳହୁଳି ମଧ୍ୟରେ ତୀର୍ଥଯାତ୍ରୀଙ୍କୁ ବିଦାୟ ଦିଆଯାଇଥିଲା । ଏହି ତୀର୍ଥ ଯାତ୍ରୀମାନେ ଡିସେମ୍ବର ୧୧ରେ ସମ୍ବଲପୁର ପ୍ରତ୍ୟାବର୍ତ୍ତନ କରିବେ ।


**URGENT REQUIRE**

Urgently require an experienced cook & an assistant cook for a non-veg (exclusive fish) fastfood outlet near Pal Heights, Jaydev Vihar, Bhubaneswar. Interested person(s) may contact over Tel- **9938999902** for details.

**SALE**

MAH & MAH FES SWARAJ 843XM Tractor, Registration No- UNREGISTERED, in as is where is condition. Contact: Sundaram Finance Limited, Ph: 94371 02409 within 7 days

**SALE**

Escorts Kubota Power Track Euro 42 Plus Tractor , Registration No-OD-09-W-6918, in as is where is condition. Contact: Sundaram Finance Limited, Ph: 94371 02409 within 7 days

**SALE**

ESCORTS KUBOTA / PT EURO 45 PLUS VM Tractor, Registration No-OD-04-R-4090, in as is where is condition. Contact: Sundaram Finance Limited, Ph: 94371 02409 within 7 days

**CORRIGENDUM**

Due to some unavoidable circumstances the walk-in-Interview for the post of Lab-Attendant, PET & (Clerk - ST Category) which was scheduled to be held on 1o.lz.zoz3 has been postponed and will be rescheduled on 24.1,2.2023 as per the advertisement published on dated: 02.1,2.2023 in odia daily Newspaper 'SAKALA' Page No: 09.

**Sd/- Principal- Cum-secretary**

**ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ**

ତା: ୦୧.୧୨.୨୦୨୩ ଠାରୁ ୦୭.୧୨.୨୦୨୩

**ZERO FATALITY WEEK**

**1st to 7th December 2023**

ଏତଦ୍ ଦ୍ୱାରା ଜନସାଧାରଣଙ୍କୁ ଜଣାଇ ଦିଆଯାଇଛି ଯେ ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳନ ଅବସରରେ ନିମ୍ନ ଲିଖିତ ନିୟମ ଗୁଡ଼ିକ ମାନନ୍ତୁ ଏବଂ ଦୁର୍ଘଟଣା ଜନିତ ମୃତ୍ୟୁ ହାରକୁ ଶୂନ୍ୟ କରିବାରେ ସାହାଯ୍ୟ କରନ୍ତୁ ।

**ରାସ୍ତାରେ ଯାତାୟତ କରୁଥିବା ସମୟରେ ନିମ୍ନ ଲିଖିତ ନିୟମ ମାନି ଚାଲନ୍ତୁ**

୦୧-ଗାଡି ଚଳାଇବା ସମୟରେ ମୋବାଇଲ୍ ଫୋନ ବ୍ୟବହାର କରନ୍ତୁ ନାହିଁ ।
୦୨-ଦୁଇ ଚକିଆ ଯାନ ଚଳାଉଥିବା ସମୟରେ ହେଲ୍‌ମେଟ୍ ବ୍ୟବହାର କରନ୍ତୁ ।
୦୩-ମାଦକ ଦ୍ରବ୍ୟ ସେବନ କରି ଗାଡି ଚଳାନ୍ତୁ ନାହିଁ ।
୦୪-ଦୁଇ ଚକିଆ ଯାନରେ ଦୁଇଜଣରୁ ଅଧିକ ବସନ୍ତୁ ନାହିଁ ।
୦୫-୧୮ବର୍ଷରୁ କମ୍ ପିଲାମାନଙ୍କୁ ଗାଡି ଚଳାଇବାକୁ ଦିଅନ୍ତୁ ନାହିଁ ।
୦୬-ଗାଡି ଚଳାଇବା ପୂର୍ବରୁ ବ୍ରେକ୍,ହର୍ଣ୍ଣ,ଇଣ୍ଡିକେଟର,ଟାୟାର ପ୍ରେସର ଇଞ୍ଜିନ୍ ତେଲ ଚେକ୍ କରନ୍ତୁ ଏବଂ ଗାଡିର କାଗଜ ପତ୍ର ସାଙ୍ଗରେ ରଖନ୍ତୁ ।
୦୭-ମଟର ଗାଡି ଚଳାଇଲା ବେଳେ ସିଟ୍ ବେଲ୍ଟ ବ୍ୟବହାର କରନ୍ତୁ ।
୦୮-ପାର୍କିଙ୍ଗ୍ ସ୍ପେସରେ ଗାଡି ରଖନ୍ତୁ ।
୦୯-ଗୃହ ପାଳିତ ପଶୁଙ୍କୁ ରାସ୍ତା ଉପରେ ଛାଡନ୍ତୁ ନାହିଁ । ଏବଂ ଅଯଥା ରାସ୍ତା ଅବରୋଧ କରନ୍ତୁ ନାହିଁ ।
୧୦-ଶିକ୍ଷାନୁଷ୍ଠାନ,ଡାକ୍ତରଖାନା ଓ ବିଭିନ୍ନ କାର୍ଯ୍ୟାଳୟ ପାଖରେ କର୍କଶ ସ୍ୱରରେ ହର୍ଣ୍ଣ ବଜାନ୍ତୁ ନାହିଁ ଏବଂ ଗାଡି ଧିରେ ଚଳାନ୍ତୁ ।
୧୧-ଆବଶ୍ୟକ ଠାରୁ ଅଧିକ ଗତିରେ ଗାଡି ଚଳାନ୍ତୁ ନାହିଁ । ଅସୁସ୍ଥ ଥିଲେ ଗାଡି ଚଳାନ୍ତୁ ନାହିଁ ଏବଂ କ୍ଷମତା ଠାରୁ ଅଧିକ ଓଜନର ମାଲ୍ ଏବଂ ଯାତ୍ରୀ ପରିବହନ କରନ୍ତୁ ନାହିଁ ।

ଯଦି ଏହି ନିୟମ ଗୁଡିକୁ ଅବମାନନା କରନ୍ତି ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ।

ଜିଲ୍ଲା ସଡ଼କ ସୁରକ୍ଷା ସମିତି
ସୁନ୍ଦରଗଡ଼

**OFFICE OF THE MUNICIPAL COUNCIL, TALCHER**

**'e' – Procurement Notice**

**Tender Reference No. TCRM-17/2023-24**
**Bid Identification No.2023_ORULB_97753**
**No. 5285 / Dt.01.12.2023**

C-2006: Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. 20website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | 8 Nos. |
| 3) | Estimated Cost | :- | Rs.8.69 lakhs to Rs.19.99 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.02.12.2023 at 4.00 PM |
| 6) | Last date & time for receipt of Bid in the portal | :- | dt.14.12.2023 at 5.00 PM |
| 7) | Date of Opening Bid | :- | dt.15.12.2023 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. Further details can be seen from the procurement portal i.e. www.tendersorissa.gov.in | | |

OIPR-13077/11/0046/2324

Sd/- Executive Officer
Talcher Municipality

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank**
Together for the better
Oriental United

ପାରାଦୀପ ଶାଖା, ପାରାଦୀପ, ବ୍ୟାଙ୍କ ଷ୍ଟ୍ରିଟ୍, ବଡପଡିଆ ମାର୍କେଟ ନିକଟ, ପାରାଦୀପ,
ଜିଲ୍ଲା: ଜଗତସିଂହପୁର-୭୫୪୧୪୨, ଇ-ମେଲ୍: bo2166@pnb.co.in

**[ରୁଲ ୮(୧)] ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ୧ (ଆକ୍ଟ), ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇ ନିମ୍ନଲିଖିତ ବକେୟା ରାଶି ନୋଟିସ୍ ପାଇବା ତାରିଖର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩(୪)ର ୧(ଆକ୍ଟ) ଅନୁଯାୟୀ କଥିତ ରୁଲ୍‌ର ରୁଲ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । **ଏତଦ୍ୱାରା ଋଣଗ୍ରହୀତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା (୧୩)ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।** ବିଶେଷକରି ଋଣଗ୍ରହୀତା/ଜାମିନଦାରମାନଙ୍କୁ ଓ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସେବାବଦ ସୁଧ, ଦେୟ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ ।

| କ୍ର. ନଂ. | ଶାଖା/ ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ବିବରଣୀ | ଡ଼ିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ନାରାୟଣ ଚନ୍ଦ୍ର ପରିଡା, ପିତା: ଶ୍ରୀ ଧନୁର୍ଦ୍ଧର ପରିଡା, ସା.: ସନ୍ତରା, ପୋ.: ମଙ୍ଗରାଜପୁର, ଭାୟା: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | ଶ୍ରୀ ନାରାୟଣ ଚନ୍ଦ୍ର ପରିଡା, ପିତା: ଶ୍ରୀ ଧନୁର୍ଦ୍ଧର ପରିଡାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ବଳଦିଗାଡ଼ି, ତହସିଲ: କୁଜଙ୍ଗ, ଥାନା: ତିର୍ତ୍ତୋଲ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧, ଖାତା ନଂ.: ୧୫୬/୫୪, ପ୍ଲଟ୍ ନଂ.: ୨୨୬/୨୯୩, କ୍ଷେତ୍ର: ଏକର୦.୧୦ଡିସିମିଲି | ୦୧.୦୭.୨୦୨୩ ସୁଦ୍ଧା ଟ. ୫,୧୧,୫୭୩.୮୬ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୭.୦୭.୨୦୨୩ / ୦୧.୧୨.୨୦୨୩ |

ତାରିଖ:୦୬.୧୨.୨୦୨୩
ସ୍ଥାନ: ପାରାଦୀପ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

ସଚ୍ଚୋଟତା ଗୋଟିଏ ଅତି ଦୁର୍ମୂଲ୍ୟ ଗୁଣ। ଶସ୍ତା ଲୋକଙ୍କ ପାଖରୁ ଏହା ଆଶା କରାଯାଏନା।
-ୱାରେନ୍ ବଫେଟ୍

ସକାଳ
THE SAKALA

## ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଚେତାବନୀ

# ଓଡ଼ିଶା ଭିଜିଲାନ୍ସର ଶ୍ୟେନଦୃଷ୍ଟି

ଆଜିକାଲି ପ୍ରାୟ ପ୍ରତିଦିନ କେହି ନା କେହି ସରକାରୀ କର୍ମଚାରୀ, ଅଧିକାରୀ ବା ଉଚ୍ଚପଦସ୍ଥ ଅଫିସରଙ୍କର ଦୁର୍ନୀତି କାରନାମା ଖବରକାଗଜ ଓ ଅନ୍ୟାନ୍ୟ ଗଣମାଧ୍ୟମରେ ପ୍ରକାଶିତ ହେବାର ଦେଖିଲେ ଜଣେ ସାଧାରଣ ବ୍ୟକ୍ତିଙ୍କ ମନ ଆଶ୍ୱସ୍ତ ହୋଇଥାଏ। କାରଣ ପୋଖରୀରୁ ଗୋଟିଏ ଶଢ଼ା ମାଛ ଅଲଗା କରିଦେଲେ ଯେ ଜଳ ନିର୍ମଳ ହୁଏ ତାହା ସ୍ୱାଭାବିକ କଥା। ସରକାରୀ କର୍ମଚାରୀ ଚାକିରି କରି ଜନତାଙ୍କ ଟିକସ ଆୟରୁ ଦରମା ପାଆନ୍ତି। କିନ୍ତୁ 'ଉପୁରି' ଆୟ ଜଣେ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ବେଆଇନ ହେଲେ ମଧ୍ୟ ବିପୁଳ ଆର୍ଥିକ ଲାଭ ଆଣିଦିଏ। କିନ୍ତୁ ଜନତାଙ୍କ ସେବା ଯାହାର କର୍ତ୍ତବ୍ୟ ସେମାନେ ଯଦି ଲାଭାର୍ଥୀ ଜନତାଙ୍କ ପ୍ରାପ୍ୟ ବାଟମାରଣା କରନ୍ତି ବା ଅସାଧୁ ଉପାୟରେ ନ୍ୟାଯ୍ୟ ଦାବି ଅନ୍ୟ କାହାରିକୁ ଦିଅନ୍ତି ସେଠାରେ ପ୍ରଶାସନ ବାଟବଣା ହୁଏ ଓ ଶାସନ ବ୍ୟବସ୍ଥାରେ କଳଙ୍କି ଲାଗେ। ତେଣୁ ଦୁର୍ନୀତିର ନିର୍ମୂଳ କରିବା ଶାସନର ଏକ ବଡ଼ କର୍ତ୍ତବ୍ୟ।

ଭାରତରେ ସରକାରୀ କର୍ମଚାରୀଙ୍କ ଦ୍ୱାରା ଦୁର୍ନୀତି ଓ ଅର୍ଥ ଆତ୍ମସାତ ଏକ ଗୁରୁତର ସମସ୍ୟା ହୋଇ ରହି ଆସିଛି। ଅବଶ୍ୟ ସରକାରୀ କର୍ମଚାରୀଙ୍କ ଦୁର୍ନୀତି ଓ ସରକାରଙ୍କ ଦ୍ୱାରା ଦୁର୍ନୀତି ଦୁଇଟି ଭିନ୍ନ କଥା। ତେବେ ଯେଉଁ ରାଜ୍ୟରେ ସରକାର ଦୁର୍ନୀତିରେ ସ୍ୱୟଂ ଲିପ୍ତ, ସେଠାରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ଦୁର୍ନୀତିପରାୟଣ। ସାଧାରଣତଃ ବିକାଶଶୀଳ ଅର୍ଥନୀତିରେ ଦୁର୍ନୀତି ବଢ଼ିଥାଏ। ସ୍ୱଚ୍ଛତାର ଅଭାବ ଯଥା ସରକାରୀ ପ୍ରକ୍ରିୟାରେ ଅସ୍ୱଚ୍ଛତା, ନିଷ୍ପତ୍ତି ଗ୍ରହଣରେ ତଞ୍ଚକତା ଏବଂ ଲୁଚାଛପା କାରବାର ତଥା ଦୁର୍ବଳ ଲୋକ ପ୍ରଶାସନ ବ୍ୟବସ୍ଥା ଯୋଗୁଁ ଦୁର୍ନୀତି ବଢ଼େ। ଏହା ଶାସନ, ସରକାର, ବ୍ୟବସ୍ଥା ଓ ଜନଜୀବନକୁ ଗୁରୁତର ପ୍ରଭାବିତ କରିଥାଏ। ଶାସନ ଏବଂ ସରକାର ଉପରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ପଡ଼େ ଏବଂ ରାଜନୈତିକ ଅସ୍ଥିରତା ସୃଷ୍ଟି ହୁଏ। ଏହି ପ୍ରେକ୍ଷାପଟରେ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ ଯେଉଁ ରାଜ୍ୟରେ ଦୃଢ଼ ତଥା ସ୍ୱଚ୍ଛ ସରକାର ରହିଛି, ସେ ରାଜ୍ୟରେ ଦୁର୍ନୀତି କମ୍ ଏବଂ ସେଠାରେ ରାଜନୈତିକ ସ୍ଥିରତା ଭଲ। ୨୦୨୨ର ତଥ୍ୟ ଅନୁସାରେ ଭାରତର ଦୁଇ ପ୍ରମୁଖ ରାଜ୍ୟ ମହାରାଷ୍ଟ୍ର ଓ ରାଜସ୍ଥାନରେ ସର୍ବାଧିକ ଦୁର୍ନୀତି ମାମଲା ଘଟିଥିଲା। ସେ ଉଭୟ ରାଜ୍ୟରେ ପ୍ରତି ପାଞ୍ଚବର୍ଷରେ ଥରେ ସରକାର ବଦଳିବା ସହିତ ରାଜନୈତିକ ଅସ୍ଥିରତା ଲାଗିରହିଛି।

ଦୀର୍ଘ ୨୩ ବର୍ଷ ତଳେ ପ୍ରଥମେ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ଦୁର୍ନୀତି ବିରୋଧରେ ରଣହୁଙ୍କାର ଦେବା ସହିତ ଏ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଥିଲେ। ସେବେଠାରୁ ଏଯାବତ୍ ଦୁର୍ନୀତିପରାୟଣ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଅଭିଯାନ ଜାରି ରହିଛି। ଏହି ପ୍ରକ୍ରିୟାରେ ମନ୍ତ୍ରୀ ପ୍ରଶାସକଙ୍କଠାରୁ ଆରମ୍ଭ କରି ତଳିଆ କର୍ମଚାରୀଙ୍କ ପର୍ଯ୍ୟନ୍ତ କୌଣସି ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ବରଦାସ୍ତ କରାଯାଉନାହିଁ। ଦୋଷୀ ସାବ୍ୟସ୍ତ ହୋଇଥିବା ଅନେକଙ୍କୁ ଚାକିରିରୁ ବହିଷ୍କାର ସହିତ ଜେଲ୍ ଦଣ୍ଡ, ଜୋରିମାନା, ସମ୍ପତ୍ତି ବାଜ୍ୟାପ୍ତି ଏବଂ ପେନ୍‌ସନ୍ ବନ୍ଦ କରାଯାଉଛି। ଏଥିପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗ ବିଶେଷ ସକ୍ରିୟ ହୋଇ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛି। ଏହାଫଳରେ ଦୁର୍ନୀତି ପ୍ରତି ସରକାରୀ କର୍ମଚାରୀଙ୍କ ସ୍ତରରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ମଣିଷ ପ୍ରକୃତିକୁ ବଦଳାଇବା ସହଜ ନୁହେଁ। କିଛି କର୍ମଚାରୀ ମୂଷା ପରି ଲୁଚି ଛପି ଏତେ ପାପଧନ ଅର୍ଜନ କରିଛନ୍ତି ଯେ ସେମାନଙ୍କଠାରୁ ଜବତ ଟଙ୍କା ଗଣିବାକୁ ମେସିନ୍ ଲାଗାଇବାକୁ ପଡୁଛି। ମୋଟ୍ ସରକାରୀ କର୍ମଚାରୀଙ୍କ ସଂଖ୍ୟା ଓ ଦୁର୍ନୀତି ନିବାରଣ ବିଭାଗର କର୍ମଚାରୀଙ୍କ ସଂଖ୍ୟା ଦୃଷ୍ଟିରୁ ସମସ୍ତଙ୍କୁ ଧରିବା ସମ୍ଭବ ନୁହେଁ। ତେଣୁ ଅସାଧୁ ଲୋକମାନେ ପରିସ୍ଥିତିର ଫାଇଦା ଉଠାନ୍ତି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ତଥ୍ୟ ଅନୁସାରେ ଆୟ ତୁଳନାରେ ଅଧିକ ସମ୍ପତ୍ତି ଅର୍ଜନ କରିଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ୨୦୨୨ରେ ଯେତେ ମାମଲା ରୁଜୁ ହୋଇଥିଲା ତାହାର ହାର ଓ ସଂଖ୍ୟା ଓଡ଼ିଶାରେ ସର୍ବାଧିକ। ବିଗତ ତିନିବର୍ଷ ମଧ୍ୟରେ ୨୦୦ରୁ ଅଧିକ ସରକାରୀ କର୍ମଚାରୀଙ୍କୁ ଆୟ ତୁଳନାରେ ଅଧିକ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଚାକିରିରୁ ବିଦା କରାଯାଇଥିବାବେଳେ ଅନେକଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ୨୦୨୨ରେ ଗୋଟିଏ ବର୍ଷରେ ଓଡ଼ିଶା ଭିଜିଲାନ୍ସ ବିଭାଗ ୮୫ଟି ଆୟ ବହିର୍ଭୂତ ମାମଲା ପଞ୍ଜିକୃତ କରି ଦେଶରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ୫୬ ଓ ୪୦ ମାମଲା ସହିତ କର୍ଣ୍ଣାଟକ ଏବଂ ବିହାର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଓଡ଼ିଶାରେ ୨୦୨୧ରେ ୨୬୫ ଓ ୨୦୨୨ରେ ୨୮୭ ସରକାରୀ କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏହି ଅଭିଯୋଗରେ ବେସରକାରୀ ବ୍ୟକ୍ତିଙ୍କୁ ମଧ୍ୟ ଛଡ଼ା ଯାଉନାହିଁ। ବେଆଇନ୍ ଅର୍ଥ କାରବାର, କ୍ରିପ୍ଟୋ କରେନ୍ସିରେ ଡିଜିଟାଲ ବ୍ୟବସ୍ଥାରେ ବେଆଇନ ଅର୍ଥ ଉପାର୍ଜନ, ଟିକସ ଫାଙ୍କି ଆଦି ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ରାଜ୍ୟ ଭିଜିଲାନ୍ସ ତଥ୍ୟ ଅନୁସାରେ ଗତବର୍ଷ ୯୧ ସରକାରୀ କର୍ମଚାରୀ ଓ ୫୬ ବେସରକାରୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୧୭୪ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଜବତ ହୋଇଛି। ଏହି ସମୟରେ ଆୟ ତୁଳନାରେ ଅଧିକ ଅର୍ଥ ଠୁଳ ମାମଲାରେ ୩୨ ପ୍ରଥମ ଶ୍ରେଣୀ ସରକାରୀ ଓ ୨୭ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ହୋଇଛି। ୨୦୨୨ରେ ମଧ୍ୟ ରାଜ୍ୟ ଭିଜିଲାନ୍ସ ବିଭାଗ ୭.୦୧ କୋଟି ଟଙ୍କା ଅଭିଯୁକ୍ତଙ୍କଠାରୁ ଜବତ କରିଛି।

ଆଜିକାଲି ଦୁର୍ନୀତିର ଫନ୍ଦି ବଦଳିଛି। ନୂଆ ନୂଆ ଉପାୟରେ ଦୁର୍ନୀତି ହେଉଛି। ତେଣୁ ନୂଆ ଟେକ୍‌ନୋଲୋଜିର ଉପଯୋଗ କରି ଦୁର୍ନୀତିକୁ ଧରିବା ପାଇଁ ପେସାଦାରମାନଙ୍କୁ ଅଧିକ ସଂଖ୍ୟାରେ ନିୟୋଜିତ କରିବାକୁ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବଡ଼ କଥା ହେଲା ରାଜନୈତିକ ଇଚ୍ଛାଶକ୍ତି ପ୍ରକାଶ ନ ପାଇଲେ ଦୁର୍ନୀତି ବିରୋଧରେ ଲଢ଼େଇ ସଫଳ ହୁଏ ନାହିଁ ଓ ଏହା ଲୋକଦେଖାଣିଆ ହୋଇଥାଏ। ଏହି କାମ ନିରନ୍ତର ଚାଲିବା ସହ ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକ ତଥ୍ୟ ପ୍ରମାଣ ଠୁଳ କରି ସେମାନଙ୍କ ମାମଲାକୁ ଭିଜିଲାନ୍ସ କୋର୍ଟରେ ସଫଳ ପରିଚାଳନା କରିବା ଆବଶ୍ୟକ। ତା' ନହେଲେ ଅଭିଯୁକ୍ତ ସହଜରେ ମୁକୁଳି ଯିବେ। ମୁଖ୍ୟମନ୍ତ୍ରୀ ଯେତେବେଳେ ନିଜେ ଏ କ୍ଷେତ୍ରରେ ସ୍ୱତନ୍ତ୍ର ଆଗ୍ରହ ପ୍ରଦର୍ଶନ କରି ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବାକୁ କହୁଛନ୍ତି, ସେଥିରୁ ତାଙ୍କ ଇଚ୍ଛାଶକ୍ତି ଓ ଉଦ୍ଦେଶ୍ୟ ସ୍ପଷ୍ଟ। କହିବା ବାହୁଲ୍ୟ ଯେ ସ୍ୱଚ୍ଛତା ଗୋଟିଏ ସରକାରର ଏକ ବଡ଼ ରାଜନୈତିକ ଓ ପ୍ରଶାସନିକ ପୁଞ୍ଜି। ଏହା ଶାସନ ମୁଖ୍ୟଙ୍କର ଭାବମୂର୍ତ୍ତି କେବଳ ବଢ଼ାଏ ନାହିଁ, ସରକାର ଓ ପ୍ରଶାସନ ଉପରେ ଜନତାଙ୍କ ଭରସା ବୃଦ୍ଧି କରିଥାଏ। ଓଡ଼ିଶାରେ ଦୁର୍ନୀତି ନିବାରଣ ଅଭିଯାନ ଆହୁରି ସଶକ୍ତ ହେଉ।

# ଓଡ଼ିଶାର ରୂପାନ୍ତରଣ



ରଜତ କୁମାର ପଣ୍ଡା
ଭୁବନେଶ୍ୱର, ମୋ: ୭୫୩୯୦୩୫୨୩୯

ରୂପାନ୍ତରଣ ଆଉ ଗୋଟିଏ ଶବ୍ଦ ହୋଇ ନାହିଁ। ଗାଁରୁ ସହରର କୋଣଅନୁକୋଣରେ ରୂପାନ୍ତରଣର ସ୍ପର୍ଶ ଏକ ନୂଆ ଓଡ଼ିଶା ଗଠନରେ ବିକାଶର ପ୍ରଭାବୀ ପ୍ରତିଶବ୍ଦ ଭାବେ ଉଭା ହୋଇଛି କହିଲେ ଭୁଲ୍ ହେବନି। ଦେଶର ଭିନ୍ନଭିନ୍ନ ରାଜନୈତିକ ଦଶନ୍ଧିରେ ଆମେ ବିକାଶର ଅନେକ ନାରା ଶୁଣିଛେ। ୬୦ ଦଶକରେ ଲାଲବାହାଦୁର ଶାସ୍ତ୍ରୀଙ୍କର 'ଜୟ ଜବାନ ଜୟ କିଶାନ' ହେଉ କି ୭୦ ଦଶକରେ ଇନ୍ଦିରା ଗାନ୍ଧୀଙ୍କ 'ଗରିବୀ ହଟାଓ' କିମ୍ବା ଏନଡିଏର 'ଇଣ୍ଡିଆ ସାଇନିଂ'। ଜନତାଙ୍କ ମୁଡ୍ ଓ ସାଂପ୍ରତିକ ସ୍ଥିତିରେ ବିଭିନ୍ନ ରାଜନୈତିକ ଦଳ ବିକାଶର ଅନେକ ସ୍ଲୋଗାନକୁ ଜନ୍ମ ଦିଅନ୍ତି। ହେଲେ ବିକାଶକୁ ନେଇ ଲୋକଙ୍କ ମଧ୍ୟରୁ ଏକ ନାରା ଜାତ ହେବା ବୋଧହୁଏ ବିରଳ। ଆଉ ସେ ବିରଳର ବିରଳତମ କାହାଣୀ ଲେଖିଛନ୍ତି ଓଡ଼ିଶାବାସୀ। ଲୋକଙ୍କ ମୁହଁରୁ ଯେଉଁ ଶୀର୍ଷକ ବା ସ୍ଲୋଗାନଟି ଆଜି ରାଜ୍ୟବ୍ୟାପୀ ହୋଇଛି ତାହା ହେଉଛି 'ରୂପାନ୍ତରଣ'।

ରୂପାନ୍ତରଣ ବା ଟ୍ରାନ୍ସଫରମେସନ। ନୂଆ ଓଡ଼ିଶା ଗଠନରେ ଗୂଢ଼ ଫର୍ମୁଲା ସାଜିଥିବା 'ଫାଇଭ-ଟି'ରେ ୪ଟି 'T' ର ସମାହାରରେ ଯେଉଁ ପଞ୍ଚମ 'T' ଟି ସୃଷ୍ଟି ହୋଇଛି ତାହା ହିଁ ଟ୍ରାନ୍ସଫରମେସନ ଅର୍ଥାତ ରୂପାନ୍ତରଣ। ରାଜ୍ୟରେ ରୂପାନ୍ତରଣର ପରିବ୍ୟାପ୍ତତା ଆଉ ସଫଳତାକୁ ନେଇ ଅନେକ ସମୟରେ ତର୍କବିତର୍କ ହୋଇଛି। ବିଗତ ଦିନରେ ଓ ବର୍ତ୍ତମାନ ମଧ୍ୟ ପ୍ରଶ୍ନ ଉଠିଛି ରୂପାନ୍ତରଣକୁ ନେଇ, ସମାଲୋଚନା ହୋଇଛି ସମୃଦ୍ଧିକୁ ନେଇ। ହେଲେ ଜନଜୀବନରେ ରୂପାନ୍ତରଣ କେତେ ପ୍ରଭାବ ପକାଇଛି ଓ ଏହାଦ୍ୱାରା ଓଡ଼ିଶାବାସୀ କେତେ ରୂପାନ୍ତରିତ ହୋଇଛନ୍ତି ତାହାର ଉଦାହରଣ ଆପଣ ଅନୁଭବ କରିପାରିବେ ଆଉ ଦେଖିପାରିବେ, ଯେତେବେଳେ ଆପଣ ରୂପାନ୍ତରଣକୁ ଦେଖିବାକୁ ଚାହିଁବେ। ସମୃଦ୍ଧିର ସ୍ୱର୍ଗ ହେଉଛି ରୂପାନ୍ତରଣ। ଆମେ ସମସ୍ତେ ଜାଣିଛେ, ସମାଲୋଚନା ଏକ ସହଜ ଶବ୍ଦ। କିନ୍ତୁ ସମାଲୋଚନା ପାଖରେ ଅଟକିଯାଇ ପ୍ରଶଂସାକୁ ଦୂର ପାହାଡ଼ ଅସୁନ୍ଦର ନ୍ୟାୟରେ ଆପଣ ଯଦି ପ୍ରତ୍ୟାଖ୍ୟାନ କରିବେ ତେବେ ରୂପାନ୍ତରଣର ବାସ୍ତବ ଅନୁଭୂତି ସୁଦୂର ପରାହତ ହୋଇ ରହିଯିବ।

ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାର ଜନତାଙ୍କ ନିକଟରେ ଉତ୍ତରଦାୟୀ। ଲୋକଙ୍କ ସବୁ ପ୍ରଶ୍ନର ଉତ୍ତର ଦେବାକୁ ସରକାର ବାଧ୍ୟ। କିନ୍ତୁ ଅନେକ ସମୟରେ ବ୍ୟବସ୍ଥାକୁ ଉତ୍ତର ଦେବାକୁ ଆବଶ୍ୟକ ପଡ଼େନି। କାରଣ ସରକାରଙ୍କ କାର୍ଯ୍ୟଧାରା ହିଁ ପ୍ରଶ୍ନ ପଚାରିବା ଆଗରୁ ଉତ୍ତର ଦେଇଦିଏ। ଠିକ ଏମିତି ପରମ୍ପରା ତିଆରି ହୋଇଛି ଓଡ଼ିଶାରେ। ଆମ ରାଜ୍ୟରେ କ'ଣ ରୂପାନ୍ତରିତ ହୋଇଛି ? ଲୋକଙ୍କ ଜୀବନରେ ରୂପାନ୍ତରଣର ପ୍ରଭାବ କ'ଣ ପଡିଛି? ଏ ପ୍ରଶ୍ନ ଆଜି ପ୍ରତିଟି ଓଡ଼ିଶାବାସୀ ଦେଉଛନ୍ତି। ସରକାରୀ ଡାକ୍ତରଖାନା କଥା ଛାଡ଼ନ୍ତୁ, ଆଜି ଆପଣ ରାଜଧାନୀର ଅଥବା ରାଜ୍ୟ ବାହାରର ଗୋଟିଏ ବଡ଼ ବେସରକାରୀ ଡାକ୍ତରଖାନାକୁ ଯାଆନ୍ତୁ। ଆପଣ ସେହି ଡାକ୍ତରଖାନାର କାଉଣ୍ଟରରୁ ହିଁ ରୂପାନ୍ତରଣର ଦୃଶ୍ୟ ଦେଖିପାରିବେ। ଯେଉଁ ହସପିଟାଲର ଦୁଆର ମାଡ଼ିବାକୁ ଗାଁର ଗରିବଟିଏ ଡରୁଥିଲା, ଆଜି ସେହି ଡାକ୍ତରଖାନାରେ ମାଗଣାରେ ତା'ର ହାର୍ଟ ଅପରେସନ କରାଯାଉଛି। ବୋଧହୁଏ ଏହାଠୁ ରୂପାନ୍ତରଣର ବଡ଼ ପ୍ରମାଣ ଆଉ କିଛି ନଥାଇପାରେ। ବିଏସକେୱାଇରେ ଚିକିତ୍ସିତ ହୋଇଥିବା ରୋଗୀଟିଏ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ଆପଣ ପଚାରନ୍ତୁ ରୂପାନ୍ତରଣ କ'ଣ? ଅନେକ ପ୍ରଶ୍ନ କରିବେ, ଏହାଦ୍ୱାରା ଘରୋଇ ଡାକ୍ତରଖାନାକୁ ମୁନାଫା ଦିଆଯାଉଛି, ହେଲେ ବାସ୍ତବ କଥା ଓଡ଼ିଶାବାସୀଙ୍କ ଜୀବନ ବଞ୍ଚୁଛି। ଆଉ ଆମ ପାଇଁ, ଆପଣଙ୍କ ପାଇଁ ଜୀବନ ହିଁ ମୂଲ୍ୟବାନ। ଏ ମୂଲ୍ୟବାନ ପ୍ରକ୍ରିୟାକୁ ବିଏସ୍‌କେୱାଇ କରିଦେଖାଇଛି ଆଉ ରୂପାନ୍ତରଣ ପାଇଁ ହିଁ ସମ୍ଭବ ହୋଇଛି। ଗୋଟିଏ ସରକାରୀ ଡାକ୍ତରଖାନାରେ କ୍ୟାନସର ପାଇଁ ମାଗଣାରେ କେମୋ ମିଳିବା ହେଉ କି ଏସସିବି ଭଳି ମେଡିକାଲକୁ ବିଶ୍ୱସ୍ତରୀୟ କରି ୫ ହଜାର ବେଡର ବ୍ୟବସ୍ଥା କରିବା ଖାଲି ରୂପାନ୍ତରଣର ବାର୍ତ୍ତା ଦେଉନି ବରଂ ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ସରକାରର ଉତ୍ତରଦାୟିତ୍ୱକୁ ଆହୁରି ସୁଦୃଢ଼ କରୁଛି। ଆପଣଙ୍କର ମନେଥିବ ନିଶ୍ଚୟ, ଆପଣଙ୍କ ସମୟରେ ଗାଁର ଚିତ୍ର। ଗାଁରେ ମନ୍ଦିରଟିଏ କରିବାକୁ ଏମଏଲଏ, ଏମପିଙ୍କ ପାଖକୁ ଧାଇଁ ଧାଇଁ ଲୋକଙ୍କର ଚପଲ ସରିଯାଉଥିଲା। ଯେତିକି ଅନୁଦାନ ମିଳୁଥିଲା ସେତକ ହାତୀକୁ ହୋମିଓପାଥି ଭଳି। ଗାଁ ଲୋକ ବେଠି ଖଟୁଥିଲେ, ଘର ଘର ଚାନ୍ଦା ଆଦାୟ କରି ମନ୍ଦିର ତିଆରି କରୁଥିଲେ। ସେଦିନ ଆଉ ଆଜିର ଦିନକୁ ଆପଣ ଯଦି ଧଳା ଚଷମା ପିନ୍ଧି ତଉଲିବେ ତେବେ ଆପଣ ବି ଦେଖିପାରିବେ ରୂପାନ୍ତରଣ କ'ଣ। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଗୋଟିଏ ଯୋଜନା ହୋଇପାରେ। ହେଲେ ଗାଁ ବିକାଶର ଗୋଟିଏ ନୂତନ ସୂର୍ଯ୍ୟଭାବେ ପ୍ରତିଟି ଗ୍ରାମବାସୀଙ୍କ ଭିତରେ ଆଶାର ନୂଆ ସମ୍ଭାବନା ନେଇ ଆସିଛି।

ଆମ ଠାକୁର ଆମର ଅଭିମାନ। ଆମ ଐତିହ୍ୟ ଓ କୀର୍ତ୍ତିରାଜି ଆମ ପରିଚୟ। ବିଗତ କିଛି ବର୍ଷରେ, ନିର୍ଦ୍ଦିଷ୍ଟ ଭାବେ ଆମ ବ୍ୟବସ୍ଥାରେ ଫାଇଭ-ଟି ଲାଗୁହେବା ପରେ ମଠ ମନ୍ଦିରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଯେଉଁଭଳି ଭାବେ ପଦକ୍ଷେପ ନିଆଯାଇଛି ତାହା କ'ଣ ରୂପାନ୍ତରଣ ନୁହେଁ କି? ଥରେ ମନେପକାନ୍ତୁ ୨୦୧୯ ମସିହା ପୂର୍ବର ପୁରୀ। ମାଳମାଳ କୋଠାବାଡ଼ି, ଦୋକାନବଜାର, ହୋର୍ଡିଂ ଆଗରେ ଶ୍ରୀମନ୍ଦିର ତ ବଡ଼ କଥା ଦୂରରୁ ନୀଳଚକ୍ର ବି ଦେଖିବା କଷ୍ଟ ଥିଲା। ହେଲେ ଆଜିର ପରିକ୍ରମା ପ୍ରକଳ୍ପ ହିଁ ବୟାନ କରୁଛି ରୂପାନ୍ତରଣର ଅଧ୍ୟାତ୍ମିକ ଅନୁଭୂତି କେତେ ମିଠା ହୋଇପାରେ। ଖାଲି ଶ୍ରୀମନ୍ଦିର ନୁହେଁ, ମହାଶିବରାତ୍ରୀରେ ପ୍ରଭୁ ଲିଙ୍ଗରାଜ ମନ୍ଦିର ଆଗରେ ଦୀପ ଜାଳୁଥିବା ଶ୍ରଦ୍ଧାଳୁ ହିଁ କହିପାରିବେ ରୂପାନ୍ତରଣ କ'ଣ। ତାରାତାରିଣୀ ମନ୍ଦିର, ସମଲେଇ ମନ୍ଦିର, କଣ୍ଟିଲୋର ନୀଳମାଧବ ମନ୍ଦିରଠୁ ବରଗଡ଼ର ନୃସିଂହନାଥ ଏବଂ ମାଆ ଶିଖରଚଣ୍ଡୀଠୁ ଜଗତସିଂହପୁରର ମାଆ ସାରଳାଙ୍କ ମନ୍ଦିର ପର୍ଯ୍ୟନ୍ତ ଆଧ୍ୟାତ୍ମିକ ଅନୁଭୂତିକୁ ଅଙ୍ଗେ ନିଭାଇଥିବା ପ୍ରତ୍ୟେକଟି ଭକ୍ତ ଆଜି ରୂପାନ୍ତରଣର ପ୍ରତିଟି ଅକ୍ଷର ସହ ଭଲ ଭାବେ ପରିଚିତ।

ଜନସାଧାରଣ କ'ଣ ଚାହାନ୍ତି? ଲୋକଙ୍କ ମନଜାଣି କାମ କରିବା ହିଁ ରୂପାନ୍ତରଣ। ଓଡ଼ିଶାର ଲୋକଙ୍କ ଆବଶ୍ୟକତାର ଯେଉଁ ଦିଗକୁ ଆପଣ ଦେଖିବେ ସେଠାରେ ରୂପାନ୍ତରଣ ଚିତ୍ର ସ୍ପଷ୍ଟ ଦେଖିପାରିବେ। ଗାଁରେ ସ୍କୁଲର ଅବସ୍ଥା କେମିତି ଥିଲା ତାହା ସମସ୍ତଙ୍କୁ ଜଣା। ଆମ ସମୟରେ ସାଇନ୍ସ ଲାବ୍ରୋଟାରୀ ଗୋଟିଏ ବିଜ୍ଞାନ ଭିତ୍ତିକ ଶବ୍ଦ ହୋଇ ରହିଯାଇଥିଲା। ଏଲଇଡି ସ୍କ୍ରିନ କଥା ଛାଡ଼ନ୍ତୁ, ସ୍କୁଲରେ ପଙ୍ଖା ବୁଲିବା ହିଁ ଗୋଟିଏ ବଡ଼ ଉପଲବ୍ଧି ଥିଲା। କିନ୍ତୁ ଶିକ୍ଷା ରୂପାନ୍ତରଣରେ ଫାଇଭ-ଟି ସ୍କୁଲର ଗୁରୁତ୍ୱ ଏବଂ ସଫଳତା ଓଡ଼ିଶାର ଛାତ୍ରଛାତ୍ରୀ ଅନୁଭବ କରୁଛନ୍ତି। ଗୋଟିଏ ସମୟ ଥିଲା, ଗାଁରେ ବସ ଗଡ଼ିବା ସ୍ୱପ୍ନ ଥିଲା। ରାଜ୍ୟରେ ହଜାର ହଜାର ଗାଁକୁ ଆଜି ବି ବସ ସେବା ନାହିଁ। ଏକଥାକୁ ଆମକୁ ମାନିବାକୁ ପଡ଼ିବ। ଏହା ଯଦି ବାସ୍ତବ ହୁଏ ତେବେ ଲକ୍ଷ୍ମୀ ବସ ହେଉଛି ରୂପାନ୍ତରଣ। ଆଉ ଏହା ଗ୍ରହଣଯୋଗ୍ୟ। ଯେଉଁଠି ୫ ଟଙ୍କାରେ ପାନ ମହଙ୍ଗା ହେଉଛି ସେଠି ଲକ୍ଷ୍ମୀ ବସରେ ୫ ଟଙ୍କାରେ ମହିଳା, ଦିବ୍ୟାଙ୍ଗ ଓ ଛାତ୍ରଛାତ୍ରୀ ଯାତାୟାତ କରିବା ରୂପାନ୍ତରଣ ନୁହେଁ ତ ଆଉ କ'ଣ! ଆପଣ ଯେମିତି ଚଷମା ପିନ୍ଧିବେ ଆପଣଙ୍କୁ ଚାରିଆଡ଼େ ସେହି ରଙ୍ଗ ଦେଖାଯିବ। ଗଣତନ୍ତ୍ର ପାଇଁ ବିରୋଧ ନିହାତି ଆବଶ୍ୟକ। ପ୍ରତିବାଦ ଓ ସମାଲୋଚନା ଆମ ବ୍ୟବସ୍ଥାକୁ ସଶକ୍ତ କରେ। କିନ୍ତୁ ବିରୋଧ ଆଳରେ ବିକାଶକୁ ବିରୋଧ କରିବା ଆଉ ଅଗ୍ରାହ୍ୟ କରିବା ସମୀଚୀନ କି ? ରୂପାନ୍ତରଣର ଅସ୍ତିତ୍ୱକୁ ପ୍ରଶ୍ନ କରିବା ପୂର୍ବରୁ ଆମେ ଯଦି ଥରେ କଟକର ତାଳଦଣ୍ଡା କେନାଲ ବୁଲି ଆସନ୍ତେ ତେବେ ହୁଏତ ଏ ପ୍ରଶ୍ନରେ ପୂର୍ଣ୍ଣଚ୍ଛେଦ ପଡ଼ନ୍ତା ନିଶ୍ଚିତ। ମନ୍ଦିର ବୁଲା କଦଳୀ ବିକା ନ୍ୟାୟରେ ଆପଣଙ୍କ ଆମୋଦପ୍ରମୋଦ ବି ହୋଇଯାଆନ୍ତା। ଦିନେ ଆବର୍ଜନାର ନର୍ଦ୍ଦମା ସାଜିଥିବା ତାଳଦଣ୍ଡା ପୁନର୍ଜୀବିତ ହେବ, ତା'ର କଳାମଚମଚ ପାଣି ଲୋକଙ୍କ ଖୁସିର ବାରିଧାରା ସାଜିବ ଏକଥା କେହି ସ୍ୱପ୍ନରେ ବି ଭାବିନଥିଲେ। ହେଲେ ରୂପାନ୍ତରଣର ସ୍ପର୍ଶ ସେ ଅକଳ୍ପନୀୟ କାହାଣୀକୁ ବାସ୍ତବତାର ରୂପ ଦେଇଛି। ବାଦାମବାଡ଼ିରେ ଭିଡ଼ ଭିତରୁ ନେତାଜୀ ବସ ଟର୍ମିନାଲର ଜନ୍ମ କଥା କୁହନ୍ତୁ କି ବର୍ଷ ବର୍ଷ ଧରି ନବକଳେବର ଅପେକ୍ଷାରେ ଥିବା ବରମୁଣ୍ଡା। ଏସବୁକୁ ଆପଣ ଥରେ ଆଖି ବୁଲାଇ ଦେଖି ଆସନ୍ତୁ। ଆପଣ ରୂପାନ୍ତରଣକୁ ଭଲଭାବରେ ଆଉ ଅତିପାଖରୁ ସ୍ପଷ୍ଟ ଭାବେ ଦେଖିପାରିବେ।

ଏବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନଜର ପକାନ୍ତୁ। ଦାଦନର ଦୁର୍ନାମ ଓଡ଼ିଶାର ପରିଚୟକୁ ଅନେକ ସମୟରେ କଳଙ୍କିତ କରିଛି। ଏ ଅଲୋଡ଼ା ପରିଚୟକୁ ଇତିହାସ କରିବାକୁ ଗୋଟିଏ ସମୃଦ୍ଧ ପ୍ରୟାସଟିଏ ପ୍ରତି ଯୁବପିଢ଼ିଙ୍କ ମନରେ ଆଶା ଜାଗ୍ରତ କରିଛି। ଆଉ ସେ ପ୍ରୟାସଟି ହେଉଛି ରୂପାନ୍ତରଣ। ବିଶ୍ୱ ଦକ୍ଷତା କେନ୍ଦ୍ର ମାଧ୍ୟମରେ ଓଡ଼ିଶାର ଦକ୍ଷତାକୁ ସାରା ବିଶ୍ୱ ଭରସା କରୁଛି। ନିପ୍ପନ ଭଳି ଶିଳ୍ପ ଓଡ଼ିଶାରେ ପ୍ଲାଣ୍ଟ ସ୍ଥାପନ କରିବା କିଛି ଛୋଟ କଥା ନୁହେଁ। ଦେଶ ବିଦେଶର ପ୍ରତିଷ୍ଠିତ ଆଇଟି କମ୍ପାନୀ ଏବେ ଓଡ଼ିଶା ମୁହାଁ। ଷ୍ଟାର୍ଟଅପ୍ ମେଳା କଥା କୁହନ୍ତୁ କି ମେକ୍ ଇନ୍ ଓଡ଼ିଶା। ଏସଏଚଜିକୁ ଏସଏମଇରେ ପରିବର୍ତ୍ତନ ଏବଂ ବିଜୁ ଏକ୍ସପ୍ରେସ ୱେ ନିର୍ମାଣ କରି ଇକୋନୋମିକାଲ କରିଡର ସ୍ଥାପନ କରିବା ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତର ଗୋଟିଏ ପରେ ଗୋଟିଏ ପୃଷ୍ଠାକୁ ଓଲଟାଉଛି। ମିଶନ ଶକ୍ତି ମାଧ୍ୟମରେ ୭୦ ଲକ୍ଷ ମହିଳା ସଶକ୍ତ ହେବା, ଓଡ଼ିଶାରୁ ବିଦେଶକୁ ଡାଇରେକ୍ଟ ଫ୍ଲାଇଟ ସେବା ମିଳିବା ଏବଂ ସର୍ବୋପରି ଓଡ଼ିଶାରେ ମେଟ୍ରୋ ଯୁଗର ଶୁଭାରମ୍ଭକୁ ଆପଣ ଗ୍ରହଣ କରିବେ ନି ବା କେମିତି ? ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚିବା ସରକାରର ଉତ୍ତରଦାୟିତ୍ୱକୁ ନିଭାଇଥାଏ। ଯେତେବେଳେ ପ୍ରତି ଦୁଆରେ ସିଏମଓ ପହଞ୍ଚିଥାଏ ସେତେବେଳେ ଗୋଟିଏ ସରକାରର ସଶକ୍ତ ସେବାନୀତି ପ୍ରତିଫଳିତ ହୋଇଥାଏ। ୭ ଦିନରେ ଯଦି ବର୍ଷ ବର୍ଷର ସମସ୍ୟାର ସମାଧାନ ହୋଇପାରୁଛି, ଗାଁ ମନ୍ଦିର, ମସଜିଦ ଓ ଚର୍ଚ୍ଚର ଉନ୍ନତିକରଣ ହୋଇପାରୁଛି ଏବଂ ୫୦ ବର୍ଷ ସମସ୍ୟାର ସମାଧାନ ହୋଇ ଲୋକଙ୍କୁ ଜମି ପଟ୍ଟା ମିଳିପାରୁଛି, ପ୍ରତି ଗାଁକୁ ପାଣି, ଚାଷ ଜମିକୁ ଜଳ ଓ ଅଟକିଥିବା କାମ ତତକ୍ଷଣାତ ହୋଇପାରୁଛି ତେବେ ଏହାକୁ ରୂପାନ୍ତରଣ ଭାବେ ଗ୍ରହଣ କରିବାରେ ଅସୁବିଧା କେଉଁଠି ରହୁଛି ?

ବିକାଶର ନାରା ରାଜନେତା ଦିଅନ୍ତି। କିନ୍ତୁ ଯେତେବେଳେ ଲୋକଙ୍କ ମୁହଁରୁ ସମୃଦ୍ଧିର ସ୍ୱର ଶୁଭେ ସେତେବେଳେ ବିକାଶ ବାସ୍ତବତା ରୂପପାଏ। ଯେତେବେଳେ ତାଳଦଣ୍ଡାର ବୋଟ୍ ଉପରେ ବସି ଲୋକଟିଏ କହୁଛି ଆମେ ରୂପାନ୍ତରିତ ତାଳଦଣ୍ଡାରେ ବୁଲୁଛୁ, ପୁରୀ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଟିଏ ଠିଆ ହୋଇ କହୁଛି ଆମେ ରୂପାନ୍ତରିତ ପୁରୀକୁ ଦେଖୁଛୁ, ଡାକ୍ତରଖାନାରେ ମାଗଣାରେ ଚିକିତ୍ସିତ ହେବା ପରେ ରୋଗୀଟିଏ କହୁଛି ମୁଁ ରୂପାନ୍ତରିତ ଓଡ଼ିଶାରେ ରହୁଛି, କୋରାପୁଟର ଚାଷୀଟିଏ ଷ୍ଟ୍ରବେରୀ ଫଳାଇ କୃଷି ରୂପାନ୍ତରଣକୁ ଶ୍ରେୟ ଦେଉଛି, ସେତେବେଳେ ବୋଧହୁଏ ବିକାଶର ପ୍ରମାଣ କାହାକୁ ଦେବାକୁ ଆବଶ୍ୟକତା ପଡୁନି। ସରକାରକୁ ପ୍ରତିବାଦ କରିବା, ବ୍ୟବସ୍ଥାକୁ ସମାଲୋଚନା କରିବା ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମର ଅଧିକାର। କିନ୍ତୁ ବ୍ୟବସ୍ଥାକୁ ବିରୋଧ ଆଳରେ ବିକାଶକୁ ନଦେଖିବା ଗ୍ରହଣଯୋଗ୍ୟ ନୁହେଁ। ନଦୀରେ କେତେପାଣି ଆସିଛି ବୋଲି ଆମେ ନଦୀକୂଳକୁ ଯାଇ ଦେଖିବାକୁ ପଛାଉନାହେଁ, ଆଖିରେ ନଦେଖିଲେ ବିଶ୍ୱାସ କରିବାନି ବୋଲି ନୀତିବାଣୀ ଶୁଣାଉଛେ। ହେଲେ ରୂପାନ୍ତରଣର ବାସ୍ତବତାକୁ ଦେଖିବାକୁ ପଛଘୁଞ୍ଚା କାହିଁକି ଦେଉଛେ ? ରୂପାନ୍ତରଣର ହିତାଧିକାରୀ ହେଉଛନ୍ତି ଓଡ଼ିଶାବାସୀ। ଏହି ଧାରାରେ ଗାଁରୁ ସହର ପର୍ଯ୍ୟନ୍ତ ସ୍ୱତଃପ୍ରବୃତ ଭାବେ ଲୋକଙ୍କ ମୁହଁରେ ଯେଉଁ ନାରାଟି ସୃଷ୍ଟି ହୋଇଛି ତାହା ହେଉଛି ରୂପାନ୍ତରଣ। ଆଉ ଏହା ଗ୍ରହଣଯୋଗ୍ୟ।

# ଆତ୍ମସଂଯମ ଓ ଆତ୍ମସମ୍ମାନ



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭

ଭାରତବର୍ଷର ସଂସ୍କୃତିରେ ଆବହମାନ କାଳରୁ ଯେକୌଣସି ଉଚ୍ଚ ଏବଂ ମହାନ ଲକ୍ଷ୍ୟ ହାସଲ ପାଇଁ ମାନବ ଜନ୍ମ ଓ ଜୀବନକୁ ଏକ ଅମୂଲ୍ୟ ଉପାଦାନ ଓ ଆବଶ୍ୟକତା ଭାବେ ନିଆଯାଇଛି। ଭାରତୀୟ ଦର୍ଶନ ବୈଦିକ ଯୁଗରୁ କେବେହେଲେ ଅର୍ଥ ଉପାର୍ଜନ, ବିଳାସ ବ୍ୟସନ, ଖ୍ୟାତି କିମ୍ବା ପ୍ରଶଂସା ଅର୍ଜନକୁ ଜୀବନର ଉଦ୍ଦେଶ୍ୟ ଭାବେ ନେଇ ନାହିଁ। ଶରୀର, ମନ ଏବଂ ଆତ୍ମାର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ଆଦର୍ଶ ଜୀବନ ଗଠନ ଓ ଯାପନ କରିବା ପାଇଁ ଆମର ଯେଉଁ ଦୈବୀ ଗୁଣ ଅଛି ସେଗୁଡ଼ିକର ପରିପାଳନ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ।

ସାଧୁତା, ବିଶ୍ୱସନୀୟତା, ସଚ୍ଚୋଟତା ଓ ନୈତିକ ଉତ୍କୃଷ୍ଟତା ଏଗୁଡ଼ିକ ଏପରି ମାନବୀୟ ସଦ୍‌ଗୁଣ ଯାହାର ତୁଳନା ନାହିଁ। ଏଥିରୁ କୌଣସି ଗୋଟିଏ ନଥିଲେ ମଧ୍ୟ ବ୍ୟକ୍ତିର ନୈତିକ ମୂଲ୍ୟବୋଧ ମାନଚକ୍ରରେ ଦୁର୍ବଳତା ଲକ୍ଷ୍ୟ କରାଯାଏ। ନିଜର କର୍ତ୍ତବ୍ୟର ପ୍ରତିପାଳନ ଏବଂ ନିଜର ଆଦର୍ଶର ନିର୍ଭୀକ ସମର୍ଥନ ହିଁ ଏକ ସଫଳ ଜୀବନ ଗଠନ ଦିଗରେ ଆମର ପଥ ପ୍ରଦର୍ଶକ। ଆମ ଭିତରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜକୁ ଆଦର୍ଶବାଦୀ କୁହନ୍ତି କିନ୍ତୁ କୌଣସି ଆଦର୍ଶ ଓ ଗୁଣର ପାଳନ କରିବା ତାଙ୍କଠାରେ ଦେଖାଯାଏ ନାହିଁ।

ଆଜି ମଧ୍ୟ ଆଚାର ବ୍ୟବହାରରେ ବିଶୁଦ୍ଧତା, ପବିତ୍ରତା ଓ ହୃଦୟରେ ନିର୍ମଳତା ରଖି ଆତ୍ମସମ୍ମାନର ସହ ସଂସାରରେ ଜୀବନ ନିର୍ବାହ କରିବା ଆଦୌ କଷ୍ଟକର ବ୍ୟାପାର ନୁହେଁ। ଯେଉଁମାନେ କହନ୍ତି ଯେ ଆଜିକାଲି ଆମ ସମାଜର ବାତାବରଣ ଏତେ ଦୂଷିତ ହୋଇଗଲାଣି ଯେ ଏଥିରେ ନିର୍ମଳ ଜୀବନଯାପନ କରିବା ଅସମ୍ଭବ, ସେମାନେ ହୁଏତ ନିଜଠାରେ କୌଣସି ଦୋଷ ଦେଖିପାରନ୍ତି ନାହିଁ। ସେମାନଙ୍କର ହୁଏତ ଆତ୍ମସଂଯମ ଓ ଆତ୍ମ ନିୟନ୍ତ୍ରଣର ଅଭାବ, ଯେଉଁଥିପାଇଁ ସେମାନେ ମନକୁ ନିୟନ୍ତ୍ରଣ ଓ କର୍ତ୍ତୃତ୍ୱାଧୀନ କରିବାରେ ସମର୍ଥ ନୁହନ୍ତି। ଅମାନିଆ ମନ ଶୃଙ୍ଖଳିତ ରହିପାରେ ନାହିଁ ଏବଂ ବିବେକ କଥା ନମାନି ସେ ନିୟନ୍ତ୍ରଣବାହାରକୁ ଚାଲିଯାଏ। ନିଜେ କଳା ଚଷମା ପିନ୍ଧିବା ଲୋକେ ଦୁନିଆକୁ କଳା ଦେଖନ୍ତି, ବିବେକର ନିର୍ଦ୍ଦେଶକୁ ମାନନ୍ତି ନାହିଁ।

ସୁନିୟନ୍ତ୍ରିତ ଜୀବନଯାପନ ପାଇଁ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି। ଏଭଳି ସମୀକ୍ଷା ପାଇଁ



କୌଣସି ବାହ୍ୟ ଉପଦେଶ ବା ଶିକ୍ଷାର ଆବଶ୍ୟକତା ନପଡ଼ିପାରେ। ଏଥିପାଇଁ ଆତ୍ମ ନିର୍ଦ୍ଧାରିତ ଓ ସ୍ୱନିରୂପିତ ବିଚାରକ ହେଉଛି ନିଜର ବିବେକ। ଏଥିପାଇଁ ଆମେ ଆତ୍ମପ୍ରତ୍ୟୟୀ ହେବାର ଆବଶ୍ୟକତା ଅଛି ଏବଂ ନିଜର ପ୍ରକୃତି ଓ ଉଦ୍ଦେଶ୍ୟ ଆଦି ଭଲଭାବେ ଜାଣିବା ଆବଶ୍ୟକ। ନିଜ ଉଦ୍ଦେଶ୍ୟ ସାଧନ ପାଇଁ ମାଡ଼ିବସି କାମ କରିଯାଉଥିବା ଲୋକକୁ ବିବେକବନ୍ତ କୁହାଯାଇପାରି ନାହିଁ। କେବଳ ନିଜକଥା ବା ନିଜ ଗୁଣ କଥା ଭାବୁଥିବା ଲୋକ ନିଜର ଆତ୍ମଗରିମା ଗାଇପାରେ କିନ୍ତୁ ସେ ଅନ୍ତରରେ ଆତ୍ମବିଶ୍ୱାସୀ ହୁଏତ ନହୋଇପାରେ। ତାକୁ ଆମେ ଆତ୍ମ ସଚେତନଶୀଳ କହିପାରିବା ନାହିଁ। ସବୁବେଳେ ଚୁପ୍‌ଚାପ୍ ରହୁଥିବା ବ୍ୟକ୍ତି ସ୍ୱୟଂସମ୍ପୂର୍ଣ୍ଣ ବା ପଣ୍ଡିତ ନୁହେଁ। ସେ ହୁଏତ ଆତ୍ମନିୟନ୍ତ୍ରଣ ପାଇଁ ଭୟଭୀତ ବା କୁଣ୍ଠିତ ହୋଇପାରେ। ତା' ପାଇଁ ପରିସ୍ଥିତି ଏପରି ଆସିପାରେ ଯେ, ସେ ଆତ୍ମନିୟନ୍ତ୍ରଣ ଓ ଆତ୍ମସଂଯମ ହରାଇ ବସେ ଓ ନାନା ଅସାମାଜିକ କାଣ୍ଡ ମଧ୍ୟ କରିପାରେ।

ଆତ୍ମସଚେତନଶୀଳ ବ୍ୟକ୍ତି ନିଜର ଅଧିକାର ଓ ଆତ୍ମସମ୍ମାନର ରକ୍ଷା କରିବା ପାଇଁ ଉଦ୍ୟମ କରିବାରେ କୌଣସି ଭୁଲ ନାହିଁ, କିନ୍ତୁ ଆବଶ୍ୟକ ପଡ଼ିଲେ ଏଥିପାଇଁ ସ୍ୱାର୍ଥତ୍ୟାଗ ଓ ସମ୍ଭୋଗତ୍ୟାଗ ପାଇଁ ପ୍ରସ୍ତୁତ ରହିବା ହିଁ ସାମାଜିକ ଦାୟିତ୍ୱ ଓ ମହାନତା। ଏଥିପାଇଁ ନିଜକୁ ନ୍ୟୂନ କରିବାର କୌଣସି ଆବଶ୍ୟକତା ନାହିଁ। ଆତ୍ମସଂଯମ ଥିଲେ ହିଁ ନିଜକୁ ନିୟୋଜିତ କରିବାର ଶକ୍ତି ମଣିଷ ଲାଭ କରେ। ନିଜକୁ ନମ୍ର ରଖ, କିନ୍ତୁ ନିଜକୁ ଗୌଣ ଓ ନ୍ୟୂନ କରିବା ଅନୁଚିତ ଓ ବ୍ୟକ୍ତିତ୍ୱ ଗଠନ ଦିଗରେ ଏହା ହାନିକାରକ। ବେଳେବେଳେ ଜଣେ ବ୍ୟକ୍ତିର ଆତ୍ମସମ୍ମାନ ନଥିଲେ ତାହା ଅପରାଧ ତତ୍ତ୍ୱକୁ ଜାତ କରାଏ। ଆତ୍ମସମ୍ମାନ, ଆତ୍ମନିର୍ଭରତା ଓ ଆତ୍ମସିଦ୍ଧି ମାର୍ଗରେ ଏଭଳି ହୀନମନ୍ୟତାର ମାନସିକତା ସବୁଠାରୁ ବଡ଼ ବାଧକ।

ଦୟା ଓ ଅନୁକମ୍ପା ଆଉ ଦୁଇଟି ମହାନ ମାନବୀୟ ଗୁଣ। ବିଚାରଶୀଳ ବ୍ୟକ୍ତି ହିଁ ଦୟାଶୀଳ ହୋଇଥା'ନ୍ତି। ଦୟାଶୀଳ ପ୍ରକୃତିର ଲୋକ ହିଁ କ୍ଷମାଶୀଳ ହୋଇଥା'ନ୍ତି। ଆମର ପୁରାଣ ଓ ଶାସ୍ତ୍ରମାନଙ୍କରେ ଅଛି କ୍ଷମାଠାରୁ ଆଉ ବଡ଼ ଦୈବୀଗୁଣ ନାହିଁ। ସହାନୁଭୂତିଶୀଳ ମନୋଭାବ ପୋଷଣ କରିବା ଏବଂ ମାନବ ଓ ଅନ୍ୟ ସମସ୍ତ ଜୀବଙ୍କ ପ୍ରତି ସହାନଭୂତି ସମ୍ପନ୍ନ ହେବା ଆମର ମହାନ ସାମାଜିକ ଧର୍ମ ଭାବେ ଗଣାଯାଏ କାରଣ ଏହା ସମାଜକୁ ଧାରଣ କରି ରଖେ। ଯାହା ସମାଜକୁ ଏକାଠି ଧରି ରଖେ ତାହା ଧର୍ମ ଏବଂ ଯାହା ସମାଜକୁ ଭାଙ୍ଗିଦିଏ, ଖଣ୍ଡ ଖଣ୍ଡ କରିଦିଏ ତାହା ଅଧର୍ମ। ହିଂସା ହେଉଛି ଅଧର୍ମ ଏବଂ ଅହିଂସା ହେଉଛି ଧର୍ମ। ସତ୍ୟ ହେଉଛି ଧର୍ମ ଏବଂ ମିଥ୍ୟା ହେଉଛି ଅଧର୍ମ। ଘୃଣା ଏବଂ ଦ୍ୱେଷ ହେଉଛି ଅଧର୍ମ, ପ୍ରେମ ହେଉଛି ଧର୍ମ।

ଆମ ଛାତ୍ର ଓ ଯୁବସମାଜ ପାଇଁ ନିତାନ୍ତ ଆବଶ୍ୟକ ହେଉଛି ଗଠନମୂଳକ ଭାବନା, ଉତ୍ସାହ, ପ୍ରେରଣା ଓ ପ୍ରୋତ୍ସାହନର ଅନେକ ଉତ୍ସ। ଆଦର୍ଶ ପାଳନ ପାଇଁ ଓ ସୃଜନଶୀଳ କାର୍ଯ୍ୟ ପାଇଁ ସେମାନଙ୍କୁ ପ୍ରେରଣା ଦେବା ଓ ପ୍ରବର୍ତ୍ତାଇବା ସମାଜର ସମସ୍ତ ଶିକ୍ଷକ ଓ ଗୁରୁଜନ ସ୍ଥାନୀୟ ବ୍ୟକ୍ତିମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ। କର୍ତ୍ତବ୍ୟନିଷ୍ଠା, କର୍ତ୍ତବ୍ୟ ପରାୟଣତା, ଆଜ୍ଞାନୁବର୍ତ୍ତିତା, ବରିଷ୍ଠ ଲୋକଙ୍କ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ, ନୈତିକ ଓ ଆଇନଗତ କର୍ତ୍ତବ୍ୟ ପ୍ରତି ଦାୟିତ୍ୱ ବୋଧ, ନ୍ୟାୟ, ସତ୍‌କାର୍ଯ୍ୟ ଓ ସେବାର ବନ୍ଧନ ଶକ୍ତି ପାଇଁ ଉପଯୁକ୍ତ ସମ୍ମାନ ଇତ୍ୟାଦି ମୂଲ୍ୟବୋଧଗୁଡ଼ିକର ମୂଳଦୂଆ ବାଲ୍ୟକାଳରୁ ଓ ଛାତ୍ର ଜୀବନରୁ ପଡ଼ିଗଲେ ପରବର୍ତ୍ତୀ ସମୟରେ ଆଦର୍ଶ ଜୀବନ ଯାପନରେ ଆଉ କୌଣସି ଅସୁବିଧା ହେବ ନାହିଁ।

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଅପରାଧର ନୂଆରୂପ

# ନଗ୍ନ କାୟାର ମାୟା



### ଗୁପ୍ତଚରଙ୍କ ନଗ୍ନ ଭିଡିଓର ଜାଲ

ବିଦେଶୀ ଗୁପ୍ତଚର ତଥ୍ୟ ହାସଲ ପାଇଁ ନ୍ୟୁଡ୍ ଭିଡିଓକୁ ଅମୋଘ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଶୀତଳ ଯୁଦ୍ଧ ସମୟରେ ଦୁଇ ମହାଶକ୍ତି କିଛି ସ୍ଥାନରେ ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରି ସଫଳତା ହାସଲ କରିଥିଲେ କିଛି ଗୁପ୍ତଚର। ଗତ ମେ ମାସରେ ନିଉଡ୍ ଭିଡିଓର ମାୟାଜାଲରେ ଶିକାର ହୋଇଥିଲେ ଡିଆର୍‌ଡିଓର ନିର୍ଦ୍ଦେଶକ ପଦରେ ଥିବା ଅଧିକାରୀ ପ୍ରଦୀପ କୁରୁଲକର ପାକିସ୍ତାନୀ ମହିଳା ଏଜେଣ୍ଟଙ୍କ ଦ୍ୱାରା ହନିଟ୍ରାପର ଶିକାର ହୋଇ ଜେଲ୍ ଯାଇଥିଲେ।

### ପର୍ଣ୍ଣୋଗ୍ରାଫି

ପର୍ଣ୍ଣୋଗ୍ରାଫି ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ଏଭଳି ଭିଡିଓ ପ୍ରସ୍ତୁତ କରାଯାଉଛି। ଯାହାର କାୟା ଭାରତ ବଜାରରେ ବିସ୍ତାର କରିଚାଲିଛି। ଭାରତ ବଜାରରେ ଏହା ଏକ ବଡ଼ ବ୍ୟବସାୟ ଭାବେ ଉଭା ହେଲାଣି। ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରା ଗିରଫହେବା ପରେ ଏହା ସାମ୍ନାକୁ ଆସିଥିଲା।



### ଋଣ ନେଲା ବେଳେ ସାବଧାନ !

ଆପ୍ ମାଧ୍ୟମରେ ଋଣନେଲା ବେଳେ ହୋଇଯାଆନ୍ତୁ ସାବଧାନ। ଏହି ଆପ୍‌ଗୁଡ଼ିକ ଅଧିକ ସୁଧ ହାରରେ ଅତି ସହଜରେ ଲୋକଙ୍କୁ ଋଣ ଦେଇ ଦେଉଛନ୍ତି। ପ୍ରତିବଦଳରେ ଫୋନ୍‌ରେ ଥିବା ସମସ୍ତ ଡକ୍ୟୁମେଣ୍ଟ, ଫଟୋ ଏବଂ ଭିଡିଓ ଚୋରି କରି ନେଉଛନ୍ତି। ପରେ ସେମାନେ ଲୋନ୍ ସ୍କାମ୍‌ରେ ଫସାଉଛନ୍ତି। ଋଣ ଟଙ୍କା ରିକଭରୀ କଲା ବେଳେ ନ୍ୟୁଡ୍ ଭିଡିଓ ଏହି ଆପ୍‌ଗୁଡିକର ମୁଖ୍ୟ ହତିଆର ପାଲଟୁଛି। ଯଦି ଫୋନ୍‌ରେ କିଛି ଅନ୍ତରଙ୍ଗ ଭିଡିଓ ଥିବ ତେବେ ଏହାକୁ ଭାଇରାଲ୍ କରିବାର ଧମକ୍ ଦେଇ ବ୍ଲାକ୍‌ମେଲିଂ କରୁଛନ୍ତି। ଯଦି ପ୍ରକୃତ ଭିଡିଓ ନ ମିଳିଲା ତେବେ ବିଭିନ୍ନ ମାଧ୍ୟମରେ ଫେକ୍ ନ୍ୟୁଡ୍ ଭିଡିଓ ପ୍ରସ୍ତୁତ କରି ଋଣ ଟଙ୍କା ରିକଭରୀ କରୁଛନ୍ତି। ଏଭଳି ବହୁଲୋକ ସର୍ବସ୍ୱାନ୍ତ ହେବା ନଜିର ରହିଛି।

### ଯୁବପିଢ଼ିଙ୍କ ଅଜବ ଟ୍ରେଣ୍ଡ

ସାଙ୍ଗସାଥୀଙ୍କ ସହ ନ୍ୟୁଡ୍ ଭିଡିଓ ବନାଇବାକୁ ଯୁବପିଢ଼ିଙ୍କ ମଧ୍ୟରେ ଏକ ଅଜବ ଧରଣର ଟ୍ରେଣ୍ଡ ଦେଖାଯାଉଛି। ବନ୍ଧୁତାର ସ୍ମୃତି ରହୁ ବୋଲି ଯୁକ୍ତିବାଢ଼ି ଏହି ଭିଡିଓ ପ୍ରସ୍ତୁତ କରାଯାଉଛି। ପରବର୍ତ୍ତୀ ସମୟରେ ଏହା ଘାତକ ପାଲଟୁଛି। ଖଣ୍ଡଗିରି ଥାନା ଅଞ୍ଚଳରେ ରାଜ୍ୟ ବାହାରର ଜଣେ ଯୁବକଙ୍କ ଏଭଳି କାରନାମା ଯୋଗୁଁ ଜଣେ ଯୁବତୀଙ୍କ ବିବାହରେ ବାଧା ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ଯୁବତୀଙ୍କ ବିବାହ ଦିନ ହିଁ ସୋ କଲ୍ଡ୍ ସ୍ମୃତି ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିବା ଭିଡିଓକୁ ଭାଇରାଲ୍ କରାଯାଇଥିଲା।

### ରାଜନୀତିରେ ଭିଡିଓ ମୋହରା

ରାଜନୀତିର ପଶାପାଲିରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବାକୁ ପ୍ରତିପକ୍ଷଙ୍କ ଘୃଣ୍ୟ ଚକ୍ରାନ୍ତରେ ନ୍ୟୁଡ୍ ଭିଡିଓ ମୋହରା ସାଜୁଛି। ରାଜନୀତି ଏହାକୁ ସେକ୍ସ୍ ଟେପ୍ କିମ୍ବା ସେକ୍ସ୍ ସ୍କାଣ୍ଡାଲ ବୋଲି କୁହାଯାଇଥାଏ। ଠିକ୍ ନିର୍ବାଚନ ସମୟରେ ଏଭଳି ଭିଡିଓର ଆବିର୍ଭାବ ହୁଏ। ଏଭଳି ଭାଇରାଲଥ ଭିଡିଓ ପଛରେ କିଛିଟା ସତ୍ୟତା ଥାଏ ପୁଣି ଆଉ କିଛି ଫେକ୍ ଭିଡିଓକୁ ନେତାଙ୍କ ଲୋକପ୍ରିୟତା କମାଇବାକୁ ବ୍ୟବହାର କରାଯାଏ। ଗତ ନିର୍ବାଚନ ସମୟରେ ରାଜ୍ୟରେ କିଛି ରାଜନେତା ଏହାର ଶିକାର ହୋଇଥିଲେ। ନୂତନ ଭାବେ ଦିଲ୍ଲୀରେ ଆମ୍ ଆଦମୀ ପାର୍ଟିର ଆବିର୍ଭାବ ପରେ ବହୁ ସେକ୍ସ ସ୍କାଣ୍ଡାଲ ମାମଲାରେ ବହୁ ରାଜନେତାଙ୍କ ୱିକେଟ ଗଳି ପଡ଼ିଥିଲା। ପରେ ହାର୍ଦ୍ଦିକ ପଟେଲ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ଏଭଳି ନ୍ୟୁଡ୍ ଫେକ୍ ଭିଡିଓ ସାମ୍ନାକୁ ଆସିଥିଲା।







### ଡିପ୍ ଫେକ୍

ଡିପ୍ ଫେକ୍ ଜରିଆରେ ପ୍ରସ୍ତୁତ ହେଉଛି ନ୍ୟୁଡ୍ ଭିଡିଓ। ପୁରୁଷ କିମ୍ବା ମହିଳା ବନ୍ଧୁଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ ନ କରି ମଧ୍ୟ ନ୍ୟୁଡ୍ ଭିଡିଓ ପ୍ରସ୍ତୁତ କରାଯାଇ ଭାଇରାଲ୍ ହେଉଛି। ଏହା ଜଣାପଡ଼ିବା ପରେ ଲୋକଙ୍କ ହୋସ୍ ଉଡ଼ିଯାଉଛି। ବଡ଼ ବଡ଼ ସେଲିବ୍ରେଟିମାନଙ୍କୁ ବଦ୍‌ନାମ କରିବାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଏଭଳି ଭିଡିଓ ପ୍ରସ୍ତୁତ କରାଯାଉଛି। ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ରଶ୍ମୀକାଙ୍କ ସମେତ ବହୁ ପ୍ରତିଷ୍ଠିତ କଳାକାରଙ୍କ ଏଭଳି ଭିଡିଓକୁ ଇଣ୍ଟରନେଟ୍‌ରେ ଭାଇରାଲ କରାଯାଉଛି।

### ନ୍ୟୁଡ୍ ଭିଡିଓ କଲ୍

ଇଣ୍ଟରନେଟ୍‌ରେ ନ୍ୟୁଡ୍ କଲ୍ ସର୍ଚ୍ଚ କଲେ ମିଳୁଛି ଗଣ୍ଡାଗଣ୍ଡା ୱେବ୍‌ସାଇଟ୍। ଅବାଧରେ ଏହି ୱେବ୍‌ସାଇଟ୍‌ଗୁଡ଼ିକ ସର୍ବସାଧାରଣରେ ଉପଲବ୍ଧ ରହୁଛି। ଭିଡିଓ କଲ୍‌ରେ କେବଳ କପଡ଼ା ଖୋଲିବାକୁ ଏମାନେ ଟଙ୍କା ଦାବି କରୁଛନ୍ତି। ଏଥିପାଇଁ ଘଣ୍ଟା ପ୍ରତି ୨ଶହ ଟଙ୍କାରୁ ଆରମ୍ଭ କରି ୫ହଜାର ଟଙ୍କା ପର୍ଯ୍ୟନ୍ତ ଯୁବତୀ, ମହିଳା ଦାବି କରୁଛନ୍ତି। ଏବେ ପୁରୁଷ ମାନେ ମଧ୍ୟ ଏଥିରେ ସାମିଲ ହେଲେଣି।

### ବିବାହର ଅଜବ ସ୍ମୃତି

ଆଜିର ଯୁବଗୋଷ୍ଠୀଙ୍କ ମଧ୍ୟରେ ନୂଆଧରା ଦେଖିବାକୁ ମିଳୁଛି। ବିବାହ ସମୟରେ ପତ୍ନୀଙ୍କ ଜାଣତରେ ନ୍ୟୁଡ୍ ଭିଡିଓ ପ୍ରସ୍ତୁତ କରାଯାଉଛି। ହେଲେ କୌଣସି କାରଣବଶତଃ ପରବର୍ତ୍ତୀ ସମୟରେ ଏହା ଲିକ୍ ହୋଇଯାଉଛି। ନଚେତ ବିବାହ ବିଚ୍ଛେଦ ପରେ ସ୍ୱାମୀଙ୍କ ଦ୍ୱାରା ଏହାକୁ ବ୍ଲାକମେଲିଂର ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି।

### ନ୍ୟୁଡ୍ ଭିଡିଓରୁ ବ୍ଲାକ୍‌ମେଲିଂ

ନ୍ୟୁଡ୍ ଭିଡିଓ ବ୍ଲାକ୍‌ମେଲିଂର ମୁଖ୍ୟଅସ୍ତ୍ର ପାଲଟିଛି। ଯୁବତୀମାନେ ମିଠାମିଠା କଥା କହି ନିଜ ପୁରୁଷ ବନ୍ଧୁଙ୍କ ସହ ଅନ୍ତରଙ୍ଗ ଭିଡିଓକୁ ପ୍ରଥମେ କ୍ୟାମେରାରେ କଏଦ କରୁଛନ୍ତି। ପରବର୍ତ୍ତୀ ସମୟରେ ଏହାକୁ ଢାଲ କରି ଟଙ୍କା, ଦାମୀ ଗାଡ଼ି ଏବଂ ଅନ୍ୟାନ୍ୟ ଫାଇଦା ଯୋଗାଡ଼ରେ ଲାଗିଯାଉଛନ୍ତି। ନ ଦେଲେ ଏହି ଭିଡିଓକୁ ଭାଇରାଲ୍ କରି ବଡ଼ ବଡ଼ ହସ୍ତୀଙ୍କ ଇଜ୍ଜତ ଉତାରୀ ଦେଉଛନ୍ତି। ରାଜ୍ୟରେ ଅର୍ଚ୍ଚନା ନାଗ ଏବଂ ଶ୍ରଦ୍ଧାଞ୍ଜଳିଙ୍କ ଯୋଡ଼ି ଜଣେ ସିନେ-ନିର୍ଦ୍ଦେଶକଙ୍କୁ ଏହି ଜାଲରେ ଫସାଇ ହଇଚଇ ଖୋଳାଇଥିବା ନେଇ ନିକଟରେ ଚର୍ଚ୍ଚା ଜୋର୍ ଧରିଥିଲା ବେଳେ ଏବେ ଦ୍ୱିତୀୟ ଅର୍ଚ୍ଚନା ଭାବେ ମୁସ୍କାନ୍‌ଙ୍କ ନାଁ ଆସୁଛି। ନ୍ୟୁଡ୍ ଭିଡିଓକୁ ଆଧାର କରି ହେଉଥିବା ଏଭଳି ଅନେକ ବ୍ଲାକ୍‌ମେଲିଂ ପରଦା ପଛରେ ରହୁଛି ବୋଲି ଚର୍ଚ୍ଚା ହେଉଛି।

### ଶାରୀରିକ ସମ୍ପର୍କ ପାଇଁ ବାଧ କରାଯାଉଛି

ଭିଡିଓକୁ ଆଧାରକରି ଶାରୀରିକ ସମ୍ପର୍କ ରଖିବାକୁ ବାଧ କରାଯାଉଛି। ଇଚ୍ଛା ନ ଥିଲେ ମଧ୍ୟ ଏହାର ଶିକାର ହୋଇଥିବା ଯୁବତୀ ଜଣଙ୍କ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରାଯାଉଛି। ଗତ ୨୪ ଅଗଷ୍ଟରେ ସୂର୍ଯ୍ୟକାନ୍ତ ଦାସ ନାମକ ଜଣେ ଯୁବକଙ୍କୁ ପୁଲିସ ଗିରଫକରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଏହାକୁ ଦେଖାଇ ଯୁବତୀଙ୍କୁ ବ୍ଲାକ୍‌ମେଲିଂ କରି ସୂର୍ଯ୍ୟକାନ୍ତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ।



ନ୍ୟୁଡ୍ ଭିଡିଓ ରାଜ୍ୟରେ କାୟା ବିସ୍ତାର କରିବାରେ ଲାଗିଛି। କେତେବେଳେ ଏହା ବ୍ଲାକ୍‌ମେଲିଂର ଏକ ଜରିଆ ପାଲଟୁଛି ତ ପୁଣି କେତେବେଳେ ବୈଦେଶିକ ରଣନୀତିର ଏକ ଅଭିନ୍ନ ଅଙ୍ଗ ପାଲଟୁଛି। ପୁଣି କେତେବେଳେ ଏହି ସାଙ୍ଘାତିକ ଭିଡିଓ ଜଣେ ବ୍ୟକ୍ତି ପାଇଁ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟୁଛି। ମାତ୍ର କିଛି ସେକେଣ୍ଡର ଭିଡିଓ ପ୍ରତ୍ୟେକ ଦିନ ବହୁ ଲୋକଙ୍କୁ ବର୍‌ବାଦ କରିପକାଉଛି। ସେ ମହିଳା ହୁଅନ୍ତୁ କିମ୍ବା ପୁରୁଷ ଏହାର କାୟାରୁ କାହାରିକୁ ନିସ୍ତାର ନାହିଁ। ଭିଡିଓ ଭାଇରାଲ୍ ହେଲେ ଜଣେ ବ୍ୟକ୍ତିର ମାନ, ସମ୍ମାନ, ଧନ ସବୁ କିଛି ମାଟିରେ ମିଶିଯାଉଛି। ଏହା ସତ୍ତ୍ୱେ ମଧ୍ୟ ନ୍ୟୁଡ୍ ଭିଡିଓ ବାନାଇବା ଯୁବ ପିଢ଼ିଙ୍କ ମଧ୍ୟରେ ଏବେ ଏକ ଅଜବ ଧାରା ଦେଖିବାକୁ ମିଳୁଛି। ହେଲେ ନ୍ୟୁଡ୍ ଭିଡିଓ ଯେ ଭାଇରାଲ୍ କରାଯିବାକୁ ପ୍ରସ୍ତୁତ କରାଯାଉଛି ତାହା ସେମାନେ ବୁଝିବା ପୂର୍ବରୁ ଲୋକେ ସର୍ବସ୍ୱାନ୍ତ ହୋଇଯାଉଛନ୍ତି।

ପ୍ରସ୍ତୁତି: ହୋଟିମିନ



## 'ସୋସିଆଲ୍ ମିଡିଆରେ ବ୍ୟକ୍ତିଗତ ତଥ୍ୟ ଓ ଫଟୋ ଦିଅନ୍ତୁ ନାହିଁ'



ମାର୍କେଟରେ ଅତି କମ ଦାମରେ ବହୁ ସଂଖ୍ୟକ ଏଡିଟିଂ ଆପ୍ ଉପଲବ୍ଧ ରହିଛି। ଏହି ଆପ୍‌କୁ ବ୍ୟବହାର କରି ଡିପ୍‌ଫେକ୍ ଜରିଆରେ ନକଲି ନ୍ୟୁଡ୍ ଭିଡିଓ ପ୍ରସ୍ତୁତ ହେଉଛି। ନକଲି ନ୍ୟୁଡ୍ ଭିଡିଓକୁ ସାଇବର୍ ଲୁଟେରା ଲୋକଙ୍କୁ ବଦ୍‌ନାମ କରିବାକୁ ହେଉ କିମ୍ବା ରାନସମ୍ ଆଦାୟ କରିବାକୁ ବ୍ୟବହାର କରୁଛନ୍ତି। ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। ଏହି ଭିଡିଓ ବନାଇବା ପାଇଁ ମଣିଷ ମୁହଁର ଭିନ୍ନ ଭିନ୍ନ ଆଙ୍ଗେଲରେ ମାତ୍ର ୬-୭ମୁହଁର ଫଟୋ କିମ୍ବା ସ୍ୱଳ୍ପ ସମୟ ବ୍ୟବଧାନର ଏକ ସଟ୍ ଭିଡିଓ ଯଥେଷ୍ଟ ହୋଇଥାଏ। ତେଣୁ ସାଧାରଣ ଲୋକେ ବିଶେଷକରି ମହିଳାମାନେ ସୋସିଆଲ ମିଡିଆରେ ନିଜର ଫଟୋ, ଭିଡିଓ କିମ୍ବା ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରନ୍ତୁନାହିଁ। ଯଦି ପ୍ରକୃତ ଭିଡିଓ ଭାଇରାଲ୍ ହେଉଛି ତେବେ ପୁଲିସ ସହ ଯୋଗାଯୋଗ କରନ୍ତୁ। ଲୋକଲଜ୍ଜାକୁ ଡରି ଚୁପଚାପ୍ ଘରେ ବସି ରହିବା ଠିକ୍ କଥା ନୁହେଁ। ବଜାରରେ ଏତେଗୁଡ଼ିଏ ଆପ୍ ରହିଛି ତାକୁ ସରକାରଙ୍କ ପକ୍ଷରେ ବ୍ୟାନ୍ କରି ଡିପ୍ ଫେକ୍ ଭିଡିଓ ବନ୍ଦ କରିବା ସମ୍ଭବ ନୁହେଁ। ମାଗଣାରେ ଆଜିକାଲି କେହି କାହାରିକୁ କିଛି ଦେଉନାହିଁ। ଏହା ବ୍ୟତୀତ ଫୋନ୍‌ରେ ଆବଶ୍ୟକତା ଠାରୁ ଅଧିକ ଆପ୍ ଡାଉନ୍‌ଲୋଡ କରିବା ଠିକ୍ ନୁହେଁ। ଲୋନ୍ ଆପ୍ ହେଉ କିମ୍ବା ଟଙ୍କା ମିଳିବାର ପ୍ରଲୋଭନ ଦେଖାଉଥିବା ବେଟିଂ ଆପ୍ କିମ୍ବା ମାଗଣାରେ ଫିଲ୍ମ ଦେଖାଉଥିବା ଆପ୍ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କ ମୋବାଇଲ୍ ଫୋନରୁ ସମସ୍ତ ତଥ୍ୟ ଚୋରି କରି ନେଉଛି। ପରବର୍ତ୍ତୀ ସମୟରେ ଏମାନେ ଲୋନ ଆପ୍ ସ୍କାମ୍, ବ୍ଲାକମେଲିଂ ପ୍ରଭୃତି କାର୍ଯ୍ୟରେ ଡରାଇ ଧମକାଇ ଟଙ୍କା ଆଦାୟ କରୁଛନ୍ତି ବୋଲି ସାଇବର୍ ଏକ୍ସପଟ ପ୍ରଶାନ୍ତ ସାହୁ କହିଛନ୍ତି।

### ଫେକ୍ ଭିଡିଓ ଧରିବାକୁ ଖୋଲୁଛି ସ୍ୱତନ୍ତ୍ର ସଂଗଠନ

ବିଭିନ୍ନ ସମୟରେ ଡିପ୍‌ଫେକ୍ ଭିଡିଓ ଏବଂ ଫଟୋସପ୍ ଭଳି ସଫ୍ଟୱେରରେ ବ୍ୟବହାର କରି ନକଲି ଫଟୋ କିମ୍ବା ଭିଡିଓକୁ ଧରିବାକୁ ଦେଶରେ କିଛି ସଂଗଠନ ସାମ୍ନାକୁ ଆସୁଛନ୍ତି। ଅଲଟ୍ ନ୍ୟୁଜ୍ କିମ୍ବା ବୁମ୍‌ଭଳି ସଂସ୍ଥା ଅନେକ ଫେକ୍ ଭିଡିଓକୁ ପର୍ଦ୍ଦାଫାସ କରୁଛନ୍ତି। ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଦୃଷ୍ଟିରୁ ଏହି ସଂଗଠନ ସଂଖ୍ୟା ଦେଶରେ ବଢ଼ିବାର ସମ୍ଭାବନା ରହିଛି। ତେବେ ସଂଗଠନଗୁଡ଼ିକ ଚଳାଇବା ପାଇଁ ପାଣ୍ଠି ସଂଗ୍ରହ କରିବା ଏମାନଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ।

# ଲୋକଭାଷାର ଧାରା

# ଅନନ୍ତ ପଟ୍ଟନାୟକଙ୍କ ସିନେମା ଗୀତ







ଓଡ଼ିଆ ଲୋକଭାଷାର ଯେଉଁ ମୌଳିକ ଧାରାଟି କବିରାଜ ରାଧାରମଣ ରାୟଙ୍କ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ଗୀତରେ ସଂଯୋଗ ହେଲା, ତାହାର ପରବର୍ତ୍ତୀ ବାହକ ହେଲେ ଅନନ୍ତ ପଟ୍ଟନାୟକ। ୧୯୫୧ ମସିହାରେ ମୁକ୍ତିପ୍ରାପ୍ତ 'ସପ୍ତଶଯ୍ୟା'ର ସବୁତକ ଗୀତ ସେ ଲେଖିଥିଲେ। ଗୀତସବୁ ହେଉଛି: 'ରଙ୍ଗିଧାନ କିଏ ଲୁଟି ନେଇଚି ଲୋ ବାଟରେ ପଡ଼ିଛି ଚଷୁ/ ଗାଁ ମାଇପ ଲୋ ହୁଳହୁଳି ଦିଅ ମୋ ଭାଇ ବେଦୀରେ ବସୁ', 'ଅନାଇ ନାହିଁ ତା'କୁ ନୟନ ପୂରାଇ ଗୋ/ ତା'ଲାଗି ମରେ କିମ୍ବା ହୃଦୟ ହରାଇ ଗୋ', 'ଆହୁଲାରେ! ତୁ ଲହରୀ କାଟି/ ଉଲୁସି ଗୀତ ଗାଆ/ କୁଳବୋହୂର ଉଚ୍ଛୁଳା ଡୋଳା ନିରେଖେ ତୋର ରାହା', 'ଆରେ ସଙ୍ଗିନୀ ଆରେ/ ଧାରା ଶ୍ରାବଣ ରାତି/ ଧରା ଉଚ୍ଛୁଳେ ମାତି/ ଧୀରା ରୁଷିଛି ତାତି, ଗାଉଛି ମନ ମାତି, ସଙ୍ଗିନୀରେ' ଓ 'ତୁମ ଶିରେ ଶୋହେ ଫୁଲ ହେ ବାବୁ!/ପଥଘାଟେ ଆମେ ନାଚି ବୁଲୁଥାଉ/ ହାଡ଼ ରସ ଟିକେ ମୂଳ'।



ସୂର୍ଯ୍ୟ ଦେଓ

ଅନନ୍ତ ପଟ୍ଟନାୟକଙ୍କ ଚଳଚ୍ଚିତ୍ର ଗୀତରେ ଧ୍ୱନି ପ୍ରବଣତା ବା ଅନୁରଣନପ୍ରୀତି ବିଶେଷ ଲକ୍ଷଣୀୟ। ଓଡ଼ିଆ ଚଳଚ୍ଚିତ୍ର ଗୀତରେ ସାଧାରଣ ଅନୁଭୂତିକୁ ଅସାଧାରଣ ଅନୁଭୂତିରେ ନିବିଷ୍ଟ କରିବାର ଧାନ ଓ ପ୍ରତୀକବାଦୀ ପରମ୍ପରାରେ ବିମ୍ବ ନିର୍ମାଣର ଚମକପ୍ରଦ ପ୍ରୟୋଗ ପାଇଁ ଅନନ୍ତ ପଟ୍ଟନାୟକ ଚିର ସ୍ମରଣୀୟ ହୋଇ ରହିବେ। ତାଙ୍କର ଏହି ଦୁଇ ପ୍ରୟୋଗ ପରବର୍ତ୍ତୀ ସମୟର ଗୀତିକାରଙ୍କୁ ମଧ୍ୟ ବିଶେଷ ପ୍ରଭାବିତ କରିଛି। କିନ୍ତୁ ଅନନ୍ତ ପଟ୍ଟନାୟକ ଏକମାତ୍ର 'ସପ୍ତଶଯ୍ୟା' ବ୍ୟତୀତ ଆଉ କୌଣସି ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିନାହାନ୍ତି। ସାଧାରଣ ଅନୁଭୂତିକୁ ଅସାଧାରଣ ଅନୁଭୂତିରେ ନିବିଷ୍ଟ କରିବାର ଧାନର ପ୍ରାମାଣିକତା ସ୍ୱରୂପ 'ଅନାଇ ନାହିଁ ତା'କୁ ନୟନ ପୂରାଇ ଗୋ' ଗୀତର ଅନ୍ତରାକୁ ଲକ୍ଷ୍ୟ କରାଯାଇପାରେ: ପୀରତି ପୋଥି ଖୋଲି/ ମୋ ମନ ଫରୁଆରୁ ସରମ ଚୋରାଇ ଗୋ/ ଅନାଇ ନାହିଁ ତା'କୁ/ ନୟନ ପୂରାଇ ଗୋ, ତା'ଲାଗି ମରେ କିମ୍ବା ହୃଦୟ ହରାଇ ଗୋ। ପ୍ରେମ ପାଗଳିନୀର ନାୟିକାର ଏହି ଗୀତି ସଂଳାପ, ନାୟକକୁ ଯିଏ ଦେଖିଛନ୍ତି କିନ୍ତୁ ଆହୁରି ଦେଖିଥିଲେ ହୁଏତ ନାୟକ ପାଇଁ ହୃଦୟ ଥରିବାର କୌଣସି ମାନେ ରହିଥାନ୍ତା ଅଥଚ ଥରଟିଏ ଦେଖାରେ ମନ ଫରୁଆରୁ ସରମ ଚୋରି ହୋଇଗଲା' ଏହି ସାଧାରଣ ଅନୁଭବକୁ ଚଳଚ୍ଚିତ୍ର ଗୀତରେ ଅନୁରାଗ କଥନ ସହ ଅସାଧାରଣ କରିଦେବାର ସୂତ୍ର ଅନନ୍ତ ପଟ୍ଟନାୟକ ଯୋଡ଼ିଥିଲେ। ଚଳଚ୍ଚିତ୍ର ଦୃଶ୍ୟ ଅନୁରୂପ ଏହି ଗୀତ ଓଡ଼ିଆ ଚଳଚ୍ଚିତ୍ରରେ ଏକ ନବ ଦିଗନ୍ତର ସୂତ୍ରପାତ କଲା।

ଅନନ୍ତ ପଟ୍ଟନାୟକ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ପ୍ରଥମଥର ପାଇଁ ସାମ୍ୟବାଦର ପଦପାତ କଲେ। ସାମାଜିକ ଦ୍ରୋହ, ବ୍ୟଥା ଓ ସଂଘର୍ଷର ଗୀତ ରୂପାୟନ ଉଦାହରଣ ଭାବରେ 'ସପ୍ତଶଯ୍ୟା'ର 'ତୁମ ଶିରେ ଶୋହେ ଫୁଲ ହେ ବାବୁ!/ ପଥଘାଟେ ଆମେ ନାଚି ବୁଲୁଥାଉ/ ହାଡ଼ ରସ ଟିକେ ମୂଳ' ଗୀତକୁ ନିଆଯାଇପାରେ । ଓଡ଼ିଆ ଚଳଚ୍ଚିତ୍ର ଗୀତରେ ବାସ୍ତବତାର ଖଣ୍ଡାଧାରକୁ ସଂଯୋଗ କରିବା ଓ ସାମ୍ୟବାଦର ବୀଜରୋପଣ କରିବା ଦିଗରେ ଅନନ୍ତ ପଟ୍ଟନାୟକ ପ୍ରଥମ। ଓଡ଼ିଆ ଚଳଚ୍ଚିତ୍ର ଗୀତରେ ବାସ୍ତବତାର ରୁକ୍ଷପଣ ଏହି କେତେକ ଧାଡ଼ିରୁ ସ୍ପଷ୍ଟ ହୋଇଯାଏ: "ତୁମ ଆଖି କୋଳେ କି ସୁଅ ଖେଳଇ/ ବୁକୁରେ କି ଢେଉ ଉଠେ/ ଭୋକେଶୋଷେ ଆମେ ଆଞ୍ଜୁଳା ପାତୁ ହେ/ ଲୁଣି ସମୁଦ୍ଦର ତୁଠେ/ ତୁମ ଶିରେ ଝରେ ଫୁଲ ପାଖୁଡ଼ା ହେ/ ଆମ ଶିରେ ନିଆଁ ଝୁଲ/ ହେ ବାବୁ! ତୁମ ଶିରେ ଶୋହେ ଫୁଲ ।" ଏହି ରୁକ୍ଷପଣରେ ଥିବା ବିପ୍ଳବ, କାରୁଣ୍ୟ ଓ ଦ୍ରୋହ ଯେଉଁ ସୌନ୍ଦର୍ଯ୍ୟର ପରିଚୟ ଦିଏ, ସେମିତି ସୌନ୍ଦର୍ଯ୍ୟ ଓଡ଼ିଆ ଚଳଚ୍ଚିତ୍ର ଗୀତରେ ବିରଳ। ଦୃଶ୍ୟ ଓ ଗୀତର ଏହିପରି ଚମତ୍କାର ସଂଯୋଜନ କରିଥିବା କବି ଅନନ୍ତ ପଟ୍ଟନାୟକ ଓଡ଼ିଆ ଚଳଚ୍ଚିତ୍ର ଗୀତ ସହ ଆଉ ସଂଯୁକ୍ତ ନ ହେବା ବିସ୍ମୟଜନକ। ଅବଶ୍ୟ କେବଳ ଗୋଟିଏ ଚଳଚ୍ଚିତ୍ର 'ସପ୍ତଶଯ୍ୟା' ସହ ସଂଯୁକ୍ତ ରହି କବି ଅନନ୍ତ ପଟ୍ଟନାୟକ ଓଡ଼ିଆ ଚଳଚ୍ଚିତ୍ର ଗୀତକୁ ପ୍ରଥମ ସାମ୍ୟବାଦ ଓ ବାସ୍ତବତାର ଯେଉଁ ମାଳା ପିନ୍ଧାଇଛନ୍ତି, ସେ ମାଳାର ଦ୍ୟୁତି ସବୁଦିନ ଉଜ୍ଜ୍ୱଳ ।

## ଫ୍ରାଇଡେ' ରିଲିଜ୍
## ୦୮ ଡିସେମ୍ବର
### ହିନ୍ଦୀ



**ଜୋରାମ**
**ନିର୍ଦ୍ଦେଶକ**
ଦେବାଶିଷ ମଖିଜା
**ପ୍ରଯୋଜନା:** ଜି ଷ୍ଟୁଡିଓ
**କଳାକାର:** ମନୋଜ ବାଜପେୟୀ, ରାଜଶ୍ରୀ ଦେଶପାଣ୍ଡେ,




**କଡକ୍ ସିଂହ**
**ନିର୍ଦ୍ଦେଶକ**
ଅନିରୁଦ୍ଧ ରାୟ ଚୌଧୁରୀ
**ପ୍ରଯୋଜନା**
ଓିଜ୍ ଫିଲ୍ମସ, କେଭିଏନ୍ ପ୍ରଡକ୍ସନ
**କଳାକାର:** ପଙ୍କଜ ତ୍ରିପାଠୀ, ସଞ୍ଜନା ସାଙ୍ଘି, ପ୍ରଭାତୀ ଥିରୁଭୋତୁ



**ଦ ଆର୍ଚିଜ୍**
**ନିର୍ଦ୍ଦେଶକ:** ଜୋୟା ଅଖତର
**ପ୍ରଯୋଜନା:** ଟାଇଗର ବେବି
**କଳାକାର :** ସୁହାନା ଖାନ୍, ଖୁସି କପୁର, ଅଗସ୍ତ୍ୟ ନନ୍ଦ

## ପରଦା ପଛର କାହାଣୀ



# ରବିନା-କରିଶ୍ମାଙ୍କୁ ଖମ୍ବରେ ବାନ୍ଧି ଭୁଲିଗଲେ ନିର୍ଦ୍ଦେଶକ

ରାଜ କୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ 'ଅନ୍ଦାଜ ଅପନା ଅପନା' ସିନେମା ୧୯୯୪ରେ ମୁକ୍ତିଲାଭ କରିଥିଲା। ଫିଲ୍ମରେ ଭରପୂର କମେଡି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଥିଲା। ସିନେମାରେ ସଲମାନ ଖାନ, ଅମିର ଖାନଙ୍କ ସହ ପ୍ରମୁଖ ଚରିତ୍ରରେ ନଜର ଆସିଥିଲେ ଅଭିନେତ୍ରୀ କରିଶ୍ମା କପୁର ଏବଂ ରବୀନା ଟଣ୍ଡନ। ତେବେ ଏହାର କାହାଣୀ ଯେଭଳି ମଜାଦାର ଥିଲା, ଠିକ୍‌ସେହିପରି ସିନେମା ସୁଟିଂ ସେଟ୍‌ରେ ଘଟିଥିବା ଘଟଣା ଥିଲା ମଧ୍ୟ ବେଶ୍ ରୋଚକପୂର୍ଣ୍ଣ। ଏକଦା ଏକ ସାକ୍ଷାତକାରରେ କରିଶ୍ମା କହିଥିଲେ, ଏହି ସିନେମାର ସୁଟିଂ ସମୟରେ ଥରେ ତାଙ୍କୁ ନିର୍ଦ୍ଦେଶକ ଖମ୍ବରେ ବାନ୍ଧି ଭୁଲିଯାଇଥିଲେ।

ଫିଲ୍ମର କ୍ଲାଇମେକ୍ସ ଦୃଶ୍ୟ ସୁଟିଂ ସମୟରେ ଏଭଳି ଏକ ଘଟଣା ଘଟିଥିଲା। ସେତେବେଳେ ସିନେମା ପାଇଁ କ୍ରୁ ସଦସ୍ୟମାନେ ତିନି ସିଫ୍ଟରେ କାମ କରୁଥିଲେ। ଦିନରାତି ଲଗାତାର କାମ କରୁଥିବାରୁ ସେମାନେ ଥକି ଯାଉଥିଲେ। ଅନ୍ୟପଟେ କ୍ଲାଇମେକ୍ସ ସୁଟିଂ ସମୟରେ ରବୀନା ଏବଂ କରିଶ୍ମାଙ୍କୁ ଏକକାଳୀନ ଗୋଟିଏ ଖମ୍ବରେ ବାନ୍ଧି ଦିଆଯାଇଥିଲା। ଦୃଶ୍ୟଟି ଥିଲା ସଲମାନ ଓ ଅମିର ଗୁଣ୍ଡାମାନଙ୍କ ସହ ଫାଇଟ୍ କରି ସେମାନଙ୍କୁ ଉଦ୍ଧାର କରିଥାନ୍ତେ। କିନ୍ତୁ ସେମାନେ ଉଦ୍ଧାର କରିବେ କ'ଣ ସେମାନେ ଖୁମ୍ବରେ ବନ୍ଧାଥିବା କଥା ମଧ୍ୟ କାହାରି ମନେ ନ ଥିଲା। ଅର୍ଥାତ୍ ଏହି ଦୃଶ୍ୟର ସୁଟିଂ ବେଳେ ଅଚାନକ ଲଞ୍ଚ୍ ବ୍ରେକ୍ ହୋଇଗଲା। ଏହାସହ ପୂରା ୟୁନିଟ୍ ମଧ୍ୟାହ୍ନ ଭୋଜନ ପାଇଁ ସ୍ଥାନ ଛାଡ଼ି ଚାଲିଗଲେ। ଫଳରେ କରିଶ୍ମା ଓ ରବୀନା ସେହି ଅବସ୍ଥାରେ ରହିଗଲେ। କିଛି ସମୟ ପରେ ରବୀନା ଓ କରିଶ୍ମା ପାଟିକରି ଲୋକଙ୍କୁ ଡାକିଥିଲେ। ଏହାପରେ ଦୁହିଁଙ୍କୁ ଖମ୍ବରୁ ଖୋଲାଯାଇଥିଲା।

## ନୂଆ ମେଗା-ଧାରାବାହିକ
# 'ଜୟ ଭାରତୀ'



ଡି ନ୍ୟାସନାଲରେ ଆରମ୍ଭ ହେବ ନୂଆ ମେଗା-ଧାରାବାହିକ 'ଜୟ ଭାରତୀ'। ଧାରାବାହିକର ନାୟକ ଜୟ ପାଣ୍ଡେ କିଭଳି ସୈନିକ ନ ହୋଇ ସିନେମାରେ ହିରୋ ହେବାକୁ ଚାହିଁଛନ୍ତି, ତାହାକୁ ନେଇ ଏହାର କାହାଣୀ ଗତିଶୀଳ ହୋଇଛି। ଜୟଙ୍କ ବାପା ଧର୍ମରାଜ ପାଣ୍ଡେ ସେନାରୁ ଅବସର ନେଇ ପରିବାର ସହ ଗାଁରେ ରହନ୍ତି। ତାଙ୍କ ପତ୍ନୀ ଦେବୀ ପାଣ୍ଡେ ଘରର ସମସ୍ତ ଦାୟିତ୍ୱ ନେଇଥିବା ବେଳେ ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ। ବଡ଼ ପୁଅ ମୋହନ ଧର୍ମରାଜଙ୍କ ଇଚ୍ଛାକୁ ପୂରଣ କରିଥିବା ବେଳେ ସାନ ପୁଅ କିନ୍ତୁ ନିଜ ଇଚ୍ଛାରେ ଚାଲିଛନ୍ତି। ସେ ତାଙ୍କ ବାପାଙ୍କ ଇଚ୍ଛା ବିରୋଧରେ ଯାଇ ଚଳଚ୍ଚିତ୍ରରେ ହିରୋ ହେବାକୁ ଇଚ୍ଛା କରିଛନ୍ତି। ଅବଶ୍ୟ ଏକଥା ସେ ତାଙ୍କ ବାପାମାଆଙ୍କୁ କହିପାରନ୍ତି ନାହିଁ। ଏହାରି ଭିତରେ ଜୟଙ୍କ ବାପା ତିନି ମାସ ମଧ୍ୟରେ ତାଙ୍କୁ ସେନାରେ ସାମିଲ ହେବା କଥା କହିଛନ୍ତି। ଅନ୍ୟପଟେ ଜୟ ଏମିତି କିଛି ଉପାୟ ଖୋଜୁଛନ୍ତି, ଯେମିତି ତାଙ୍କ ବାପାଙ୍କୁ ଦୁଃଖ ପହଞ୍ଚିବ ନାହିଁ। ଶେଷରେ ସେ ତିନିମାସରେ ବାହା ହେବା ପାଇଁ ଝିଅ ଖୋଜୁଥିବା ବେଳେ ତାଙ୍କ ନଜର ଭାରତୀଙ୍କ ଉପରେ ପଡ଼ିଛି। ତେବେ ଜୟ ନିଜ ଉଦ୍ୟମରେ ସଫଳ ହେଉଛନ୍ତି କି ନାହିଁ, କାହାଣୀ ଆଗକୁ ବଢ଼ିଲେ ଜଣାପଡ଼ିବ। ସୋମବାରରୁ ଗୁରୁବାର ରାତି ୮ଟାରେ ଏହା ପ୍ରସାରିତ ହେବ।



# ଶକ୍ତିଙ୍କ ଓଲିଉଡ୍ ଡେବ୍ୟୁ

ରୋମାଣ୍ଟିକ୍ ମ୍ୟୁଜିକ୍ ଭିଡିଓ 'ପ୍ରେମଗୀତ' ମାଧ୍ୟମରେ ଅଭିନୟ ଦୁନିଆରେ ପାଦ ଥାପିଥିଲେ ଯୁବ ଅଭିନେତା ଶକ୍ତି। ଏଥିରେ ତାଙ୍କ ସହ ନଜର ଆସିଥିଲେ ପାୟଲ। ସେହିପରି ଏହି ମ୍ୟୁଜିକ୍ ଭିଡିଓଟିର ସୁଟିଂ ଗୋଆରେ ହୋଇଥିଲା। ଏହାବାଦ୍ ତାଙ୍କର ଓଡ଼ିଆ ଓଟିଟି ପ୍ଲାଟ୍‌ଫର୍ମରେ ଏକ ୱେବ୍ ସିରିଜ୍ ମଧ୍ୟ ରିଲିଜ୍ ହେବାକୁ ଯାଉଛି। ଏହାରି ଭିତରେ ସେ ଖୁବ୍‌ଶୀଘ୍ର ଓଲିଉଡ୍‌କୁ ଡେବ୍ୟୁ କରିବା ଯୋଜନା ରଖିଥିବା କହିଛନ୍ତି। ତେବେ ଶକ୍ତି ଇଞ୍ଜିନିୟରିଂ ପରେ ଅଭିନୟକୁ କ୍ୟାରିୟର ଭାବେ ବାଛି ଏ କ୍ଷେତ୍ରରେ ଆଗକୁ ଆସିଛନ୍ତି। ସେହିପରି ସେ 'ତତେ କେତେ ଭଲପାଏ', 'ଭିଜା ମାଟିର ବାସ୍ନା', 'ମୋ ହାର୍ଟରେ ତୁ' ପରି ୧୫ଟି ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି।



# 'ଶ୍ରୀମାନ ଶ୍ରୀଯୁକ୍ତ'ରେ ସାନୁ-ସସ୍ମିତା

ଶିରିଡ଼ି ସାଇ ବାବା ମୁଭିଜ୍‌ର ଦ୍ୱିତୀୟ ଅବଦାନ ହେଉଛି ନୂଆ ଓଡ଼ିଆ ସିନେମା 'ଶ୍ରୀମାନ ଶ୍ରୀଯୁକ୍ତ।' ସିନେମାର ମୁଖ୍ୟ ଚରିତ୍ରରେ ନୂଆ ଯୋଡ଼ି ଭାବେ ନଜର ଆସିବେ ସାନୁ ଏବଂ ସସ୍ମିତା। ପ୍ରଣୟ ଜେଠୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ନିରଞ୍ଜନ ବେହେରା। ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ। ଅନ୍ୟପଟେ ସସ୍ମିତା ଏହି ସିନେମାକୁ ନେଇ ଖୁବ୍ ଖୁସି ଅଛନ୍ତି। ପୂର୍ବରୁ ସେ ସସ୍ମିତା 'ହାପି ଲକି', 'ରୋମିଓ ରୋବଟ୍', 'ଆସିବ ବର ତୋର' ଏବଂ 'ଓମ୍ ସ୍ୱାହା'ରେ ଅଭିନୟ କରିଛନ୍ତି। ଫିଲ୍ମର ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ଅଛନ୍ତି ବବି ମିଶ୍ର, ଚୌଧୁରୀ ଜୟପ୍ରକାଶ, ରବି ମିଶ୍ର, ଲିପ୍ସା ମହାରଣା, ଛନ୍ଦିତା, ଦେବୁ ପଟ୍ଟନାୟକ। ପ୍ରେମ, ଆବେଗ, କମେଡି ଏବଂ ଆକ୍ସନକୁ ନେଇ ନିର୍ମିତ ଏହି ଭିନ୍ନଧରଣର ନୂଆ ସିନେମା ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ୍ ଯୋଗାଇବ ବୋଲି କୁହାଯାଉଛି। ■



# ବକ୍ସଅଫିସ୍‌ରେ ସୁପରହିଟ୍ 'ଆନିମଲ'






## ପଞ୍ଚମ ଦିନରେ ଆୟ ୪୮୧ କୋଟି

ସନ୍ଦୀପ ରେଡ୍ଡୀ ଭଙ୍ଗା ଏବଂ ଅଭିନେତା ରଣବୀର କପୁରଙ୍କ ଫିଲ୍ମ 'ଆନିମଲ୍' ସଫଳତାର ସହ ପ୍ରେକ୍ଷାଳୟରେ ଆଗେଇ ଚାଲିଛି। ସେହିପରି ସିନେମା ରିଲିଜ୍‌କୁ ୬ ଦିନ ହୋଇଥିବା ବେଳେ ଦିନକୁ ଦିନ ଏହାର ଆୟ ମଧ୍ୟ ବୃଦ୍ଧି ପାଉଛି। ଏପରିକି ସିନେମାଟି ପଞ୍ଚମ ଦିନରେ ବିଶ୍ୱସ୍ତରରେ ୪୮୧ କୋଟି ଟଙ୍କା ଆୟ କରିଥିବା ଜଣାପଡ଼ିଛି। ତେବେ ରଣବୀରଙ୍କ କ୍ୟାରିୟରର ଏହାକୁ ସବୁଠୁ ଉନ୍ନତମାନର ଫିଲ୍ମ କୁହାଯାଉଛି। ଏହାରି ଭିତରେ ସିନେମାକୁ ନେଇ ଏକ ନୂଆ ଖବର ବି ସାମ୍ନାକୁ ଆସିଛି। କୁହାଯାଉଛି, ବିଳମ୍ବିତ ରାତ୍ରିରେ ଏହି ସିନେମା ଦେଖିବାର ଦର୍ଶକଙ୍କ ଇଚ୍ଛାକୁ ଏବେ କୁଆଡ଼େ ସିନେମା ମାଲିକ ପୂରଣ କରିବାକୁ ଚାହୁଁଛନ୍ତି। ସେଥିପାଇଁ ୨୪ ଘଣ୍ଟା ପ୍ରେକ୍ଷାଳୟରେ ଯେଉଁଳି ଏହା ଚାଲୁ ହେବ, ସେନେଇ ପ୍ରସ୍ତୁତି ଜାରି ରହିଛି। କେବଳ ସେତିକି ନୁହେଁ, ମୁମ୍ବାଇର ମ୍ୟାକସସ୍ ସିନେମାରେ ରାତି ୧ଟା ଓ ୨ଟା ବ୍ୟତୀତ ସକାଳ ୫.୩୦ରେ ମଧ୍ୟ ଶୋ' ଦେଖିବାକୁ ସାମିଲ କରାଯାଉଛି। ଅନ୍ୟପକ୍ଷରେ ବାପ ପୁଅଙ୍କ ଉପରେ ଆଧାରିତ ଏହି ୧୦୦ କୋଟିର ଫିଲ୍ମକୁ ୪ ହଜାର ସ୍କ୍ରିନ୍‌ରେ ରିଲିଜ୍ କରାଯାଇଛି। ■

# ଚର୍ଚ୍ଚାରେ ଏଲିନା

ଆଗାମୀ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କେମିତି ଏ ସମ୍ପର୍କ'ରେ ନଜର ଆସିବେ ଲୋକପ୍ରିୟ ଅଭିନେତା ଆକାଶ ଦାସ ନାୟକ ଏବଂ ଅଭିନେତ୍ରୀ ଏଲିନା ସାମନ୍ତରାୟ। 'ମାଲ୍ୟଗିରି' ସିନେମାର 'ଧୂଳିଆ ଜନ୍ଦା...' ଗୀତରେ ଏଲିନାଙ୍କ ନାଚକୁ ଦର୍ଶକେ ବେଶ୍ ପସନ୍ଦ କରିଥିବା ବେଳେ ଏବେ ଆକାଶଙ୍କ ସହ ତାଙ୍କ ଯୋଡ଼ିକୁ ନେଇ ସେ ଚର୍ଚ୍ଚାରେ ଅଛନ୍ତି। ଏହି ସିନେମାରେ ଆକାଶ ଓ ଏଲିନାଙ୍କ ଯୋଡ଼ିଙ୍କୁ ଦର୍ଶକେ ପସନ୍ଦ କରିବେ ଆଶା କରାଯାଉଛି। ସିନେମାଟି ପାରିବାରିକ କାହାଣୀ ଉପରେ ଆଧାରିତ। ସିନେମାର କାହାଣୀ ଓ ପ୍ରଯୋଜନାରେ ରୂପେଶ କୁମାର ନାୟକ ଥିବା ବେଳେ ନିର୍ଦ୍ଦେଶନାରେ ଅଛନ୍ତି ଚଣ୍ଡି ପରିଜା। ସେହିପରି ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସ ପଟ୍ଟନାୟକ ଏବଂ ସ୍ୱର ସଂଯୋଜନା କରିଛନ୍ତି ଅଭିଜିତ୍ ମଜୁମଦାର୍। ■



# ଖୁସି ପିନ୍ଧିଲେ ଶ୍ରୀଦେବୀଙ୍କ ଗାଉନ୍

ସିନେମା 'ଦ ଆର୍ଚିଜ୍'ରୁ ଫିଲ୍ମ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି ବୋନି କପୁର ତଥା ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀଙ୍କ ସାନ ଝିଅ ଖୁସି କପୁର। ଗତ ମଙ୍ଗଳବାର ମୁମ୍ବାଇରେ ଫିଲ୍ମର ଗ୍ରାଣ୍ଡ ପ୍ରିମିୟର ଆୟୋଜନ କରାଯାଇଥିଲା। ଏହାର ପ୍ରିମିୟର୍‌ରେ ବଡ଼ ବଡ଼ ତାରକାମାନେ ସାମିଲ ହୋଇଥିଲେ। ସେହିପରି ସୁହାନା ଖାନ୍ ଓ ଅଗସ୍ତ୍ୟ ନନ୍ଦା ନିଜ ପରିବାର ସହ ଏହାର ପ୍ରିମିୟର୍‌ରେ ସାମିଲ ହୋଇଥିବା ବେଳେ ଖୁସିଙ୍କ ଏଣ୍ଟ୍ରି କିନ୍ତୁ ଶ୍ରୀଦେବୀଙ୍କ କଥା ମନେ ପକାଇ ଦେଇଥିଲା। ତେବେ ସେ ଏହି ସିନେମା ପ୍ରିମିୟର୍‌ରେ କୌଣସି ଦାମୀ ନୂଆ ଡ୍ରେସ୍ ପିନ୍ଧି ନାହାନ୍ତି, ବରଂ ପିନ୍ଧିଛନ୍ତି ୧୦ ବର୍ଷର ପୁରୁଣା ଗାଉନ୍। ଏହି ଗାଉନ୍ ହେଉଛି ଶ୍ରୀଦେବୀଙ୍କର। ଯାହାକୁ ଶ୍ରୀଦେବୀ ୨୦୧୩ରେ ଆଇଫା ଆୱାର୍ଡରେ ପିନ୍ଧିଥିଲେ। ଏବେ ୧୦ ବର୍ଷ ପରେ ତାଙ୍କ ସାନ ଝିଅ ଖୁସି ଏହାକୁ ପିନ୍ଧି ଶ୍ରୀଦେବୀଙ୍କ କଥାକୁ ମନେ ପକାଇ ଦେଇଛନ୍ତି। ଶ୍ରୀଦେବୀ ଏହି ଗାଉନ ସହିତ କିଛି ଗହଣା ପିନ୍ଧି ନ ଥିବା ବେଳେ ଖୁସି ଭାରୀ ନେକ୍‌ଲେସ୍ ଗାଉନ ସହ ପିନ୍ଧିଥିବା ଦେଖାଯାଇଛି। ଅନ୍ୟପଟେ ଶ୍ରୀଦେବୀଙ୍କ ଗାଉନ୍‌ରେ ଖୁସିଙ୍କୁ ଦେଖି ଲୋକମାନେ ତାଙ୍କର ଖୁବ୍ ପ୍ରଶଂସା କରିଛନ୍ତି। ■

ସାକ୍ଷାତକାର

# "ସବୁ ଚରିତ୍ରରେ ଜୀବନ୍ତ ଅଭିନୟ କରିବାକୁ ଚେଷ୍ଟା କରିଛି"

## -ସନ୍‌ମୀରା, ଅଭିନେତ୍ରୀ





'ସୁନା ଚଢ଼େଇ ମୋ ରୁପା ଚଢ଼େଇ', 'ପ୍ରେମ ରୋଗୀ', 'ଆକେଶ କି ରଙ୍ଗ ଲାଗିଲା', 'ଆଲୋ ମୋର କଣ୍ଢେଇ' ଆଦି ଓଡ଼ିଆ ଚଳଚ୍ଚିତ୍ରରେ ସେ ଶିଶୁ କଳାକାର ଭାବେ କାମ କରିଛନ୍ତି। 'ସପନର ପଥେ ପଥେ' ସିନେମାରେ ଦର୍ଶକ ତାଙ୍କୁ ନାୟିକା ରୂପେ ପ୍ରଥମ ଥର ଦେଖିବାକୁ ସୁଯୋଗ ପାଇଲେ। ଏହାପରେ ସେ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ଭେଟି ଦେଇଛନ୍ତି ଅନେକ ହିଟ୍ ଫିଲ୍ମ। ଏହି ପ୍ରତିଭା ସମ୍ପନ୍ନା ଅଭିନେତ୍ରୀ ଜଣକ ହେଉଛନ୍ତି ସନ୍‌ମୀରା ନାଗେଶ୍। 'ଲୈଲା ଓ ଲୈଲା', 'ଲୋକାଲ୍ ଟୋକା ଲଭ୍ ଚୋଖା', 'ଲଭ୍ ଏକ୍ସପ୍ରେସ୍', 'ଗୁପଚୁପ୍' ଆଦି ଚଳଚ୍ଚିତ୍ର ସନ୍‌ମୀରାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଏପରିକି 'ଲୈଲା ଓ ଲୈଲା' ଫିଲ୍ମ ପାଇଁ ସେ ୨୦୧୮ ମସିହାରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ପାଇଛନ୍ତି। 'ସକାଳ'ର ପାଠକପାଠିକାଙ୍କ ପାଇଁ ପ୍ରସ୍ତୁତ ସନ୍‌ମୀରାଙ୍କ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାର।

**ଶିଶୁ କଳାକାରରୁ ନାୟିକା; ଅଭିନୟର ଏ ଯାତ୍ରା କେମିତି ଥିଲା?**

● ଶିଶୁ କାର୍ଯ୍ୟକ୍ରମ 'ଟୁଆଁ ଟୁଇଁ'ରେ ଅଂଶଗ୍ରହଣ କରିବା ପରେ ମାତ୍ର ସାଢ଼େ ତିନି ବର୍ଷ ବୟସରେ 'ସୁନା ଚଢ଼େଇ ମୋ ରୁପା ଚଢ଼େଇ'ରେ ଶିଶୁ କଳାକାର ଭୂମିକାରେ ଅଭିନୟ କରିବାକୁ ସୁଯୋଗ ମିଳିଲା। ପରେ ପରେ 'ଆକାଶେ କି ରଙ୍ଗ ଲାଗିଲା', 'ପ୍ରେମ୍‌ରୋଗୀ', 'ଆଲୋ ମୋର କଣ୍ଢେଇ' ଓ 'ଶପଥ'ରେ ଶିଶୁ କଳାକାର ଭାବେ କାମ କରିଛି। ଏହାପରେ ପାଠପଢ଼ାକୁ ଗୁରୁତ୍ୱ ଦେଇଥିଲି। କିନ୍ତୁ ନବମ ଶ୍ରେଣୀରେ ପଢ଼ିବା ସମୟରେ ସୁଶାନ୍ତ ମଣି ସାର୍‌ଙ୍କ 'ସପନର ପଥେ ପଥେ' ଚଳଚ୍ଚିତ୍ରରେ ପ୍ରଥମ ଥର ନାୟିକା ଭାବେ କାମ କରିବାକୁ ସୁଯୋଗ ମିଳିଥିଲା। ଏଥିରେ ମୋ ବିପକ୍ଷରେ ଥିଲେ ଅମ୍ଲାନ। ଏହି ଫିଲ୍ମ ସେଟ୍‌ରୁ ହିଁ ବହୁତ କିଛି ଶିଖିବାର ସୁଯୋଗ ମିଳିଲା।

**ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲେ କି?**

● ନା, ପଢ଼ାକୁ ଗୁରୁତ୍ୱ ଦେଉଥିଲି। ଶିକ୍ଷା କ୍ଷେତ୍ରରେ ଆଗକୁ ଯାଇ କିଛି କରିବାର ମନୋବୃତ୍ତି ଥିଲା। ତେବେ ପରିବାରର ସହଯୋଗରେ ଶିଶୁ କଳାକାର ଭାବେ କାମ କରିବାର ସୁଯୋଗ ପାଇବା ପରେ ନିଜ ଭିତରେ ଅଭିନୟ ପ୍ରତି ଦୁର୍ବଳତା ଆସିଲା। ଅଭିନୟ ପ୍ରତି ଆକର୍ଷଣ ହିଁ ମୋତେ ଅଭିନେତ୍ରୀ ହେବାକୁ ସୁଯୋଗ ଦେଇଛି। ତେଣୁ ଏବେ ଉଭୟ ପାଠ ଆଉ ଅଭିନୟକୁ ନେଇ ଆଗକୁ ବଢୁଛି।

**'ଗୁପଚୁପ୍' ଫିଲ୍ମ ପରେ ରୁପେଲି ପରଦାରେ ଆଉ ସନ୍‌ମୀରାଙ୍କୁ ଦେଖିବାକୁ ମିଳୁନି, ଏହାର କାରଣ କ'ଣ?**

● ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟରେ ମୁଁ ସାଇକୋଲୋଜିରେ ସ୍ନାତକୋତ୍ତର କରୁଛି। ପଢ଼ାପଢ଼ିକୁ ଗୁରୁତ୍ୱ ଦେଉଥିବାରୁ 'ଗୁପଚୁପ୍' ରିଲିଜ୍ ପରେ କିଛି ଫିଲ୍ମରେ ନଜର ଆସିନାହିଁ। ଇତି ଧରେ ଅନେକ ଫିଲ୍ମର ଅଫର୍ ମିଳିଥିଲା, କାହାର ଭଲ ସ୍କ୍ରିପ୍ଟ ନଥିଲା ତ ଆଉ କେଉଁଠି ମେକର୍। ତେଣୁ ଭଲ କାହାଣୀର ସିନେମା କରିବାକୁ ଇଚ୍ଛା ଥିବାରୁ ନିକଟରେ ଭଲ ପ୍ରୋଜେକ୍ଟ ପାଇଁ ସାଇନ୍ କରି ସୁଟିଂ ଆରମ୍ଭ କରିଛି।

**ସେହି ଫିଲ୍ମଟି କ'ଣ?**

● ହଁ, ଏହାର ନାଁ "ଚାରିଧାମ"। ଫିଲ୍ମଟି ବାସ୍ତବ କାହାଣୀକୁ ନେଇ ତିଆରି ହେଉଛି। ଏହାର କାମ ଆରମ୍ଭ ମଧ୍ୟ ହୋଇଗଲାଣି। ଏଥିରେ ମୋ ବିପକ୍ଷରେ ନାୟକ ଭୂମିକାରେ ନଜର ଆସିବେ ଅନୁଭବ ମହାନ୍ତି।

**ଏଥିରେ ଆପଣଙ୍କ ଚରିତ୍ର କ'ଣ ରହିଛି?**

● ଯେହେତୁ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି, ତେଣୁ ମୋର ଚରିତ୍ର କ'ଣ ରହିବ, ତାହା କହିବା ଠିକ୍ ନୁହେଁ, କିନ୍ତୁ ଏଥିରେ ମୋତେ ଯାହା ବି ଚରିତ୍ର ମିଳିଛି, ତାହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିବ। ଏଥିପାଇଁ ମୋତେ କଠିନ ପରିଶ୍ରମ କରିବାକୁ ପଡୁଛି।

**ନାଚ, ଅଭିନୟ ନା ଗୀତ, କେଉଁଠି ନିଜକୁ ଗୁରୁତ୍ୱ ଦିଅନ୍ତି?**

● ଅଭିନୟକୁ ପ୍ରାଧାନ୍ୟ ଦିଏ। କାରଣ ନାଚିଲେ ବି ଅଭିନୟ ପାଇଁ ମୋତେ ମୋର ଦର୍ଶକ ଚିହ୍ନିଛନ୍ତି।

**ଚଳଚ୍ଚିତ୍ରରେ ଅଭିନୟ କରିବାର ସବୁଠୁ ଭଲ ଅନୁଭୂତି?**

● ଶିଶୁ କଳାକାର ଓ ନାୟିକା ଭାବେ କାମ କରିବା ବହୁତ ଭିନ୍ନ କଥା। ଅଭିନେତ୍ରୀ ଭାବେ ପ୍ରଥମେ କ୍ୟାମେରାକୁ ସାମ୍ନା କରିବା ଓ ସେହି ଚରିତ୍ରକୁ ଫୁଟାଇବା ମୋ ପାଇଁ ଚ୍ୟାଲେଞ୍ଜ ସଦୃଶ ଥିଲା। ପ୍ରତିଟି ଫିଲ୍ମରେ ଅଭିନୟ କରିବାରେ ଭିନ୍ନ ଭିନ୍ନ ଅନୁଭୂତି ରହିଥିଲା। ଫିଲ୍ମରେ ଅମ୍ଲାନ, ସ୍ୱରାଜ, ବାବୁସାନ୍‌ଙ୍କ ଠାରୁ ବହୁତ କିଛି ଶିଖିବାକୁ ସୁଯୋଗ ମିଳିଛି। ସବୁ ଚରିତ୍ରରେ ଶତ ପ୍ରତିଶତ ଜୀବନ୍ତ ଅଭିନୟ କରିବାକୁ ଚେଷ୍ଟା କରିଛି। ତେବେ ସବୁଠୁ ବଡ଼ କଥା ହେଉଛି, 'ଲୈଲା ଓ ଲୈଲା' ଚଳଚ୍ଚିତ୍ର ପାଇଁ ମୁଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି। ଏହା ମୋ ପାଇଁ ସବୁଠୁ ଭଲ ଅନୁଭୂତି।

**ସାମାଜିକ ଗଣମାଧ୍ୟମରେ ଏତେଟା ସକ୍ରିୟ ରୁହନ୍ତିନି, କାରଣ କ'ଣ?**

● ଯଦିଓ ଏବେ ସାମାଜିକ ଗଣମାଧ୍ୟମର ପ୍ରମୁଖ ଭୂମିକା ରହୁଛି, ଆଉ ଜଣେ ତାରକା ଭାବେ ଇନ୍‌ଷ୍ଟାଗ୍ରାମ୍ ବା ସୋସିଆଲ୍ ମିଡିଆରେ ସକ୍ରିୟ ରହିବା ଦରକାର। ମୋତେ କିନ୍ତୁ ବ୍ୟକ୍ତିଗତ ଭାବେ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବାକୁ ଭଲ ଲାଗେନି। ସେଥିପାଇଁ ମୁଁ ମୋର ପଢ଼ା ଓ ପରିବାର ସହିତ ସମୟ ବିତାଇବାକୁ ଗୁରୁତ୍ୱ ଦିଏ।

**ଫିଟ୍ ରହିବାକୁ କ'ଣ କରନ୍ତି?**

● କିଛି ନିର୍ଦ୍ଦିଷ୍ଟ ଡାଏଟ୍‌କୁ ଅନୁସରଣ କରେନି। ସନ୍ତୁଳିତ ଆହାର ଗ୍ରହଣ କରିବା ସହ ନିୟମିତ ଶାରୀରିକ ବ୍ୟାୟାମ ହିଁ ମୋତେ ଫିଟ୍ ରଖିଛି।

**ସନ୍‌ମୀରାଙ୍କ ଡ୍ରିମ୍ ରୋଲ କ'ଣ?**

● ନିର୍ଦ୍ଦିଷ୍ଟ କାହାଣୀକୁ ନେଇ ସମାନ ଢଙ୍ଗରେ ଅଭିନୟ କରିବାକୁ ଭଲ ଲାଗେନି। ତେଣୁ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବା ମୋର ଲକ୍ଷ୍ୟ।

**ଓଲିଉଡ୍‌ରେ ଦେଖାଯାଉଥିବା ବାଦବିବାଦକୁ କେମିତି ଦେଖନ୍ତି?**

● ବାସ୍ତବ କାହାଣୀ, ଭଲ ସ୍କ୍ରିପ୍ଟକୁ ନେଇ ଫିଲ୍ମ ତିଆର ହେଲେ ଦର୍ଶକ ଏହାକୁ ଗ୍ରହଣ କରିବେ। ତେଣୁ ଫିଲ୍ମ ଦୁନିଆର ସମସ୍ତ କାର୍ଯ୍ୟକର୍ତ୍ତା କୌଣସି ଘଟଣାକୁ ନେଇ ବାଦବିବାଦ ନକରି ନିଜ ନିଜ ଭିତରେ ସହଯୋଗ ମନୋବୃତ୍ତିରେ କାମ କରିଲେ ଓଲିଉଡ୍ ଫିଲ୍ମ ବି ହିଟ୍ ହେବ।

**ଅଭିନୟକୁ ପେସା କରି ଚଳିବା ସମ୍ଭବ କି?**

● ନାଁ, ମୋ ହିସାବରେ ମୁଁ କେବଳ ଅଭିନେତ୍ରୀ ଭାବେ ରହିବାକୁ ପସନ୍ଦ କରିବିନି। ମୁଁ ମୋର ଶିକ୍ଷାକୁ ଗୁରୁତ୍ୱ ଦେବା ସହ କିଛି କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବି। ଏହାସହ ଅଭିନୟ ବି କରିବି।

**ଓଡ଼ିଶାର କେଉଁ ସ୍ଥାନ ବହୁତ ଭଲ ଲାଗେ?**

● ବାରିପଦା ମୋର ପ୍ରିୟ ସହର। ଏହା ମୋର ଜନ୍ମସ୍ଥାନ। ଏହାବାଦ୍ ଓଡ଼ିଶାର ପ୍ରତ୍ୟେକ ସ୍ଥାନ ମୋତେ ବୁଲିବାକୁ ଭଲଲାଗେ।

**ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ ବାର୍ତ୍ତା ଦେବେ?**

● କିଛି ଜଣ ନାଁ, ଟଙ୍କା ପାଇଁ ଏ ଲାଇନ୍‌କୁ ଆସନ୍ତି, ଏହା କ୍ୟାରିୟର୍ ଉପରେ ପ୍ରଭାବ ପକାଏ। ତେଣୁ ଭଲ କଣ୍ଟେଣ୍ଟରେ ନିଜର ବାସ୍ତବ ପ୍ରତିଭାକୁ ଦର୍ଶକଙ୍କ ସାମ୍ନାରେ ଉପସ୍ଥାପନା କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ। ■

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୭୫ • ପାଉଣ୍ଡ ୧୦୫.୭୮
- ୟୁରୋ ୯୦.୨୬ • ୟେନ୍ ୦.୫୬

**ସୁନାରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୯,୮୫୦ (ଭୁବନେଶ୍ୱର)
- ରୁପା : ୮୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୬୯,୬୫୩.୦୦
- ନିଫ୍ଟି ୨୦,୯୩୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

## ଅନ୍‌ଲାଇନ୍ ଠକେଇରେ କେନ୍ଦ୍ରର କଡ଼ା କାର୍ଯ୍ୟାନୁଷ୍ଠାନ

# ବେଆଇନ ପୁଞ୍ଜି ବିନିଯୋଗରେ ଲାଗିବ ରୋକ୍

**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):**



- ୧୦୦ ୱେବ୍‌ସାଇଟ୍ ବ୍ଲକ୍
- ପାର୍ଟ ଟାଇମ୍ ଚାକିରିରେ ହେଉଥିଲା ଠକେଇ
- ସାଇବର ୟୁନିଟ୍ ଦ୍ୱାରା ୱେବ୍‌ସାଇଟ୍ ଚିହ୍ନଟ
- ଠକେଇ ବିଦେଶରୁ ପରିଚାଳିତ
- ଅପରାଧ ପାଇଁ ଡିଜିଟାଲ ବିଜ୍ଞାପନ, ଚାଟ୍ ମେସେଞ୍ଜର, ଭଡ଼ା ଆକାଉଣ୍ଟର ବ୍ୟବହାର

ସମ୍ପ୍ରତି ଦେଶରେ ବଢ଼ିବାରେ ଲାଗିଛି ସାଇବର ଅପରାଧ ବା ଅନ୍‌ଲାଇନ୍ ଠକେଇ। ଅଜ୍ଞତାରୁ ସାଇବର ଅପରାଧିଙ୍କ ଜାଲରେ ପଡି ସାଧାରଣ ଲୋକେ ସର୍ବସ୍ୱ ହରାଇ ହେଉଛନ୍ତି ତଳିତଳାନ୍ତ। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ବେଆଇନ ପୁଞ୍ଜି ବିନିଯୋଗ ଏବଂ ପାର୍ଟ ଟାଇମ୍ ଚାକିରି ଠକେଇ ସହ ଜଡିତ ୱେବ୍‌ସାଇଟଗୁଡିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ଅନୁଯାୟୀ, ୧୦୦ ୱେବ୍‌ସାଇଟ୍‌କୁ ସରକାର ବ୍ଲକ୍ କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ସାଇବର କ୍ରାଇମ ସମନ୍ୱୟ କେନ୍ଦ୍ରର ନ୍ୟାସନାଲ ସାଇବର କ୍ରାଇମ ଥ୍ରେଟ୍ ଆନାଲିଟିକ୍ସ ୟୁନିଟ୍ (ଏନ୍‌ସିଟିଏୟୁ) ସହାୟତାରେ ୧୦୦ଟି ୱେବସାଇଟ୍ ଚିହ୍ନଟ କରି ସେଗୁଡିକୁ ବ୍ଲକ୍ କରିଛି।

ସାଇବର ଅପରାଧର ମୁକାବିଲା ପାଇଁ ସରକାର ନୂତନ ପଦ୍ଧତି ଅବଲମ୍ବନ କରୁଛନ୍ତି। ବାସ୍ତବରେ ଏହି ସାଇଟଗୁଡିକ ଉପଭୋକ୍ତାମାନଙ୍କୁ ବିଭ୍ରାନ୍ତ କରିବା ସହ ଆର୍ଥିକ ଠକେଇ ମଧ୍ୟ କରୁଥିଲେ। ସରକାରୀ ବିବୃତ୍ତି ଅନୁଯାୟୀ, ଏହି ୱେବସାଇଟ୍‌ଗୁଡିକ ବିଦେଶରୁ ପରିଚାଳିତ ହେଉଥିଲା ଏବଂ ଭାରତରେ ଏହାର ଏକ ବଡ଼ ନେଟୱାର୍କ ଥିଲା। ଗତ ସପ୍ତାହରେ ଗୃହ ମନ୍ତ୍ରଣାଳୟର ଏକ ୟୁନିଟ୍ ଜାତୀୟ ସାଇବର କ୍ରାଇମ ଥ୍ରେଟ୍ ଆନାଲିଟିକ୍ସ ୟୁନିଟ୍ ସହାୟତାରେ ଏହା ଚିହ୍ନଟ କରିଥିଲା। ଏହି ଅବଧି ମଧ୍ୟରେ, ୧୦୦ ୱେବସାଇଟ୍ ଚିହ୍ନଟ କରାଯାଇଥିଲା ଯେଉଁଗୁଡିକ ନିବେଶ ଏବଂ ଟାସ୍କ-ଆଧାରିତ ପାର୍ଟ ଟାଇମ୍ ଚାକିରି ଠକେଇ ସହ ଜଡିତ ଥିଲା। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ସୂଚନା ପ୍ରଯୁକ୍ତି ଅଧିନିୟମ ୨୦୦୦ ଅନୁଯାୟୀ ଏହି ସମସ୍ତ ୱେବ୍‌ସାଇଟକୁ ଅବରୋଧ କରିଥିଲା। ଏହି ୱେବସାଇଟ୍‌ଗୁଡିକ ସଂଗଠିତ ବେଆଇନ ପୁଞ୍ଜି ବିନିଯୋଗ ଏବଂ ଆର୍ଥିକ ଅପରାଧ ସହ ଜଡିତ ଥିବା ଜଣାପଡିଛି। ଅନୁସନ୍ଧାନ ବେଳେ ଆହୁରିମଧ୍ୟ ଜଣାପଡିଛି ଯେ ଏହି ୱେବସାଇଟ୍‌ଗୁଡିକୁ ବିଦେଶରୁ ପରିଚାଳନା କରାଯାଉଛି। ଅପରାଧ କରିବା ପାଇଁ ଡିଜିଟାଲ ବିଜ୍ଞାପନ, ଚାଟ୍ ମେସେଞ୍ଜର ଏବଂ ଭଡା ଆକାଉଣ୍ଟକୁ ବ୍ୟବହାର କରାଯାଉଛି। ବିନା ଅନୁମତିରେ କାର୍ଡ ନେଟ୍‌ୱାର୍କ, କ୍ରିପ୍ଟୋକରେନ୍ସି ଏବଂ ବିଦେଶର ଏଟିଏମ୍‌ରୁ ଟଙ୍କା ମଧ୍ୟ ପ୍ରତ୍ୟାହାର କରାଯାଇଥାଏ। ପୂର୍ବରୁ ମନ୍ତ୍ରଣାଳୟ ବିଦେଶରୁ ପରିଚାଳିତ ୨୩୨ଟି ଆପ୍‌କୁ ବ୍ଲକ୍ କରିଥିଲା। ଏଥିରେ ଚାଇନିଜ୍ ଆପ୍ ମଧ୍ୟ ଅନ୍ତର୍ଭୂକ୍ତ ହୋଇଥିଲା ଯେଉଁଗୁଡିକ ବେଟିଂ, ଜୁଆ ଏବଂ ବେଆଇନ ଋଣ ସେବା ଯୋଗାଇଥାଏ।

## ବିଶ୍ୱର ୧୦୦ ଶ୍ରେଷ୍ଠ ଶକ୍ତିଶାଳୀ ମହିଳା ତାଲିକାରେ ୪ ଭାରତୀୟ

**ନିର୍ମଳାଙ୍କ ସହ ରୋଶନୀ ନାଦର, ସୋମା ମଣ୍ଡଳ ଓ କିରଣ ମଜୁମଦାର-ସ'**



**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):** ବିଜ୍‌ନେସ୍ ମାଗାଜିନ ଫୋର୍ବସ୍ ବିଶ୍ୱର ୧୦୦ ଶ୍ରେଷ୍ଠ ଶକ୍ତିଶାଳୀ ମହିଳା ତାଲିକାରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସ୍ଥାନ ପାଇଛନ୍ତି। ୨୦୨୩ ବର୍ଷ ପାଇଁ ବିଶ୍ୱର ଏହି ୧୦୦ ଶ୍ରେଷ୍ଠ ଶକ୍ତିଶାଳୀ ମହିଳାଙ୍କ ତାଲିକାରେ ମୋଟ ୪ ଜଣ ଭାରତୀୟ ରହିଛନ୍ତି। ଏଥିରେ ନିର୍ମଳାଙ୍କ ବ୍ୟତୀତ ରୋଶନୀ ନାଦର ମାଲହୋତ୍ରା, ସୋମା ମଣ୍ଡଳ ଓ କିରଣ ମଜୁମଦାର-ସ ରହିଛନ୍ତି। ଏହି ତାଲିକାର ୩୨ ତମ ସ୍ଥାନରେ ନିର୍ମଳା ସୀତାରମଣ ରହିଛନ୍ତି। ୨୦୧୯ରୁ ସେ କେନ୍ଦ୍ର ଅର୍ଥ ଓ କମ୍ପାନୀ ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ୨୦୨୨ର ଫୋର୍ବସ ବିଶ୍ୱ ୧୦୦ ଶ୍ରେଷ୍ଠ ଶକ୍ତିଶାଳୀ ମହିଳା ତାଲିକାରେ ସେ ୩୬ତମ ସ୍ଥାନରେ ରହିଥିଲେ। ଏଚ୍‌ସିଏଲ୍‌ଟେକ୍ନୋଲୋଜିର ରୋଶନୀ (୪୨) , ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍)ର ଅଧକ୍ଷା ସୋମା ମଣ୍ଡଳ (୬୦) ଏବଂ କିରଣ ମଜୁମଦାର (୭୦) ତାଲିକାର ୭୦ ନମ୍ବର ସ୍ଥାନରେ ରହିଛନ୍ତି।

## ୯୧ କୋଲ୍ ବ୍ଲକର ନିଲାମ

**୭ମ ପର୍ଯ୍ୟାୟ ନିଲାମ ଶେଷ**

ନୂଆଦିଲ୍ଲୀ,୬।୧୨(ଏଜେନ୍ସି): କୋଇଲା ବ୍ଲକ ନିଲାମର ୭ମ ପର୍ଯ୍ୟାୟ ସଫଳତାର ସହ ଶେଷ ହୋଇଛି। ଏଥିରେ ସାରା ଦେଶରୁ ୯୧ଟି ବ୍ଲକ୍‌ର ନିଲାମ କରାଯାଇଛି। ଫରୱାର୍ଡ ଇ-ନିଲାମ ମାଧ୍ୟମରେ ଏହି ପ୍ରକ୍ରିୟା ଅଗଷ୍ଟ ପହିଲାରେ ଆରମ୍ଭ ହୋଇଥିଲା, ଯାହା ଶିଳ୍ପ ଏବଂ ନିବେଶକଙ୍କଠାରୁ ଭଲ ରେସପନ୍ସ ଲାଭ କରିଥିଲା। ନିଲାମ ହୋଇଥିବା କୋଇଲା ଖଣି ମଧ୍ୟରୁ ଦୁଇଟି ସମ୍ପୂର୍ଣ୍ଣ ରୂପେ ଅନୁସନ୍ଧାନ କରାଯାଇଥିବାବେଳେ ଅବଶିଷ୍ଟ ଚାରିଟି ଆଂଶିକ ଅନୁସନ୍ଧାନ କରାଯାଇଥିଲା। ଏହି ନିଲାମରୁ ୩୪,୧୮୫ କୋଟି ଟଙ୍କାର ରାଜସ୍ୱ ମିଳିବା ଆଶା କରାଯାଉଛି। ଏଥିରୁ ୩ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା ରହିଛି।

## ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ଖଣିରେ ଏମ୍‌ଇଏମ୍‌ସି ସପ୍ତାହ ପାଳନ




**ଭୁବନେଶ୍ୱର,୬।୧୨(ସମିସ):** ଆଇବିଏମ୍, ଭୁବନେଶ୍ୱର ଅଧୀନସ୍ଥ ଜେଏସଡବ୍ଲୁ ଷ୍ଟିଲ ଲିମିଟେଡର ଚାରିଟି ଖଣିରେ ୨୫ ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ (ଏମଇଏମସି) ସପ୍ତାହ ପାଳନ କରାଯାଇଥିଲା। ଜଜାଙ୍ଗ ଲୁହାପଥର ଖଣି, ନୂଆଗାଁ ଲୁହାପଥର ଖଣି, ଗାନୁଆ ଲୁହାପଥର ଖଣି ଏବଂ ନାରାୟଣପୋଶୀ ଲୁହାପଥର ଖଣିରେ ଏମଇଏମସି ସପ୍ତାହ ଯାଞ୍ଚ କରାଯାଇଥିଲା। ସଂଯୋଜକ କେ.ସି ଜ୍ୟୋତିଶି, ଜିଏମ (ଜିଓଲୋଜି), ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ଜଜାଙ୍ଗ ଏବଂ ନୂଆଗାଁ ଲୁହାପଥର ଖଣି ପାଇଁ), ଜ୍ଞାନପ୍ରକାଶ ମୋହାପାତ୍ର, ଡିଜିଏମ, ଓଏମସି ଲିମିଟେଡ (ଗାନୁଆ ଲୁହାପଥର ଖଣି ପାଇଁ), ନିହାର ରଂଜନ ମିତ୍ର, ସୁକିନ୍ଦା ଟାଟା ଷ୍ଟିଲ ଲିମିଟେଡର

କ୍ରୋମାଇଟ୍ ମାଇନ୍ସ ମ୍ୟାନେଜର (ନାରାୟଣପୋଶୀ ଲୁହାପଥର ଖଣି ପାଇଁ) ସମସ୍ତ ଜେଏସଡବ୍ଲ୍ୟୁ ଖଣିର ମୂଲ୍ୟାଙ୍କନ କରିଥିଲେ। ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କର୍ମଚାରୀ ଏବଂ ହିତାଧିକାରୀଙ୍କ ପାଇଁ ପାଳନ, ଖଣି ଯାଂଚ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକଳାପରେ ବିଭିନ୍ନ ପରିବେଶ ସଚେତନତା କାର୍ଯ୍ୟକ୍ରମ ଯେପରିକି ସ୍ଲୋଗାନ୍, ପୋଷ୍ଟର, ବିତର୍କ ଏବଂ ପ୍ରବନ୍ଧ ପ୍ରତିଯୋଗିତା ଅନ୍ତର୍ଭୁକ୍ତ । ଏହି ପଦକ୍ଷେପଗୁଡିକ ସଚେତନତା ସୃଷ୍ଟି କରିବା ଏବଂ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ପର୍ଯ୍ୟବେକ୍ଷଣ ସମୟରେ ଜେଏସଡବ୍ଲୁ ଷ୍ଟିଲର ବରିଷ୍ଠ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଖଣିରେ ସର୍ବୋତମ କର୍ମଚାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପର୍ଯ୍ୟବେକ୍ଷଣ ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

**ସଂସଦରେ କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀଙ୍କ ସୂଚନା**

## ଓଡ଼ିଶାରୁ ୨୭.୭୮ ଜିଡବ୍ଲ୍ୟୁପି ସୌର ଶକ୍ତି ଉତ୍ପାଦନ ହୋଇପାରିବ

**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):** ଓଡ଼ିଶାରୁ ୨୭.୭୮ ଜିଡବ୍ଲ୍ୟୁପି (ଗିଗାୱାଟ୍ ପିକ୍) ସୌର ଶକ୍ତି ଉତ୍ପାଦନ କରାଯାଇପାରିବ ବୋଲି କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ଓ ଶକ୍ତି ମନ୍ତ୍ରୀ ଶ୍ରୀ ଆର.କେ ସିଂ ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ରାଜ୍ୟରେ ସୌର ଶକ୍ତି ଉତ୍ପାଦନ ସମ୍ଭାବନାକୁ ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଅନ୍ତର୍ଜାତୀୟ ପରିବେଶ, ଦୀର୍ଘସ୍ଥାୟୀତ୍ୱ ଓ ପ୍ରଯୁକ୍ତି ଫୋରମ୍ (ଆଇଫରେଷ୍ଟ) ଓଡ଼ିଶାରେ ସୌର ଶକ୍ତି ଉତ୍ପାଦନ ସମ୍ଭାବନା ୧୬୯ ଜିଡବ୍ଲ୍ୟୁପିଥିବା ଆକଳନ କରିଛି ବୋଲି ଓଡ଼ିଶା ସରକାର ରିପୋର୍ଟ ଦେଇଛନ୍ତି ।



ଜାତୀୟ ସୌର ଶକ୍ତି ପ୍ରତିଷ୍ଠାନ (ଏନଆଇଏସଇ) ଦ୍ୱାରା ବିଭିନ୍ନ ଆଧାରକୁ ନେଇ ରାଜ୍ୟମାନଙ୍କର ସୌର ଶକ୍ତି ଉତ୍ପାଦନ ସମ୍ଭାବନାକୁ ଆକଳନ କରାଯାଇଥାଏ। ଏହି ଆଧାରଗୁଡ଼ିକ ହେଉଛି, କୌଣସି ରାଜ୍ୟର ୩% ଅନୁର୍ବର ଜମିକୁ ସୌର ଶକ୍ତି ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ। ଅନୁର୍ବର ଜମି ମାନଚିତ୍ର ୨୦୧୦ ଅନୁଯାୟୀ, ଏଥିପାଇଁ ଉଦ୍ଦିଷ୍ଟ ଜମି ଚିହ୍ନଟ କରାଯିବ। ଏସ୍‌ପିଭି ମଡ୍ୟୁଲ ଦକ୍ଷତାକୁ ୧୫% ସମ୍ଭାବନା ହିସାବରେ ବିବେଚନା କରାଯାଏ ଏବଂ ପ୍ରତ୍ୟେକ ୧ ବର୍ଗକିମି ଅନୁର୍ବର ଜମିରେ ୫୦ ମେଗାୱାଟ୍ ପିକ୍ କ୍ଷମତାବିଶିଷ୍ଟଏସପିଭି ପ୍ଲାଣ୍ଟ ସ୍ଥାପନ କରାଯାଇପାରିବ। ଅନୁରୂପ ଭାବେ ୨୦୧୧ ଜନଗଣନାକୁ ଆଧାର କରି ଘର ଛାତ ଉପରେ ସୌରଶକ୍ତି ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା ମାଧ୍ୟମରେ ସୌର ଶକ୍ତି ଉତ୍ପାଦନ ସମ୍ଭାବନାକୁ ଆକଳନ କରାଯାଇଥିବା ସେ କହିଛନ୍ତି। କେନ୍ଦ୍ର ମନ୍ତ୍ରୀ ଆର.କେ ସିଂ ଏହି ଅବସରରେ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶା ସମେତ ସବୁ ରାଜ୍ୟକୁ ସୌର ଇନ୍ଧନ ଏବଂ ଅକ୍ଷୟ ଶକ୍ତି ଭିତ୍ତିଭୂମି ଉନ୍ନତିକରଣ ପାଇଁ ବିଭିନ୍ନ ପ୍ରକାର ସହଯୋଗ ଯୋଗାଇ ଦେଉଛନ୍ତି। ସୌର ଶକ୍ତି କ୍ଷେତ୍ରରେ ସ୍ୱୟଂକ୍ରିୟ ମାର୍ଗରେ ଶତପ୍ରତିଶତ ବିଦେଶୀ ପୁଞ୍ଜିନିବେଶକୁ ଅନୁମତି ମିଳିଛି। ୩୦ ଜୁନ୍ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଥିବା ପ୍ରକଳ୍ପରୁ ସୌର ଏବଂ ପବନ ବିଦ୍ୟୁତ ଶକ୍ତିର ଆନ୍ତଃରାଜ୍ୟ ବିକ୍ରୟ ଉପରେ କୌଣସି ଆନ୍ତଃରାଜ୍ୟ ସଞ୍ଚାରଣ ପ୍ରଣାଳୀ ଶୁଳ୍କ ଲାଗୁ ହେବ ନାହିଁ। ବଡ଼ ଅକ୍ଷୟ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ଲାଗି ଅକ୍ଷୟ ଶକ୍ତି ଉତ୍ପାଦନକାରୀମାନଙ୍କୁ ଜମି ଓ ସଞ୍ଚାରଣ ସୁବିଧା ଯୋଗାଇ ଦେବା

## ବର୍ଲିଂଟନ୍ ଇଂଲିଶ 'ଟ୍ରେଣ୍ଟିଫାଷ୍ଟ ସେଞ୍ଚୁରୀ ଏଡୁକେଟର୍ସ ଏନ୍‌ଗେଜ୍‌ମେଣ୍ଟ ପ୍ରୋଗ୍ରାମ'



ଭୁବନେଶ୍ୱର,୬।୧୨(ସମିସ): ରାଉରକେଲାରେ ଶିକ୍ଷା ପ୍ରଦାନକାରୀ (ଶିକ୍ଷକ) ଏବଂ ସ୍କୁଲ ପ୍ରିନସିପାଲମାନଙ୍କ ନିମନ୍ତେ ଏକ ଅନନ୍ୟ ସୁଯୋଗ ଯୋଗାଇ ଦେଇ ବର୍ଲିଂଟନ ଇଂଲିଶ ସେମାନଙ୍କୁ ନେତୃତ୍ୱ ନେବାର କୁଶଳତାରେ ସଶକ୍ତ କରିବା ଏବଂ ସେମାନଙ୍କ ଇଂରାଜୀ ଭାଷା ଶିକ୍ଷାଦାନ-ଶିକ୍ଷା ଆହରଣ ସ୍ତରକୁ ଉନ୍ନୀତ କରିବା ନିମନ୍ତେ 'ଟ୍ୱେିଛକ୍ଷଗ୍ସ୍ରି;ଫାଷ୍ଟ ସେଞ୍ଚୁରୀ ଏଡୁକେଟର୍‌ସ୍ ଏନ୍‌ଗେଜମେଣ୍ଟ; ପ୍ରୋଗ୍ରାମ' ଆୟୋଜନ କରିଥିଲା। ଏହି ୧୫-ସହର କାର୍ଯ୍ୟକ୍ରମ ଶିକ୍ଷା ପ୍ରଦାନକାରୀଙ୍କର କୁଶଳତା ଓ ଜ୍ଞାନରେ ପରିବର୍ଦ୍ଧନ ଘଟାଇବା ନିମନ୍ତେ ଡିଜାଇନ କରାଯାଇଛି ଏବଂ ଏହା ବର୍ଷକରେ ଦେଶବ୍ୟାପୀ ୫୦,୦୦୦ରୁ ଶିକ୍ଷା ପ୍ରଦାନକାରୀଙ୍କୁ ତାଲିମ ପ୍ରଦାନ କରିବା ଲକ୍ଷ୍ୟ ରଖିଛି। କାର୍ଯ୍ୟକ୍ରମର ଏହି ଏକ ଦିବସୀୟ ଚରଣ ଦି ସେଣ୍ଟ୍ରାଲ ପାର୍କ, ରାଉରକେଲାଠାରେ ଆୟୋଜିତ ହୋଇଥିଲା। ମାଷ୍ଟର ଟ୍ରେନର, ବର୍ଲିଂଟନ ଏବଂ ପ୍ରତିଷ୍ଠାତା ଉନ୍ମିଦ୍ ସଲୋନି ପ୍ରିୟା ଶିକ୍ଷା ପ୍ରଦାନକାରୀଙ୍କୁ ଏକ ପ୍ରଗତିଶୀଳ ଶିକ୍ଷା ଆହରଣ ପରିବେଶକୁ ପ୍ରୋତ୍ସାହିତ କରିବାର କୌଶଳ କହିଥିଲେ। ଏଥିରେ ବର୍ଲିଂଟନ୍ ଇଂଲିଶର ଏମ୍‌ଡି ଅମିତ୍ ବାଭେଜା ଉପସ୍ଥିତ ଥିଲେ।

## ଏନ୍‌ଏସ୍‌ଇ ଇମର୍ଜ କମ୍ପାନୀର ବଜାର ପୁଞ୍ଜି ୧ ଲକ୍ଷ କୋଟି ଟପିଲା

**ଭୁବନେଶ୍ୱର,୬।୧୨(ସମିସ):** ଦେଶର ଅଗ୍ରଣୀ ଷ୍ଟକ ଏକ୍ସଚେଞ୍ଜ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ପ୍ରଥମ ଥର ପାଇଁ ଏନ୍‌ଏସ୍‌ଇ ଇମର୍ଜ ପ୍ଲାଟଫର୍ମରେ ଏକ ଲକ୍ଷ କୋଟି ବଜାର ପୁଞ୍ଜି ହାସଲ କରିଛି । ୨୦୧୨ରେ ଏହାର ପ୍ରତିଷ୍ଠା ପରଠାରୁ, ଏନ୍‌ଏସ୍‌ଇ ଏସଏମଇ ପ୍ଲାଟଫର୍ମ ଆମ ଦେଶର କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକର ବିକାଶ ପାଇଁ ଏକ ଉପଯୋଗୀ ଏବଂ ସ୍ଥାୟୀ ସୁଯୋଗ ପ୍ରଦାନ କରୁଛି । ବର୍ତ୍ତମାନ ସୁଦ୍ଧା ୩୯୭ଟି କଂପାନି ୭,୮୦୦ କୋଟିରୁ ଅଧିକ ପାଣ୍ଠି ସଂଗ୍ରହ କରି ଏନଏସଇ ଇମର୍ଜରେ ତାଲିକାଭୁକ୍ତ ହୋଇଛନ୍ତି। ୨୦୧୭ ମସିହାରେ ଆରମ୍ଭ ହୋଇଥିବା ନିଫ୍ଟି ଏସଏମଇ ଇମର୍ଜ ଇଣ୍ଡେକ୍ସ, ଯେଉଁଥିରେ ବର୍ତ୍ତମାନ ୧୯ଟି କ୍ଷେତ୍ରର ୧୭୬ଟି କମ୍ପାନି ସାମିଲ ରହିଛନ୍ତି। ନଭେମ୍ବର ୨୦୨୩ ସୁଦ୍ଧା ବାର୍ଷିକ ୩୯.୭୮% ହାରରେ ସେମାନେ ଆଗକୁ ବଢ଼ିଛନ୍ତି ଯାହା ଏକ ଉଲ୍ଲେଖନୀୟ ରେକର୍ଡ ଏବଂ ଆମ ଦେଶର ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିରେ ଏସ୍‌ଏମ୍‌ଇ କ୍ଷେତ୍ରର ବର୍ଦ୍ଧିତ ଅବଦାନକୁ ସୂଚିତ କରୁଛି। ଚଳିତ ବର୍ଷ ପ୍ରାରମ୍ଭରେ ଏନଏସଇ ଏହାର ମେନ୍ ବୋର୍ଡ ପ୍ଲାଟଫର୍ମରେ ଏସଏମଇ ତାଲିକାଭୁକ୍ତ କମ୍ପାନିଗୁଡିକର ସ୍ଥାନାନ୍ତର ଉପରେ ଏହାର ଏନଏସଇ ଇମର୍ଜ ମାନଦଣ୍ଡକୁ ସୁଦୃଢ଼ କରିଥିଲା। ତାହା ନିୟାମକ ଅନୁପାଳନକୁ ବ୍ୟାପକ କରିବା ସହିତ ଉଚ୍ଚ ଗୁଣବତା କମ୍ପାନୀଗୁଡିକୁ ପ୍ରୋତ୍ସାହିତ କରିଥିଲା। ବର୍ତ୍ତମାନ ୧୩୮ଟି କମ୍ପାନି ଏନ୍‌ଏସ୍‌ଇ ମେନ୍ ବୋର୍ଡ ପ୍ଲାଟଫର୍ମକୁ ସ୍ଥାନାନ୍ତରିତ ହୋଇଛନ୍ତି।

## ଟାଟା ପାୱାର ଓଡ଼ିଶା ଡିସ୍‌କମ୍ ପକ୍ଷରୁ ୧୦ ଲକ୍ଷ ନୂଆ ବିଦ୍ୟୁତ୍ ସଂଯୋଗ ପ୍ରଦାନ



**ଭୁବନେଶ୍ୱର, ୬।୧୨(ସମିସ):** ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍ ଗୁଡ଼ିକ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ। ଅଧିଗ୍ରହଣ ପରଠାରୁ ଏହି ଡିସକମ୍ ଗୁଡ଼ିକର ଉନ୍ନତ ପ୍ରକ୍ରିୟା ସରଳୀକରଣ ପଦକ୍ଷେପ ରାଜ୍ୟରେ ୧୦,୦୪୦,୨୨ ନୂଆ ବିଦ୍ୟୁତ ସଂଯୋଗ କରିଛି। ସମ୍ଭାବ୍ୟ ଗ୍ରାହକମାନେ ୱେବସାଇଟ୍, କଲ୍, ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍, ଇ-ମେଲ୍ ଏବଂ ଗ୍ରାହକ ସେବା କେନ୍ଦ୍ର ଭଳି ବିଭିନ୍ନ ଟଚ୍ ପଏଣ୍ଟ ମାଧ୍ୟମରେ ସହଜରେ ଆବେଦନ କରିପାରିବେ। ସର୍ବନିମ୍ନ ଦସ୍ତାବିଜ ଆବଶ୍ୟକତା ସହିତ, ଡିସକମ୍‌ଗୁଡିକ ନୂଆ ସଂଯୋଗ ପ୍ରକ୍ରିୟାରେ ସମ୍ପୃକ୍ତ ପଦକ୍ଷେପଗୁଡ଼ିକୁ ଯଥେଷ୍ଟ ହ୍ରାସ କରିବା ସହ ସେଗୁଡ଼ିକୁ ଡିଜିଟାଇଜ୍ ମଧ୍ୟ କରିଛନ୍ତି ଯାହା ଗ୍ରାହକଙ୍କ ସୁବିଧା ପାଇଁ ପ୍ରକ୍ରିୟାକୁ ବେଶ ସରଳ କରିଛି। ଏହି ପ୍ରକ୍ରିୟାରେ କେବଳ ୪ଟି ପଦକ୍ଷେପ ଅନ୍ତର୍ଭୁକ୍ତ। ତାହା ହେଉଛି ପଞ୍ଜୀକରଣ, ଦସ୍ତାବିଜ ଦାଖଲ, ଦେୟ ଏବଂ ଯାଞ୍ଚ ଏବଂ ମିଟର ସ୍ଥାପନା।

# ନୂଆବର୍ଷରୁ ବଦଳିବ ସିମ୍ କାର୍ଡ ନିୟମ

**ନୂଆଦିଲ୍ଲୀ,୬।୧୨(ଏଜେନ୍ସି):**




- ଆରମ୍ଭ ହେବ ଡିଜିଟାଲ କେୱାଇସି ବ୍ୟବସ୍ଥା
- ସିମ୍ କାର୍ଡ ଇସ୍ୟୁ ପ୍ରକ୍ରିୟା ତ୍ୱରିତ ହେବ
- ଫିଜିକାଲ ଯାଞ୍ଚ ପାଇଁ ଡକ୍ୟୁମେଣ୍ଟର ଆବଶ୍ୟକ ପଡିବନାହିଁ

ନୂଆବର୍ଷରୁ ଦେଶରେ ଲାଗୁ ହେବାକୁ ଯାଉଛି କେତେକ ନୂଆ ନିୟମ। ଏଥିମଧ୍ୟରୁ ସିମ୍ କାର୍ଡ ନିୟମ ଅନ୍ୟତମ। କାରଣ ଜାନୁଆରୀ ପହିଲାରୁ ସିମ୍ କାର୍ଡ ସମ୍ବନ୍ଧୀୟ ନିୟମରେ କେତେକ ପରିବର୍ତ୍ତନ ହେବାକୁ ଯାଉଛି। ଯଦି ଆପଣ ଏକ ନୂତନ ସିମ୍ କାର୍ଡ କିଣିବାକୁ ଚିନ୍ତା କରୁଛନ୍ତି, ତେବେ ପ୍ରଥମେ ଆପଣ ନୂତନ ନିୟମ ବିଷୟରେ ଜାଣିବା ଉଚିତ୍। ଔଣିକୁ ଜାନୁଆରୀ ପହିଲାଠାରୁ ସିମ୍ କାର୍ଡ କିଣିଲେ କେବଳ ଡିଜିଟାଲ୍ କେୱାଇସି ରହିବ। ସିମ୍ କାର୍ଡ ଇସ୍ୟୁ ପ୍ରକ୍ରିୟା ଅଧିକ ତୀବ୍ର ହେବ। ପୂର୍ବ ଭଳି ଆଉ ଫିଜିକାଲ ଯାଞ୍ଚ ପାଇଁ ଡକ୍ୟୁମେଣ୍ଟ ସଂଗ୍ରହ କରିବାକୁ ପଡିବନାହିଁ, ଯାହା ମହଙ୍ଗା ଆଉ ସମୟସାପେକ୍ଷ ଥିଲା। ଏହି ନୂଆ ନିୟମ କାର୍ଯ୍ୟକାରୀ ହେଲେ ଗ୍ରାହକଙ୍କୁ ଏକ ନୂତନ ସିମ୍ କାର୍ଡ ପାଇବା ସହଜ ହେବ। ଜାନୁଆରୀ ପହିଲାରୁ ସିମ୍ କାର୍ଡ କିଣିବା ଉପରେ କେବଳ ଡିଜିଟାଲ୍ କେୱାଇସି ବ୍ୟବସ୍ଥା ଜରିଆରେ ଡକ୍ୟୁମେଣ୍ଟଗୁଡିକର ଯାଞ୍ଚ କରାଯିବ। ଏହି ନୂଆ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ନେଇ କେନ୍ଦ୍ର ସରକାର ପୂର୍ବରୁ ନିଷ୍ପତ୍ତି ନେଇସାରିଛନ୍ତି। ଅଗଷ୍ଟରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହୋଇଥିଲା। ଏହି ଅବଧି ମଧ୍ୟରେ, ସିମ୍ କାର୍ଡ ବିକ୍ରେତାମାନଙ୍କର ଯାଞ୍ଚ ମଧ୍ୟ କରାଯିବ। ବାସ୍ତବରେ ସାଇବର ଠକେଇର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି ଏବଂ ଏହି ପ୍ରସଙ୍ଗରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାପୂର୍ବରୁ, ଯେ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯାଇଥିବା ସିମ୍ କାର୍ଡ ଜଣେ ପାଇପାରୁଥିଲେ ଏବଂ ତାହାକୁ ବ୍ୟବହାର କରୁଥିଲେ। ସିମ୍ କାର୍ଡ ନିୟମ ଲାଗୁ କରାଯିବା ପରେ ଡକ୍ୟୁମେଣ୍ଟର ଡିଜିଟାଲ କେୱାଇସି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଦ୍ୱାରା ଆଉ କେହି ଅନ୍ୟ ଜଣଙ୍କର ସିମ୍ କାର୍ଡ ବ୍ୟବହାର କରିପାରିବେ ନାହିଁ। ବର୍ତ୍ତମାନ ନୂଆ ସିମ୍ କାର୍ଡ ନିୟମ ଲାଗୁ କରିବା କ୍ଷେତ୍ରରେ ବିତରକ, ଷ୍ଟୋର କର୍ମଚାରୀ ଏବଂ ପଏଣ୍ଟ ଅଫ୍ ସେଲ୍‌ର ଯାଞ୍ଚ କରାଯିବ। ଏହା ସ୍ପଷ୍ଟ କରିବ ଯେ ସିମ୍ କିଏ ଇସ୍ୟୁ କରିଛନ୍ତି। ଯଦି କିଛି ଭୁଲଭାଲ୍ ହୁଏ, ତେବେ ସେ ହିଁ ଉତ୍ତରଦାୟୀ ରହିବେ। ଏହାର ଅର୍ଥ ହେଉଛି ସରକାର ଠକେଇ ମାମଲାକୁ ଗମ୍ଭୀରତାର ସହ ନେଉଛନ୍ତି। ଏଗୁଡିକର ମୁକାବିଲା ପାଇଁ କ୍ରମାଗତ ଭାବରେ ନୂତନ ରଣନୀତି ପ୍ରସ୍ତୁତ କରାଯାଉଛି।

# ୨୬ରୁ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା

କେନ୍ଦ୍ରାପଡ଼ା, ୬ ।୧୨(ସମିସ)

ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା, ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଏକକାଳୀନ ପଲ୍ଲିଶ୍ରୀ ମେଳା ଓ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ ।

ପ୍ରାୟ ୨୦୦ଟି ଷ୍ଟଲ୍ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ପଲ୍ଲିଶ୍ରୀ ମେଳା ପାଇଁ ଓରମାସ୍ ପକ୍ଷରୁ ୧୫୦ଟି ଷ୍ଟଲ୍ ହେବ । ଜିଲ୍ଲା କୃଷି ବିଭାଗ ପକ୍ଷରୁ କୃଷି ଯନ୍ତ୍ରପାତି ମେଳା ପାଇଁ ୫୦ଟି ଷ୍ଟଲ୍ ନିର୍ମାଣ କରିବା ପାଇଁ ସ୍ଥିର ହୋଇଛି । ସମସ୍ତ ଜିଲ୍ଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ ନିଜର ସ୍ୱ-ଉତ୍ପାଦିତ ଦ୍ରବ୍ୟ ଆଣିବାକୁ ଯୋଜନା ରହିଛି । ରାଜ୍ୟ ବାହାରୁ ୧୫ରୁ ଅଧିକ ଦଳ ପ୍ରତିନିଧିତ୍ୱ କରିବେ । ଏହା ସହ ଜିଲ୍ଲାର ମିଶନ ଶକ୍ତି, କୃଷି ବିଭାଗ, ମତ୍ସ୍ୟ ବିଭାଗ, ନାବାର୍ଡ, ପଶୁ ସମ୍ପଦ ବିଭାଗ, ସମାଜ ମଙ୍ଗଳ, ସ୍ୱାସ୍ଥ୍ୟ, ସମଗ୍ର ଶିକ୍ଷା, ହସ୍ତଶିଳ୍ପ, ଉଦ୍ୟାନ କୃଷି ଆଦି ବିଭିନ୍ନ ବିଭାଗ ଏଥିରେ ଅଂଶଗ୍ରହଣ କରିବେ । ପ୍ରତ୍ୟେକ ଦିନ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ସ୍ଥାନୀୟ କଳାକାରଙ୍କ ସହ ରାଜ୍ୟ ତଥା ରାଜ୍ୟ ବାହାରର ସୁନାମଧନ୍ୟ କଳାକାରମାନେ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିବେ । ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀକୁ ଜୀବିକା ମିଳିବା ସହ ଆର୍ଥନୀତିକ ସମୃଦ୍ଧି ଘଟିବ । ସେହପରି କୃଷି ଯନ୍ତ୍ରପାତି ମେଳାରୁ ସ୍ଥାନୀୟ କୃଷକମାନେ ନାନା ଉପଯୋଗୀ ତଥ୍ୟ ପାଇପାରିବେ । ୨୦୨୪ ଜାନୁଆରୀ ୨୪ ତାରିଖରେ 'ନୂଆ ଓ' ଫେଷ୍ଟ ଆୟୋଜନ ପାଇଁ ତାରିଖ ଚୂଡ଼ାନ୍ତ ହୋଇଛି । ଏଥିରେ ଜିଲ୍ଲାର ୧୦ହଜାରରୁ ଅଧିକ ଯୁବଶକ୍ତି ଯୋଗଦେବେ । ସମାଗମ ପାଇଁ ବାରୋ ନିକଟସ୍ଥ ପଡ଼ିଆକୁ ପ୍ରାଥମିକସ୍ତରରେ ଚୟନ କରାଯାଇଛି । କ୍ରୀଡ଼ା କ୍ଷେତ୍ରରେ ଫୁଟ୍‌ବଲ୍, ଭଲିବଲ୍, ଖୋ-ଖୋ, କବାଡ଼ି ଓ କ୍ରିକେଟ (ଟେନିସ୍ ବଲ୍) ଖେଳରେ ବ୍ଲକ ସ୍ତରୀୟ, ମ୍ୟୁନିସିପାଲିଟିସ୍ତରୀୟ, ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସେହିପରି ସାଂସ୍କୃତିକ ପ୍ରତିଯୋଗିତାରେ ଦଳଗତ ନୃତ୍ୟ, ସଙ୍ଗୀତ, ମନୋଆକ୍ଟିଙ୍ଗ୍, ଷ୍ଟାଣ୍ଡ-ଅପ୍ କମେଡ଼ି, ଡ୍ରଇଁ, କୁଇଜ୍ ସାମିଲ୍ ଅଛି । ଜିଲ୍ଲାସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀମାନେ ୨୪ ତାରିଖରେ ଆୟୋଜନ ହେବାକୁ ଥିବା 'ନୂଆ ଓ' ଫେଷ୍ଟରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ପାଇବେ । ବ୍ଲକ ଓ ଜିଲ୍ଲାସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରି ପୁରସ୍କୃତ କରାଯିବ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡକ୍ଟର ମନୋଜ ଚାନ୍ଦ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀ ଘନଶ୍ୟାମ ସା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଓର୍‌ମାସ୍‌ର ଉପମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀରୋଦ ଜେନା, ମିଶନ୍ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ କୈଳାଶ ଚନ୍ଦ୍ର ସେନାପତି, ଅତିରିକ୍ତ ପିଡି ଅବଦୁଲ୍ ରେହମାନ୍ ପ୍ରମୁଖ ଉପସ୍ଥିତ ଥିଲେ ।

● ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିୟୋଜିତ ନିର୍ମାଣ ଶ୍ରମିକ ଅସୁରକ୍ଷିତ

# କାହାରି ଆଖିକୁ ଦେଖାଯାଉନି

## ବିନା ହେଲମେଟ, ଜୋତା ଓ ବେଲ୍ଟରେ ଚାଲିଛି କାମ

ଜଗତସିଂହପୁର, ୬ ।୧୨(ସମିସ)




ନିର୍ମାଣ ଶ୍ରମିକମାନଙ୍କ ଉନ୍ନତି ଓ ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି; ମାତ୍ର ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମାସେ ହେଲା ମରାମତି ଓ ରଙ୍ଗ କାମରେ ନିୟୋଜିତ ଶ୍ରମିକଙ୍କୁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ବିନା କାମରେ ଲଗାଯାଇଛି । ୩ ମହାଲାରେ ବିପଦ ପୂର୍ଣ୍ଣର୍ ଭାବେ ଏମାନେ ବିନା ହେଲମେଟ, ଜୋତା ଓ ବେଲ୍ଟରେ କାମ କରୁଛନ୍ତି । ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ନଜରରେ ଏହା ନ ପଡ଼ିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି ।

ତେବେ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସୁରକ୍ଷା ପ୍ରତି ଆଇନ ରହଛି । ନିର୍ଦ୍ଦେଶ ଉଲ୍ଲଂଘନ କଲେ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ଏଠାରେ ଆଇନ ପାଳନ ହେଉନି । ଠିକାସଂସ୍ଥା, ଶ୍ରମ ବିଭାଗ ଓ ପ୍ରଶାସନ ଆଖି ବୁଜି ଦେଇଛି । ଏସ୍‌ଡିଏମ୍ ନିକଟରେ ତିଆରି ହେଉଥିବା ଇନ୍‌ଡୋର ଷ୍ଟାଡିୟମ କାମରେ ନିୟୋଜିତ ଶ୍ରମିକମାନେ ସୁରକ୍ଷା ବ୍ୟବସ୍ଥା ଅଭାବରୁ ସିଡ଼ିରୁ ପଡ଼ି ଜିଲ୍ଲା ହସପିଟାଲରେ ଭର୍ତ୍ତି ହୋଇଥିଲେ । ସେହି ଦୁର୍ଘଟଣା ପରେ ମଧ୍ୟ ଜିଲ୍ଲା ପ୍ରଶାସନ କିମ୍ବା ଶ୍ରମ ବିଭାଗର ଚେତା ପଶିନି । ଯଦି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାମ କରୁଥିବା ଶ୍ରମିକଙ୍କ ସୁରକ୍ଷା ଅବସ୍ଥା ଏପରି ତେବେ ଜିଲ୍ଲାର ଅନ୍ୟ ସ୍ଥାନରେ କିପରି ଅବସ୍ଥାରେ ଶ୍ରମିକ କାମ କରୁଥିବେ ଏଥିରୁ କଳନା କରାଯାଇପାରେ । ଜିଲ୍ଲାରେ ଏ ପର୍ଯ୍ୟନ୍ତ ଶ୍ରମିକଙ୍କ ସୁରକ୍ଷା ଆଇନକୁ ବାଧ୍ୟତାମୂଳକ କରାଯାଇ ପାରିନି । ଜିଲ୍ଲା ଶ୍ରମ ବିବାଗ ଏ ଦିଗରେଆଖି ବୁଜି ଦେଇଛି । ଓଡ଼ିଶା ବିଲ୍ଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ( ନିୟାମକ, ନିୟୋଜନ, ସେବା ସତ୍ତ) ଅଧିନିୟମ ୧୯୯୬ ଅନୁଯାୟୀ ଯେକୌଣସି ନିଯୁକ୍ତିଦାତା ନିର୍ଦ୍ଦେଶାବଳି ଅନୁସରଣ କରୁ ନ ଥିବାରୁ ଦଣ୍ଡିତ କରିବାର ବ୍ୟବସ୍ଥା ରହିଛି । ଏହାକୁ କିନ୍ତୁ ଜଗତସିଂହପୁରରେ ନା ପ୍ରଶାସନିକସ୍ତରରେ ଗୁରୁତ୍ୱ ଦିଆଯାଉଛି ନା ଘରୋଇ କାମରେ ନିୟୋଜିତ ଶ୍ରମକଙ୍କ କ୍ଷେତ୍ରରେ ମଧ୍ୟ ପାଳନ କରାଯାଉଛି । ଦୁର୍ଭାଗ୍ୟକୁ ଯଦି ଅଘଟଣ ଘଟୁଛି ତେବେ ସରକାରଙ୍କୁ ବଦନାମ ହେବାକୁ ପଡୁଛି । ଦାୟିତ୍ୱରେ ଥିବା ସଂସ୍ଥା, ଅଧିକାରୀମାନଙ୍କ ନିଜ କର୍ତ୍ତବ୍ୟରେ ନିଷ୍ଠା ବା ଆନ୍ତରିକତା ରହୁନି । ଏଥିଯୋଗୁ ବେଳେବେଳେ ଶ୍ରମିକଟିର ପରିବାର ସୁବୁଦିନ ଲାଗିଲ ସେ ବ୍ୟକ୍ତିଟିକୁ ହରାଉଛି । କେବେ କେବେ ଶ୍ରମିକଟି ଦୁର୍ଘଟଣାର ଶିକାର ହୋଇ ଅକର୍ମଣ୍ୟ ହୋଇ ପଡୁଛି ଆଉ ପରିବାର ଉପରେ ବୋଝ ହେଉଛି । ଏହାଦ୍ୱାରା ଲୋକେ ବ୍ୟବସ୍ଥା ଉପରେ ଆଙ୍ଗୁଠି ଉଠାଉଛନ୍ତି ।

## ଆଇଓସିଏଲ୍ ପାଇପ୍ ଲାଇନ୍ ପକ୍ଷରୁ ମକ୍‌ଡ୍ରିଲ୍

**ପାରାଦୀପ, ୬ ।୧୨ (ସମିସ):** ହଠାତ୍ ପାରାଦୀପ ଜିରୋ ପଏଣ୍ଟରେ ଆତଙ୍କ ଖେଳିଗଲା । ୬ରୁ ଅଧିକ ନିଆଁ ଲିଭା ଗାଡି, ୮ରୁ ଅଧିକ ଆମ୍ବୁଲାନ୍ସ ସହ ଘନ ଘନ ସାଇରନ୍ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଦେଇଥିଲା । ମାଇକ୍ ଯୋଗେ ଶୁଭୁଥିଲା ଭୟଭୀତ ହୁଅନ୍ତୁ ନାହିଁ । ମୋବାଇଲ ବ୍ୟବହାର କରନ୍ତୁ ନାହିଁ । ୬୦ରୁ ଅଧିକ ତୈଳ ପାଇପ ଲାଇନ କର୍ମଚାରୀ ନିଜ କାର୍ଯ୍ୟରେ ଲାଗି ପଡ଼ିଥିଲେ; ମାତ୍ର ଏହା ଆଇଓସିଏଲ୍ ପାଇପ୍ ଲାଇନ୍ ବିଭାଗର ମକ୍ ଡ୍ରିଲ ଥିଲା । ପାରାଦୀପରୁ ହଳଦିଆ ଯାଇଥିବା ତୈଳ ପାଇପରେ ଯଦି କୌଣସି ଦୁର୍ଘଟଣା ଘଟେ ତେବେ କିପରି ଏହାକୁ ନିୟନ୍ତ୍ରଣ କରିଯିବ ଏବଂ ଲୋକେ କିପରି ସୁରକ୍ଷିତ ରହିବେ ସେ ନେଇ ଏହି ମକ୍ ଡ୍ରିଲ ହୋଇଥିଲା । ଆଇଓସିଏଲ ପାଇପ ଲାଇନ ବିଭାଗ, ଫ୍ୟାକ୍ଟ୍ରି ଆଣ୍ଡ ବ୍ୱଏଲର ବିଭାଗ ଓ ପାରାଦୀପ ପୁଲିସର ମିଳିତ ଉଦ୍ୟମରେ ଏହି ମକ୍ ଡ୍ରିଲ କରାଯାଇଥିଲା । ପାଇପ ଲାଇନରେ ଲିକେଜ କିମ୍ବା କୌଣସି ଦୁର୍ଘଟଣା ହେଲେ କିପରି ନିୟନ୍ତ୍ରଣ କରାଯିବ ଅଭିଜ୍ଞ ଇଞ୍ଜିନିୟରମାନେ ସେ ନେଇ କୌଶଳ ଦେଖାଇଥିଲେ । ଏଥିସହ ଦୁର୍ଘଟଣାର ସମୟରେ ସବୁ ବିଭାଗ ଓ ସବୁ କମ୍ପାନୀ ମଧ୍ୟରେ ସମନ୍ୱୟ ରଖି ବିପଦକୁ ମୁକାବିଲା କରିବାରେ ମଧ୍ୟ ଏହା ସହଯୋଗ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## କଳିଙ୍ଗ ବାଲିଯାତ୍ରାରେ ଜେଏସ୍‌ଡବ୍ଲ୍ୟୁର ଫଟୋ ଜୋନ୍




**ପାରାଦୀପ, ୬ ।୧୨ (ସମିସ):** ପାରାଦୀପର ଐତିହାସିକ କଳିଙ୍ଗ ବାଲିଯାତ୍ରା ସମୁଦ୍ର ବେଳାଭୂମିର ବିଜୁ ମଇଦାନରେ ଅନୁଷ୍ଠିତ ହୋଇଯାଇଅଛି । ୮ ଦିନ ଧରି ଅନୁଷ୍ଠିତ ଏହି ବାଲିଯାତ୍ରାରେ ଜେଏସଡବ୍ଲୁ ପକ୍ଷରୁ ଏକ ଫଟୋ ପାଭିଲିଅନ କରାଯାଇଥିଲା । ଦୈନିକ ହଜାର ହଜାର ଦର୍ଶକ ବାଲିଯାତ୍ରାକୁ ବୁଲି ଆସୁଥିବା ବେଳେ କିଛି ସମୟ ପାଇଁ ସେଠାରେ ଅଟକି ଯାଉଥିଲେ । ଏହାର ମୁଖ୍ୟ ଆକର୍ଷଣ ଥିଲା ଜେଏସଡବ୍ଲୁ ପକ୍ଷରୁ ବୋଇତକୁ ନେଇ ପ୍ରସ୍ତୁତି କରାଯାଇଥିବା ଏକ ପାରମ୍ପାରିକ ଫଟୋ ପାଭିଲିଅନ । ବାଲିଯାତ୍ରା ବୁଲିବାକୁ ଆସୁଥିବା ଲୋକ ଫଟୋ ଉଠାଇବାକୁ ଭୁଲି ନ ଥିଲେ । ଜେଏସଡବ୍ଲୁ ପ୍ରଶାସନିକ ମୁଖ୍ୟ ଧନଞ୍ଜୟ ସିହ୍ନା ଏହାକୁ ଉଦ୍‌ଘାଟନ କରିଥିଲେ ।

# ବିଲ୍ୱମାଳ, ଖଲାରେଶ୍ୱର ପୀଠକୁ ପର୍ଯ୍ୟଟନସ୍ଥଳ କରିବାକୁ ଦାବି

ଡେରାବିଶ, ୬।୧୨(ସମିସ)



ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ପାଣିଓଳାସ୍ଥିତ ଲୁଣାନଦୀ କୂଳରେ ଅବସ୍ଥିତ ବିଲ୍ୱମାଳ ମଠକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଯେତେବେଳେ ନଦୀକୂଳରେ ଜନବସତି ଆରମ୍ଭ ହେଉଥିଲା ଏବଂ ନଦୀର ସ୍ୱତନ୍ତ୍ର ବନ୍ଧ ନ ଥିଲା ସେତେବେଳେ ଦୁଇ ଖଣ୍ଡ ଗାଁକୁ ଦୁଇଭାଗ କରି ମହାନଦୀର ଶାଖାନଦୀ ଲୁଣାନଦୀଟି ଡେରାବିଶ ଅଞ୍ଚଳରେ ବହିଯାଇଥିଲା । ଏବେ ନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ବନ୍ଧ ସୁଦୃଢ଼ ହେଲାପରେ ଗାଁ ଦୁଇଟି ନଦୀର ଦୁଇପଟରେ ରହିଛି । ଏହି ଗାଁ ଦୁଇଟି ହେଲା ହରିଅଙ୍କ ପଞ୍ଚାୟତର ପାଣିଓଳା-୧ ଓ ମୁକୁନ୍ଦପୁର ପଞ୍ଚାୟତର ପାଣିଓଳା-୨ । ସେହିପରି ଯଅଁରାବାରିମୂଳ ପଞ୍ଚାୟତରେ ଅର୍ତାମୂଳ ଓ ନଦୀ ଆରପଟେ ମଧ୍ୟ ଅର୍ତାମୂଳ ଗ୍ରାମର ଏକ ଅଂଶ ରହିଛି । ଏପରିକି ଉଭୟ ଗ୍ରାମର ଗ୍ରାମଦେବତୀ ବି ଏକା ନାଁରେ ଦୁଇ ପଟେ ପୂଜା ପାଉଛନ୍ତି । ସେତେବେଳେ ଆଧ୍ୟାତ୍ମିକତା ପାଇଁ ମଠମନ୍ଦିରର ପ୍ରତିଷ୍ଠା ସମୟରେ ଓଳାଶୁଣୀଠାରେ ଥିବା ସନ୍ଥ ଅରକ୍ଷିତ ଦାସଙ୍କ ପଟ୍ଟଶିଷ୍ୟ ଲୁଣାନଦୀର ପାଣିଓଳାଠାରେ ଏକ ମଠ ସ୍ଥାପନା କରିଥିଲେ । ସେତେବେଳେ ସେହି ସ୍ଥାନରେ ଏକ ବିରାଟ ବେଲଗଛ ଥାଇ ନଦୀରେ ଏକ ଗଣ୍ଡ ରହିଥିଲା । ତେବେ ସେହି ସ୍ଥାନରେ ସନ୍ଥ ଅରକ୍ଷିତ ଦାସଙ୍କ ଶିଷ୍ୟ ମହାପୁରୁଷଙ୍କ ପୂଜାର୍ଚ୍ଚନା କରିବା ସହ ନିକଟରେ ଏକ ରାଧାକୃଷ୍ଣଙ୍କ ମନ୍ଦିର ନିର୍ମାଣ କରି ପୂଜାର୍ଚ୍ଚନା କରୁଥିଲେ । ଏହି ରାଧାକୃଷ୍ଣଙ୍କ ମୂର୍ତ୍ତି ଦୋଳ ସମୟରେ ବିମାନାରୁଢ଼ ହୋଇ ବିଭିନ୍ନ ମେଳଣକୁ ଯାଇଥାନ୍ତି । ଅନ୍ୟ ପକ୍ଷରେ ଅନତି ଦୂରରେ ମହାପୁରୁଷଙ୍କ ନିକଟରେ ଆମିଷ ଭୋଗ ହୋଇଥାଏ । ଠିକ୍ ଏହି ଧର୍ମୀୟ ସ୍ଥାନର ୧ କିଲୋମିଟର ଉପରକୁ ଖଲାରେଶ୍ୱର ପୀଠରେ ପାତାଳୀ ମହାଦେବ ଖଲାରେଶ୍ୱର ପୂଜା ପାଉଛନ୍ତି । ତାଙ୍କ ନିକଟରେ ମା' ଛିନ୍ନମସ୍ତାଙ୍କ ମନ୍ଦିର ରହିଛି । ସେହି ସ୍ଥାନରେ ବାରୁଣି ସ୍ନାନ, ଜାଗର ଅମାବାସ୍ୟା ସହିତ ବର୍ଷର ବିଭିନ୍ନ ପର୍ବପର୍ବାଣୀ ଧୁମ୍ ଧାମ୍‌ରେ ପାଳନ କରାଯାଇଥାଏ । ଉଭୟ ପୀଠରେ ବର୍ଷତ ସାରା ପର୍ବ ପର୍ବାଣୀ ପାଳିତ ହେଉଥିବା ବେଳେ ଭକ୍ତ ସେମାନଙ୍କ ମନସ୍କାମନା ପୂର୍ଣ୍ଣ କରିବା ପାଇଁ ମାନସିକ କରିଥାନ୍ତି । ମାନସିକ ପୂରଣ ପରେ ହୋମଯଜ୍ଞାଦି କରିଥାନ୍ତି । ଏହି ୧ କିଲୋମିଟର ବ୍ୟାପୀ ନଦୀ ପଠା ଓ ଲୁଣା ନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଏକ ମନୋରମ ପରିବେଶ ସୃଷ୍ଟି କରିବା ସହ ଲୋକଙ୍କ ଭିତରେ ଆଧ୍ୟାତ୍ମିକତା ଭାବନା ଜାଗ୍ରତ କରାଇଥାଏ । ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଆଖପାଖ ୧୦ କିଲୋମିଟର ଦୂରରୁ ବିଭିନ୍ନ ଅନୁଷ୍ଠାନ, ସ୍କୁଲ, କଲେଜ ତରଫରୁ ବଣଭୋଜି କରାଯିବା ସହ ବିଭିନ୍ନ ରାଜନୈତିକ ଦଳ ତରଫରୁ ସଭାସମିତି କରାଯାଇ ଭୋଜିଭାତ କରାଯାଇଥାଏ । ଏଥିସହ ଖଲାରେଶ୍ୱରରୁ ବେଲମାଳ ପର୍ଯ୍ୟନ୍ତ ଲୁଣା ନଦୀ ଗଭୀର ଥିବାରୁ ବର୍ଷ ସାରା ଚିରସ୍ରୋତା ରହିଥାଏ । ନଦୀର ଏହି ଅଞ୍ଚଳକୁ ନୌକା ବିହାର ରୂପେ ବ୍ୟବହାର କରାଗଲେ ଏଥିପ୍ରତି ବହୁ ପର୍ଯ୍ୟଟକ ଆକର୍ଷିତ ହେବା ସହ ସ୍ଥାନୀୟ ଅଞ୍ଚଳର ରାଜସ୍ୱ ବୃଦ୍ଧି ପାଇପାରନ୍ତା । ଏହି ପୀଠ ଦୁଇଟିର ଭିତ୍ତିଭୂମିର ଉନ୍ନତି କରି ପର୍ଯ୍ୟଟନସ୍ଥଳ ଭାବେ ବ୍ୟବହାର କରାଯିବା ପାଇଁ ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ଦାନପୁର ସରପଞ୍ଚ ମାନସୀ ତ୍ରିପାଠୀ, ପୂର୍ବତନ ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା, ଉମେଶ ଚନ୍ଦ୍ର ତ୍ରପାଠୀ, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ରଜତ ବଳ, କୈଳାସ ପରିଡ଼ା, ମନିନ୍ଦ୍ର ପ୍ରସାଦ ରଥ, ଧିରେନ୍ଦ୍ରନାଥ ଜେନାଙ୍କ ସତେତ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।



● ଅନଭିଜ୍ଞ ସମ୍ପାଦକଙ୍କ ଦ୍ୱାରା ପାକ୍ସରରେ ବେପରୁଆ ଋଣ କାରବାର

# ଦେଉଳି ପାକ୍ସକୁ ୧୭ କୋଟିର ଅର୍ଥଦଣ୍ଡ

ରାଜକନିକା, ୬ ।୧୨(ସମିସ)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜକନିକା ଶାଖା ଅଧୀନରେ ଥିବା ୧୬ଟି ପାକ୍ସର ଅର୍ଥ କାରବାର ସମ୍ପର୍କରେ ଆୟକର ବିଭାଗ ସୂଚନା ପାଇ ପଦକ୍ଷେପ ନେଇଛି । ଏହିସବୁ ପାକ୍ସର ଆର୍ଥିକ କାରବାରର ତଦନ୍ତ କରିଛି । ସେମାନଙ୍କୁ ନୋଟିସ ଦେଇଛି । ବାରମ୍ବାର ନୋଟିସ କରିବା ପରେ ଏହି ପାକ୍ସଗୁଡ଼ିକଠାରୁ କୌଣସି ଉତ୍ତର ପାଇନି । ଏଣୁ ପ୍ରଥମ ପର୍ଯ୍ୟାୟରେ ଆୟକର ବିଭାଗ ଦେଉଳି ପାକ୍ସକୁ ତାର ଅର୍ଥ କାରବାରକୁ ନେଇ ଆୟକର ଫାଙ୍କିବା ଅଭିଯୋଗରେ ୧୭ କୋଟିରୁ ଅଧିକ ଟଙ୍କାର ଅର୍ଥଦଣ୍ଡ କରିଛି । ବେପରୁଆ ଭାବେ ରାଜକନିକା ବ୍ଲକର ପାକ୍ସଗୁଡିକ ଚାଷୀଙ୍କୁ ଖରିଫ ଓ ରବିଋତୁର ଋଣ ଲଗାଣ ଓ ଆଦାୟ ସମ୍ପର୍କରେ କାରବାର ଜାରି ରଖିଥିବା ଜଣା ପଡ଼ିଥିଲା । ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆୟକର ବିଭାଗ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ସମସ୍ତ ପାକ୍ସକୁ ସ୍କାନରରେ ରଖି ନୋଟିସ ଦେଇଥିଲା; ହେଲେ ଏହି ନୋଟିସ ପାଇବା ପରେ କୌଣସି ପାକ୍ସ ଉତ୍ତର ଦେଇ ନ ଥିବାରୁ ସେମାନଙ୍କୁ ବାରମ୍ବାର ନୋଟିସ କରାଯାଇଥିଲା । ଆୟକର ବିଭାଗ ଦ୍ୱାରା ଏଥିପ୍ରତି କଡା ନଜର ରଖି ଯେହେତୁ ବହୁ କୋଟି ଟଙ୍କାର ଟିକସ ଫାଙ୍କି କରିଥିବା ପାକ୍ସଗୁଡ଼ିକ କୌଣସି ନୋଟିସକୁ ଆଦୌ ଗୁରୁତ୍ୱ ନ ଦେଇ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରୁଥିବା ଜାଣି କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆୟକର ବିଭାଗ ପକ୍ଷରୁ ଦେଉଳି ପାକ୍ସକୁ ୧୭ କୋଟିରୁ ଅଧିକ ଟଙ୍କାର ଅର୍ଥଦଣ୍ଡ ସାବ୍ୟସ୍ତ କରିଛନ୍ତି ।

ପ୍ରତି ଖରିଫ ଓ ରବି ଋତୁରେ ପାକ୍ସର ଚାଷୀଙ୍କୁ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ କରିବାକୁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମାଧ୍ୟମରେ ଋଣ ଦେଉଥିବା ଦେଉଳି ସମବାୟ ସମିତିରେ ନିଯୁକ୍ତ ସମ୍ପାଦକଙ୍କ ବେପରୁଆ ଅର୍ଥ କାରବାର ଜନିତ ଅଜ୍ଞତା ଦୃଷ୍ଟିରୁ ପ୍ରତି ଖରିଫ ଓ ରବି ଋତୁର ଋଣକୁ କେବଳ ପିଟି (ପେପର ଟ୍ରାଞ୍ଜାକ୍ସନ) କରୁଥିବା ବେଳେ ଏହାକୁ କାଗଜ କଲମରେ ନ କରି କ୍ୟାସ ଟ୍ରାଞ୍ଜାକ୍ସନରେ ଚାଷୀଙ୍କୁ ପ୍ରଦାନ କରୁଥିବା ସମ୍ପର୍କରେ ଆୟକର ବିଭାଗ ଜାଣି ଏହି କାରବାର ସମ୍ପର୍କରେ ତଥ୍ୟ ମାଗିଥିଲେ; ମାତ୍ର ଏନେଇ ବହୁବାର ଚିଠି ଲେଖିବା ଏପରିକି ସମସ୍ତ ଚିଠିକୁ ପୋଷ୍ଟାଲରେ ଜଣାଇ କୌଣସି ଉତ୍ତର ପାଇ ନ ଥିବା ଆୟକର ବିଭାଗ ଏହି ସମବାୟ ସମିତିକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛି । ଆୟକର ବିଭାଗର ନୋଟିସ ଅନୁସାରେ ଦେଉଳି ପାକ୍ସ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜକନିକା ଶାଖାରେ ଆକାଉଣ୍ଟ ନମ୍ବର ୩୮୧୩୪୦୪୦୮୨୪, ୩୮୧୩୪୦୪୦୮୪୬ ଓ ୩୮୧୩୪୦୪୦୮୬୭ରେ ୩ଟି ଆକାଉଣ୍ଟ ଖୋଲି ମୋଟା ଅଙ୍କର କୋଟି କୋଟି ଟଙ୍କାର ଅର୍ଥ କାରବାର କରୁଥିବା ସୂଚନା ପାଇ ଏହି ସବୁ କାରବାରରୁ ଟିକସ ଫାଙ୍କି ହେଉଥିବା ଜାଣିବା ପରେ ଦେଉଳି ପାକ୍ସକୁ ନୋଟିସ ଜାରି କରାଯାଇଥିଲା । ନୋଟିସ ପାଇବା ପରେ ଏହି ସବୁ ଅର୍ଥ କାରବାର ସମ୍ପର୍କରେ ଦେଉଳି ପାକ୍ସ କୌଣସି ଉତ୍ତର ଦେଇ ନ ଥିବାରୁ ନିୟମ ଅନୁସାରେ ଆୟକର ବିଭାଗ ଏହି ପାକ୍ସକୁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ତେବେ ଅର୍ଥ ଦଣ୍ଡରେ ଦଣ୍ଡିତ ହେବା ପରେ ମଧ୍ୟ ଦେଉଳି ପାକ୍ସ ପକ୍ଷରୁ କୌଣସି ଉଦ୍ୟମ ନ ହେବା ଜାଣି ସମ୍ପୃକ୍ତ ସମ୍ପାଦକଙ୍କୁ ପଚାରିବାରୁ ସେ ଏହି ଘଟଣାକୁ ହାଲକା ଭାବେ ନେଇଛନ୍ତି । ତେବେ ଏଠାରେ ସୂଚନା ଥାଉ କି ରାଜକନିକାର ବହୁ ପୁରୁଖା ସମବାୟବିତ୍ ସ୍ୱର୍ଗତ ଜନ୍ମେଜୟ ରାଉଳ, ଦେବେନ୍ଦ୍ର ବେହୁରାଙ୍କ ଭଳି ପ୍ରଖ୍ୟାତ ସମବାୟବିତଙ୍କ ବହୁ ଉଦ୍ୟମ ପରେ ପ୍ରତିଷ୍ଠିତ ହୋଇଥିବା ଦେଉଳି ପାକ୍ସରେ ଦାୟିତ୍ୱରେ ରହି ଆସିଥିବା ଅନଭିଜ୍ଞ ସମ୍ପାଦକଙ୍କ ବେପରୁଆ ଆଚରଣ କାରଣରୁ ଦେଉଳି ପାକ୍ସ ବର୍ତ୍ତମାନ ନିଜର ଆର୍ଥିକ ସ୍ଥିତିଠାରୁ ବହୁ ପରିମାଣର ଆର୍ଥିକ ଦଣ୍ଡରେ ଦଣ୍ଡିତ ହୋଇଛି । ଦେଉଳି ପାକ୍ସରେ ଦୁଇ ହଜାରରୁ ଅଧିକ ଚାଷୀ ରହିଥିବା ବେଳେ ସେମାନେ ଦୀର୍ଘ ବର୍ଷ ହେବ ଏହି ପାକ୍ସରୁ ଋଣ ନେଇ କାରବାର କରୁଛନ୍ତି; ମାତ୍ର ସମ୍ପାଦକମାନଙ୍କ ଅର୍ଥ କାରବାରରେ ଟିକସ ପ୍ରଦାନ ସମ୍ପର୍କିତ ଜ୍ଞାନ ନ ଥିବା ଏପରିକି ଖରିଫ ଋଣକୁ ରବି ଋଣରେ ପିଟି (ପେପର ଟ୍ରାଞ୍ଜାକ୍ସନ) କରିବା ବେଳେ ସେସବୁ କାରବାରକୁ କ୍ୟାସ ଟ୍ରାନାକ୍ସନ କରିବା ଆୟକର ବିଭାଗର ନଜରକୁ ଆସିଥିଲା । ତେବେ ଏତେ ସବୁ ଟଙ୍କାର ଟ୍ରାନାକ୍ସନର କୌଣସି ଉତ୍ତର ଦେଉ ନ ଥିବା ଦେଉଳି ପାକ୍ସ ଅର୍ଥ ଦଣ୍ଡ ମିଳିବା ପରେ ଏବେ ସମବାୟବିତମାନେ ଚିନ୍ତାରେ ପଡ଼ିଯାଇଛନ୍ତି । ନୋଟିସ ଜାରି ହେବାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅର୍ଥ ଭରଣା ନ ହେଲେ ନିୟମ ମୁତାବକ ଦଣ୍ଡ ରାଶିର ପରିମାଣ ୩ ଗୁଣ ହୋଇଯିବାକୁ ଥିବା ବେଳେ ଏତେ ଗୁଡିଏ ଟଙ୍କା କିଏ କାହିଁକି ଓ କେଉଁଠୁ ଆଣି ଭରଣା କରିବ ତାହା ଏବେ ଚିନ୍ତା ଜନକ ହୋଇଛି । ଯଦି ଅର୍ଥ ଦଣ୍ଡକୁ ସମ୍ପୃକ୍ତ ପାକ୍ସ ଭରଣା ନ କରେ ନିୟମ ଅନୁଯାୟୀ ଏହି ପାକ୍ସର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତି ସରକାରଙ୍କ ସହ ଆଟାଚ କରାଯିବ ବୋଲି ଜଣେ ଚର୍ଟାର୍ଡ ଆକାଉଟାଣ୍ଟ କହିଛନ୍ତି । ତେବେ ଜଣେ ସମ୍ପାଦକଙ୍କ ଦାୟିତ୍ୱହୀନତା ଓ ଅନଭିଜ୍ଞତା ପାଇ ଦେଉଳି ପାକ୍ସ ନିଜର ସତ୍ତା ହରାଇବାକୁ ଯାଉଥିବା ବେଳେ ଏ ସମ୍ପର୍କରେ ରାଜକନିକା ପାକ୍ସ ସମ୍ପାଦକଙ୍କ ୟୁନିୟନ ସଭାପତି ବଂଶୀଧର ନାୟକଙ୍କୁ ପଚାରିବାରୁ ଏଇଟା ବ୍ୟାଙ୍କର ଭୁଲ୍ ଯୋଗୁ ହୋଇଛି । ମ୍ୟାନେଜରଙ୍କ ସହ ଆଲୋଚନା ହୋଇଛି । ଉଚିତ ପଦକ୍ଷେପ ନେଇ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି । ତେବେ ଆୟକର ବିଭାଗର ଅର୍ଥ ଦଣ୍ଡ ନୋଟିସକୁ ଅତ୍ୟନ୍ତ ହାଲୁକା ଭାବରେ ନେଉଥିବା ରାଜକନିକାର ପାକ୍ସ ସମ୍ପାଦକମାନେ ଠିକ ସମୟରେ ନୋଟିସର ଉତ୍ତର ନ ରଖିଲେ ଆଗାମୀ ଦିନରେ ରାଜକନିକାର ସମବାୟ ବ୍ୟବସ୍ଥା ଖୁବ ଅସୁବିଧାରେ ପଡ଼ିବା ଥୟ । ଚିରାଚରିତ ଢଙ୍ଗରେ ମନ ଇଚ୍ଛା ସମବାୟ ସମିତିଗୁଡିକ ନିଜ ସୁବିଧାରେ ବ୍ୟାଙ୍କ ଆକାଉଣ୍ଟରେ କୋଟି କୋଟି ଟଙ୍କା କାରବାର କରି ଆୟକର ବିଭାଗର ଟିକସ ଫାଙ୍କିବା ଭଳି ସଙ୍ଗୀନ ଅବସ୍ଥା ସମ୍ପର୍କରେ ସାଧାରଣ ଜନତା ଅବଗତ ହେବା ପରେ ପାକ୍ସର ଭବିଷ୍ୟତ ନେଇ ସନ୍ଦେହ ସୃଷ୍ଟି ହୋଇଛି ।

## ବଳେଇପୁରରେ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା



**ଏରସମା, ୬ ।୧୨ (ସମିସ):** ବଳେଇପୁର ମା' ସାହାଡେଇ ଡ୍ରାମାଟିକ କ୍ଲବର ୪୮ତମ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ନଟବର ବାରିକଙ୍କ ନିର୍ଦ୍ଦେଶନାରେ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ପରିବେଶଣ କରାଯାଇଥିଲା । କୃପାସିନ୍ଧୁ ନାୟକ, ପ୍ରଦୀପ ରାଉତ, ଫିରୋଜ ଗୋଛାୟତ, ଜୟରାମ ମହାପାତ୍ର, ମୀନକେତନ ନାୟକ, ଗୌରହରୀ ମହାପାତ୍ର, ପ୍ରତାପ ମହାପାତ୍ର, ବାବାଜୀ ରାଉତ, ଉଦୟନାଥ ସ୍ୱାଇଁ, ବାପୁ ନାୟକ, ବନମାଳୀ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

## ଅସହାୟ ବୃଦ୍ଧଙ୍କୁ ଡାକ୍ତରଙ୍କ ସହଯୋଗର ପ୍ରତିଶ୍ରୁତି



**କୁଜଙ୍ଗ, ୬ ।୧୨ (ସମିସ):** କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଶିବ ପ୍ରସାଦ ସେଠୀ ବାଗୋଇ ଗ୍ରାମର ଜଣେ ଗରିବ ବୃଦ୍ଧଙ୍କୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ବୃଦ୍ଧ ଜଣକ ହେଲେ ଭୀମସେନ ସ୍ୱାଇଁ । ମସ୍ତିଷ୍କ ଆଘାତରେ ପୀଡିତ ହୋଇ ଭୀମସେନ ନିକଟରେ କଟକରୁ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ତାଙ୍କ ଡାହାଣ ଅଙ୍ଗ କାର୍ଯ୍ୟ କରୁନି । ଅଧିକାଂଶ ସମୟ ସେ ଶୋଇ ରହୁଛନ୍ତି । ତାଙ୍କ ପତ୍ନୀ ସୁଷମା ସ୍ୱାଇଁ ମଧ୍ୟ ଜଣେ ଶ୍ୱାସରୋଗୀ । ତେବେ ଭୀମସେନ ଜଣେ ପାଲା କଳାକାର । ଅବସର ସମୟରେ ଚାଷବାସ କର ପରିବାର ପ୍ରତିପୋଷଣ କରନ୍ତି । ୪ଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ପରିବାର । ତେବେ ସ୍ୱାମୀ, ସ୍ତ୍ରୀଙ୍କ ଔଷଧ ଖର୍ଚ୍ଚ ବହନ କରିବାକୁ ଡାକ୍ତର ସେଠୀ ତାଙ୍କୁ କଥା ଦେଇଛନ୍ତି ।

# କଲେଜରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୬।୧୨(ସମିସ):** ସେକ୍ଟର-୪ସ୍ଥିତ ରାଉରକେଲା ମହାବିଦ୍ୟାଳୟ ଓ ରାଉରକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିତ ସହଯୋଗରେ ନୂଆ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ସାମାଜିକ କାର୍ଯ୍ୟକ୍ରମ ଜରିଆରେ ନିଶା ସେବନ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ସେକ୍ଟର-୬ ଜଗନ୍ନାଥ ମନ୍ଦିର ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସୁଜାତା ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ତ୍ରିଲୋଚନ ମହାରଣା ମୁଖ୍ୟଅତିଥି, ସୁଜିତ ତ୍ରିପାଠୀ ମୁଖ୍ୟବକ୍ତା ଓ ବିବେକ କୁମାର ଶର୍ମା ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଶିବିରର ତାତ୍ପର୍ଯ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ନିରାକରଣର ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ।

ଶିବିରରେ ମହାବିଦ୍ୟାଳୟର ନୋଡାଲ ଅଧିକାରୀ ପ୍ରାଧ୍ୟାପିକା ତପସ୍ୱିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ରବୀନ୍ଦ୍ର କୁମାର ଜେନା ଶିବିର ସମ୍ପର୍କିତ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ଶିବିରରେ ମହାବିଦ୍ୟାଳୟର ସହାୟକ ନୋଡାଲ ଅଧିକାରୀ ବନ୍ଦନା ସୋରେଙ୍ଗ, ବିଦ୍ୟାଳୟର ସହାୟକ ନୋଡାଲ ଅଧିକାରୀ ବୈଜୟନ୍ତୀ ବାରିକ ସହଯୋଗ କରିଥିଲେ। ଜଗନ୍ନାଥ ମନ୍ଦିର ଆଶ୍ରମ ପରିସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୋଡାଲ ଅଧିକାରୀ ପ୍ରାଧ୍ୟାପକ ରଶ୍ମିରଞ୍ଜନ ରାଉତ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇଶହରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ମନୋଜ କୁମାର ଦଳେଇ, ଅଜିତ ବେକ୍, ତରଣି ନାୟକ, କରୁଣାକର ପାଟଶାଣୀ, ଅନିଲ କୁମାର ରାମ, ବିକ୍ରମ ସାହୁ, ରାଜକୁମାର ସାହୁ, ଜିତେନ୍ଦ୍ର ଡାକୁଆ, ସନ୍ତୋଷ ରାଜାକ, ଇଞ୍ଜାମାମ୍ ଖାନ୍, ରଶ୍ମିପ୍ରଭା ମଥାନ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ବନବିହାରୀ କିସାନ୍ ସଭା ପରିଚାଳନା କରିଥିଲେ। ବନ୍ଦନା ସୋରେଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

ରାଉରକେଲା, ୬।୧୨(ସମିସ)



ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭ ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ। ବୁଧବାର ପ୍ରଶାନ୍ତ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ପରାଗ ହର୍ଷଦ ଗାଭିଲଙ୍କୁ ସୁନ୍ଦରଗଡ଼ରେ ଭେଟି ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଉକ୍ତ ଦାବିଗୁଡ଼ିକୁ ଦେଖି ଏହା ଯଥାର୍ଥ ଓ ଏ ନେଇ ଖୁବଶୀଘ୍ର ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରଶାନ୍ତ ତାଙ୍କ ବସ୍ତି ଅଭିଯାନ, ଜନନୀ ସମ୍ପର୍କ ଅଭିଯାନ ଓ ମାର୍କେଟ ଅଭିଯାନ ଭଳି ଅଭିନବ ପ୍ରୟାସ ମାଧ୍ୟମରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ବାବଦରେ ଅବଗତ ହୋଇ ଏହାର ତ୍ୱରିତ ସମାଧାନ ନିମନ୍ତେ ଅହରହ ପ୍ରୟାସ ଜାରି ରଖିଛନ୍ତି। ସରକାରଙ୍କ ଜନାଭିମୁଖୀ କଲ୍ୟାଣକାରୀ ଯୋଜନାର ସଠିକ୍ ସୁଫଳ ଜନସାଧାରଣ କିପରି ପାଇବେ ସେ ନେଇ ସମର୍ଥକଙ୍କୁ ଧରି ଅଭିଯାନ ଜାରି ରଖିଛନ୍ତି। ରଘୁନାଥପାଲି ନିର୍ବାଚନମଣ୍ଡଳୀ ଲାଠିକଟା ବ୍ଲକର ଲାଠିକଟା, ବଲାଣି, ସୁଇଡିହି, ହାତୀବନ୍ଧା, ଜଲଦା, ମୁଣ୍ଡାଯୋର ଓ ରାମଯୋଡ଼ି ପଞ୍ଚାୟତରେ ଗୋଟିଏ ବି କଲ୍ୟାଣ ମଣ୍ଡପ ନାହିଁ। ତେଣୁ ବିବାହ, ବ୍ରତ ଭଳି ସାମାଜିକ କାର୍ଯ୍ୟକ୍ରମରେ ଏହି ପଞ୍ଚାୟତବାସୀ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ପ୍ରତି ପଞ୍ଚାୟତରେ ରୋଷେଇ ଘର ସହ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ପ୍ରଶାନ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କହିଛନ୍ତି। ସେହିପରି ଏହି ପଞ୍ଚାୟତଗୁଡ଼ିକରେ ଥିବା ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ କ୍ୱାର୍ଟର୍ସ ନ ଥିବାରୁ ଏମାନେ ଦୂରଦୂରାନ୍ତରୁ ବିଦ୍ୟାଳୟକୁ ଯା'ଆସ କରିବାରେ ଅସୁବିଧା ହେଉଛି। ଅନେକ ସମୟରେ ଗାଡ଼ି ପାଇଁ ବିଳମ୍ବରେ ପହଞ୍ଚୁଛନ୍ତି। ଏ ଦିଗରେ ପଦକ୍ଷେପ ନେବାକୁ ପ୍ରଶାନ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ୭ ପଞ୍ଚାୟତର ମୁଖ୍ୟ ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଜନସାଧାରଣ ରାତିରେ ଅସୁବିଧା ସମ୍ମୁଖୀନ ହେବା ସହ ଅନେକ ସମୟରେ ଅସାମାଜିକ ତତ୍ତ୍ୱଙ୍କ ଦୌରାତ୍ମ୍ୟର ଶିକାର ହେବାକୁ ପଡୁଛି। ସରକାରଙ୍କ ମୋ ବସ ସେବା ଏକ ଯୁଗାନ୍ତକାରୀ ପଦକ୍ଷେପ ସହ ଜନସାଧାରଣ ଏହାର ସୁଯୋଗ ନେଉଛନ୍ତି। ମାତ୍ର କୌଣସି ପଞ୍ଚାୟତରେ ବସଷ୍ଟପ ନ ଥିବାରୁ ଜନସାଧାରଣ ଖରା ଓ ବର୍ଷାଦିନେ ଅନେକ ସମସ୍ୟାରେ ପଡ଼ିଥାନ୍ତି। ପଞ୍ଚାୟତ ଅଞ୍ଚଳର ଶିକ୍ଷିତ ଯୁବକଯୁବତୀ ବେକାର ଥିବା ବେଳେ ସେମାନଙ୍କୁ ଚାକିରି ସୁଯୋଗ ନାହିଁ। ତେଣୁ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଆୟୋଜନ କରି ଏମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତଙ୍କୁ ଚାକିରି ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ। ଏହାବ୍ୟତୀତ ଏହି ସବୁ ପଞ୍ଚାୟତର ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଥିବା ହାତୀ ଉପଦ୍ରବରେ ଜୀବନ, ଫସଲ, ଘରଦ୍ୱାର ସୁରକ୍ଷିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବନବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ପ୍ରଶାନ୍ତ ଜିଲ୍ଲାପାଳଙ୍କ ସହ ଏ ସମସ୍ତ ବିଷୟରେ ଆଲେଚନା କରିବା ପରେ ଏହି ଆଲୋଚନା ସଫଳ ଦର୍ଶାଇ ଜିଲ୍ଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଖୁବ୍‌ଶୀଘ୍ର ନେବା ପାଇଁ ସେ ବେଶ୍ ଆଶାବାଦୀ ଥିବା ଜଣାଇଛନ୍ତି।

# ଜିଲ୍ଲା ଯାଦବ ମହାସଭାର ବାର୍ଷିକ ଉତ୍ସବ

**ସୁନ୍ଦରଗଡ଼, ୬।୧୨(ସମିସ):** ଜିଲ୍ଲା ସାଂସ୍କୃତିକ ଭବନରେ ସୁନ୍ଦରଗଡ଼ ଜିଲ୍ଲା ଯାଦବ ମହାସଭାର ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଛି। ମହାସଭା ଉପସଭାପତି ଗୋପାଳ ଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ମୁଖ୍ୟଅତିଥି ଭାବେ ଯୋଗଦେଇ ଯାଦବ ସମାଜର ଐତିହ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ଯାଦବ ସମାଜରୁ ଲୋପ ପାଉଥିବା ସଂସ୍କୃତିର ପୁନରୁଦ୍ଧାର ପାଇଁ ଆହ୍ୱାନ ଜଣାଇଥିଲେ। ଯାଦବ ସମାଜର କଲ୍ୟାଣ ମଣ୍ଡପ ତଥା ଯାଦବ ଭବନ ନିର୍ମାଣ ପାଇଁ ଅନୁଦାନ ଯୋଗାଇଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ଯୋଗଦେଇ ଯାଦବ ସମାଜର ସଂସ୍କୃତିର ଏକ ଅଙ୍ଗ ଗୌଡ଼ବାଡ଼ି ଖେଳ ଲୋପ ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ବିଶାଳ ଯାଦବ ସମାଜ ସାରା ଭାରତର କୋଣ ଅନୁକୋଣରେ ବାସ କରୁଥିବା ବେଳେ ଆଜିର ଦିନରେ ସାରା ବିଶ୍ୱରେ ଦେଖାଯାଉଥିବା କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଉପନଗରପାଳ ଲଲାଟେନ୍ଦୁ ପରିଡ଼ା ଯାଦବ ସମାଜର ଯୁବକମାନେ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କହିଥିଲେ। ଜିଲ୍ଲା ଯାଦବ ମହାସଭା ସଭାପତି ରାମଚନ୍ଦ୍ର ପୋଢ଼ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଅନୁପସ୍ଥିତ ଥିବାରୁ ସମାରୋହରେ ତାଙ୍କ ବାର୍ତ୍ତା ପାଠ କରାଯାଇଥିଲା। ପ୍ରାରମ୍ଭରେ ମହାସଭା ସାଧାରଣ ସମ୍ପାଦକ ରାହାସ ବିହାରୀ ଷଣ୍ଢ ବାର୍ଷିକ ବିବରଣୀ ପାଠ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବଲପୁର ଜିଲ୍ଲା ଯାଦବ କଲ୍ୟାଣ କମିଟି ସଭାପତି ବିରଞ୍ଚିନାରାୟଣ ଦାରକା, ଗାଙ୍ଗପୁର ମହାକୁଲ ସମାଜ ସାଂସ୍କୃତିକ ସଂଘ ସଭାପତି ଗଣେଶ ବାରିକ, ରାଉରକେଲା ଯାଦବ ମହାସଭା ସଭାପତି କାନ୍ତ ଦାସ, ବେଲପାହାଡ଼ ଗୁଡ଼ି ସଭାପତି ଯଦୁମଣି ଭୈଷାଲ, ଝାରସୁଗୁଡ଼ା ଜିଲ୍ଲା ଯାଦବ ମହାସଭା ମୁଖ୍ୟ ଉପଦେଷ୍ଟା ଯୁଗଳ କିଶୋର ପରୁଆ, ଉତ୍କଳ ଯାଦବ ମହାସଭା ସହସମ୍ପାଦିକା ଚିନୁପମା ଭୈଷାଲ, ଡ. ପଦ୍ମଲୋଚନ ରକ୍ସା, ଲଳିତା ଖଣ୍ଡା, ସୁନ୍ଦରଗଡ଼ ଯାଦବ ମହାସଭା ଉପଦେଷ୍ଟା ଅରକ୍ଷିତ ଗୌଡ଼, କନିକା ଯାଦବ କଲ୍ୟାଣ କମିଟି ସଭାପତି ପୁରଣ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯାଦବ ସମାଜର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଜଣାଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତ, ବ୍ଲକ ସ୍ତରରେ କମିଟି ଗଠନ କରି ଜିଲ୍ଲା ମହାସଭାକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଯାଦବ ମହାସଭା ପକ୍ଷରୁ ସୁନ୍ଦରଗଡ଼ ସହରର ଶ୍ମଶାନ ବନ୍ଧୁ ଚିଣ୍ଟୁ ରକ୍ସା, ଶିଶିର କୁମାର ବେହେରା, ସିଦ୍ଧାନ୍ତ କୁମାର ପଣ୍ଡା, ମନୋଜ ତ୍ରିପାଠୀ, ଦେବେନ୍ଦ୍ର ସାହୁ, କମଲେଶ ନାଥାନୀଙ୍କୁ ସମାଜସେବୀ ସମ୍ମାନ ଓ ଯାଦବ ସମାଜର ମେଧାବୀ ଛାତ୍ରଛାତ୍ରୀ ରାହୁଲ ଖିଲେଇ, ସୃଷ୍ଟି ବାଗ, ପାୟଲ ଡିଲା ତଥା ମାଷ୍ଟର ଇନ ଆର୍ଥସରେ ସ୍ୱର୍ଣ୍ଣ ପଦକ ପାଇଥିବା ସୋମା ଖଣ୍ଡାଙ୍କୁ ଯାଦବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ଲଳିତା ଖଣ୍ଡାଙ୍କ ଦ୍ୱାରା ରଚିତ 'ଇବ୍ ତୀରେ' ପୁସ୍ତକ ଉନ୍ମୋଚନ କରିଥିଲେ। ଶେଷରେ ଯାଦବ ସମାଜର ପୁଅଝିଅମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଶିଷ କୁମାର ଷଣ୍ଢ ମଞ୍ଚ ପରିଚାଳନା କରିଥିବା ବେଳେ ମନୋଜ କୁମାର ସୁନାନୀ, ଡିଲେଶ୍ୱର ଭୈଷାଲ, ଅଲେଖ ନାଗ, ସନ୍ତୋଷ ନାଗ, ଦଶରଥ ରାଉତ, ଭାସ୍କର ଡିଲା, ରାଜୁ ରକ୍ସା, ଲକ୍ଷ୍ମୀନାରାୟଣ ରକ୍ସା, ଶିବ କଲସେର, ସହଦେବ ମାହାର, ସନ୍ତୋଷ ଗହିର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





# ଉମେଶଙ୍କ ଉପରୁ ଉଠିଲା ନିଲମ୍ବନ ଆଦେଶ



**ରାଉରକେଲା, ୬।୧୨(ସମିସ):** ରାଉରକେଲା ଜିଲ୍ଲା କଂଗେସର ଜଣାଶୁଣା ନେତା ପୂର୍ବତନ ଉପସଭାପତି ଉମେଶ ଶରଣଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ରଶ୍ମିରଞ୍ଜନ ପାଢ଼ୀଙ୍କ ଅନୁମୋଦନ କ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଉମେଶଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି। ରାଉରକେଲା ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ସବିର ହୁସେନ ଏବଂ ଉମେଶ ଶରଣଙ୍କ ମଧ୍ୟରେ ଆପୋସ ମିଳାମିଶା ଓ ସମାଧାନ ହେବା ପରେ ଜିଲ୍ଲା ସଭାପତି ପାଢ଼ୀ ଏପରି ପଦକ୍ଷେପ ନେଇଛନ୍ତି।

ଗତ ମେ' ୧୩ ତାରିଖ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ଦୁଇ ନେତା ଉମେଶ ଶରଣ ଓ ସବିର ହୁସେନ ଚୌକିରେ ବସିବାକୁ ନେଇ ପାଟିତୁଣ୍ଡ କରି ହାତାହାତି ହେବା ସହ ପରସ୍ପରକୁ ଗାଳିଗୁଲଜ କରିଥିଲେ। ପରେ ମୁଥ ମରାମରି ହୋଇ ତଳେ ପଡ଼ି ଗଡ଼ାଗଡ଼ି ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। ଘଟଣା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅନ୍ୟ କର୍ମୀମାନେ ଯେତେ ରୋକିବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ପରେ ଆପୋସ ବୁଝାମଣାରେ ମାମଲା ଶାନ୍ତ ପଡ଼ିଥିଲା। ତତ୍କାଳୀନ ଜିଲ୍ଲା ସଭାପତି ଦେବବ୍ରତ ବିହାରୀଙ୍କ ଉପସ୍ଥିତିରେ ସାମାନ୍ୟ କଥାକୁ ନେଇ ଦୁଇ ବରିଷ୍ଠ ନେତାଙ୍କ ମଧ୍ୟରେ ଘଟିଥିବା ଏହି ଘଟଣା କଂଗ୍ରେସ ଦଳର ଭାବମୂର୍ତ୍ତିକୁ ସମ୍ପୂର୍ଣ୍ଣ ନଷ୍ଟ କରିଥିଲା। ପରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ବିଶୃଙ୍ଖଳିତ ଘଟଣାର ତଦନ୍ତ ପାଇଁ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରାଯାଇଥିଲା। କମିଟିର ୨ ବରିଷ୍ଠ ସଦସ୍ୟ ଶିବାନନ୍ଦ ରାୟ ଓ ମୋତିଲାଲ ଦାସ କଂଗ୍ରେସ କାର୍ଯ୍ୟାଳୟକୁ ଯାଇ ଡିସିସି ସଭାପତି ଦେବବ୍ରତ ବିହାରୀଙ୍କ ସହ ଆଲୋଚନା କରିବା ସହ ଘଟଣାର ତଦନ୍ତ କରିଥିଲେ। ସେମାନେ ସବିର ଏବଂ ଉମେଶଙ୍କୁ ପୃଥକ ପୃଥକ ଭାବେ ଜେରା କରିବା ସହ ଘଟଣା ସମ୍ପର୍କରେ ଦେବବ୍ରତ ବିହାରୀ, ବୀରେନ ସେନାପତି, ରବି ରାୟ, କୀର୍ତ୍ତନ ଦାସ, କୈଳାସ ଚନ୍ଦ୍ର ସାହୁ, ପ୍ରଭାତି ମିଶ୍ର, ନିରୂପମା ବଳିଆରସିଂହଙ୍କ ସମେତ ଅନ୍ୟ କଂଗ୍ରେସ ନେତା, କର୍ମୀଙ୍କୁ ପଚରାଉଚରା କରିଥିଲେ। ତଦନ୍ତ ରିପୋର୍ଟ ସେମାନେ ପିସିସି ସଭାପତି ପଟ୍ଟନାୟକଙ୍କୁ ହସ୍ତାନ୍ତର କରିବା ପରେ ସେ ରାଉରକେଲା ଜିଲ୍ଲା କଂଗ୍ରେସର ପୂର୍ବତନ ଉପସଭାପତି ଉମେଶ ଶରଣ ଏବଂ ରାଉରକେଲା ଜିଲ୍ଲା କଂଗ୍ରେସର ସଂଖ୍ୟାଲଘୁ ବିଭାଗ ପୂର୍ବତନ ଅଧ୍ୟକ୍ଷ ସବିର ହୁସେନଙ୍କୁ ନିଲମ୍ବନ କରିଥିଲେ।

# ଶ୍ରୀମଦ୍ ଭଗବତ୍ ଗୀତାର ସତ୍ୟ ଆଧ୍ୟାତ୍ମିକ ରହସ୍ୟ ପ୍ରବଚନ

**ରାଉରକେଲା, ୬।୧୨(ସମିସ):** ସେକ୍ଟର-୨୦ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୫ଦିନିଆ ଶ୍ରୀମଦ୍ ଭଗବତ ଗୀତାର ସତ୍ୟ ଆଧ୍ୟାତ୍ମିକ ରହସ୍ୟ ପ୍ରବଚନ ଉଦଯାପିତ ହୋଇଛି। କେନ୍ଦ୍ର ମୁଖ୍ୟ ବ୍ରହ୍ମାକୁମାରୀ ଅଞ୍ଜଳିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିହାର ବେଗୁସରାୟରୁ ବ୍ରହ୍ମାକୁମାରୀ କାଞ୍ଚନ ଦିଦି ଯୋଗଦେଇ ଉପରୋକ୍ତ ବିଷୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଥମ ଦିନରେ ସର୍ବଶାସ୍ତ୍ର ଶିରୋମଣି ଭଗବତ ଗୀତା ଶ୍ରବଣର ମହତ୍ତ୍ୱ ଓ ଆତ୍ମଦର୍ଶନ, ଦ୍ୱିତୀୟ ଦିନରେ ପରମାତ୍ମ ଦର୍ଶନ ଓ ବିରାଟ ରୂପରେ ସାକ୍ଷାତକାର, ତୃତୀୟ ଦିନ ଆଧୁନିକ ମହାଭାରତ କାଳରେ କୌରବ କିଏ ଏବଂ ପାଣ୍ଡବ କିଏ, ଚତୁର୍ଥ ଦିନ କର୍ମ ସିଦ୍ଧାନ୍ତ ଓ ରାଜଯୋଗ ତଥା ପଞ୍ଚମ ଦିନରେ ବିକାରର ଆହୁତି ଓ ସମାପ୍ତି ସମ୍ପର୍କରେ ବିକେ କାଞ୍ଚନ ଦିଦି ଆଲୋଚନା କରିଥିଲେ। ଶ୍ରୀମଦ୍ ଭଗବତ ଗୀତର ସତ୍ୟ ଆଧ୍ୟାତ୍ମିକ ରହସ୍ୟକୁ ବୁଝି ଜୀବନକୁ ଆନନ୍ଦମୟ କରିବା ଲାଗି ବିକେ କାଞ୍ଚନ କହିଥିଲେ। ଏହି ପ୍ରବଚନ ଶୁଣିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ବିକେ ଅଞ୍ଜଳି, ବିକେ ସୀମା, ବିକେ ବବି, ବ୍ରହ୍ମାକୁମାର ଅମୂଲ୍ୟ ଚକ୍ର, ବିକେ ପିଙ୍କି, ବିକେ ଭାରତୀ, ଗୌରୀ, ବ୍ରହ୍ମାକୁମାର ବିଜୟ, ବ୍ରହ୍ମାକୁମାର ରାଜକିଶୋର, ବିକେ ମମତା, ସନ୍ଧ୍ୟା, ରଞ୍ଜୁଲତା, ମୋତିଲାଲ, ଦାମନ, ପ୍ରଦ୍ୟୁମ୍ନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦାବିପତ୍ର



**ସୁନ୍ଦରଗଡ଼, ୬।୧୨(ସମିସ):** ମହିଳା ସଂଗ୍ରାମ ସମିତି ୪ ବ୍ଲକ ପକ୍ଷରୁ ସୁନ୍ଦରଗଡ଼ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ତିନି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦ୍ୱିତୀୟ ଫସଲ ପାଇଁ କୃଷକଙ୍କୁ ମାଗଣାରେ ତୈଳବୀଜ ଓ ଡାଲି ଜାତୀୟ ବିହନ ପ୍ରତି ବର୍ଷ ଅକ୍ଟୋବର ୧୫ ସୁଦ୍ଧା ଯୋଗାଣ, ଓଡ଼ିଶା କୃଷକ ପୋର୍ଟାଲରେ ସମସ୍ତ କୃଷକ ରିଆତି ମୂଲ୍ୟରେ ପଞ୍ଜୀକରଣ, କୃଷକଙ୍କ ଚାଷ ଜମିରେ ଜଳସେଚନ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ପ୍ରଶାସନ କୃଷକଙ୍କ କଥା ରଖି ବିହନ ଯୋଗାଇବା ବ୍ୟବସ୍ଥା କରିଛନ୍ତି। ଯଦି ପ୍ରତିବର୍ଷ ଆଗ୍ରହୀ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଇ ଦିଆଯାଏ ଚାଷୀଙ୍କ ଆର୍ଥିକ ଉନ୍ନତି ହେବା ସହ ଅପପୁଷ୍ଟିକୁ ମଧ୍ୟ ରୋକାଯାଇପାରିବ। ପ୍ରତିବର୍ଷ ଅକ୍ଟୋବର ୧୫ ସୁଦ୍ଧା ବିହନ ଯୋଗାଇ କୃଷକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ କୃଷକମାନେ ଦାବି କରିଆସୁଛନ୍ତି। ଜିଲ୍ଲାରେ ବିହନ ପର୍ଯ୍ୟାପ୍ତ ପରିମାଣରେ ଥିଲେ ସୁଦ୍ଧା ବର୍ତ୍ତମାନ ମଧ୍ୟ ଅନେକ ଆଗ୍ରହୀ ଚାଷୀ ବିହନ ପାଇବାରୁ ବଞ୍ଚିତ ରହିଛନ୍ତି। ଡିସେମ୍ବର ୧୦ ସୁଦ୍ଧା ବିହନ ଯୋଗାଇ ଦିଆଗଲେ ଦ୍ୱିତୀୟ ଫସଲ କରି କୃଷକ ନିଜ ଜୀବନ ଜୀବିକା ସୁଦୃଢ଼ କରିପାରିବ ବୋଲି ମହିଳା ସଂଗ୍ରାମ ସମିତି ଆଶାବ୍ୟକ୍ତ କରିଛି। ମହିଳା ସଂଗ୍ରାମ ସମିତି ଜିଲ୍ଲା କମିଟି ସଦସ୍ୟା ଏବଂ ଉର୍ମି ଲିଡର ମଞ୍ଜୁପ୍ରଭା ବାର୍ଲା, ବୈଜୟନ୍ତୀ ତାଜନ, ସୁଲୋଚନା ଛତ୍ରିଆ, ନିରୂପମା ସା, ଯାଶମାନୀ ବାଆ, ରଜନୀ ଡୁଙ୍ଗଡୁଙ୍ଗ, ରଙ୍ଗବତୀ ତନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିକଶିତ ଭାରତ ସଂକଳ୍ପ ରଥକୁ ସ୍ୱାଗତ



**ହେମଗିରି, ୬।୧୨(ସମିସ):** ହେମଗିରି ପଞ୍ଚାୟତ ଅଫିସଠାରେ ବିକଶିତ ଭାରତ ସଂକଳ୍ପ ରଥକୁ ସ୍ୱାଗତ କରିଛନ୍ତି ପଞ୍ଚାୟତବାସୀ। ପ୍ରଧାନମନ୍ତ୍ରୀଙ୍କ ବିକାଶଧାରା ଓ ଯୋଜନାଗୁଡ଼ିକ ସମ୍ବନ୍ଧରେ ବିଧାୟିକା କୁସୁମ ଟେଟେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ।

## ପ୍ରଥମ ଇସ୍ପାତ ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ଦର୍ଶକଙ୍କୁ ବାନ୍ଧିରଖିଲା ନାଟକ 'ପ୍ରଭାସ ଯଜ୍ଞ'






ରାଉରକେଲା, ୬।୧୨(ସମିସ)

'ଏକତ୍ର' ରାଉରକେଲା ଦ୍ୱାରା ଆୟୋଜିତ ପ୍ରଥମ ଇସ୍ପାତ ନାଟ୍ୟ ମହୋତ୍ସବ-୨୦୨୩ ଷଷ୍ଠ ସନ୍ଧ୍ୟାରେ ନାଟ୍ୟାନୁଷ୍ଠାନ ଦି ବିଲିଭର ତରଫରୁ ମଞ୍ଚସ୍ଥ ହୋଇଛି ଚିନ୍ମୟ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ନାଟକ 'ପ୍ରଭାସ ଯଜ୍ଞ'। ଆରଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଅସୀମ ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନାଟକ ସନ୍ଧ୍ୟାକୁ ଉଦଘାଟନ କରି ଅନୁଷ୍ଠାନର ଉଦ୍ୟମକୁ ସାଧୁବାଦ ଦେବା ସହ କଳା ସଂସ୍କୃତି ଓ ସାହିତ୍ୟକୁ ରକ୍ଷା କରିବାରେ ନାଟକ ଓ ନାଟ୍ୟକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ଶିକ୍ଷାବିତ ଭଗବାନ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ସଂସ୍କାର କ୍ଷେତ୍ରରେ ନାଟକର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନୁଷ୍ଠାନ ସଭାପତି ରାଜୀବ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକତ୍ରର କୋଷାଧ୍ୟକ୍ଷ ପ୍ରଜ୍ଞାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସଦସ୍ୟ ସୂର୍ଯ୍ୟକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ସୁଦେଶ ନାୟକ ଆଲୋକ ବୋଷ, ଲଲାଟେନ୍ଦୁ ରଥ, ସୁମନ ଦତ୍ତ, ପ୍ରଶାନ୍ତ ପତି, ଚନ୍ଦ୍ରଶେଖର ଶତପଥୀ, ସରୋଜ ଶଙ୍ଖୁଆ, କନକଲତା ଦାସ, ଆନନ୍ଦଚନ୍ଦ୍ର ମହାନ୍ତି, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଶରତ ଦାସ, ରମେଶ ମହାନ୍ତି, ଅକ୍ଷୟ ଧଳ, ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାନନ ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ। କଲ୍ୟାଣୀ ଦାସ ଓ ରୁନୁ ବେକ୍ ସହଯୋଗ କରିଥିଲେ।

ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟକ 'ପ୍ରଭାସ ଯଜ୍ଞ'କୁ ନାଟ୍ୟକାର ପ୍ରବୀର କୁମାର ଜେନା ରଚନା କରିଥିବା ବେଳେ ଶ୍ୟାମସୁନ୍ଦର ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ବାଦ୍ୟଯନ୍ତ୍ରରେ ଲକ୍ଷ୍ମୀକାନ୍ତ ଦୋରା ସହଯୋଗ କରିଥିଲେ। ଚାରିଦିନ ପରେ ଫେରିଆସିବାକୁ କଥାଦେଇ ଶ୍ରୀକୃଷ୍ଣ ଆଉ ଗୋପପୁର ଫେରିନାହାନ୍ତି। ମଥୁରାରେ ମାତୁଳ କଂସଙ୍କୁ ବଧ କରିସାରି ମାତା ଦେବକୀ ଓ ବସୁଦେବଙ୍କ ସହ ରାଜାକାର୍ଯ୍ୟରେ ସମୟ ଓ କାଳର ପରିବର୍ତ୍ତିତ ହୋଇଯାଏ। ବହୁ ବର୍ଷ ପରେ କୃଷ୍ଣ ଯୁବାବସ୍ଥା ପରେ ସେ ନିଜ ଗୋପପୁରରେ ଥିବା ବୃଦ୍ଧ ପିତା ନନ୍ଦ, ମାତା ଯୋଶଦା, ପ୍ରେମିକା ରାଧା ଓ ବାଲ୍ୟସଖାମାନଙ୍କୁ ପୁନର୍ବାର ମିଳନ ଆଶାରେ ଏକ ପରିକଳ୍ପିତ ପ୍ରଭାସତୀର୍ଥରେରେ ଯଜ୍ଞକୁ ନିମନ୍ତ୍ରଣ ନିମନ୍ତେ ଦେବର୍ଷି ନାରଦଙ୍କୁ ନିଯୁକ୍ତ କରନ୍ତି। ନାରଦ ଶ୍ରୀକୃଷ୍ଣଙ୍କ ମନୋଭାବ ଜାଣିପାରି ସମସ୍ତଙ୍କୁ ନିମନ୍ତ୍ରଣ ଦେବା ନିମନ୍ତେ ବିଶ୍ୱଭ୍ରମଣରେ ବାହାରିଛନ୍ତି। ତେବେ ପ୍ରଭାସ ଯଜ୍ଞ ପାଇଁ କ'ଣ ଗୋପପୁରବାସୀଙ୍କୁ ନିମନ୍ତ୍ରଣ ଦିଆଯାଏ ନା ବଞ୍ଚିତ ରହନ୍ତି, ଏହା ହିଁ ପ୍ରଭାସ ଯଜ୍ଞରେ ଦର୍ଶାଯାଇଛି। ଏହି ନାଟକର ବିଭିନ୍ନ ଚରିତ୍ରରେ ରଜତ ମହାପାତ୍ର, ପ୍ରତ୍ୟୁଷ ପାଢ଼ୀ, ଆନନ୍ଦ ବାଗ, ଚିନ୍ମୟ ତ୍ରିପାଠୀ, ଅଭିଳାଷ ସାହୁ, ଶାଶ୍ୱତ ସାମନ୍ତରା, ଜର୍ଜ ବିଲୁଙ୍ଗ, ମଧୁସ୍ମିତା ବାରିକ, ଲକ୍ଷ୍ମୀପ୍ରିୟା ସାହୁ, ପ୍ରିୟଙ୍କା କୁମ୍ଭାର, ସୁଲିପ୍ତା ଜେନା, ଲିପିକା ବଳ, ଶଶାଙ୍କ ଯାଦବ, ରାହୁଲ ଦାସ ପ୍ରମୁଖଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ବାନ୍ଧିରଖିଥିଲା। ପ୍ରଳୟ ଶତପଥୀ ମଞ୍ଚସଜ୍ଜା ଦାୟିତ୍ୱ ତୁଲାଇଥିଲେ।

# ସ୍ୱୟଂସହାୟକ ଗୋଷ୍ଠୀଙ୍କୁ କୃଷି ଯନ୍ତ୍ରପାତି ବଣ୍ଟନ

**ରାଉରକେଲା, ୬।୧୨(ସମିସ):** ନୂଆଗାଁ ବ୍ଲକ ବାରିଲେପଟା ପଞ୍ଚାୟତ ରେଲାପୋଷଠାରେ ପ୍ରେମଦୀପ ସିଂଙ୍କ ଅଧ୍ୟକ୍ଷତା ତଥା ମହେନ୍ଦ୍ର ବଡ଼ାଇକଙ୍କ ନେତୃତ୍ୱରେ ମିଶନ ଶକ୍ତି ଓ କୃଷି ବିଭାଗ ମିଳିତ ସହଯୋଗରେ ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନଙ୍କୁ ବୁଧବାର ଅତ୍ୟାବଶ୍ୟକ କୃଷି ଯନ୍ତ୍ରପାତି ମାଗଣାରେ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନଙ୍କୁ ଉତ୍ସାହିତ କରିବା ସହ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ମାଆମାନଙ୍କ ପାଇଁ କରିଥିବା ଯୋଜନାଗୁଡ଼ିକ ବିଷୟରେ ଅବଗତ କରିଥିଲେ। ସମ୍ମାନିତ ଅତିଥି ରୂପରେ ବ୍ଲକ କୃଷି ଅଧିକାରୀ, ମିଶନ ଶକ୍ତି ବିପିସି, ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ସଭାପତି ଦିଗମ୍ବର ଦାସ, ଲିମଡ଼ା ସମିତି ସଭ୍ୟା ଦୀପିକା କାଣ୍ଡୁଳନା, କୁଆଁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରକେଟା, ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା, ଯୁବନେତା ପ୍ରଦୀପ ସାହୁ, ମୁନା ଆଚାର୍ଯ୍ୟ, ଛାତ୍ର ସଭାପତି ସାଗର କୁଆଁର, ବିଶାଳ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୭୦ ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନଙ୍କୁ ବିଭିନ୍ନ କୃଷି ଉପକରଣ ବଣ୍ଟନ କରାଯାଇଥିଲା।



## ଆଇସିସି ଟି-୨୦ ମାନ୍ୟତା

# ବିଷ୍ଣୋଇ ବିଶ୍ୱର ନଂ ୧ ବୋଲର



ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ଭାରତୀୟ ଯୁବ ସ୍ପିନର ରବି ବିଷ୍ଣୋଇ ଟି-୨୦ ମାନ୍ୟତାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ବୁଧବାର ପ୍ରକାଶିତ ମାନ୍ୟତାରେ ୨୩ ବର୍ଷୀୟ ବିଷ୍ଣୋଇ ବୋଲିଂ ତାଲିକାରେ ଆଫଗାନିସ୍ତାନ ଅଭିଜ୍ଞ ସ୍ପିନର ରସିଦ ଖାନ୍‌ଙ୍କୁ ପଛରେ ପକାଇ ୧ ନଂ ସ୍ଥାନ ଅଧିକାର କରିଛନ୍ତି। ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହେବା ସହ ଏହି ସଫଳତା ପାଇଛନ୍ତି। ଏହି ସିରିଜରେ ସେ ୫ଟି ମ୍ୟାଚ୍ ଖେଳି କଞ୍ଜୁସ ବୋଲିଂ କରିବା ସହ ୮.୨୦ ଇକୋନୋମୀ ରେଟ୍‌ରେ ୯ ମୂଲ୍ୟବାନ ୯ ୱିକେଟ ହାସଲ କରିଥିଲେ। ସେ ୬୯୯ ପଏଣ୍ଟ ହାସଲ କରିଥିବା ବେଳେ ରସିଦ ୬୯୨ ପଏଣ୍ଟ ପାଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଏହି ସିରିଜରେ ଭାରତ ୪-୧ରେ ବିଜୟୀ ହୋଇଥିଲା। ସେହିପରି ଇଂଲଣ୍ଡ ସ୍ପିନର ଆଦିଲ ରସିଦ ଓ ଶ୍ରୀଲଙ୍କା ୱାନିନ୍ଦୁ ହସରଙ୍ଗା ଉଭୟ ୬୭୯ ଲେଖାଏ ପଏଣ୍ଟ ହାସଲ କରି ଯୁଗ୍ମ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଶ୍ରୀଲଙ୍କା ବୋଲର ମହିଶ ଥିକ୍‌ସାନା ୬୭୭ ପଏଣ୍ଟ ସହ ୫ମ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ସ୍ପିନର ଅକ୍ଷର ପଟେଲ ୧୧ଟି ପାହାଚ ଉପରକୁ ଉଠି ୧୬ତମ ସ୍ଥାନ ଅଧିକାର କରିଛନ୍ତି।

### ଟି-୨୦ ବିଶ୍ୱକପ୍ ଖେଳିବା ନେଇ ଚର୍ଚ୍ଚା

ଶ୍ରେଷ୍ଠ-୧୦ରେ ଏକମାତ୍ର ଭାରତୀୟ ବୋଲର ଭାବେ ବିଷ୍ଣୋଇ ସ୍ଥାନ ପାଇଛନ୍ତି। ବିଷ୍ଣୋଇ ଏପର୍ଯ୍ୟନ୍ତ ଭାରତ ପାଇଁ ଗୋଟିଏ ଦିନିକିଆ ଓ ୨୧ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଆଗାମୀ ଟି-୨୦ ବିଶ୍ୱକପ୍ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯିବ। ଏହି ବିଶ୍ୱକପ୍‌ରେ ସ୍ପିନରଙ୍କ ପ୍ରଭାବ ଦେଖିବାକୁ ମିଳିବ। ଏପରିସ୍ଥଳେ ବିଷ୍ଣୋଇ ଟି-୨୦ ବିଶ୍ୱକପ୍ ଖେଳିବା ନେଇ ଚର୍ଚ୍ଚା ହେଉଛି। ଯଦି ସେ ତାଙ୍କର ଏହି ପ୍ରଦର୍ଶନ ଜାରି ରଖିନ୍ତି ତା'ହେଲେ ସେ ବିଶ୍ୱକପ ଖେଳିବାର ସମ୍ଭାବନା ସୃଷ୍ଟି କରିବେ।

### ବ୍ୟାଟିଂରେ ସୂର୍ଯ୍ୟ ଶୀର୍ଷରେ ସ୍ଥିର

ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୮୫୫ ଅଙ୍କ ସହ ବ୍ୟାଟିଂ ତାଲିକାରେ ପୂର୍ବ ପରି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ସେ ୧୪୪ ରନ ସଂଗ୍ରହ କରିଥିଲେ। ଯୁବ ବ୍ୟାଟର ଋତୁରାଜ ଗାଏକ୍ୱାଡ ତାଲିକାର ଶ୍ରେଷ୍ଠ-୧୦ରେ ସ୍ଥାନିତ ହୋଇଛନ୍ତି। ସେ ଗୋଟିଏ ପାହାଚ ତଳକୁ ଖସି ୭ମ ସ୍ଥାନରେ ରହିଛନ୍ତି। ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୧୬ଟି ପାହଚ ଉପରକୁ ଉଠି ୧୯ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅଲରାଉଣ୍ଡର ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ତୃତୀୟ ସ୍ଥାନରେ ବଜାୟ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଋତୁରାଜ ୫ଟି ମ୍ୟାଚ୍ ଖେଳି ୨୨୩ ରନ ସଂଗ୍ରହ କରିଥିଲେ। ସେ ମଧ୍ୟ ଗୋଟିଏ ଶତକ ହାସଲ କରିଥିଲେ। ପାକିସ୍ତାନର ମହମ୍ମଦ ରିଜୱାନ ୭୮୭ ଅଙ୍କ ସହ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକାର ଏଡେନ ମାର୍କରାମ ୭୫୬ ଅଙ୍କ ସହ ତୃତୀୟ, ପାକିସ୍ତାନର ବାବର ଆଜମ ୭୩୪ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ରିଲି ରୋଶୋ ୭୦୨ ଅଙ୍କ ସହ ୫ମ ସ୍ଥାନରେ ରହିଛନ୍ତି।

# ଗୋଟିଏ ଦିନରେ ଜନ୍ମଦିନ ପାଳିଲେ ୫ ଭାରତୀୟ କ୍ରିକେଟର୍



ଶ୍ରେୟାସ ଆୟର | ଯଶପ୍ରୀତ୍ ବୁମ୍‌ରା | ରବୀନ୍ଦ୍ର ଜାଡେଜ | କରୁଣ ନାୟାର | ଆର୍‌ପି ସିଂ

ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ଭାରତୀୟ କ୍ରିକେଟ୍ ପାଇଁ ବୁଧବାର (ଡିସେମ୍ବର ୬) ଏକ ସ୍ମରଣୀୟ ଦିବସ ସାବ୍ୟସ୍ତ ହୋଇଛି। ଜାତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିଥିବା ୬ଜଣ ଜଣାଶୁଣା କ୍ରିକେଟ ଖେଳାଳି ସେମାନଙ୍କ ଜନ୍ମଦିନ ପାଳନ କରିଛନ୍ତି। ସେମାନେ ହେଲେ ରବୀନ୍ଦ୍ର ଜାଡେଜା, ଯଶପ୍ରୀତ୍ ବୁମ୍‌ରା, ଶ୍ରେୟାସ ଆୟର, ରୁଦ୍ରପ୍ରତାପ (ଆର୍‌ପି) ସିଂ ଓ କରୁଣ ନାୟାର। ଏହି ଅବସରରେ କ୍ରିକେଟ୍‌ଜଗତରୁ ଏହି ୫ଜଣ କ୍ରିକେଟର୍‌ଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ନିଜର ମାରାତ୍ମକ ୟର୍କର ବୋଲିଂ ଲାଗି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବୁମ୍‌ରା ୩୦ତମ ଜନ୍ମଦିନ ପାଳନ କରିଛନ୍ତି। ନିକଟରେ ଶେଷ ହୋଇଥିବା ବିଶ୍ୱକପ୍‌ରେ ବୁମ୍‌ରା ୨୦ ୱିକେଟ୍ ନେଇ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଟେଷ୍ଟ କ୍ରିକେଟ୍‌ରେ ଗୋଟିଏ ଓଭରରେ ୩୫ ରନ ସଂଗ୍ରହ କରିବାର ବିରଳ ରେକର୍ଡ ତାଙ୍କ ନାମରେ ରହିଛି। ସେହିଭଳି ଦେଶର ଅନ୍ୟତମ ସଫଳ ଅଲ୍‌ରାଉଣ୍ଡ ଜାଡେଜା ୧୯୮୮ରେ ଗୁଜରାଟର ଏକ ହିନ୍ଦୁ ରାଜପୁତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ବୁଧବାର ସେ ୩୫ତମ ଜନ୍ମଦିନ ପାଳିଛନ୍ତି। ଜାଡେଜା ଭାରତ ପାଇଁ ୬୭ ଟେଷ୍ଟ, ୧୯୭ ଦିନିକିଆ ଓ ୬୪ ଟି-୨୦ ଖେଳି ଯଥାକ୍ରମେ ୨୮୦୪, ୨୭୫୬ ଓ ୪୫୭ ରନ କରିଛନ୍ତି। ସେହିଭଳି ୩ଟି ଯାକ ଫର୍ମାଟ୍‌ରେ ତାଙ୍କ ନାମରେ ମୋଟ୍ ୫୨୬ ୱିକେଟ୍ ଲିପିବଦ୍ଧ ରହିଛି। ଜାଡେଜାଙ୍କ ସାଥୀ ଖେଳାଳି ଆୟର ମଧ୍ୟ ଡିସେମ୍ବର ୬ରେ ମୁମ୍ବାଇରେ ଏକ ତାମିଲ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୨୯ ବର୍ଷରେ ପଦାର୍ପଣ କରିଥିବା ଆୟର ଶେଷ ହୋଇଥିବା ଦିନିକିଆ ବିଶ୍ୱକପ୍‌ରେ ମଧ୍ୟ ଆଖିଦୃଶିଆ ପ୍ରଦର୍ଶନ କରି ଦଳକୁ ଫାଇନାଲରେ ପହଞ୍ଚାଇଥିଲେ। ଦୁଇ ପୂର୍ବତନ ଭାରତୀୟ କ୍ରିକେଟ୍ ଦ୍ରୁତ ବୋଲର ଆର୍‌ପି ସିଂ ଓ କରୁଣ ନାୟାର ମଧ୍ୟ ଏହି ତାଲିକାରେ ରହିଛନ୍ତି। ବାମହାତୀ ଆର୍‌ପି ସିଂ ୩୮ ବର୍ଷରେ ଓ କରୁଣ ୩୨ ବର୍ଷରେ ପାଦ ଥାପିଛନ୍ତି। ଆର୍‌ପି ଭାରତ ପାଇଁ ୩ଟି ଯାକ ଫର୍ମାଟ୍‌ରେ ୭୨ ମ୍ୟାଚ୍ ଖେଳି ୧୨୪ ୱିକେଟ୍ ନେଇଛନ୍ତି। ସେହିଭଳି କରୁଣ ୨୦୧୬ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ୩୦୩ ରନ କରି ଚର୍ଚ୍ଚାରେ ରହିଥିଲେ। ଟେଷ୍ଟରେ ତ୍ରିଶତକ ହାସଲ କରିବାରେ ବୀରେନ୍ଦ୍ର ସେହ୍ୱାଗଙ୍କ ପରେ ସେ ଦ୍ୱିତୀୟ ଭାରତୀୟ।

# ଟି-୨୦ ବିଶ୍ୱକପ୍ ଖେଳିପାରନ୍ତି ଡୁପ୍ଲେସି

ଡର୍ବାନ, ୬।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ ଫାଫ୍ ଡୁପ୍ଲେସି ଟି-୨୦ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବେ। ଆସନ୍ତାବର୍ଷ ଜୁଲାଇରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ ଖେଳିପାରେ ବୋଲି ସେ କହିଛନ୍ତି। ୨୦୨୧ରେ ସେ ଟେଷ୍ଟର ଅବସର ନେଇଥିଲେ। ୨୦୨୦ରେ ସେ କେପଟାଉନ୍‌ରେ ଇଂଲଣ୍ଡ ବିପକ୍ଷରେ ଶେଷଥର ପାଇଁ ଟି-୨୦ ମ୍ୟାଚ୍ ଖେଳିଥିଲେ। ଏବେ ସେ ଅବୁଧାବିରେ ଖେଳାଯାଉଥିବା ଘରୋଇ ଟୁର୍ଣ୍ଣାମେଣ୍ଟରେ ଖେଳୁଛନ୍ତି। ଟି-୨୦ ବିଶ୍ୱକପ୍ ଖେଳିବାକୁ ସେ ଦଳକୁ ଫେରପାରନ୍ତି ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସହ କଥାବାର୍ତ୍ତା ହେବା ବେଳେ କହିଛନ୍ତି। ଏ ନେଇ ସେ ଦକ୍ଷିଣ ଆଫ୍ରିକାର ସୀମିତ ଓଭର କୋଚ୍ ରବ ବଲ୍ଟର ଆଲୋଚନା କରିଛନ୍ତି ବୋଲି କହିଛନ୍ତି। ପୂର୍ବରୁ ମଧ୍ୟ ଡୁପ୍ଲେସି, କ୍ୱିଣ୍ଟନ ଡିକକ ଓ ରିଲି ରୁଷୋ ଟି-୨୦ ବିଶ୍ୱକପ୍ ଖେଳପାରିନ୍ତି ବୋଲି ବଲ୍ଟର କହିଥିଲେ। ଉଲ୍ଲେଖଥାଉ କି, ଡୁପ୍ଲେସି ଟେଷ୍ଟରୁ ଅବସର ନେଇଥିଲେ ମଧ୍ୟ ସେ ସୀମିତ ଓଭର ଅର୍ଥାତ ଟି-୨୦ ଓ ଦିନିକିଆ ଫର୍ମାର୍ଟରେ ଅବସର ଘୋଷଣା କରିନାହାନ୍ତି। ସେ ୨୦୧୪ ଓ ୨୦୧୬ ଟି-୨୦ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେଇଥିଲେ। ଏହାପରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ତାଙ୍କୁ ସ୍ଥାନ ମିଳି ନଥିଲା। ଆଗାମୀ ଆଇପିଏଲ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ତାଙ୍କୁ ଦଳରେ ବଜାୟ ରଖିଛି।



## ଟାଇମ୍ସ ଆଥଲେଟ ଅଫ୍ ଦି ଇୟର ପୁରସ୍କାର

# ମେସି ପ୍ରଥମ ଫୁଟବଲର୍

ଲଣ୍ଡନ, ୬।୧୨(ଏଜେନ୍ସି): ଆର୍ଜେଣ୍ଟିନା ଅଧିନାୟକ ତଥା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଆଉଏକ ବିଶ୍ୱସ୍ତରୀୟ ସମ୍ମାନ ହାସଲ କରିଛନ୍ତି। ଚଳିତ ୨୦୨୩ ବର୍ଷ ପାଇଁ ସେ 'ଟାଇମ୍ସ ଆଥଲେଟ ଅଫ୍ ଇୟର' ପୁରସ୍କାର ହାସଲ କରିଛନ୍ତି। ଏହି ସମ୍ମାନ ହାସଲ କରିବରେ ସେ ବିଶ୍ୱର ପ୍ରଥମ ଫୁଟବଲର ସାବ୍ୟସ୍ତ ହୋଇଛନ୍ତି। ୩୬ ବର୍ଷୀୟ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା କତାରରେ ଅନୁଷ୍ଠିତ ୨୦୨୨ ଫିଫା ବିଶ୍ୱକପ୍‌ରେ ଗତଥରର ଚାମ୍ପିଅନ ଫ୍ରାନ୍ସକୁ ପରାସ୍ତ କରି ଦୀର୍ଘ ୩୬ ବର୍ଷ ପରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ଅନ୍ୟତମ ତାରକା ଫୁଟବଲର ଫ୍ରାନ୍ସର କିଲିଆନ ଏମ୍‌ବାପ୍ପେ, ମାଞ୍ଚେଷ୍ଟର ସିଟିର ଏର୍ଲିଂ ହଲାଣ୍ଡ ଓ ସର୍ବିୟ ଟେନିସ ତାରକା ନୋଭାକ ଜୋକୋଭିଚ୍‌ଙ୍କୁ ପଛରେ ପକାଇ ସେ ଏହି ପୁରସ୍କାର ପାଇଛନ୍ତି। ୨୦୧୯ରୁ ଟାଇମ୍ସ ପତ୍ରିକା 'ଟାଇମ୍ସ ଆଥଲେଟ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇ ଆସୁଅଛି। ଅବଶ୍ୟ ପୂର୍ବରୁ ୧୯୨୭ରୁ ଟାଇମ୍ସ ତରଫରୁ 'ପର୍ସନ ଅଫ୍ ଦି ଇୟର' ସମ୍ମାନ ଦିଆଯାଇଆସୁଛି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଜଣେ ଖେଳାଳିଙ୍କ ଉନ୍ନତ ପ୍ରଦର୍ଶନକୁ ଭିତ୍ତିକରି 'ଟାଇମ୍ସ ଆଥଲେଟ ଅଫ୍ ଦି ଇୟର' ପୁରସ୍କରା ପ୍ରଦାନ କରାଯାଇଥାଏ।

### ୮ଥର ବାଲନ ଡି'ଅର ପୁରସ୍କାର ବିଜେତା

ମେସି ଗତମାସରେ ବିଶ୍ୱ ଫୁଟବଲର ଅନ୍ୟତମ ଶ୍ରେଷ୍ଠ ପୁରସ୍କାର ବାଲନ ଡି'ଅର ପୁରସ୍କାର। ୨୦୨୨ ଫିଫା ବିଶ୍ୱକପ୍‌ରେ ସୁନ୍ଦର ପ୍ରଦର୍ଶନ କରି ସେ ଅଷ୍ଟମଥର ପାଇଁ ଏହି ପୁରସ୍କାର ହାସଲ କରିଥିଲେ। ଏକମାତ୍ର ଖେଳାଳି ଭାବେ ସେ ସର୍ବାଧିକଥର ଏହି ପୁରସ୍କାର ଜିତିଛନ୍ତି। ଏହା ପୂର୍ବରୁ ସେ ୨୦୦୯, ୨୦୧୦, ୨୦୧୧, ୨୦୧୨, ୨୦୧୫, ୨୦୧୯ରେ ବାଲନ ଡି'ଅର ପୁରସ୍କାର ଜିତିଥିଲେ। ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ୫ଥର, ଫ୍ରାନ୍ସର ମାଇକେଲ ପ୍ଲାଟିନି ୩ଥର, ନେଦରଲାଣ୍ଡସର ଜୋହାନ କ୍ରୁଫ୍ ୩ଥର ଓ ମାର୍କେ ବେନ ବାଷ୍ଟେନ୍ ୩ଥର ଏହି ପୁରସ୍କାର ହାସଲ କରିଛନ୍ତି।

### ଦ୍ୱିତୀୟଥର ପାଇଥିଲେ 'ଗୋଲ୍ଡେନ ବଲ୍' ପୁରସ୍କାର

କତାର ବିଶ୍ୱକପ୍ ବିଜୟ ପରେ ମେସିଙ୍କୁ 'ଗୋଲ୍ଡେନ ବଲ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ଥାତ ସେ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅବଶ୍ୟ ଫ୍ରାନ୍ସର କିଲିଆନ ଏମ୍‌ବାପ୍ପେ ପାଇଥିଲେ ଗେଲ୍ଡେନ ବୁଟ୍ ପୁରସ୍କାର। ମେସି ୨୦୨୨ ବିଶ୍ୱକପ୍‌ରେ ୭ଟି ଓ ଏମ୍‌ବାପ୍ପେ ୮ଟି ଗୋଲ ସ୍କୋର କରିଥିଲେ। ଫାଇନାଲରେ ମେସି ଦୁଇଟି ଗୋଲ ଦେଇଥିଲେ। ବିଶ୍ୱକପ୍‌ରେ ସେ ଏପର୍ଯ୍ୟନ୍ତ ମୋଟ୍ ୫ ବିଶ୍ୱକପ୍ ଖେଳି ୨୬ଟି ମ୍ୟାଚ୍ ଖେଳିବା ସହ ୧୬ଟି ଗୋଲ ସ୍କୋର କରିଛନ୍ତି। ଏଥିରେ ୧୩ଟି ଫିଲ୍ଡ ଓ ୪ଟି ପେନାଲ୍ଟି ଗୋଲ ସାମିଲ ରହିଛି। ପୂର୍ବରୁ ସେ ୨୦୧୪ ବିଶ୍ୱକପ୍‌ରେ ମଧ୍ୟ ଗୋଲ୍ଡେନ ବଲ ପୁରସ୍କାର ପାଇଁ ଶ୍ରେଷ୍ଠ ଫୁଟବଲର ବିବେଚିତ ହୋଇଥିଲେ।



# ପନ୍ତ ଫିଟ୍; ଭିଡିଓ ସେୟାର

ନୂଆଦିଲ୍ଲୀ, ୬।୧୨(ଏଜେନ୍ସି): ଭାରତୀୟ ୱିକେଟକିପର ବ୍ୟାଟର ଋଷଭ ପନ୍ତ ତାଙ୍କ ରିକଭରି ଭିଡିଓ ପୁଣି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ସେ ଦ୍ରୁତ ଗତିରେ ଆରୋଗ୍ୟ ତଥା ସୁସ୍ଥ ହେଉଥିବା ଏଥିରୁ ସ୍ପଷ୍ଟ ହୋଇଛି। ଅର୍ଥାତ ସେ ଖୁବଶୀଘ୍ର କ୍ରିକେଟ ପଡ଼ିଆକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ପରୋକ୍ଷରେ ସୂଚନା ଦେଇଛନ୍ତି। ଗତବର୍ଷ ଡିସେମ୍ବର ୩୦ ତାରିଖରେ ସେ ଦିଲ୍ଲୀରୁ ରୁରକିସ୍ଥିତ ନିଜ ଘରକୁ ଯାଉଥିବାବା ବେଳେ ଡେରାଡୁନ୍ ନିକଟରେ କାର ଦୁର୍ଘଟଣାର ଶିକାର ହୋଇ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା। ଏବେ ସେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ରିହାବ ଅର୍ଥାତ ବିଭିନ୍ନ ପ୍ରକାର କସରତ କରି ଫିଟ୍ ହେବାକୁ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ସେ କଠିନ ପରିଶ୍ରମ ମଧ୍ୟ କରୁଛନ୍ତି। ସେ ଜିମ୍‌ରେ ଟ୍ରେନିଂ କରୁଥିବାର ଭିଡିଓ ସେ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ସେ ପାଖାପାଖି ଗୋଟିଏ ବର୍ଷ ହେବ କ୍ରିକେଟରୁ ଦୂରେଇ ରହିଛନ୍ତି। ଆଗାମୀ ୨୦୨୪ ଆଇପିଏଲ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ବଜାୟ ରଖିଛି। ସେ ଏଥର ଆଇପିଏଲ୍‌ରେ ପ୍ରତ୍ୟାବର୍ତ୍ତନ କରିପାରିନ୍ତି ବୋଲି ଆଶା କରାଯାଉଛି। ଆଇପିଏଲ ମାର୍ଚ୍ଚ- ଏପ୍ରିଲରେ ଖେଳାଯିବ। ଆଉ ୩-୪ ମାସ ବାକିଥିବାରୁ ଆଇପିଏଲ ବେଳକୁ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି।



# ବଲ୍‌କୁ ହାତରେ ଅଟକାଇବା ମହଙ୍ଗା ପଡ଼ିଲା

ଢାକା, ୬।୧୨ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୨ୟ ଟେଷ୍ଟରେ ଘରୋଇ ବାଂଲାଦେଶର ଅଭିଜ୍ଞ ବ୍ୟାଟର୍ ମୁସଫିକର ରହିମ ଏକ ଅଜବ ପ୍ରକାର ଆଉଟ୍ ହୋଇଛନ୍ତି। 'ହ୍ୟାଣ୍ଡେଲ୍ ଦି ବଲ୍' (ଫିଲ୍ଡିଂରେ ବାଧା ପହଞ୍ଚାଇବା ନିୟମ) ଆଧାରରେ ଅମ୍ପାୟର ରହିମଙ୍କୁ ଆଉଟ୍ ଘୋଷିତ କରିଥିଲେ। ରହିମଙ୍କ ଏହି ଦୁର୍ଭାଗ୍ୟପୂର୍ଣ୍ଣ ଆଉଟକୁ ନେଇ ଚାରିଆଡ଼େ ଜୋର୍‌ଦାର ଚର୍ଚ୍ଚା ଚାଲିଛି। ବାଂଲାଦେଶ ପାଳିର ୪୧ତମ ଓଭରରେ ମୁସଫିକର ବ୍ୟାଟିଂ କରୁଥିବାବେଳେ ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର କାଏଲ୍ ଜେମିସନଙ୍କ ଏକ ବଲ୍‌କୁ ବ୍ୟାକ୍‌ଫୁଟ୍‌ରେ ଡିଫେନ୍ସ କରିଥିଲେ। ଏହାପରେ ବଲ୍‌ଟି ଷ୍ଟମ୍ପଠାରୁ ଅଳ୍ପ ଦୂରରେ ବାଉନ୍ସ ହୋଇଥିବାବେଳେ ୨ୟ ବାଉନ୍ସ ପୂର୍ବରୁ ମୁସଫିକର ଏହାକୁ ହାତରେ ଠେଲି ଦେଇଥିଲେ। ଫଳରେ ଜେମିସନଙ୍କ ସମେତ ସାଥୀ ନ୍ୟୁଜିଲାଣ୍ଡ ଖେଳାଳି ଏହାକୁ ନେଇ ଜୋର୍‌ଦାର ଆଉଟ୍ ଅପିଲ୍ କରିଥିଲେ। ପରେ ଦୁଇ ଫିଲ୍ଡ ଅମ୍ପାୟରଙ୍କ ମଧ୍ୟରେ କିଛି ଆଲୋଚନା ହୋଇଥିଲା ଓ ୩ୟ ଅମ୍ପାୟର ରିପ୍ଲେ ଦେଖି ମୁସଫିକରଙ୍କୁ 'ଫିଲ୍ଡିଂରେ ବାଧା ପହଞ୍ଚାଇବା' ନିୟମ ଆଧାରରେ ଆଉଟ୍ କରିଥିଲେ। ଫଳରେ କ୍ରିକେଟ୍ ଇତିହାସରେ ପ୍ରଥମ ବାଂଲାଦେଶ ଖେଳାଳି ଭାବେ ମୁସଫିକର 'ଫିଲ୍ଡିଂରେ ବାଧା ପହଞ୍ଚାଇବା' ନିୟମରେ ଆଉଟ୍ ହୋଇଛନ୍ତି। ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ଏହା କିନ୍ତୁ ୧୧ତମ ଘଟଣା। ଉଲ୍ଲେଖଯୋଗ୍ୟ, କ୍ରିକେଟ୍‌ରେ ପ୍ରଚଳିତ ୧୧ ପ୍ରକାରର ଆଉଟ୍ ମଧ୍ୟରୁ 'ହ୍ୟାଣ୍ଡେଲିଂ ଦି ବଲ୍' ଅନ୍ୟତମ। ୨୦୧୭ରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଏହାକୁ 'ଫିଲ୍ଡିଂରେ ବାଧା ପହଞ୍ଚାଇବା' ନିୟମରେ ସାମିଲ କରିଥିଲା।



### କ୍ରିକେଟ୍‌ରେ ବଲ୍‌କୁ ହାତରେ ଅଟକାଇ ଆଉଟ୍

| ଖେଳାଳି | ଦଳ | ପ୍ରତିପକ୍ଷ | ବର୍ଷ | ଫର୍ମାଟ୍ |
|---|---|---|---|---|
| ରସେଲ ଏଣ୍ଡେନ | ଦ.ଆଫ୍ରିକା | ଇଂଲଣ୍ଡ | ୧୯୫୭ | ଟେଷ୍ଟ |
| ଆଣ୍ଡ୍ରିଉ ହିଲ୍‌ଡିଚ୍ | ଅଷ୍ଟ୍ରେଲିଆ | ପାକିସ୍ତାନ | ୧୯୭୯ | ଟେଷ୍ଟ |
| ମୋହସିନ ଖାନ | ପାକିସ୍ତାନ | ଅଷ୍ଟ୍ରେଲିଆ | ୧୯୮୨ | ଟେଷ୍ଟ |
| ଡେସମଣ୍ଡ ହେନ୍ସ | ୱେଷ୍ଟଇଣ୍ଡିଜ | ଭାରତ | ୧୯୮୩ | ଟେଷ୍ଟ |
| ମହିନ୍ଦର ଅମରନାଥ | ଭାରତ | ଅଷ୍ଟ୍ରେଲିଆ | ୧୯୮୬ | ଦିନିକିଆ |
| ଗ୍ରାହମ ଗୁଚ୍ | ଇଂଲଣ୍ଡ | ଅଷ୍ଟ୍ରେଲିଆ | ୧୯୯୩ | ଟେଷ୍ଟ |
| ଡାରୀଲ କଲମ୍ | ଦ.ଆଫ୍ରିକା | ୱେଷ୍ଟଇଣ୍ଡିଜ | ୧୯୯୯ | ଦିନିକିଆ |
| ଷ୍ଟିଭ ୱ | ଅଷ୍ଟ୍ରେଲିଆ | ଭାରତ | ୨୦୦୧ | ଟେଷ୍ଟ |
| ମାଇକେଲ୍ ଭନ | ଇଂଲଣ୍ଡ | ଭାରତ | ୨୦୦୧ | ଟେଷ୍ଟ |
| ଚାମୁ ଚିଭାବା | ଜିମ୍ବାୱେ | ଆଫଗାନିସ୍ତାନ | ୨୦୧୫ | ଦିନିକିଆ |
| ମୁସଫିକର ରହିମ | ବାଂଲାଦେଶ | ନ୍ୟୁଜିଲାଣ୍ଡ | ୨୦୨୩ | ଟେଷ୍ଟ |

## ଦ୍ୱିତୀୟ ଟେଷ୍ଟ: ପ୍ରଥମ ଦିବସରେ ବୋଲର୍‌ଙ୍କ ରାଜ

# ବାଂଲାଦେଶ- ୧୭୨; ନ୍ୟୁଜିଲାଣ୍ଡ- ୫୫/୫

ଢାକା, ୬।୧୨ (ଏଜେନ୍ସି): ଘରୋଇ ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ବୁଧବାରଠାରୁ ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୧୫ ୱିକେଟ୍ ପତନ ସହ ବୋଲର୍‌ଙ୍କ ରାଜ ଦେଖିବାକୁ ମିଳିଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ପ୍ରଥମ ପାଳିରେ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଷ୍ଟମ୍ପ ଅପସାରଣ ସୁଦ୍ଧା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫ ୱିକେଟ୍‌ରେ ୫୫ ରନ ସଂଗ୍ରହ କରିଛି। ବଳକା ୫ ୱିକେଟ୍ ଥାଇ ନ୍ୟୁଜିଲାଣ୍ଡ ପାଳି ଅଗ୍ରଣୀ ଲାଗି ଆହୁରି ୧୧୮ ରନ ଆବଶ୍ୟକ କରୁଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ୧୫୦ ରନରେ ଜିତି ବାଂଲାଦେଶ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ଘରୋଇ ବାଂଲାଦେଶ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସାଣ୍ଟୋଙ୍କ ଏହି ନିଷ୍ପତ୍ତି ଭୁଲ୍ ପ୍ରମାଣିତ ହୋଇଥିଲା, ଯେତେବେଳେ ବାଂଲାଦେଶ ୪୭ ରନ ମଧ୍ୟରେ ୪ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦୁଇ ଓପନର୍ ମହମ୍ମଦୁଲ୍ଲା ହାସନ (୧୪ ରନ) ଓ ଜାକିର ହାସନ (୮)ଙ୍କ ସମେତ ଅଧିନାୟକ ସାଣ୍ଟୋ (୯) ଓ ମୋମିନୁଲ୍ ହକ୍ (୫) ବ୍ୟାଟିଂରେ ବିଫଳ ହୋଇଥିଲେ। ତେବେ ମଧ୍ୟକ୍ରମରେ ଅଭିଜ୍ଞ ମୁସଫିକର ରହିମ, ଶାହଦାତ୍ ହୋସେନ ଓ ମେହିଦୀ ହାସନ ମିରାଜ କିଛିଟା ଲଢ଼ୁଆ ବ୍ୟାଟିଂ କରିବାରୁ ବାଂଲାଦେଶ ସ୍କୋର ଦେଢ଼ଶହ ରନ ଅତିକ୍ରମ କରିଥିଲା। ମୁସଫିକର ସର୍ବାଧିକ ୩୫, ଶାହଦାତ୍ ୩୧ ଓ ମିରାଜ ୨୦ ରନ କରିଥିଲେ। ତେବେ 'ଫିଲ୍ଡିଂରେ ବାଧା ଦେବା' ନିୟମରେ ମୁସଫିକର୍‌ଙ୍କୁ ଆଉଟ୍ ଘୋଷିତ କରାଯିବା ଦିବସର ସବୁଠୁ ଚର୍ଚ୍ଚିତ ଘଟଣା ରହିଥିଲା। ଆଉଟ୍ ହେବାପୂର୍ବରୁ ସେ ୫ମ ୱିକେଟ୍‌ରେ ଶାହଦାତ୍‌ଙ୍କ ସହ ମହତ୍ତ୍ୱପୂର୍ଣ୍ଣ ୫୭ ରନର ଭାଗୀଦାରି କରିଥିଲେ। ଶେଷ ଭାଗରେ ନ୍ୟୁଜିଲାଣ୍ଡ ସାମୟିକ ସ୍ପିନର ଗ୍ଲେନ ଫିଲିପ୍ସ ୩ଟି ୱିକେଟ୍ ନେବାରୁ ବାଂଲାଦେଶ ସ୍କୋର ୬୬.୨ ଓଭରରେ ୧୭୨ ରନରେ ସୀମିତ ରହିଯାଇଥିଲା। ଘରୋଇ ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ନଇମ ହାସନ ୧୩*, ଶରିଫୁଲ୍ ଇସଲାମ ୧୦ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ଫିଲିପ୍ସ ଓ ମିଚେଲ୍ ସାଣ୍ଟନର ୩ଟି ଲେଖାଏ ଏବଂ ଅଜାଜ ପଟେଲଙ୍କୁ ୨ଟି ୱିକେଟ୍ ମିଳିଥିଲା।

ଜବାବରେ ପ୍ରଥମ ପାଳି ଆରମ୍ଭ କରି ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟ ନିୟମିତ ଅନ୍ତରରେ ୱିକେଟ୍‌ମାନ ହରାଇ ସଙ୍କଟରେ ପଡ଼ିଥିଲା। ଷ୍ଟମ୍ପ ଅପସାରଣବେଳକୁ ଦଳ ୧୨.୪ ଓଭରରେ ୫ ୱିକେଟ୍ ହରାଇ ୫୫ ରନ ସଂଗ୍ରହ କରିଛି। ଡାରୀଲ ମିଚେଲ ୧୨ ଓ ଫିଲିପ୍ସ ୫ ରନରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟମ୍ ଲାଥମ (୪), ଡେଭନ କନ୍‌ୱେ (୧୧), କେନ୍ ୱିଲିୟମସନ (୧୩), ହେନରୀ ନିକୋଲାସ (୧) ଓ ଟମ୍ ବ୍ଲଣ୍ଡେଲ (୦) ନିରାଶ କରିଥିଲେ। ବାଂଲାଦେଶ ପକ୍ଷରୁ ମିରାଜ (୩) ଓ ତାଇଜୁଲ (୨) ମିଳିତ ଭାବେ ୫ ୱିକେଟ୍ ବାଣ୍ଟି ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ପ୍ରଥମ ପାଳି: ୧୭୨/୧୦, ୬୬.୨ ଓଭର (ମୁସଫିକର- ୩୫, ଶାହଦାତ୍- ୩୧, ମିରାଜ- ୨୦, ସାଣ୍ଟୋ- ୯, ଫିଲିପ୍ସ- ୩୧/୩, ସାଣ୍ଟନର- ୩/୬୫)।

ନ୍ୟୁଜିଲାଣ୍ଡ ପ୍ରଥମ ପାଳି: ୫୫/୫, ୧୨.୪ ଓଭର (ୱିଲିୟମସନ- ୧୩, ଡାରୀଲ- ୧୨*, କନୱେ- ୧୧, ଲାଥମ- ୪, ମିରାଜ- ୩/୧୭)।



ଗ୍ଲେନ ଫିଲିପ୍ସ

# ଓଡ଼ିଆଣୀଙ୍କ ମାଣବସା

ଓଡ଼ିଆଙ୍କ ଘରେ ମାଣବସା ପର୍ବର ଏକ ବିଶେଷ ମହତ୍ତ୍ୱ ରହିଛି । ପ୍ରତ୍ୟେକ ଓଡ଼ିଆଣୀ ଏହାକୁ ଶ୍ରଦ୍ଧା, ଭକ୍ତି ସହକାରେ ପାଳନ କରିଥାନ୍ତି । ମାର୍ଗଶୀର ମାସ ପଶିବା କ୍ଷଣି ପ୍ରସ୍ତୁତିରେ ଲାଗିପଡ଼ନ୍ତି ମହିଳା । ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ମେଣ୍ଟ ପୂଜା ପାଇଁ ନୂଆ ଧାନ, ଧାନକେଣ୍ଡା ଭଳି ବହୁ ସାମଗ୍ରୀ ମାସ ଆରମ୍ଭରୁ ଯୋଗାଡ଼ କରନ୍ତି । ଏହି ମାସର ପ୍ରତ୍ୟେକ ଗୁରୁବାର ଘର, ଦାଣ୍ଡ ଦୁଆର, ଚଉରା ଆଦି ସ୍ଥାନରେ ଶୋଭାପାଏ ଚାଉଳବଟା ଝୋଟି ଚିତା ସାଙ୍ଗକୁ ଲକ୍ଷ୍ମୀପାଦ । ବର୍ତ୍ତମାନ ସମୟରେ ଏହି ମାଣବସା ପୂଜାକୁ ନେଇ ମହିଳାଙ୍କ ମଧ୍ୟରେ ଯେତିକି ଶ୍ରଦ୍ଧା ରହିଛି, ବସ୍ତ୍ର ପରିଧାନକୁ ନେଇ ମଧ୍ୟ ଅଛି ସେତିକି ଉତ୍କଣ୍ଠା । ପୂଜା ଶୈଳୀରେ ଯଦିଓ ଆଧୁନିକତାର ଢ଼ାଞ୍ଚା ପରିଲକ୍ଷିତ ହୁଏ ନାହିଁ, ତଥାପି କର୍ମମୟ ଜୀବନ ଭିତରେ ମହିଳାମାନେ ଏହାକୁ ନିଜ ସୁବିଧା ଅନୁସାରେ ପାଳନ କରୁଥିବା ଦେଖାଯାଇଛି । ତେବେ ଗୃହିଣୀଙ୍କଠାରୁ ଆରମ୍ଭ କରି କର୍ମଜୀବି ମହିଳା ମାଣବସାକୁ କିଭଳି ଏବେ ପାଳନ କରୁଛନ୍ତି, ତାହାକୁ ନେଇ ଏହି ଉପସ୍ଥାପନା ।





## ଏହିଦିନ ଧଳାନାଳି ଶାଢ଼ି ପିନ୍ଧିଥାଉ

"ମାଣବସାକୁ ଏକ ସାମାଜିକ ପ୍ରଥା, ଓଷା ଏବଂ ଉତ୍ସବ ଭାବେ ସଂସ୍କୃତି ବିଭାଗ ତାଲିକାଭୁକ୍ତ କରି ଉଲ୍ଲେଖ କରିଛି ଯେ ଦେବୀ ଲକ୍ଷ୍ମୀଙ୍କ ସମ୍ମାନାର୍ଥେ ମାର୍ଗଶୀର ମାସର ପ୍ରତି ଗୁରୁବାର ଦିନ ମାଣଓଷା ଆୟୋଜିତ ହୁଏ । ଏଥିରେ ଷୋଡ଼ଶ ଶତାବ୍ଦୀର କବି ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣ ପାଠ କରାଯାଏ । ମାର୍ଗଶୀର ମାସର ପ୍ରତ୍ୟକ ଗୁରୁବାର ପାଳିରେ ବାଳ ଭୋଗ ଶଙ୍ଖୁଡ଼ି ଭୋଗ ଏବଂ ସନ୍ଧ୍ୟା ଧୂପ ତିନି ଧୂପରେ ମା' ଲକ୍ଷ୍ମୀଙ୍କୁ ପୂଜା କରାଯାଇଥାଏ । ଏବଂ ଏହା ପରେ ପୁଷ୍ପାଞ୍ଜଳି ମନ୍ତ୍ରରେ ପୁଷ୍ପାଞ୍ଜଳି ନିବେଦନ କରାଯାଏ । ତା'ପରେ ସ୍ତୁତି ମନ୍ତ୍ର ପାଠ କରି ମା'ଙ୍କୁ ପ୍ରସନ୍ନ କରାଯାଇଥାଏ । ଏହିପରି ଭାବରେ ବିଧି ବିଧାନର ସହିତ ମା' ମହାଲକ୍ଷ୍ମୀଙ୍କ ପୂଜା କରି ମାର୍ଗଶିର ଗୁରୁବାର ବ୍ରତକୁ ପାଳନ କରାଯାଇଥାଏ । ତା'ସହ ମା ଲକ୍ଷ୍ମୀଙ୍କର ଯେହେତୁ ପଦ୍ମ ଫୁଲ ପ୍ରିୟ, ସେଥିପାଇଁ ପ୍ରତି ଗୁରୁବାର ଦିନ ପଦ୍ମ ଫୁଲ ଦେଇ ପୂଜା କରିଲେ ପୂଜାର ସୁଫଳ ମିଳିଥାଏ ଏବଂ ମା' ଲକ୍ଷ୍ମୀ ସନ୍ତୁଷ୍ଟି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ । ତା ସହିତ ମା'ଙ୍କର ଧଳା ରଙ୍ଗ ଏବଂ ନାଲି ରଙ୍ଗ ଅତି ପ୍ରିୟ । ସେଥିପାଇଁ ଯେଉଁମାନେ ମାର୍ଗଶିର ଗୁରୁବାର ଦିନ ପୂଜା କରନ୍ତି, ସେମାନେ ଧଳା କିମ୍ବା ନାଲି ରଙ୍ଗର ବସ୍ତ୍ର ପରିଧାନ କରିବା ଦ୍ୱାରା ମା' ଲକ୍ଷ୍ମୀ ସନ୍ତୁଷ୍ଟ ହୁଅନ୍ତି ବୋଲି ବିଶ୍ୱାସ କରାଯାଏ । ସେଥିପାଇଁ ଏହିଦିନ ଧଳାନାଳି ଶାଢ଼ି ପିନ୍ଧିଥାଉ ।



- ବିନୋଦିନି ମଙ୍ଗରାଜ
ଗାନ୍ଧୀ ନଗର, ଖୋର୍ଦ୍ଧା

## ସନ୍ଧ୍ୟାରେ ଲକ୍ଷ୍ମୀପୁରାଣ ପଢ଼େ



ଓଡ଼ିଆମାନଙ୍କର ୧୨ ମାସରେ ୧୩ ପର୍ବ । ସେଥିରୁ ମାଣବସା ଶ୍ରେଷ୍ଠ । ଘରର ସୁଖ-ସମୃଦ୍ଧି ପାଇଁ ମା' ଲକ୍ଷ୍ମୀଙ୍କର ଏହି ପୂଜା କରାଯାଏ । ପିଲାବେଳେ ମା' କେମିତି ପୂଜା କରୁଥିଲେ, ସେସବୁ ଦେଖିଛି । କିନ୍ତୁ ବାହା ହେଲା ପରେ ଶାଶୁଙ୍କ ଠାରୁ ବହୁତ କିଛି ଶିଖିବାକୁ ପାଇଲି। ମାଣବସା ପାଇଁ ଭୋରରୁ ଉଠି ନିତ୍ୟକର୍ମ ସାରି ପିଠା, ପଣା, ଫଳମୂଳ ଆଦି ପୂଜା ପ୍ରସ୍ତୁତ କରି ମା' ଙ୍କ ପୂଜାର୍ଚ୍ଚନା କରାଯାଏ । ଜଣେ ଗୃହିଣୀ ସାଙ୍ଗକୁ ଚାକିରି କରୁଥିବାରୁ ସକାଳୁ ପୂଜାସାରି କର୍ମ କ୍ଷେତ୍ରକୁ ଯିବାପାଇଁ ପଡ଼େ । ଫଳରେ ସନ୍ଧ୍ୟାରେ ଘରକୁ ଆସି ଲକ୍ଷ୍ମୀପୁରାଣ ପଢିଥାଏ । ପୁରାଣ ଅନୁସାରେ ମା' ଲକ୍ଷ୍ମୀ ହେଉଛନ୍ତି ସୁଖ, ସମୃଦ୍ଧିର ଦେବୀ । ଜଣେ ଓଡିଶୀ ନୃତ୍ୟଶିଳ୍ପୀ ଓ ମଡେଲିଂ ହୋଇଥିବା ସତ୍ତ୍ୱେ ଏହାକୁ ବିଧିବିଧାନର ସହ ପାଳନ କରିବାକୁ ଚେଷ୍ଟା କରେ । ତା'ସହ ମୁଁ ଓଡ଼ିଆ ଘରର ଝିଅ ଓ ବୋହୂ ହେଇଥିବାରୁ ଗର୍ବ ଅନୁଭବ କରେ ।

- ପ୍ରଗତି
ପୁରୁଣା ଭୁବନେଶ୍ୱର

## ପୂଜାବିଧିରେ ନୁହେଁ, ବେଶପୋଷାକରେ ପରିବର୍ତ୍ତନ ଆସିଛି



ସାଧାରଣତଃ ମାଣବସା ପୂଜାପାଇଁ ବୁଧବାରଠାରୁ ଘର ଦ୍ୱାର ଲିପା, ପୋଛା ଆରମ୍ଭ ହୁଏ । ଗାଁ ଗହଳୀରେ ଏକବର୍ଣ୍ଣୀ ଗାଈର ଗୋବରରେ ମାଟିଘରକୁ ପୋଛାଯାଏ । କିନ୍ତୁ ସହରରେ ତ ଆଉ ମାଟିଘର ନାହିଁ । ସେମିତି ପାଣିରେ ଗଙ୍ଗାପାଣି ମିଶାଇ ଘର ପୋଛା ଯାଉଛି । ଚାଉଳ ବଟାରେ ଝୋଟି ଚିତା ଘର ଦ୍ୱାର, ଦାଣ୍ଡ ପିଣ୍ଡାରେ ଦିଆଯାଏ । ବର୍ତ୍ତମାନ ସମୟରେ ଚାଉଳ ବଟା ଝୋଟି ଚିତା ସାଙ୍ଗକୁ ଷ୍ଟିକର୍ ମଧ୍ୟ ଲଗାଯାଉଛି । ବିଧି ଅନୁଯାୟୀ ମହିଳାମାନେ ଯେକୌଣସି ରଙ୍ଗର ନୂଆବସ୍ତ୍ର ପରିଧାନ କରି ମାଣ ବସାନ୍ତି । କିନ୍ତୁ ବର୍ତ୍ତମାନ ଧଳାନାଳି ଲୁଗା ପିନ୍ଧିବା ବ ହଳଦିଆ ନାଲିରଙ୍ଗର ଲୁଗା ପିନ୍ଧିବା ଧାରା ଚାଲିଛି । ଯଦିଓ ମାଙ୍କ ପୂଜାବିଧିରେ ପରିବର୍ତ୍ତନ ଆସିନି, ତଥାପି ମହିଳାଙ୍କ ବେଶ ପୋଷାକରେ ପରିବର୍ତ୍ତନ ଆସିଛି ।"

- ରଶ୍ମିତା ବେହେରା, ପୁରୀ

# ସୌନ୍ଦର୍ଯ୍ୟ ବୃଦ୍ଧି କରେ କଦଳୀ

**ସ୍ୱାସ୍ଥ୍ୟ ସହ ସୌନ୍ଦର୍ଯ୍ୟ ଓ କେଶ ଲାଗି ଉପକାରୀ କଦଳୀ । ଏହା ସୌନ୍ଦର୍ଯ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ । ବିଶେଷକରି ତ୍ୱଚାର ଔଜ୍ଜ୍ୱଲ୍ୟ ବୃଦ୍ଧି କରେ । ଯାହାକୁ ବ୍ୟବହାର କରିବା ଖୁବ୍ ସହଜ ଓ ସରଳ ।**

- ପାଚିଲା କଦଳୀ ଚୋପାକୁ ତ୍ୱଚା ଓ କେଶରେ ଲଗାନ୍ତୁ । ଏହା କେଶର ରୁକ୍ଷତା ଦୂର କରେ ଓ ତ୍ୱଚାର ଶୁଷ୍କତା ଦୂର କରେ ।
- କଦଳୀକୁ ଚକଟି ସେଥିରେ ଦହି ମିଶାଇ ମୁହଁରେ ଲଗାନ୍ତୁ ।
- କଦଳୀରେ ଦହି, ମହୁ ଓ ହଳଦୀ ମିଶାଇ ସପ୍ତାହକୁ ଦୁଇଥର ଲଗାନ୍ତୁ ।
- ସେହିପରି କଦଳୀରେ ଦହି ଓ ମହୁ ମିଶାଇ କେଶରେ ଲଗାନ୍ତୁ । ୩୦ ମିନିଟ୍ ରଖିବା ପରେ କେଶକୁ ସଫା କରି ଦିଅନ୍ତୁ । ଏହି ପ୍ୟାକ୍‌କୁ ମୁହଁରେ ମଧ୍ୟ ଲଗାଇପାରିବେ ।
- କଦଳୀରେ କିଛି କ୍ଷୀର ଓ ଗୋଲାପ ଜଳ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ ।



# କଫି ପ୍ୟାକ୍

ଶୀତଦିନରେ ତ୍ୱଚା ଶୁଷ୍କ ହୋଇଯାଏ । ସେଥିପାଇଁ ତ୍ୱଚାରେ ମଏଶ୍ଚରାଇଜର ଲଗାଇବାକୁ ହୁଏ । ତେବେ ଶୀତଦିନେ ବିଭିନ୍ନ ପ୍ରକାର ମାସ୍କ ମଧ୍ୟ ମୁହଁରେ ଲଗାଇପାରିବେ । ଯେଭଳି କଫି ମାସ୍କ । ଏହାକୁ ଲଗାଇଲେ ତ୍ୱଚା ଆକର୍ଷଣୀୟ ଦିଶିଥାଏ ।

**କିଭଳି କରିବେ:** ଗୋଟିଏ ପାତ୍ରରେ ଏକ ଚାମଚ କଫି ପାଉଡର, ଏକ ଚାମଚ କୋକା ପାଉଡର ଓ ଏକ ଚାମଚ ମହୁ ମିଶାନ୍ତୁ । ଏହାକୁ ଭଲ ଭାବେ ମୁହଁରେ ଲଗାନ୍ତୁ । ୨୦ ମିନିଟ୍ ରଖିବା ପରେ ମୁହଁକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ସପ୍ତାହକୁ ଥରେ ଏହି ପ୍ୟାକ୍ ବ୍ୟବହାର କରିବା ଦ୍ୱାରା ତ୍ୱଚା କୋମଳ ରହିବା ସହ ଉଜ୍ଜ୍ୱଳ ଦେଖାଯାଏ ।



# ଶୀତରେ ଶାଲ୍ ଫେଶନ୍

**ଶୀତଋତୁ ଆରମ୍ଭ ହୋଇଥିବା ବେଳେ ଏବେ ଫେଶନ ଷ୍ଟାଇଲ୍ ମଧ୍ୟ ବଦଳିଛି । ତେବେ ଶୀତଦିନେ ଷ୍ଟାଇଲିସ୍ ଦିଶିବା ଖୁବ୍ ସହଜ । ଏହିଦିନେ ଶାଲ୍ ଉଭୟ ୱେଷ୍ଟର୍ଣ୍ଣ ଓ ଇଣ୍ଡିଆନ୍ ଆଉଟ୍-ଫିଟ୍‌କୁ ଖୁବ୍ ସୁନ୍ଦର ମାନିଥାଏ । ତେବେ କେଉଁ ପ୍ରକାର ଶାଲ ଶୀତଦିନିଆ ଫେଶନକୁ ଅଧିକ ଷ୍ଟାଇଲିସ୍ ଏବଂ ଆକର୍ଷଣୀୟ କରିଥାଏ, ଜାଣିବା ସେ ସମ୍ପର୍କରେ...**

### ପଶ୍ମିନା ଶାଲ୍

କାଶ୍ମୀରର ପଶ୍ମିନା ଶାଲ୍‌ର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହା ଉଷୁମ ପ୍ରଦାନ କରିବା ସହ ଦେଖିବାକୁ ମଧ୍ୟ ଖୁବ୍ ସୁନ୍ଦର । ଅଧିକ ମୁଲାୟମ୍ ହୋଇଥିବାରୁ ଏହାକୁ ମହିଳାମାନେ ବ୍ୟବହାର କରିବାକୁ ବେଶି ପସନ୍ଦ କରନ୍ତି । ଅବଶ୍ୟ ଏହାର ଦାମ୍ ଅଧିକ । ମୋଗଲ ଶାସକ ଆକବର ଏହି ଶାଲ୍-ର ବ୍ୟବହାର କରୁଥିଲେ ।



### କୁଲୁ ସାଲ୍

ହିମାଚଳ ପ୍ରଦେଶର କୁଲୁ ଶାଲ୍‌ର ଚାହିଦା ମଧ୍ୟ ଢ଼େର୍ ବେଶି । ଜ୍ୟାମିତିକ ଚିତ୍ରପାଇଁ ଏହା ଖୁବ୍ ଆକର୍ଷଣୀୟ ଲାଗେ । ଶାଲ୍‌ର ଫୁଲ ଡିଜାଇନ୍‌କୁ ମହିଳାମାନେ ବେଶ୍ ପସନ୍ଦ କରନ୍ତି । ହାତରେ ବୁଣାଯାଉଥିବା ଏହି ଶାଲ ଉଷୁମ ସାଙ୍ଗକୁ ଆରାମ ପ୍ରଦାନ କରେ ।



### କଲମ୍‌କାରୀ ଶାଲ୍

ଆନ୍ଧ୍ରପ୍ରଦେଶର କଲମକାରୀ ଶାଢ଼ି କି ଡ୍ରେସ୍ ନୁହେଁ, ଏହି ଶାଲ୍‌ର ମଧ୍ୟ ସ୍ୱତନ୍ତ୍ର ଗ୍ରାହକ ଅଛନ୍ତି । ଏହାର କପଡ଼ା ଆରାମଦାୟକ ହୋଇଥିବାରୁ ମହିଳାମାନଙ୍କର ଏହା ହେଉଛି ପ୍ରଥମ ପସନ୍ଦ । ଏଥିରେ ହାତୀ ଏବଂ ମାଛର ଡିଜାଇନ୍ ରହିଛି । ଶୀତଦିନେ ଏହାକୁ ଉଭୟ ଇଣ୍ଡିଆନ୍ ଓ ୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ସହ ପକାଇଲେ ଭଲ ଲାଗେ ।



# ଅକ୍ସିଡାଇଜଡ୍ ଚୁଡ଼ିର ଆକର୍ଷଣ



ମହିଳାଙ୍କର ଅଳଙ୍କାର ପ୍ରତି ଦୁର୍ବଳତା ରହିଥାଏ । ତେବେ ଟ୍ରେଣ୍ଡ ଅନୁସାରେ ଅଳଙ୍କାର ପରିଧାନ କରିବାକୁ ସମସ୍ତେ ଭଲପାଆନ୍ତି । ସେହିପରି ଏବେ ଟ୍ରେଣ୍ଡରେ ରହିଛି ଅକ୍ସିଡାଇଜଡ୍ ଅଳଙ୍କାର । କାନଫୁଲଠୁ ଆରମ୍ଭ କରି ହାର, ନାକଫୁଲ ଆଦି ବିଭିନ୍ନ ପ୍ରକାର ଅଳଙ୍କାର ଉପଲବ୍ଧ । ଏହି ଅକ୍ସିଡାଇଜଡ୍ ଗହଣା ହିଁ ମହିଳାଙ୍କର ପ୍ରଥମ ପସନ୍ଦ ପାଲଟିଥିବା ବେଳେ ସେଥିରୁ ଅନ୍ୟତମ ଅକ୍ସିଡାଇଜଡ୍ ଚୁଡ଼ି । ଏହା ଚାନ୍ଦି ରଙ୍ଗର ହୋଇଥିବାରୁ ଆଖିକୁ ଖୁବ ସୁନ୍ଦର ଦେଖାଯାଏ। ଏହାର ରଙ୍ଗ ମଧ୍ୟ ସହଜରେ ଛାଡି ନ ଥାଏ। ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ । ତା'ସହ ଏହା ଉଭୟ ଇଣ୍ଡିଆନ ଏବଂ ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହ ପିନ୍ଧିଲେ ଭଲ ଲାଗେ। ଗାଉନକୁ ଏହି ଚୁଡ଼ି ଖୁବସୁନ୍ଦର ମାନିଥାଏ । ଗୋଟିଏ ଡିଜାଇନର ଚୁଡ଼ିକୁ ଚାହିଁଲେ ଭିନ୍ନ ଭିନ୍ନ ଡ୍ରେସ୍‌ରେ ପିନ୍ଧିପାରିବେ। ଏହା ହାଲୁକା ହୋଇଥିବାରୁ ପିନ୍ଧିବାରେ କୌଣସି ସମସ୍ୟା ହୁଏ ନାହିଁ। ଏହାକୁ ପାର୍ଟି, ଫଙ୍କସନ୍ ଆଦିରେ ପିନ୍ଧିପାରିବେ । ଏହା ବିଭିନ୍ନ ଆକୃତିର ରହିଥାଏ। ଗୋଲାକାର, ତିନିକୋଣିଆ, ଖଡୁ ଆଦି ଆକୃତିର ଏହି ଚୁଡ଼ି ରହିଛି ।

# ଶୁଷ୍କ ତ୍ୱଚାରେ ମେକ୍‌ଅପ୍ ନେଉଥିଲେ...

**ଶୀତଦିନେ ହାତ,ଗୋଡ଼ ଶୁଖିଲା ନ ରହିବା ପାଇଁ ମଏଶ୍ଚରାଇଜର ଲଗାଇବା ଜରୁରି । ତୈଳାକ୍ତ ତ୍ୱଚା ହୋଇଥିଲେ ଜେଲ୍ ଯୁକ୍ତ ମଏଶ୍ଚରାଇଜର ବ୍ୟବହାର କରିବା ଉତ୍ତମ । ଏହାଦ୍ୱାରା ତ୍ୱଚା ଶୁଷ୍କ ହୋଇ ନ ଥାଏ ।**

- ଶୀତଦିନେ ତ୍ୱଚା ଅଧିକ ଶୁଷ୍କ ହୋଇଥାଏ । ଏଣୁ ଶୁଷ୍କ ତ୍ୱଚାରେ ମେକ୍‌ଅପ୍ ବ୍ୟବହାର କଲେ ଏହି ସମସ୍ୟା ଅଧିକ ବୃଦ୍ଧିପାଏ ।
- ଶୀତଦିନେ ଉଭୟ ସନ୍‌ସ୍କ୍ରିନ୍ ଏବଂ ମଏଶ୍ଚରାଇଜର କ୍ରିମ୍ ବ୍ୟବହାର କରିବା ତ୍ୱଚା ପାଇଁ ଭଲ । କେମିକାଲଯୁକ୍ତ କ୍ରିମ୍ ଏବଂ ସିରମ୍ ବ୍ୟବହାର କଲେ ମଧ୍ୟ ଚମଡ଼ା ଛାଡ଼ିବା ସମସ୍ୟା ଦେଖା ଦିଏ । ବଡିଲୋସନ, କ୍ରିମ୍ ଏବଂ ସିରମ୍ ବ୍ୟବହାରରେ ଡେଡ୍ ସ୍କିନ୍ ବାହାରି ଯାଏ । ତେଣୁ ଶରୀରକୁ ହାଇଡ୍ରେଟ୍ ରଖିବା ଆବଶ୍ୟକ ।
- ଶୀତଦିନେ ସାଧାରଣତଃ ଚର୍ମ ଛାଡ଼ିବା ସମସ୍ୟା ଦେଖାଦିଏ । ତେବେ ଏହା ଆବଶ୍ୟକତାଠୁ ଅଧିକ ହେଲେ ତ୍ୱଚା ପାଇଁ କ୍ଷତିକାରକ । ଏପରି ସ୍ଥଳେ ଯେକୌଣସି ତେଲ ପାଣିରେ ପକାଇ ଗାଧୋଇବା ତ୍ୱଚା ପାଇଁ ଉତ୍ତମ ।



# ଦହି ଭେଣ୍ଡି

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ଭେଣ୍ଡି: ୨୫୦ଗ୍ରାମ, କଟା ପିଆଜ: ଅଧା କପ୍, ଅଦାରସୁଣ ପେଷ୍ଟ: ଏକ ଚାମଚ, ଜିରା: ଅଧା ଚାମଚ, ହେଙ୍ଗୁ, ଭୁର୍ସୁଙ୍ଗ ପତ୍ର: ଅଳ୍ପ, ଜିରା ଗୁଣ୍ଡ: ଅଧା ଚାମଚ, ଧନିଆ ଗୁଣ୍ଡ: ଅଧା ଚାମଚ, ବେସନ: ଅଧା ଚାମଚ, ହଳଦୀ ଗୁଣ୍ଡ: ଅଧା ଚାମଚ, ଲଙ୍କା ଗୁଣ୍ଡ: ଅଧା ଚାମଚ, ଦହି: ଅଧା କପ୍, କସୁରି ମେଥି, ଗରମ ମସଲା, ଧନିଆ ପତ୍ର: ଅଳ୍ପ କିଛି, ତେଲ: ଆବଶ୍ୟକତା ଅନୁସାରେ, ଲୁଣ: ସ୍ୱାଦ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଭେଣ୍ଡିକୁ ଭଲଭାବେ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ରଖନ୍ତୁ । ଦହିକୁ ଭଲଭାବେ ଗୋଳାଇ ରଖନ୍ତୁ । ଏହାପରେ ଏକ ପ୍ୟାନ୍‌ରେ ତେଲ ଦିଅନ୍ତୁ । ସେଥିରେ ଭେଣ୍ଡିକୁ ଭାଜି ରଖନ୍ତୁ । ପୁଣି ଥରେ ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ । ସେଥିରେ ଜିରା, ଶୁଖିଲା ଲଙ୍କା, ଭୁର୍ସୁଙ୍ଗ ପତ୍ର, ହେଙ୍ଗୁ ପକାନ୍ତୁ । ଏହାପରେ କଟା ପିଆଜ, ଅଦା ରସୁଣ ପେଷ୍ଟ ପକାଇ ଭାଜନ୍ତୁ । ସେଥିରେ ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ଗରମ ମସଲା, ବେସନ ଓ କସୁରି ମେଥି ପକାଇ କିଛି ସମୟ ଭାଜନ୍ତୁ । କିଛି ସମୟ ପରେ ଗ୍ୟାସ୍‌କୁ ଧିମା ଆଞ୍ଚ କରି ମସଲାରେ ଦହିକୁ ପକାନ୍ତୁ । ଏହାପରେ ଏଥିରେ ଗୋଟେ କପ୍ ପାଣି ଦେଇ ମସଲାକୁ କିଛି ସମୟ ଫୁଟିବାକୁ ଛାଡ଼ି ଦିଅନ୍ତୁ । ମସଲା ଫୁଟି ବହଳିଆ ହୋଇ ଆସିଲେ ଭଜା ଭେଣ୍ଡି ପକାନ୍ତୁ । ଏହାକୁ ଧିମା ଆଞ୍ଚରେ ପାଞ୍ଚ ମିନିଟ୍ ପାଇଁ ଫୁଟିବାକୁ ଛାଡ଼ି ଦିଅନ୍ତୁ । କିଛି ସମୟ ପରେ ଏଥିରେ କଟା ଧନିଆ ପତ୍ର ପକାଇ ଗରମ ଗରମ ପରଷନ୍ତୁ 'ଦହି ଭେଣ୍ଡି ।'



## ୧୦ରୁ ଟି-୨୦ ସିରିଜ

# ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତୀୟ ଦଳ

ଡର୍ବାନ, ୬।୧୨(ଏଜେନ୍ସି): ଭାରତୀୟ କ୍ରିକେଟ ଦଳ ବୁଧବାର ସକାଳେ ଦକ୍ଷିଣ ଆଫ୍ରିକା ଗସ୍ତ କରିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଟି-୨୦ ଦଳ ବେଙ୍ଗାଲୁରୁରୁ ଦକ୍ଷିଣ ଆଫ୍ରିକା ଗସ୍ତ ଆରମ୍ଭ କରିଛି। ଦଳ ସହିତ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ, ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ଓ ତାଙ୍କ ସହଯୋଗୀ କର୍ମଚାରୀମାନେ ମଧ୍ୟ ଯାତ୍ରା କରିଛନ୍ତି। ଏହି ଗସ୍ତରେ ଭାରତ ପ୍ରଥମ ୩ଟି ଟି-୨୦ ମ୍ୟାଚ୍ ଖେଳିବ। ପରେ ୩ଟି ଦିନିକିଆ ଓ ଶେଷରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ଦଳର ଯୁବ ବ୍ୟାଟର ରିଙ୍କୁ ସିଂ ବିମାନରେ ଏକ ଫଟୋ ନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ଅର୍ଶଦୀପ ସିଂ, ତିଳକ ବର୍ମା ଓ ଅନ୍ୟମାନଙ୍କୁ ଦେଖିବାକୁ ମିଳିଛି।

ଅଭିଜ୍ଞ ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ଟି-୨୦ ଓ ଦିନିକିଆ ସିରିଜରେ ବିଶ୍ରାମ ଦିଆଯାଇଛି। ଏହି ଦୁଇ ତାରକା ବ୍ୟାଟର ସୀମିତ ଓଭର ସିରିଜରୁ ବିଶ୍ରାମ ମାଗିଥିଲେ। ତେବେ ଟେଷ୍ଟ ଖେଳିବାକୁ ଏହି ଦୁଇ ଖେଳାଳି ଆସନ୍ତା ୨୦ ତାରିଖରେ ଦଳରେ ଯୋଗ ଦେବେ। ୩ଟି ଫର୍ମାଟକୁ ଦୃଷ୍ଟିରେ ରଖି ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ୩୧ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। କେବଳ ୩ଜଣ ଖେଳାଳି ଋତୁରାଜ ଗାଏକ୍ୱାଡ, ଶ୍ରେୟାସ ଆୟାର ଓ ମୁକେଶ କୁମାରଙ୍କୁ ୩ଟି ଫର୍ମାଟ ପାଇଁ ଦଳରେ ନିଆଯାଇଛି।



୨୦ରେ ଯୋଗଦେବେ କୋହଲି, ରୋହିତ

### ୩ ଫର୍ମାଟରେ ୩ ଅଧିନାୟକ

ଏହି ଗସ୍ତରେ ୩ଟି ଫର୍ମାଟ ପାଇଁ ୩ଜଣ ଅଧିନାୟକଙ୍କୁ ନିଯୁକ୍ତି କରାଯାଇଛି। ଟି-୨୦ ପାଇଁ ସୂର୍ଯ୍ୟକୁମାର ଯାଦବଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ଦିନିକିଆ ସିରିଜ ଲାଗି ଲୋକେଶ ରାହୁଲ ଅଧିନାୟକ ଦାୟିତ୍ୱରେ ରହିବେ। ଟେଷ୍ଟରେ ରୋହିତ ପୂର୍ବପରି ଅଧିନାୟକ ଭାବେ ଦାୟିତ୍ୱ ତୁଲାଇବେ।

### ଦ୍ରାବିଡଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି

ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଓ ତାଙ୍କ ସପୋର୍ଟ କୋଚିଂ ଷ୍ଟାଫ୍‌ଙ୍କ କାର୍ଯ୍ୟକାଳକୁ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଦ୍ରାବିଡ ଓ ତାଙ୍କ ସହଯୋଗୀଙ୍କ କାର୍ଯ୍ୟକାଳ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଥିଲା। ବିସିସିଆଇ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ପୂର୍ବରୁ ଏ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲା। ଟି-୨୦ ବିଶ୍ୱକପ୍ ଆସନ୍ତା ବର୍ଷ ଜୁଲାଇରେ ଆମେରିକାର ଓ ୱେଷ୍ଟଇଣ୍ଡିଜରେ ଖେଳାଯିବ। ଭାରତୀୟ ଦଳ ସହ ଇଣ୍ଡିଆ ଏ'ର ଖେଳାଳିମାନେ ଗସ୍ତ କରିଛନ୍ତି। ଦିନିକିଆ ଦଳରେ ଯୋଗ ଦେବାକୁ ସଞ୍ଜୁ ସାମସନ ଓ ମହମ୍ମଦ ସିରାଜ ପରେ ଦଳ ସହ ଯୋଗ ଦେବେ। ଟି-୨୦ ଖେଳିବା ପରେ ସୂର୍ଯ୍ୟକୁମାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ପ୍ରଥମ ଟି- ୧୦ ଆସନ୍ତା ୧୦ ତାରିଖରେ ପ୍ରଥମ ଦିନିକିଆ ୧୭ରେ ଖେଳାଯିବ ଓ ପ୍ରଥମ ଟେଷ୍ଟ ଆସନ୍ତା ୨୬ ତାରିଖରେ ଆରମ୍ଭ ହେବ।

### ଦ.ଆଫ୍ରିକାରେ ଟେଷ୍ଟ ସିରିଜ ଜିତିନାହିଁ ଭାରତ

ଦକ୍ଷିଣ ଆଫ୍ରିକାରେ ଭାରତର ଟେଷ୍ଟ ଫର୍ମାଟ୍‌ରେ ଭଲ ପ୍ରଦର୍ଶନ କରିନାହିଁ। ଏପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ମାଟିରେ ଭାରତ ଟେଷ୍ଟ ସିରିଜ ଜିତିବାରେ ସଫଳ ହୋଇନାହିଁ। ଏପର୍ଯ୍ୟନ୍ତ ଭାରତ ସେଠାରେ ୮ଟି ସିରିଜ ଖେଳିଛି। ଏଥିରେ ୭ଟିରେ ପରାସ୍ତ ହୋଇଥିବା ବେଳେ ଗୋଟିଏ ଅମୀମାଂସିତ ରଖିଛି। ଦକ୍ଷିଣ ଆଫ୍ରିକାରେ ଭାରତ ମୋଟ୍ ୨୩ଟି ଟେଷ୍ଟ ଖେଳିଛି। ସେଥିମଧ୍ୟରୁ ଭାରତ ୪ଟିରେ ବିଜୟୀ ହୋଇଥିବା ବେଳେ ୭ଟି ଟେଷ୍ଟ ଅମୀମାଂସିତ ରହିଛି। ସେହିପରି ୧୨ଟି ଟେଷ୍ଟରେ ଭାରତ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଛି।

■ ଇଂଲଣ୍ଡ ବିପକ୍ଷ ମହିଳା ଟି-୨୦ ସିରିଜ

## ପ୍ରଥମ ମ୍ୟାଚରେ ଭାରତ ପରାସ୍ତ

ମୁମ୍ବାଇ, ୬।୧୨ (ଏଜେନ୍ସି): ଭ୍ରମଣକାରୀ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଥିବା ଟି-୨୦ ସିରିଜର ପ୍ରଥମ ମ୍ୟାଚରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଘରୋଇ ଭାରତୀୟ ଦଳ ୩୮ ରନରେ ଇଂଲଣ୍ଡ ନିକଟରୁ ହାରିଯାଇଛି। ସିରିଜର ୨ୟ ମ୍ୟାଚ୍ ଶନିବାର ଏଠାରେ ଖେଳାଯିବ।



୧୫୦ତମ ଟି-୨୦ ମ୍ୟାଚ ଖେଳିଥିବା ଡାନିଲେ ୱେଟ୍ (ଡାହାଣ)

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପ୍ରାରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଘରୋଇ ଦଳର ଡାହାଣହାତୀ ଦ୍ରୁତ ବୋଲର ରେଣୁକା ସିଂ ପ୍ରଥମ ଓଭରରେ ସୋଫିଆ ଡଙ୍କଲୀ (୧) ଓ ଆଲିସ କାପସେ (୦)ଙ୍କୁ ଆଉଟ୍ କରି ଅଧିନାୟିକା ହର୍‌ମନପ୍ରୀତ୍‌ଙ୍କ ନିଷ୍ପତ୍ତିକୁ ଯଥାର୍ଥ ପ୍ରମାଣିତ କରିଥିଲେ। କିନ୍ତୁ ଦୁଇ ଅଭିଜ୍ଞ ଖେଳାଳି ଡାନିଲେ ୱେଟ୍ ଓ ନାଟ୍ ସ୍କିଭର-ବ୍ରଣ୍ଟ ଏହାପରେ ସ୍ଥିତି ସମ୍ଭାଳିଥିଲେ। ଉଭୟ ୩ୟ ୱିକେଟ୍‌ରେ ୧୩୮ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି କରିବାରୁ ଭ୍ରମଣକାରୀ ଇଂଲଣ୍ଡ ୨୦ ଓଭରରେ ୬ ୱିକେଟ୍ ହରାଇ ୧୯୭ ରନ କରିଥିଲା। ନିଜର ୧୫୦ତମ ଟି-୨୦ ମ୍ୟାଚ୍ ଏଠାରେ ଖେଳୁଥିବା ୱେଟ୍ ୪୭ ବଲରୁ ୭୫ ଓ ବ୍ରଣ୍ଟ ୫୩ ବଲରୁ ୭୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭାରତ ପକ୍ଷରୁ ରେଣୁକା ୩ ଓ ଶ୍ରେୟଙ୍କା ପାଟିଲଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଭାରତ ଓପନର୍ ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୬ ୱିକେଟ୍‌ରେ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲା। ଶେଫାଳି ସର୍ବାଧିକ ୫୨ ଓ ହରମନପ୍ରୀତ୍ ୨୬, ୱିକେଟ୍‌ରକ୍ଷକ ରିଚା ଘୋଷ ୨୧ ରନ କରିଥିଲେ। ନିର୍ଭରଯୋଗ୍ୟ ସ୍ମୃତି ମନ୍ଧାନା (୬) ଓ ଜେମିମା ରୋଡ୍ରିଗ୍ୱେଜ (୪) ନିରାଶ କରିଥିଲେ। ବୋଲିଂରେ ଇଂଲଣ୍ଡ ପାଇଁ ସୋଫି ଏକଲେଷ୍ଟୋନ (୪-୦-୧୫-୩) ସବୁଠୁ ସଫଳ ରହିଥିଲେ। ବ୍ରଣ୍ଟଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଗଣ୍ଡରପୁର କପ୍ ଫୁଟବଲ: ବର୍ଷା ଯୋଗୁଁ ମ୍ୟାଚ୍ ଆଜି ଖେଳାଯିବ

ବାରଙ୍ଗ, ୬।୧୨(ସମିସ): ବାରଙ୍ଗସ୍ଥିତ କଲ୍ୟାଣପୁର ଗ୍ରାମପଞ୍ଚାୟତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପ୍ରତିକୂଳ ପାଗ ପାଇଁ ବୁଧବାର ହେବାକୁ ଥିବା ମ୍ୟାଚଗୁଡ଼ିକୁ ବାତିଲ କରାଯାଇଛି। ବାତିଲ ମ୍ୟାଚ୍‌ଗୁଡ଼ିକ ଗୁରୁବାର ଖେଳାଯିବାକୁ ଆୟୋଜକଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କ୍ରୀଡ଼ାସୂଚୀ ଅନୁଯାୟୀ, ବୁଧବାର ମ୍ୟାଚଗୁଡ଼ିକ ଗୁରୁବାର ୯ଟାରୁ ଆରମ୍ଭ ହେବ। ଗ୍ରାମାଞ୍ଚଳର ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ଜୟପୁର ସହିତ ଉଷୁମା ଓ ଦ୍ୱିତୀୟ ମ୍ୟାଚ ନରଣପୁର କ୍ଲବ ସହିତ ପଦ୍ମକେଶରପୁର ହେବ। ସେହିପରି ଏହି ମ୍ୟାଚ ପରେ ପରେ ବଉଳକୁଦ ସହିତ ସାଇଁଶ ଓ ଘାଟିକିଆ ସହିତ ମଇନ୍ଦପୁର ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ। ସହରାଞ୍ଚଳ ବିଭାଗରେ ପ୍ରଥମ ସେମିଫାଇନାଲ ମ୍ୟାଚ ଜଗା ୟୁନାଇଟେଡ ସହିତ ସଂଘର୍ଷ ସ୍ପୋର୍ଟିଂ କ୍ଲବ ମଧ୍ୟରେ ରୋମାଞ୍ଚକପୂର୍ଣ୍ଣ ହେବା ସହିତ ନାଇଜେରିଆ ଖେଳାଳିଙ୍କୁ ଦର୍ଶକ ଦେଖିବାର ସୁଯୋଗ ପାଇବେ। ପରେ ନାଇଜେରିଆ ଏକାଦଶ ସହିତ ବକ୍ସର ବିହାର ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହେବ।

● ଆରମ୍ଭ ହେଲା ଓଡ଼ିଶା ମହିଳା ଲିଗ୍

## ଉଦ୍‌ଘାଟନୀ ମ୍ୟାଚରେ କିଟ୍-କିସ୍ ବିଜୟୀ



କଟକ, ୬।୧୨(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶା ମହିଳା ଲିଗ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଚୌଦ୍ୱାର ଓଟିଏମ ଗ୍ରାଉଣ୍ଡରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ କିଟ-କିସ୍ ୨-୦ ଗୋଲରେ ଆରଡୋର ଫୁଟବଲ ଏକାଡେମୀକୁ ହରାଇଛି। ପ୍ରଥମାର୍ଦ୍ଧର ଖେଳ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ତଥା ୬୯ତମ ମିନିଟରେ ଜ୍ୟୋତ୍ସ୍ନା ମୁଣ୍ଡାରୀ ଏବଂ ୭୦ତମ ମିନିଟରେ ସୀମାରାଣୀ ଦେହୁରୀ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ବିଜୟ ଭେଟି ଦେଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଚୌଦ୍ୱାର ପୌରପାଳିକାର ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, କାଉନସିଲର ଅଜୟ କୁମାର ବେହେରା, ଚୌଦ୍ୱାର ୟୁଥ ଫୁଟବଲ ଆସୋସିଏସନ ସମ୍ପାଦକ ଅଶୋକ କୁମାର ସାହୁ, ସଭାପତି ପ୍ରଶାନ୍ତ କୁମାର ସାହୁ, ଫାଓ ଯୁଗ୍ମ ସମ୍ପାଦକ ମହମ୍ମଦ ସହିଦ ଜବାର ଓ ସଙ୍ଗୀତା ଶର୍ମା ଅତିଥିଭାବେ ଯୋଗ ଦେଇଥିଲେ। ପ୍ରକାଶଯୋଗ୍ୟ, ଏହି ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ଦଳଗୁଡ଼ିକ ହେଲା ସ୍ପୋର୍ଟସ ଓଡ଼ିଶା, ରାଇଜିଂ ଷ୍ଟୁଡେଣ୍ଟ କ୍ଲବ, ଓଜିପି କ୍ଲବ, କିଟ ଓ କିସ୍, ଆରଡୋର ଏକାଡେମୀ ଏବଂ ନୀତା ଫୁଟବଲ ଏକାଡେମୀ। ଚୌଦ୍ୱାରସ୍ଥିତ ଓଟିଏମ ଗ୍ରାଉଣ୍ଡ ଏବଂ ଭୁବନେଶ୍ୱରର ୟୁନିଟ-୧ ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ।

### ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଅଭିନୀତଙ୍କୁ ୭ ୱିକେଟ; ଓଡ଼ିଶା ପାଳି ଅଗ୍ରଣୀ

କଟକ, ୬।୧୨(ସମିସ): ଆସାମର ମାଙ୍ଗଲଡୋଇ ସ୍ପୋର୍ଟସ ଆସୋସିଏସନ ଷ୍ଟାଡିୟମରେ ୧୬ ବର୍ଷରୁ କମ୍ (ବାଳକ) ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା ଏବଂ ତ୍ରିପୁରା ବିପକ୍ଷ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଓଡ଼ିଶା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ତ୍ରିପୁରାର ପ୍ରଥମ ପାଳି ମାତ୍ର ୮୨ରନରେ ସୀମିତ ରହିଥିଲା। ରିୟାଦ ହୁସେନ ସର୍ବାଧିକ ୩୨ ରନ କରିଥିଲେ।



ଓଡ଼ିଶା ପକ୍ଷରୁ ଅଭିନୀତ ପଟ୍ଟନାୟକ ୭ଟି ୱିକେଟ ଦଖଲ କରି ସବୁଠୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ଅଭିନୀତ ୨୧ରନ ବିନିମୟରେ ଏହି ସଫଳତା ପାଇଛନ୍ତି। ଜବାବରେ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୫ ୱିକେଟ ବିନିମୟରେ ୯୧ ରନ କରିବା ସହିତ ପାଳି ଅଗ୍ରଣୀ ହାସଲ କରିଛି। ଓଡ଼ିଶା ପାଇଁ ସ୍ୱାଗତ ସୌରଭ ମିଶ୍ର ୪୩ ରନ କରିଛନ୍ତି।

### ପୁରୁଷ କନିଷ୍ଠ ବିଶ୍ୱକପ୍ ହକି

## ଆଜି ସ୍ପେନ୍‌କୁ ଭେଟିବ ଭାରତ

କ୍ୱାଲାଲମ୍ପୁର, ୬।୧୨(ଏଜେନ୍ସି): ମାଲେସିଆର କ୍ୱାଲାଲମ୍ପୁରରେ ଚାଲିଥିବା ପୁରୁଷ କନିଷ୍ଠ ବିଶ୍ୱକପ୍ ହକିର ୧୩ତମ ସଂସ୍କରଣରେ ଭାରତ ଗୁରୁବାର ତା'ର ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନକୁ ଭେଟିବ। ପୁଲ୍ ସି'ରେ ସ୍ଥାନ ପାଇଥିବା ଭାରତ ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୪-୨ ଗୋଲରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପଟେ ସ୍ପେନ୍ ମଧ୍ୟ ତା'ର ପ୍ରଥମ ମୁକାବିଲାରେ ୭-୦ ଗୋଲରେ କାନାଡାକୁ ପରାସ୍ତ କରିଥିଲା। ଉନ୍ନତ ଗୋଲ ବ୍ୟବଧାନରେ କାରଣରୁ ସ୍ପେନ ପୁଲ ସି'ର ପ୍ରଥମ ଓ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ସ୍ପେନ୍‌କୁ ହରାଇଲେ ଭାରତ ଶୀର୍ଷସ୍ଥାନକୁ ଉଠିବ। ଉପ-ଅଧିନାୟକ ଅରାଇଜିତ ସିଂଙ୍କ ହ୍ୟାଟ୍ରିକ ଗୋଲ ବଳରେ ଭାରତ ଦକ୍ଷିଣ କୋରିଆକୁ ହରାଇଥିଲା। ଦଳର ପ୍ରଦର୍ଶନ ନେଇ ଭାରତୀୟ ପ୍ରଶିକ୍ଷକ ସିଆର କୁମାର ଖୁସି ନାହାନ୍ତି। ଦଳ ଅଯଥାରେ ପେନାଲ୍ଟି କର୍ଣ୍ଣର ବରଣ କରିବାକୁ ନେଇ ସେ ଚିନ୍ତିତ ଅଛନ୍ତି। ପୁଣି ଭାରତ ଆହୁରି ନିଖୁଣ ପ୍ରଦର୍ଶନ କରିବାକୁ ହେବ ବୋଲି ସେ କହିଛନ୍ତି। ଦକ୍ଷିଣ କୋରିଆକୁ ଭାରତ ୬ଟି ପେନାଲ୍ଟି ସୁଯୋଗ ଦେଇଥିବା ବେଳେ ଦୁଇଟି ପେନାଲ୍ଟି କର୍ଣ୍ଣର ପାଇଥିଲା। ତେଣୁ ଆମକୁ ସତର୍କତାର ସହ ଖେଳିବାକୁ ହେବ ବୋଲି ସେ କହିଛନ୍ତି। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୨୦୦୧ରେ ହୋବାର୍ଟରେ ଓ ୨୦୧୬ରେ ଲକ୍ଷ୍ନୌରେ ଚାମ୍ପିଅନ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ସେହିପରି ଇଂଲଣ୍ଡରେ ଅନୁଷ୍ଠିତ ୧୯୯୭ ବିଶ୍ୱକପ୍‌ରେ ଭାରତ ଫାଇନାଲରେ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲା। ଏଥର ସଫଳ ହେଲେ ତୃତୀୟଥର ପାଇଁ ଚାମ୍ପିଅନ ହେବ। ଅଧିନାୟକ ଉତ୍ତମ ସିଂଙ୍କ ଉପରେ ନଜର ରହିଛି। ଅପରପକ୍ଷରେ ସ୍ପେନ ୨୦୦୫ ସଂସ୍କରଣରେ କାଂସ୍ୟ ପଦକ ଜିତିଥିଲା। ସ୍ପେନ୍ ବିପକ୍ଷରେ ଭାରତ ଫେବରାଇଟ୍ ବିବେଚିତ ହେଉଛି। ଶନିବାର ଭାରତ ତା'ର ଶେଷ ପୁଲ୍



ମ୍ୟାଚ୍‌ରେ କାନାଡାକୁ ଭେଟିବ। ପୁଲ ଏ, ବି, ସି ଓ ଡିର ଶ୍ରେଷ୍ଠ ଦୁଇଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ପ୍ରତ୍ୟେକ ପୁଲରେ ୪ଟି ଲେଖାଏ ଦଳ ସାମିଲ ହୋଇଛନ୍ତି। ସ୍ପେନ୍ ବିପକ୍ଷରେ ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।

## ଆଇଏସ୍‌ଏଲ୍: ଓଡ଼ିଶା-ମୋହନ ବାଗାନ ମ୍ୟାଚ୍ ଅମୀମାଂସିତ

ଭୁବନେଶ୍ୱର, ୬।୧୨(ସମିସ): ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ୧୦ମ ସଂସ୍କରଣରେ ଓଡ଼ିଶା ଏଫ୍‌ସି ବୁଧବାର ମୋହନ ବାଗାନ ବିପକ୍ଷ ମ୍ୟାଚକୁ ଅମୀମାଂସିତ ରଖିଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ୨-୨ ଗୋଲ ଆମୀମାଂସିତ ରହିଛି। ଫଳରେ ଦୁଇ ଦଳ ପଏଣ୍ଟ ଭାଗ କରିଛନ୍ତି। ମୋହନ ବାଗାନର ଅର୍ମାଣ୍ଡୋ ସାଦିକୁ ୫୮ ଓ ଇଞ୍ଜୁରୀ ଟାଇମର ଚତୁର୍ଥ ମିନିଟ୍ ଗୋଲ କରିଥିଲେ। ଓଡ଼ିଶା ପାଇଁ ଅହମ୍ମଦ ଜାହୋଉ ୩୧ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ପ୍ରଥମ ଓ ପ୍ରଥାମାର୍ଦ୍ଧ ଇଞ୍ଜୁରୀ ଟାଇମର ତୃତୀୟ ମିନିଟ୍‌ରେ ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଅର୍ମାଣ୍ଡୋ ଶେଷମୁହୂର୍ତ୍ତରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ।

ପୁରୁଷ ଭଲିବଲ୍ କ୍ଲବ୍ ବିଶ୍ୱ ଚାମ୍ପିଅନସିପ୍ ଆରମ୍ଭ

## ପରାଜୟରୁ ଡିଫେଣ୍ଡର୍ସର ଅଭିଯାନ

ବେଙ୍ଗାଲୁରୁ, ୬।୧୨(ଏଜେନ୍ସି): ସ୍ଥାନୀୟ କୋରାମଙ୍ଗଳ ଇଣ୍ଡୋର ଷ୍ଟାଡିୟମରେ ଫେଡେରେସନ ଇଣ୍ଟରନ୍ୟାସନାଲ ଡି ଭଲିବଲ୍ (ଫିବା) ଆନୁକୂଲ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଛି ପୁରୁଷ ଭଲିବଲ୍ କ୍ଲବ ବିଶ୍ୱ ଚାମ୍ପିଅନସିପର ୧୮ତମ ସଂସ୍କରଣ। ପ୍ରଥମଥର ପାଇଁ ଭାରତରେ ଏହି ସମ୍ମାନଜନକ ତଥା ବିଶ୍ୱସ୍ତରୀୟ ଭଲିବଲ ଇଭେଣ୍ଟ ଆୟୋଜନ ହୋଇଛି। ୫ ଦିନଧରି ଚାଲିବାକୁଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଅହମ୍ମଦାବାଦ ଡିଫେଣ୍ଡର୍ସ ପ୍ରଥମ ଭାରତୀୟ ଦଳ ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛି। ବୁଧବାର ଅହମ୍ମଦାବାଦ ଡିଫେଣ୍ଡର୍ସ ପୁଲ ଏ'ରେ ତା'ର ପ୍ରଥମ ମ୍ୟାଚ୍‌ରେ ୦-୩ (୨୫-୨୩, ୨୫-୨୨, ୨୫-୨୯)ରେ ବ୍ରାଜିଲର ଇତାମ୍ବେ ମିନାସ କ୍ଲବଠାରୁ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଛି।

### ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ବିଫଳ

## ନିରାଶ କରିଛନ୍ତି ଅଭିଜ୍ଞ ଖେଳାଳି

କଟକ, ୬।୧୨(ସମିସ): ବିସିସିଆଇର ଘରୋଇ ଟୁର୍ଣ୍ଣାମେଣ୍ଟ ଗୁଡ଼ିକରେ ଓଡ଼ିଶା ଲଗାତାର ଭାବେ ଫେଲ୍ ମାରୁଛି। ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ଣ୍ଣାମେଣ୍ଟ ପରେ ଏବେ ଦିନିକିଆ ଫର୍ମାଟ୍‌ରେ ଖେଳାଯାଉଥିବା ବିଜୟ ହଜାରେ ଟ୍ରଫିରେ ମଧ୍ୟ ଅନୁରୂପ ପ୍ରଦର୍ଶନ। ଜାତୀୟ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଦଳର ପ୍ରଦର୍ଶନ ଅଗଣିତ କ୍ରିକେଟପ୍ରେମୀଙ୍କୁ ନିରାଶ କରୁଛି। ଲିଗ୍ ରାଉଣ୍ଡକୁ ଟପିବା ଯେମିତି ରାଜ୍ୟ କ୍ରିକେଟ ପାଇଁ କଷ୍ଟକର ହୋଇ ପଡ଼ିଲାଣି। ଚଳିତ ବିଜୟ ହଜାରେ ଟ୍ରଫିରେ ସମସ୍ତ ଅଭିଜ୍ଞ ଖେଳାଳିଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ବିଫଳତାର ପ୍ରମୁଖ କାରଣ ବୋଲି ଚର୍ଚ୍ଚା ହେଉଛି।

ଚଳିତ ବିଜୟ ହଜାରେ ଟ୍ରଫିରେ ୪ଜଣ ଖେଳାଳି ୭ଟି ଯାକ ଲିଗ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଚୂଡ଼ାନ୍ତ ଏକାଦଶ ଗଠନରେ ବାରମ୍ବାର ଖେଳାଳି ଅଦଳବଦଳ ବି ପରାଜୟର ଅନ୍ୟ ଏକ କାରଣ ବୋଲି ଅସ୍ୱୀକାର କରାଯାଇ ନପାରେ। ସେହିପରି ପ୍ରଥମ ମ୍ୟାଚ୍‌ରେ ତ୍ରିପୁରାକୁ ସହଜରେ ହରାଇବା ପରେ ଓଡ଼ିଶା ହ୍ୟାଟ୍ରିକ ପରାଜୟର ସମ୍ମୁଖୀନ ହୋଇଥିଲା। ଦ୍ୱିତୀୟ ମୁକାବିଲାରେ 'ଭିଜେଡି ମେଥଡ'ରେ ରେଳବାଇଠାରୁ ହାରିଥିଲା। ନିମ୍ନକ୍ରମର ବ୍ୟାଟରଙ୍କୁ ଆଉଟ କରି ନପାରିବା ଯୋଗୁଁ ରେଳବାଇ ବିପକ୍ଷ ବିଜୟ ହାତଛଡ଼ା ହୋଇଥିଲା। କେରଳ ଓ ସୌରାଷ୍ଟ୍ର ବିପକ୍ଷରେ ମ୍ୟାଚ୍‌ରେ ପରାଜୟର କାରଣ ଥିଲା, ବ୍ୟାଟିଂ ବିଫଳତା। ତେବେ ଲିଗ ପର୍ଯ୍ୟାୟର ଅନ୍ତିମ ୩ଟି ଯାକ ମ୍ୟାଚ୍‌କୁ ଜିତି ଓଡ଼ିଶା ନିଜ ସ୍ଥିତିକୁ ପଏଣ୍ଟ ଟେବୁଲରେ ବଜାୟ ରଖିବାକୁ ଚେଷ୍ଟା କରିଛି। ପୁଡୁଚେରୀ ଓ ସିକ୍କିମ ଭଳି ଦଳକୁ ଓଡ଼ିଶା ସହଜରେ ହରାଇଥିଲା। ଅନ୍ତିମ ମ୍ୟାଚ୍‌ରେ ଶକ୍ତିଶାଳୀ ମୁମ୍ବାଇକୁ ମଧ୍ୟ ମାତ୍ ଦେବାରେ ସଫଳ ହୋଇଥିଲେ ମଧ୍ୟ ନକ୍‌ଆଉଟ୍‌ରୁ ବଞ୍ଚିତ ରହିଥିଲା। ୭ଟି ମ୍ୟାଚ୍‌ରୁ ୪ଟି ବିଜୟ ଓ ୩ଟି ପରାଜୟ ସହ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ଏ ଟେବଲର ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ବିଜୟ ହଜାରେ ଟ୍ରଫିର ଗତ ସଂସ୍କରଣରେ ମଧ୍ୟ ଓଡ଼ିଶା ୬ଷ୍ଠ ସ୍ଥାନରେ



■ ନବାଗତ ଦେବେନ୍ଦ୍ରଙ୍କୁ ପଦାର୍ପଣ ସୁଯୋଗ ମିଳିଲାନି
■ ବ୍ୟାଟିଂରେ ସନ୍ଦୀପ, ବୋଲିଂରେ ଦେବବ୍ରତ ଶ୍ରେଷ୍ଠ

ରହି ଅଭିଯାନ ସାରିଥିଲା।

ମାଳମାଳ ଅଭିଜ୍ଞ ଖେଳାଳିଙ୍କୁ ନେଇ ଏଥର ଦଳ ଗଠନ କରାଯାଇଥିଲା। ଦଳର ମୁଖ୍ୟ କୋଚ୍ ଥିଲେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଦିନେଶ ମୋଙ୍ଗିଆ। ତଥାପି ଓଡ଼ିଶାର ରଣକୌଶଳ କାମ ଦେଇନଥିଲା। ଅଭିଜ୍ଞ ଖେଳାଳିମାନେ ଫେଲ ମାରିବା ଯୋଗୁଁ ହିଁ ଦଳ କିଛି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଛି। ଓଡ଼ିଶା ନିମନ୍ତେ ବ୍ୟାଟିଂରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ସନ୍ଦୀପ ପଟ୍ଟନାୟକ। ୪ଟି ମ୍ୟାଚ୍‌ରୁ ସେ ୨୧୧ରନ ସଂଗ୍ରହ କରିଛନ୍ତି। ଏହା ଭିତରେ ୨ଟି ଅର୍ଦ୍ଧଶତକୀୟ ପାଳି ରହିଛି। ଆଇପିଏଲରେ ସୁଯୋଗ ପାଇଥିବା ଶୁଭ୍ରାଂଶୁ ଶେଖର ସେନାପତି ୬ଟି ପାଳି(୭ଟି ମ୍ୟାଚ୍)ରୁ ୧୫୯ ରନ, ବିପ୍ଳବ ସାମନ୍ତରାୟ ୫ ପାଳିରୁ ୧୨୨ ରନ, ଗୋବିନ୍ଦ ପୋଦ୍ଦାର ୨ଟି ପାଳି(୪ଟି ମ୍ୟାଚ୍)ରୁ ୪୬ ରନ, ଶାନ୍ତନୁ ମିଶ୍ର ୭ ପାଳିରୁ ୧୩୬ ରନ, ରାଜେଶ ଧୂପର ଓ ଅନୁରାଗ ଷଡ଼ଙ୍ଗୀ ୩ଟି ପାଳିରୁ ୧୯ ରନ ଲେଖାଏ କରିଥିଲେ। ଅନ୍ୟ ବ୍ୟାଟରମାନେ ମଧ୍ୟ ଉତ୍କୃଷ୍ଟ ପ୍ରଦର୍ଶନ କରି ପାରି ନ ଥିଲେ। ତେବେ ଦଳରେ ନବାଗତ ଭାବେ ସ୍ଥାନ ପାଇଥିବା ବ୍ୟାଟର ଦେବେନ୍ଦ୍ର କୁଅଁରଙ୍କୁ ପଦାର୍ପଣ କରିବାର ସୁଯୋଗ ଦିଆ ନ ଯିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିପରି ବୋଲିଂରେ ଓଡ଼ିଶା ନିମନ୍ତେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ଦେବବ୍ରତ ପ୍ରଧାନ। ସେ ୭ଟି ଇନିଂସ୍‌ରୁ ୧୮ଟି ୱିକେଟ ହାସଲ କରିଛନ୍ତି। ୧୪ ରନ ବିନିମୟରେ ୪ଟି ୱିକେଟ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ଏପରିକି ଲିଗ ପର୍ଯ୍ୟାୟ ଶେଷ ସୁଦ୍ଧା ସର୍ବାଧିକ ୱିକେଟ ଦଖଲକାରୀ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଦେବବ୍ରତ। ଆଘାତଜନିତ ସମସ୍ୟାରୁ ମୁକୁଳିବା ପରେ ରାଜେଶ ଦଳରେ ସ୍ଥାନ ପାଇଥିଲେ। ରାଜେଶ କିନ୍ତୁ ନିରାଶ କରି ନାହାନ୍ତି। ୭ଟି ମ୍ୟାଚ୍‌ରୁ ସେ ୧୧ଟି ୱିକେଟ ହାସଲ କରିଛନ୍ତି। ଅଭିଷେକ ଯାଦବଙ୍କୁ ୫ଟି ମ୍ୟାଚ୍‌ରୁ ୬ଟି, ତାରିଣୀ ସଙ୍କୁ ୩ଟି ମ୍ୟାଚ୍‌ରୁ ୫ଟି, ପ୍ରୟାସ ସିଂହ ୪ଟି ମ୍ୟାଚ୍‌ରୁ ୫ଟି, ବିପ୍ଳବ ସାମନ୍ତରାୟ ୫ଟି ମ୍ୟାଚ୍‌ରୁ ୫ଟି ୱିକେଟ ଅକ୍ତିଆର କରିଛନ୍ତି। ଆଗକୁ ଭାରତୀୟ ଘରୋଇ କ୍ରିକେଟ୍‌ର ଏନ୍ତୁଡ଼ିଶାଳ କୁହାଯାଉଥିବା 'ରଣଜୀ ଟ୍ରଫି' ଖେଳାଯିବାକୁ ଥିବାରୁ ଏଥିରେ ଓଡ଼ିଶା ଦଳର ପ୍ରଦର୍ଶନ କିପରି ରହିବ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର